ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୪/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, November 4/2025 | Page 12 | ₹ 7.00
୫୧ଶ ଭାଗ ୩୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 338 | ମୂଲ୍ୟ ₹୭/-




### ସିନରଙ୍କୁ ନମ୍ବର ୱାନ ର୍ୟାଙ୍କିଙ୍ଗ

ଏଟିପି ର୍ୟାଙ୍କିଙ୍ଗ ତାଲିକାର ପୁରୁଷ ସିଙ୍ଗଲ୍ସ ବିଭାଗରେ ନମ୍ବର ୱାନ ସ୍ଥାନ ଅଧିକାର କରିଛନ୍ତି ଇଟାଲୀର ଜାନିକ ସିନର।

୧୨

୦୨

### ଘୁଞ୍ଚିଲା ଆଲିଆଙ୍କ ଆକ୍ସନ ଫିଲ୍ମ 'ଆଲ୍ଫା' ରିଲିଜ ତାରିଖ

ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଅଭିନୀତ ବହୁ ପ୍ରତୀକ୍ଷିତ ଆକ୍ସନ ଫିଲ୍ମ 'ଆଲ୍ଫା'ର ରିଲିଜ ତାରିଖ ଘୁଞ୍ଚାଇ ଦିଆଯାଇଛି।



## ଚୌଦ୍ୱାର ଜେଲରେ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

**ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ**

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୩।୧୧ (ଆଶୁତୋଷ ଦାସ/ମାନସ ସାମଲ)

କଟକ ଜିଲ୍ଲା ଚୌଦ୍ୱାର ମଣ୍ଡଳ କାରାଗାର (ଜେଲ)ରେ ସୋମବାର ଜଣେ ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ବଡ଼ମାଳି ଗ୍ରାମର ପବିତ୍ର ସାହୁ (୪୪)। ଖବରପାଇ ମୃତକଙ୍କ ପରିବାରବର୍ଗ କଟକ ବଡ଼ ମେଡିକାଲ ପହଞ୍ଚିଛନ୍ତି। ଜେଲ ଭିତରର କୌଣସି ଗୁମରକୁ ନେଇ ପବିତ୍ରଙ୍କୁ ଅନ୍ୟ କଏଦୀ ହତ୍ୟା କରିଥିବା ପରିବାରବର୍ଗ ଅଭିଯୋଗ କରିଛନ୍ତି। ଚୌଦ୍ୱାର ପୋଲିସ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରୁଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୫) ରୁଜୁ କରିଥିବା ବେଳେ ପରିବାର ପକ୍ଷରୁ ଚୌଦ୍ୱାର ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଘଟଣାର ତଦନ୍ତ କରିବାକୁ ଜେଲକୁ ଅତିରିକ୍ତ ଡିଜି ଅମିତାଭ ☞ପୃଷ୍ଠା-୪



ନ୍ୟୁୟର୍କ ସିଟି ମାରାଥନରେ ଭାଗନେଇଥିବା ଅଂଶଗ୍ରହଣକାରୀମାନେ ସୋମବାର ଭେରାଜାନୋ-ନାରୋଜ୍ ବ୍ରିଜ୍ ଉପରେ ଦୌଡ଼ୁଛନ୍ତି। **(ଫଟୋ: ରଏଟର୍ସ)**

## ସୁଦାନରେ ଓଡ଼ିଆ ଯୁବକଙ୍କୁ ଅପହରଣ

### ଉଦ୍ଧାର ନିମନ୍ତେ ପରିବାର ଲୋକଙ୍କ ନିବେଦନ

ନୂଆଦିଲ୍ଲୀ/ଜଗତ୍‌ସିଂହପୁର/ତିର୍ତ୍ତୋଲ,୩।୧୧ (ପ୍ରମୋଦ କୁମାର ନାୟକ/ଗୌରାଙ୍ଗ ଚରଣ ସ୍ୱାଇଁ)

ଆଫ୍ରିକୀୟ ଦେଶ ସୁଦାନରେ ୨୦୨୩ରୁ ସୁଦାନ ସଶସ୍ତ୍ର ବଳ (ଏସ୍‌ଏଏଫ୍) ଏବଂ ରାପିଡ୍ ସପୋର୍ଟ ଫୋର୍ସେସ (ଆର୍‌ଏସ୍‌ଏଫ୍) ମଧ୍ୟରେ ହିଂସାତ୍ମକ ସଂଘର୍ଷ ଲାଗି ରହିଛି। ହିଂସାକାଣ୍ଡ ଯୋଗୁ ୧.୩ କୋଟି ଲୋକ ବିସ୍ଥାପିତ ହେଲେଣି। ସେଠାରେ ରହି ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ ଓଡ଼ିଆ ଯୁବକଙ୍କୁ ବିଦ୍ରୋହୀ ଆର୍‌ଏସ୍‌ଏଫ୍ ମିଲିସିଆମାନେ ଅଲ୍ ଫଶିର ସହରରୁ ଅପହରଣ କରିନେଇଥିବା ଜଣାପଡ଼ିଛି। ସେ ହେଲେ ଜଗତ୍‌ସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ତରଜଙ୍ଗା ପଞ୍ଚାୟତ ଅନ୍ତର୍ଗତ କୋଟକଣା ଗ୍ରାମର ଆଦର୍ଶ ବେହେରା। ସେ ସୁଦାନର ଘରୋଇ କମ୍ପାନୀରେ ୩ ବର୍ଷ ହେବ କାମ କରୁଥିଲେ। ବିଦ୍ରୋହୀମାନେ ଆଦର୍ଶଙ୍କ ଅଡିଓ ଏବଂ ଭିଡିଓ କରି ତାଙ୍କ ପରିବାରକୁ ପଠାଇଲା ପରେ ଅପହରଣ ସମ୍ପର୍କରେ ସୂଚନା ମିଳିଛି। ଏକ ଭିଡିଓରେ ଆଦର୍ଶ ୨ ଜଣ ଆର୍‌ଏସ୍‌ଏଫ୍ ମିଲିସିଆଙ୍କ ମଧ୍ୟରେ ବସିଥିବା ଦେଖାଯାଇଛି। 'ତୁମେ ଶାହରୁଖ୍ ଖାନ୍‌ଙ୍କୁ ଜାଣ କି' ବୋଲି ସେମାନଙ୍କ ମଧ୍ୟରୁ ଜଣେ ଆଦର୍ଶଙ୍କୁ ପ୍ରଶ୍ନ କରୁଛନ୍ତି।

ପୁଅ ଅପହରଣ ବିଷୟରେ ଜାଣିବା ପରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ପୁଅ କିପରି ମୁକ୍ତହୋଇ ଜଗତ୍‌ସିଂହପୁର ଫେରିବ ସେନେଇ ପଦକ୍ଷେପ ନେବାକୁ ଆଦର୍ଶଙ୍କ ମା' ବାପା ଭାରତୀୟ ଦୂତାବାସ ଏବଂ ଓଡ଼ିଶା ସରକାରଙ୍କ ନିକଟରେ ନିବେଦନ କରିଛନ୍ତି। ପରିବାର ପକ୍ଷରୁ କୁହାଯାଇଛି, ଆଦର୍ଶ ☞ପୃଷ୍ଠା-୪



ଅପହର୍ତ୍ତାଙ୍କ କବଳରେ ଆଦର୍ଶ ବେହେରା

# ପରିତ୍ୟକ୍ତ ଟାଙ୍କିରେ ପଡ଼ି ୩ ଶିଶୁ ମୃତ

**ପରିବାର ଲୋକଙ୍କ ସହ ଅଜା ଘରକୁ ବୁଲିବାକୁ ଆସିଥିଲେ। ଘର ପଛପାର୍ଶ୍ୱରେ ଖେଳିବାବେଳେ ଟିକେ ଅସାବଧାନତା ଯୋଗୁ ଏକ ପରିତ୍ୟକ୍ତ ଟାଙ୍କିରେ ପଡ଼ି ୩ କୋମଳମତି ପିଲାଙ୍କ ଜୀବନ ଚାଲିଯାଇଛି। କଟକ ଜିଲ୍ଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ରଗଡ଼ିପଡ଼ା ଗାଁରେ ସୋମବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଥିବାବେଳେ, ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।**

ବଡ଼ମ୍ବା/ମାଣିଆବନ୍ଧ, ୩।୧୧ (ମାୟାଧର ମଲ୍ଲିକ/ଅଖିଳ କୁମାର ସାହୁ)

### ଅଜା ଘରକୁ ବୁଲି ଆସିଥିବା ବେଳେ ଅଘଟଣ

କଟକ ଜିଲ୍ଲା ବଡ଼ମ୍ବା ବ୍ଲକ କୋଲେଶ୍ୱର ପଞ୍ଚାୟତ ଅନ୍ତର୍ଗତ ବଡ଼ବାରେଣା ଗ୍ରାମର ଅଜୟ ନାଏକଙ୍କ କନ୍ୟା ଶିବାନୀ ନାଏକ (୭), ଅନୁଜ ନାଏକଙ୍କ ପୁତ୍ର ଅଙ୍କିତ ନାଏକ (୯) ଏବଂ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ସୁଶାନ୍ତ ନାଏକଙ୍କ ପୁତ୍ର ଶୁଭମ୍ ନାଏକ (୩) ସେମାନଙ୍କ ପରିବାର ସଦସ୍ୟଙ୍କ ସହ ରଗଡ଼ିପଡ଼ା ଗାଁରେ ଥିବା ଅଜା ଘରକୁ ବୁଲିଯାଇଥିଲେ। ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ସେମାନେ ମିଳିମିଶି ଘର ବାଡ଼ିପାଖରେ ଖେଳକୁଦ କରୁଥିବାବେଳେ ପଡ଼ୋଶୀ ସୁଦର୍ଶନ ନାଏକଙ୍କ ଘର ପାଖକୁ ଚାଲିଯାଇଥିଲେ। ସେଠାରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଏକ ଢାଙ୍କୁଣୀଲଗା ଟାଙ୍କି ଉପରେ ଅସାବଧାନତାବଶତଃ ଚଢ଼ିଯିବାରୁ ତାହା ଭାଙ୍ଗି ଯାଇଥିଲା। ଫଳରେ ଟାଙ୍କି ଭିତରେ ୩ ଶିଶୁ ପଡ଼ି ଶ୍ୱାସରୁଦ୍ଧ ହୋଇଯାଇଥିଲେ। ବହୁ ସମୟ ଧରି ପିଲାଙ୍କ ପାଟି ନ ଶୁଭିବାରୁ ପରିବାର ଲୋକେ ସେମାନଙ୍କୁ ଖୋଜାଖୋଜି କରିଥିଲେ, ମାତ୍ର ସେମାନଙ୍କ ସନ୍ଧାନ ମିଳି ନ ଥିଲା। ଏପରି ଅବସ୍ଥାରେ ଶିବାନୀଙ୍କ ଅଜା ଲକ୍ଷ୍ମୀଧର ଉକ୍ତ ପରିତ୍ୟକ୍ତ ଟାଙ୍କି ନିକଟକୁ ଯାଇ ଭଙ୍ଗା ଢାଙ୍କୁଣୀ ଦେଖି ସନ୍ଦେହ କରିଥିଲେ। ସେ ଟାଙ୍କି ଭିତରେ ପଶି ୩ ଶିଶୁଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ତୁରନ୍ତ ସେମାନଙ୍କୁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ୩ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଘଟଣା ସ୍ଥଳରେ ବଡ଼ମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପହଞ୍ଚି ମୃତଦେହ ଜବତ କରିବା ସହ ଥାନାରେ ପୃଥକ୍ ଭାବେ ୩ଟି ଅପମୃତ୍ୟୁ ମାମଲା (ନଂ. ୨୮/୨୫,୨୯/୨୫ ଓ ୩୦/୨୫) ରୁଜୁ କରିଛନ୍ତି। ଘଟଣାସ୍ଥଳରେ ଆଠଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ବିଶ୍ୱଜିତ ☞ପୃଷ୍ଠା-୪

## ୧୭ ମାସରେ ୧୪ ଶୁଣାଣି ; ଫଇସଲା ହାର ୯୩%

ଭୁବନେଶ୍ୱର,୩।୧୧ (ରବିନାରାୟଣ ଜେନା)

**ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ରେକର୍ଡ**



ମୋହନ ଚରଣ ମାଝୀ

ରାଜ୍ୟରେ ଭାଜପା ସରକାର ୨୦୨୪ ଜୁନ୍‌ରେ ଦାୟିତ୍ୱଭାର ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଦ୍ୟାବଧି ୧୭ ମାସରେ ୧୪ ଥର ଲୋକଙ୍କ ଅଭିଯୋଗ ଶୁଣାଣି ପ୍ରତ୍ୟକ୍ଷ ଭାବେ କରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କ ଅଭିଯୋଗ ଶୁଣାଣି ଫଇସଲା ହାର ରେକର୍ଡ ପରିମାଣ ୯୩ ପ୍ରତିଶତ ରହିଛି। ହେଲେ ଏହି ହାରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅସନ୍ତୁଷ୍ଟ ରହିଛି। ଏହି ହାରକୁ କିଭଳି ୧୦୦% କରାଯାଇପାରିବ, ସେନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଗୁରୁତ୍ୱ ଦେବା ପରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ତତ୍ପରତା ☞ପୃଷ୍ଠା-୪

## ବିସିସିଆଇର ୫୧ କୋଟି ଟଙ୍କାର ପୁରସ୍କାର

**ଚାମ୍ପିୟନ ଭାରତୀୟ ମହିଳା କ୍ରିକେଟ ଦଳକୁ ମିଳିବ**

ନୂଆଦିଲ୍ଲୀ,୩।୧୧(ପି.ଟି.)

ଡି.ୱାଇ. ପାଟିଲ ଷ୍ଟାଡିୟମରେ ରବିବାର ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ହରାଇ ଚାମ୍ପିୟନ ହୋଇଥିବା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ସୋମବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ୫୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି। ଏ ନେଇ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଘୋଷଣା କରିଛନ୍ତି।

ପ୍ରଶଂସାର ଏକ ପ୍ରତୀକ ସ୍ୱରୂପ ବିସିସିଆଇ ବିଶ୍ୱକପ୍ ବିଜୟୀ ଭାରତୀୟ ମହିଳା ଦଳକୁ ୫୧ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବ। ଏହି ପୁରସ୍କାର ରାଶି ଭାରତୀୟ ଦଳର ସମସ୍ତ ଖେଳାଳି, ସପୋର୍ଟ ଷ୍ଟାଫ ଓ ଜାତୀୟ ଚୟନ କମିଟିର ସଦସ୍ୟଙ୍କ ମଧ୍ୟରେ ବଣ୍ଟନ କରାଯିବ ବୋଲି ବିସିସିଆଇ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି।

## ଚାଇନା, ପାକିସ୍ତାନ ଅଣୁଅସ୍ତ୍ର ପରୀକ୍ଷା କରିଛନ୍ତି: ଟ୍ରମ୍ପ୍

ୱାଶିଂଟନ,୩।୧୧

**ଆମେରିକାର ପରୀକ୍ଷା ନିଷ୍ପତ୍ତିକୁ ଯଥାର୍ଥ କହିଲେ**

ପାକିସ୍ତାନ ଓ ଚାଇନା ସମେତ କେତେକ ଦେଶ ଆଣବିକ ଅସ୍ତ୍ର ପରୀକ୍ଷା କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ୩ ଦଶନ୍ଧି ପରେ ଆମେରିକା ଅଣୁଅସ୍ତ୍ର ପରୀକ୍ଷା ଆରମ୍ଭ କରିବାକୁ ନେଇଥିବା ନିଷ୍ପତ୍ତି ଯଥାର୍ଥ ବୋଲି ଦର୍ଶାଇବାକୁ ଯାଇ ଟ୍ରମ୍ପ୍ ଏହା କହିଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ଏଭଳି ସୂଚନା ଭାରତ ପାଇଁ ଚିନ୍ତାର କାରଣ ହୋଇପାରେ ବୋଲି କୁହାଯାଉଛି। କାରଣ ଭାରତର ଉଭୟ ପାର୍ଶ୍ୱରୁ ବିପଦ ରହିଛି।

ଗତ ସପ୍ତାହରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିବା ପୂର୍ବରୁ ଅମେରିକା ଅଣୁଅସ୍ତ୍ର ପରୀକ୍ଷା କରିବ ବୋଲି ଟ୍ରମ୍ପ୍ ଘୋଷଣା କରିଥିଲେ। ରବିବାର ସିବିଏସ୍ ନ୍ୟୁଜ୍‌ର ନୋରା ଓ'ଡୋନେଲଙ୍କ ସହ ସାକ୍ଷାତ୍‌କାରରେ ଆମେରିକା ରାଷ୍ଟ୍ରପତି କହିଛନ୍ତି, ରୁଷିଆ, ଚାଇନା, ଉତ୍ତର କୋରିଆ ଏବଂ ପାକିସ୍ତାନ ପରମାଣୁ ଅସ୍ତ୍ର ପରୀକ୍ଷା କରୁଛନ୍ତି। ରୁଷିଆ ଏବଂ ଚାଇନା ଭୂଗର୍ଭରେ ଅଣୁଅସ୍ତ୍ର ପରୀକ୍ଷା କରୁଥିବାବେଳେ ସେମାନେ ଏହା କହୁ ନ ଥିବାରୁ କେହି ଜାଣିପାରୁ ନାହାନ୍ତି। ଅନ୍ୟ ରାଷ୍ଟ୍ର ମଧ୍ୟ ଅନୁରୂପ ଭାବେ ଚୁପ୍ ରହୁଛନ୍ତି। ତେବେ ଆମେ ମୁକ୍ତ ସମାଜ ଓ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ଅଣୁଅସ୍ତ୍ର ପରୀକ୍ଷା କରିବା ସମ୍ପର୍କରେ ଜଣାଇଦେଉଛୁ ବୋଲି ଟ୍ରମ୍ପ୍ କହିଛନ୍ତି।

ରୁଷିଆ ପରମାଣୁ ଶକ୍ତିସମ୍ପନ୍ନ ପୋସେଇଡନ୍ ସୁପର ଟର୍ପେଡୋ ପରୀକ୍ଷା କରିଥିବା କଥା ଗତ ସପ୍ତାହରେ ଏହାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଥିଲେ। ତେଣୁ ଅସ୍ତ୍ରଗୁଡ଼ିକର ☞ପୃଷ୍ଠା-୪

## ପ୍ରଚାର ପାଇଁ ଲୋକ କିଣା

ନୂଆପଡ଼ା,୩।୧୧(ପୀତାମ୍ବର ସାହୁ)

**ନୂଆପଡ଼ା ଉପନିର୍ବାଚନ**

ଆସନ୍ତା ୧୧ତାରିଖରେ ନୂଆପଡ଼ା ଉପନିର୍ବାଚନ ହେବାକୁ ଯାଉଛି। ଏଥିରେ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ସମେତ ସମୁଦାୟ ୧୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭାଜପାରୁ ଜୟ ଢୋଲକିଆ, ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସରୁ ଘାସିରାମ ମାଝୀ ଏବେ ଜୋରଦାର ପ୍ରଚାର କରୁଛନ୍ତି। ନିର୍ବାଚନୀ ତାରିଖ ଯେତିକି ପାଖେଇ ଆସୁଛି ପ୍ରଚାର ସେତିକି ଜମିବାରେ ଲାଗିଛି। ଦଳୀୟ ପ୍ରାର୍ଥୀ ଓ କର୍ମୀ ଦିନରାତି ଏକ କରିଦେଇଛନ୍ତି। ପ୍ରତ୍ୟେକ ଦଳ ପକ୍ଷରୁ ସଭା ସମିତି ସହ ବାଇକ୍ ରାଲି କରାଯାଉଛି। ଲୋକଙ୍କୁ ସଭାକୁ ଆଣିବା ପାଇଁ ଦଳୀୟ କର୍ମୀମାନେ ବେଶ୍ ପରିଶ୍ରମ କରୁଥିବା ଦେଖିବାକୁ ମିଳୁଛି। ଲୋକ କିପରି ସଭାକୁ ଆସିବେ ସେ ନେଇ ସବୁ ପ୍ରକାର ସୁବିଧା ମଧ୍ୟ କରାଯାଉଛି। ଘରୁ ସଭା ସ୍ଥଳକୁ ଆସିବା ଓ ପୁନଶ୍ଚ ଫେରିବା ପାଇଁ ଗାଡ଼ି ମୋଟର ବ୍ୟବସ୍ଥା ମଧ୍ୟ କରାଯାଉଛି। ଏପରି କି ବାଇକ୍‌ରେ ଆସିଲେ ତେଲ ଖର୍ଚ୍ଚ ମଧ୍ୟ ଦିଆଯାଉଛି। ଏହା ବାଦ୍ ସଭା କିମ୍ବା ରାଲିରେ ଯୋଗଦେଲେ ଖାଇବାପିଇବା ସହିତ ଜଣ ପିଛା ୨ଶହରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ଦିଆ ଯାଉଥିବା ଟାନୱାଟ ଗ୍ରାମର ଜଣେ ଯୁବକ ପ୍ରକାଶ କରିଛନ୍ତି।

ନୂଆପଡ଼ା ଏକ କୃଷିପ୍ରଧାନ ଅଞ୍ଚଳ। ଜିଲାର ପ୍ରାୟ ୯୦ ପ୍ରତିଶତ ଲୋକ ଧାନ, କପା ଓ ମକା ଆଦି ଚାଷ କରିଥାନ୍ତି। ଏବେ ଧାନ ଅମଳ ସମୟ। ଚାଷୀମାନେ ଧାନ ଅମଳ କରି ଘରକୁ ଆଣୁଛନ୍ତି। ଏପରି ସମୟରେ ଉପନିର୍ବାଚନ ହେଉଥିବାରୁ ପ୍ରାୟ ପ୍ରତ୍ୟେକ ଦିନ ବିଭିନ୍ନ ଦଳ ପକ୍ଷରୁ ସମାବେଶ ଓ ରାଲି ଆୟୋଜକ କରାଯାଉଛି। ଏଥିପାଇଁ ଲୋକଙ୍କ ଆବଶ୍ୟକ ହେଉଛି। ଯେହେତୁ ଚାଷ ଅମଳର ସମୟ ତେଣୁ ଲୋକେ ସଭାକୁ ଆସିବାକୁ ଅମଙ୍ଗ ହେଉଛନ୍ତି। ତେଣୁ ଲୋକଙ୍କୁ ଆଣିବା ପାଇଁ ସେମାନଙ୍କ ପଛରେ ଖର୍ଚ୍ଚ କରିବାକୁ ପଡୁଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଲାସ୍ ଭେଗାସର ନୂଆ ସଙ୍କେତ**




**ମାନବବିହୀନ ଗଗନଯାନରେ ରହିବ ବ୍ୟୋମିତ୍ର ରୋବୋ** | ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଗଗନଯାନ ମିଶନର ଅଂଶସ୍ୱରୂପ ପ୍ରଥମ ମାନବବିହୀନ ମିଶନ ଡିସେମ୍ବରରେ ଆରମ୍ଭ ହେବ। ଉକ୍ତ ଯାନରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ମାନବ ଆକୃତିର ବ୍ୟୋମିତ୍ର ରୋବୋ ପ୍ରଥମେ ମହାକାଶକୁ ଯିବ ବୋଲି ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ୍ କହିଛନ୍ତି। ପ୍ରଥମ ମାନବବିହୀନ ମିଶନକୁ ଏଲ୍‌ଭିଏମ୍‌୩ ରକେଟ୍ ସହାୟତାରେ ମହାକାଶକୁ ପଠାଯିବ।



# ସଡ଼କ ଦୁର୍ଘଟଣାରେ ଗଲା ୩୩ ଜୀବନ

## ତେଲଙ୍ଗାନାରେ ୧୯, ରାଜସ୍ଥାନରେ ୧୪ ମୃତ



ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲାରେ ଟିପ୍ପର ଓ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି।

**ହାଇଦ୍ରାବାଦ/ ଜୟପୁର,୩।୧୧(ପି.ଟି.)**

ଦୁଇଟି ରାଜ୍ୟରେ ସୋମବାର ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩୩ ଜଣଙ୍କ ଜୀବନ ଯାଇଛି। ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲାରେ ସୋମବାର ସକାଳେ ଟିପ୍ପର-ବସ୍ ମୁହାଁମୁହିଁ ଧକ୍କାରେ ୧୩ ମହିଳା ସମେତ ୧୯ ଜଣଙ୍କ ମୃତ୍ୟୁ ଘଟିବା ସହ ୨୨ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ଭଉଣୀ ରହିଛନ୍ତି। ରାଜସ୍ଥାନ ଜୟପୁରର ହର୍ମଦା ଅଞ୍ଚଳରେ ସୋମବାର ଅପରାହ୍ନରେ ଡମ୍ଫର ଟ୍ରକ୍ ୧୭ଟି ଗାଡ଼ି ଉପରେ ମାଡ଼ିଯିବାରୁ ୧୪ ଜଣଙ୍କ ମୃତ୍ୟୁ ଘଟିଛି।

ଚିପ୍ସ ବୋଝେଇ ଟିପ୍ପର ଟ୍ରଲିଟି ତେଲଙ୍ଗାନା ସଡ଼କ ପରିବହନ ନିଗମ ବସ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ହାଇଦ୍ରାବାଦଠାରୁ ୫୦ କି.ମି. ଦୂରରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଉଭୟ ଯାନର ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ସାଇବରାବାଦ ପୋଲିସ କମିଶନର ଅବିନାଶ ମହାନ୍ତି କହିଛନ୍ତି। ଗୋଟିଏ ଗାଡ଼ି ଭୁଲ୍ ପାର୍ଶ୍ୱରେ ଆସିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ତେବେ ତଦନ୍ତ ପରେ ଦୁର୍ଘଟଣାର କାରଣ ଜଣାପଡ଼ିବ ବୋଲି ପୋଲିସ କମିଶନର କହିଛନ୍ତି।

ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଦେବା ପାଇଁ ଘୋଷଣା କରିଛନ୍ତି। ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଦୁର୍ଘଟଣା ପରେ ଚେଭେଲ୍ଲାସ୍ଥିତ ହସ୍ପିଟାଲକୁ ଯାଇ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିବା ତେଲଙ୍ଗାନା ପରିବହନ ମନ୍ତ୍ରୀ ପୋନ୍ନାମ ପ୍ରଭାକର କହିଛନ୍ତି, ରଙ୍ଗାରେଡ୍ଡୀ ଜିଲାର ତନ୍ଦୁରରୁ ହାଇଦ୍ରାବାଦ ଯାଉଥିବା ଉକ୍ତ ବସ୍‌ରେ ୭୨ ଜଣ ଯାତ୍ରୀ ଥିଲେ। ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ଦୁର୍ଘଟଣାକୁ ନେଇ ଅନ୍ୟ ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହ ଟେଲି-କନ୍‌ଫେରେନ୍ସ କରିଛନ୍ତି। ଆହତମାନଙ୍କୁ ଆଧୁନିକ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ସହ ମୃତକଙ୍କ ପରିବାରକୁ ଶେଷକୃତ୍ୟ ସମ୍ପନ୍ନ ପାଇଁ ସରକାର ସହାୟତା ଯୋଗାଇ ଦେବେ ବୋଲି କହିଛନ୍ତି। ରାଜ୍ୟ ସରକାର ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବେ ବୋଲି ପରିବହନ ମନ୍ତ୍ରୀ କହିଛନ୍ତି। ଏହା ବ୍ୟତୀତ ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୨ ଲକ୍ଷ ଟଙ୍କା ଲେଖାଏ ଯୋଗାଇ ଦିଆଯିବ। ସେହିପରି ଆହତମାନଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ସରକାର କହିଛନ୍ତି।

### ୧୭ ଗାଡ଼ି ଉପରେ ମାଡ଼ିଗଲା ଡମ୍ଫର

ରାଜସ୍ଥାନ ଜୟପୁରର ହର୍ମଦା ଅଞ୍ଚଳରେ ସୋମବାର ଅପରାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଡମ୍ଫର ଟ୍ରକ୍‌କୁ ଏହାର ଡ୍ରାଇଭର ବେପରୁଆ ଭାବେ ଚଳାଇ ଅନ୍ୟୂନ ୧୭ଟି ଗାଡ଼ି ଉପରେ ମଡ଼ାଇ ଦେଇଛନ୍ତି। ଏହି ସିରିଜ୍ ଦୁର୍ଘଟଣାରେ ୧୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୩ ଜଣ ଆହତ ହୋଇଛନ୍ତି। ମୃତଦେହଗୁଡ଼ିକ ରାସ୍ତାରେ ବିଛାଡ଼ିହୋଇ ପଡ଼ିଥିବାବେଳେ ଭଙ୍ଗା କାର ଓ ମୋଟରସାଇକେଲଗୁଡ଼ିକ ରାଜପଥରେ ପଡ଼ିରହିଥିବା ଦେଖାଯାଇଛି। ନିଶାଗ୍ରସ୍ତ ଥିବା ଡ୍ରାଇଭର ଜଣକ ଲୋହା ମଣ୍ଡି ନିକଟରେ ୩୦୦ ମିଟର ପର୍ଯ୍ୟନ୍ତ ବିଭିନ୍ନ କାର୍ ଓ ବାଇକ୍ ଉପରେ ଟ୍ରକ୍ ମଡ଼ାଇ ଚାଲିଥିଲେ। ଶେଷରେ ଟ୍ରକ୍‌ଟି ଏକ ଟ୍ରେଲରକୁ ଧକ୍କା ଦେଇ ଅଟକିଥିଲା। ଏହି ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମା, ଉପମୁଖ୍ୟମନ୍ତ୍ରୀ ଦିୟା କୁମାରୀ ଏବଂ ପ୍ରେମଚନ୍ଦ୍ର ବୈରୱା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଗଭୀର ଦୁଃଖପ୍ରକାଶ କରିଛନ୍ତି। ଆହତମାନଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

# ନିଃସର୍ତ୍ତ କ୍ଷମା ମାଗିଲେ ମୁଖ୍ୟ ସଚିବ

**ନୂଆଦିଲ୍ଲୀ,୩।୧୧**

### ବୁଲାକୁକୁରଙ୍କୁ ଖାଦ୍ୟ ଦେବା ନେଇ ୭ରେ ନିର୍ଦ୍ଦେଶନାମା



ବୁଲାକୁକୁର କାମୁଡ଼ାଜନିତ ବିପଦ ମାମଲାରେ ପୂର୍ବ ନିର୍ଦ୍ଦେଶନାମାର ଅନୁପାଳନ ସମ୍ପର୍କିତ ସତ୍ୟପାଠ ଦାଖଲ କରି ନ ଥିବାରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ସଚିବମାନେ ସୋମବାର ସୁପ୍ରିମକୋର୍ଟରେ ହାଜର ହୋଇ ନିଃସର୍ତ୍ତ କ୍ଷମା ମାଗିଛନ୍ତି। ବୁଲା କୁକୁରଙ୍କୁ ଖାଦ୍ୟ ଦେବା ସମ୍ପର୍କରେ ସର୍ବୋଚ୍ଚ ଅଦାଲତ ଆସନ୍ତା ୭ ତାରିଖରେ ସାନି ନିର୍ଦ୍ଦେଶନାମା ଜାରି କରିବେ ବୋଲି କହିଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ୍ ମେହଟ୍ଟା ଏବଂ ଏନ୍.ଭି. ଅଞ୍ଜରିଆଙ୍କୁ ନେଇ ୩ ଜଣିଆ ସ୍ୱତନ୍ତ୍ର ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ମୁଖ୍ୟ ସଚିବମାନଙ୍କ ଉପସ୍ଥିତି ଏବଂ ସତ୍ୟପାଠର ରେକର୍ଡ କରାଯିବା ସହ ଖଣ୍ଡପୀଠ କହିଛନ୍ତି, ସରକାରୀ ପ୍ରତିଷ୍ଠାନ ସମେତ ରାଷ୍ଟ୍ରାୟତ୍ତ ସଂସ୍ଥା ଏବଂ ଅନ୍ୟାନ୍ୟ ଅନୁଷ୍ଠାନରେ କର୍ମଚାରୀମାନେ କୁକୁରଙ୍କୁ ଖାଦ୍ୟ ଦେବା ସହ ସହାୟତା କରୁଛନ୍ତି। ତେଣୁ କୁକୁର କାମୁଡ଼ାଜନିତ ବିପଦକୁ ନେଇ ଆମକୁ ନିଶ୍ଚିତ କେତେକ ନିର୍ଦ୍ଦେଶନାମା ଜାରି କରିବାକୁ ପଡ଼ିବ। ଶୁଣାଣି ବେଳେ ଖଣ୍ଡପୀଠ ଭାରତର ପ୍ରାଣୀ କଲ୍ୟାଣ ବୋର୍ଡକୁ ମଧ୍ୟ ମାମଲାର ପକ୍ଷଭୁକ୍ତ କରିଛନ୍ତି। ମାମଲାରେ ସହାୟତା ପାଇଁ ବରିଷ୍ଠ ଆଇନଜୀବୀ ଗୌରବ ଅଗ୍ରୱାଲ ଆମିକସ୍ କ୍ୟୁରି ଭାବେ କାର୍ଯ୍ୟ ଜାରି ରଖିବେ ବୋଲି ଅଦାଲତ କହିଛନ୍ତି।

ସୂଚନାଯୋଗ୍ୟ, ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ବୁଲାକୁକୁର କାମୁଡ଼ା ଘଟଣା ବଢ଼ିବା ଫଳରେ ସୁପ୍ରିମକୋର୍ଟ ଏହାକୁ ନିଜଆଡ଼ୁ ବିଚାର ପାଇଁ ଗ୍ରହଣ କରିଥିଲେ। ପରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ମାମଲାରେ ପକ୍ଷଭୁକ୍ତ କରିଥିଲେ। ସମସ୍ତ ବୁଲା କୁକୁରଙ୍କୁ ଧରି ଆଶ୍ରୟସ୍ଥଳରେ ରଖିବାକୁ ସର୍ବୋଚ୍ଚ ଅଦାଲତ ଗତ ଅଗଷ୍ଟ ୨୨ରେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କୁ ଉପଯୁକ୍ତ ବନ୍ଧ୍ୟାକରଣ ଏବଂ ଟିକାକରଣ କରିବା ପରେ ଯେଉଁ ଅଞ୍ଚଳରୁ ଧରିଥିବେ, ସେଠାରେ ଛାଡ଼ିଦେବାକୁ କୁହାଯାଇଥିଲା। ତେବେ କୋର୍ଟ ନିର୍ଦ୍ଦେଶନାମାର ଅନୁପାଳନ ସମ୍ପର୍କିତ ସତ୍ୟପାଠ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦାଖଲ କରି ନ ଥିବାରୁ ଖଣ୍ଡପୀଠ କ୍ଷୁବ୍ଧ ହୋଇଥିଲେ। ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନେ ନଭେମ୍ବର ୩ ତାରିଖ ଶୁଣାଣି ବେଳେ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ସ୍ପଷ୍ଟୀକରଣ ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

# କୋଇଲା ଦୁର୍ନୀତି ମାମଲାରୁ ପୂର୍ବତନ ସଚିବ ବାଦ୍

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ଛତିଶଗଡ଼ର ଫତେହପୁର ଇଷ୍ଟ କୋଇଲା ବ୍ଲକ୍ ଆବଣ୍ଟନ ମାମଲାରେ ଏକ ସ୍ୱତନ୍ତ୍ର ଅଦାଲତ ଅର୍‌କେଏମ୍ ପାୱାର ପ୍ରା. ଲିଃ, ପୂର୍ବତନ କୋଇଲା ସଚିବ ଏଚ୍.ସି. ଗୁପ୍ତା ଓ ଅନ୍ୟ ୩ ଜଣଙ୍କୁ ବିଚାର ପ୍ରକ୍ରିୟାରୁ ବାଦ୍ ଦେଇଛନ୍ତି। ସିବିଆଇ ଚାର୍ଜଶିଟ୍ ଦାଖଲ କରିଥିବାବେଳେ ମୋକଦ୍ଦମା ଚଳାଇବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ନ ଥିବା ଅଦାଲତ କହିଛନ୍ତି। ସ୍ୱତନ୍ତ୍ର ବିଚାରପତି ଧୀରଜ ମୋର୍ ଉଭୟ ପକ୍ଷରୁ ଯୁକ୍ତି ଶୁଣିବା ପରେ କମ୍ପାନୀର ୨ ପ୍ରମୋଟର ଅନ୍ଦଲ ଅରୁମୁଗମ୍ ଏବଂ ଟି.ଏମ୍. ସିଙ୍ଗାରଭେଲ ଏବଂ ପୂର୍ବତନ ଯୁଗ୍ମ ସଚିବ କୁଲଜିତ୍ ସିଂ କ୍ରୋଫାଙ୍କୁ ମଧ୍ୟ ମାମଲାରୁ ବାଦ୍ ଦେଇଛନ୍ତି।


ଏଚ୍.ସି. ଗୁପ୍ତା

୨୦୧୪ରେ ସେମାନଙ୍କ ନାମରେ ଏତଲା ଦାଏର ହେବାର ୩ ବର୍ଷ ପରେ ସିବିଆଇ ୨୦୧୭ ସେପ୍ଟେମ୍ବର ୨୧ରେ କ୍ଲୋଜର ରିପୋର୍ଟ ଦାଖଲ କରିଥିଲା। ଅଭିଯୋଗ ପଛରେ କୌଣସି ତଥ୍ୟ ପ୍ରମାଣ ନ ଥିବା ସିବିଆଇ ଦର୍ଶାଇଥିଲା। ଏଥିରେ ସ୍ୱତନ୍ତ୍ର ଅଦାଲତ ସନ୍ତୁଷ୍ଟ ନ ହୋଇ ପୁନର୍ବାର ତଦନ୍ତ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୩ରେ ସିବିଆଇ ୫ ଜଣଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ଠକେଇ, ଜାଲିଆତି ଏବଂ ଦୁର୍ନୀତି ନିବାରଣ ଆଇନର ବ୍ୟବସ୍ଥା ଅନୁଯାୟୀ ଚାର୍ଜଶିଟ୍ ଦାଖଲ କରିଥିଲା।

# ଦର୍ଶନ, ପବିତ୍ରା ଗୌଡ଼ାଙ୍କ ବିରୋଧରେ ଚାର୍ଜଫ୍ରେମ୍


ପବିତ୍ରା ଗୌଡ଼ାଙ୍କ ସହ ଦର୍ଶନ।

**ବେଙ୍ଗାଲୁରୁ,୩।୧୧**

### ରେଣୁକାସ୍ୱାମୀ ହତ୍ୟା ମାମଲା

ରେଣୁକାସ୍ୱାମୀ ହତ୍ୟା ମାମଲାରେ ବେଙ୍ଗାଲୁରୁର ୬୪ତମ ସେସନ୍ସ କୋର୍ଟ ସୋମବାର କନ୍ନଡ଼ ଅଭିନେତା ଦର୍ଶନ ଓ ଅଭିନେତ୍ରୀ ପବିତ୍ରା ଗୌଡ଼ାଙ୍କ ସମେତ ୧୭ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିଛନ୍ତି। ହତ୍ୟା, ଆପରାଧିକ ଷଡ଼ଯନ୍ତ୍ର, ଅପହରଣ ଏବଂ ବେଆଇନ ଭାବେ ଏକାଠି ହେବା ଆଦି ଅଭିଯୋଗରେ ସେମାନଙ୍କୁ ଆନୁଷ୍ଠାନିକ ଭାବେ ଅଭିଯୁକ୍ତ କରାଯାଇଛି। ଅଭିଯୁକ୍ତମାନେ ନିଜକୁ ନିର୍ଦ୍ଦୋଷ ବୋଲି କହୁଥିବାବେଳେ ଆସନ୍ତା ୧୦ରୁ ଶୁଣାଣି ଆରମ୍ଭ ହେବ। ଦର୍ଶନଙ୍କ ପ୍ରଶଂସକ ଚିତ୍ରଦୁର୍ଗ ଅଞ୍ଚଳର ରେଣୁକାସ୍ୱାମୀ(୩୩)ଙ୍କ ମୃତଦେହ ୨୦୨୪ ଜୁନ୍ ୯ରେ ଏକ ଡ୍ରେନ୍ ନିକଟରୁ ମିଳିଥିଲା। ଦର୍ଶନଙ୍କ ସହଯୋଗୀ ପବିତ୍ରା ଗୌଡ଼ାଙ୍କୁ ରେଣୁକାସ୍ୱାମୀ ଅପମାନଜନକ ବାର୍ତ୍ତା ପଠାଇଥିଲେ। ଏହି ଘଟଣାରେ ତାଙ୍କୁ ଅପହରଣ କରାଯାଇ ନିର୍ଯାତନା ଦିଆଯିବାରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା।

### ଦିଲ୍ଲୀରେ ଆଜି



ନୂଆଦିଲ୍ଲୀର ଧ୍ୟାନଚାନ୍ଦ ଷ୍ଟାଡିୟମ୍‌ରେ ସୋମବାର ହକି ଇଣ୍ଡିଆ ଏବଂ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ଏସ୍‌ଏଆଇ) ପକ୍ଷରୁ ଖବରଦାତା ସମ୍ମିଳନୀରେ ଭାରତୀୟ ହକିର ଶତବାର୍ଷିକୀ ପାଳନ ସମ୍ପର୍କରେ ଘୋଷଣା କରାଯାଉଛି। ଏଥିରେ କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟ, ହକି ଇଣ୍ଡିଆ ଅଧ୍ୟକ୍ଷ ଦିଲୀପ ତିର୍କୀ, ମହାସଚିବ ଭୋଳାନାଥ ସିଂ ପ୍ରମୁଖ ଉପସ୍ଥିତ ଅଛନ୍ତି। (ଫଟୋ: ଚମନ ଗୌତମ)

# ପ୍ରଦୂଷଣ ରୋକିବାକୁ କ'ଣ କରିଛ ଜଣାଅ

**ନୂଆଦିଲ୍ଲୀ,୩।୧୧(ପି.ଟି.)**

### ସିଏକ୍ୟୁଏମ୍‌କୁ କହିଲେ ସୁପ୍ରିମକୋର୍ଟ

ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ପ୍ରଦୂଷଣ ସ୍ଥିତି ଅଧିକ ଖରାପ ହେଉଥିବାବେଳେ ଏହାକୁ ରୋକିବା ଦିଗରେ ଏପର୍ଯ୍ୟନ୍ତ କ'ଣ ପଦକ୍ଷେପ ନିଆଯାଇଛି, ସବିଶେଷ ବିବରଣୀ ସତ୍ୟପାଠ ଜରିଆରେ ଦାଖଲ କରିବାକୁ ସୁପ୍ରିମକୋର୍ଟ ସୋମବାର ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଦୂଷଣ ସ୍ତର ଅତ୍ୟନ୍ତ ଗମ୍ଭୀର ହେବା ପର୍ଯ୍ୟନ୍ତ ଅପେକ୍ଷା ନ କରି ଆୟୋଗ ସକ୍ରିୟ ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ୍‌ଙ୍କ ଖଣ୍ଡପୀଠ କହିଛନ୍ତି। ଦୀପାବଳି ସମୟରେ ଦିଲ୍ଲୀର ଅନେକ ବାୟୁ ଗୁଣବତ୍ତା ପର୍ଯ୍ୟବେକ୍ଷଣ କେନ୍ଦ୍ର କାର୍ଯ୍ୟ କରୁ ନ ଥିଲା ବୋଲି ଗଣମାଧ୍ୟମ ରିପୋର୍ଟକୁ ନେଇ ଆମିକସ୍ କ୍ୟୁରି ଅପରାଜିତା ସିଂ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦିଲ୍ଲୀର ୩୭ ପର୍ଯ୍ୟବେକ୍ଷଣ କେନ୍ଦ୍ର ମଧ୍ୟରୁ ଦୀପାବଳି ଦିନ ମାତ୍ର ୯ଟି କାର୍ଯ୍ୟକ୍ଷମ ଥିଲା। ଯଦି ମନିଟରିଂ ଷ୍ଟେଶନ କାର୍ଯ୍ୟ ନ କରେ ତେବେ ପ୍ରଦୂଷଣ ରୋକିବା ଦିଗରେ ଜିଆର୍‌ଏପି କେବେ କାର୍ଯ୍ୟକାରୀ କରିବାକୁ ହେବ, ଆମେ ଜାଣିପାରିବା ନାହିଁ। ତେଣୁ ସିଏକ୍ୟୁଏମ୍ ସ୍ପଷ୍ଟ ତଥ୍ୟ ଏବଂ କାର୍ଯ୍ୟଯୋଜନା ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଆମିକସ୍ କ୍ୟୁରି ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ।

# ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ଏସ୍‌ଆଇଆର୍

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ଦେଶର ୯ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ମୋଟ ୫୧ କୋଟି ଭୋଟର ଥିବା ଉକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଏସ୍‌ଆଇଆର୍ ଆସନ୍ତାବର୍ଷ ଫେବୃଆରୀ ୭ରେ ଶେଷ କରି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ବିହାର ପରେ ଏହା ଦ୍ୱିତୀୟ ପର୍ଯ୍ୟାୟ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ। ଏହି ପର୍ଯ୍ୟାୟରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଲାକ୍ଷାଦ୍ୱୀପ, ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ପଣ୍ଡିଚେରୀ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ହେବ। ତାମିଲନାଡୁ, ପଣ୍ଡିଚେରୀ, କେରଳ ଏବଂ ପଶ୍ଚିମବଙ୍ଗରେ ୨୦୨୬ରେ ବିଧାନସଭା ଅନୁଷ୍ଠିତ ହେବାକୁ ଯାଉଛି। ସେହିବର୍ଷ ଆସାମରେ ନିର୍ବାଚନ ହେବାକୁ ଥିବାବେଳେ ସେଠାରେ ଭୋଟର ତାଲିକା ସଂଶୋଧନ ତାରିଖ ପରେ ଘୋଷଣା କରାଯିବ।

# ଅନିଲ ଅମ୍ବାନୀଙ୍କ ୩,୦୦୦ କୋଟିର ସମ୍ପତ୍ତି ବାଜ୍ୟାପ୍ତ

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀ, ତାଙ୍କ ଗ୍ରୁପ୍ କମ୍ପାନୀ ଓ ଅନ୍ୟ ସମ୍ପୃକ୍ତ ସଂସ୍ଥାଗୁଡ଼ିକର ୩,୦୮୪ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି। ବାଜ୍ୟାପ୍ତ ସମ୍ପତ୍ତି ମଧ୍ୟରେ ମୁମ୍ବାଇର ପାଲି ହିଲ୍‌ରେ ଥିବା ଅନିଲଙ୍କ ପାରିବାରିକ ଗୃହ ଓ ତାଙ୍କ ଗ୍ରୁପ୍ କମ୍ପାନୀର ଅନ୍ୟାନ୍ୟ ଆବାସିକ ଓ ବ୍ୟବସାୟିକ ସମ୍ପତ୍ତି ରହିଛି।

# ଆଫଗାନିସ୍ତାନରେ ଭୂକମ୍ପ: ୨୦ ମୃତ, ୫୩୪ ଆହତ

**କାବୁଲ,୩।୧୧**



ଆଫଗାନିସ୍ତାନର ଉତ୍ତର ଭାଗରେ ରବିବାର ବିଳମ୍ବିତ ରାତିରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇ ଅନ୍ୟୂନ ୨୦ ଜଣଙ୍କ ମୃତ୍ୟୁ ଘଟିବା ସହ ୫୩୪ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଭୂକମ୍ପର ତୀବ୍ରତା ୬.୩ ରହିଥିଲା। ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ସୂଚନା ଅନୁଯାୟୀ ଭୂକମ୍ପର କେନ୍ଦ୍ରସ୍ଥଳ ଖୁଲମ୍ ସହରଠାରୁ ପଶ୍ଚିମ-ଦକ୍ଷିଣପଶ୍ଚିମ ଦିଗରେ ୨୨ କି.ମି. ଦୂରରେ ଅବସ୍ଥିତ। ସମସ୍ତ ମୃତଦେହ ଏବଂ ଆହତଙ୍କୁ ବଲ୍‌ଖ ଏବଂ ସମାଙ୍ଗନ ପ୍ରଦେଶର ବିଭିନ୍ନ ହସ୍ପିଟାଲକୁ ନିଆଯାଇଛି।

ଭୂକମ୍ପରେ ବଦଖଶାଁ ପ୍ରଦେଶର ଶହର-ଇ-ବୋଜୋର୍ଗ ଜିଲା ଅନ୍ତର୍ଗତ ଗୋଟିଏ ଗାଁରେ ୮୦୦ ଘର ସମ୍ପୂର୍ଣ୍ଣ କିମ୍ବା ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ତେବେ ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ସେବା ନ ଥିବାରୁ ପ୍ରକୃତ ମୃତାହତଙ୍କ ସଂଖ୍ୟା ଜଣାପଡ଼ି ନ ଥିବା ପ୍ରାଦେଶିକ ପୋଲିସ ମୁଖ୍ୟାଳୟ ତରଫରୁ କୁହାଯାଇଛି। ସର୍ବାଧିକ କ୍ଷତିଗ୍ରସ୍ତ ବଲ୍‌ଖ ଏବଂ ସମାଙ୍ଗନରେ ଉଦ୍ଧାରକାରୀ ଓ ଜରୁରୀ ସେବା ପ୍ରଦାନକାରୀ ଟିମ୍ ପହଞ୍ଚି ଉଦ୍ଧାର ଓ ଅହତମାନଙ୍କୁ ହସ୍ପିଟାଲରେ ପହଞ୍ଚାଇବା କାର୍ଯ୍ୟରେ ଲାଗିଥିବା କାବୁଲସ୍ଥିତ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉତ୍ତର ଭାଗରେ ଥିବା ବଲ୍‌ଖ ପ୍ରଦେଶ ରାଜଧାନୀ ମାଜାର-ଇ-ଶରିଫ୍‌ରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଛି। ସେଠାରେ ଥିବା ଐତିହାସିକ ବ୍ଲୁ ମସ୍‌ଜିଦ କ୍ଷତିଗ୍ରସ୍ତ ହେଇଥିବା ସୋସିଆଲ ମିଡିଆରେ ପ୍ରସାରିତ ଫଟୋରୁ ଜଣାପଡ଼ିଛି। ରାଜଧାନୀ କାବୁଲ ସମେତ ଅନ୍ୟ କେତେକ ପ୍ରଦେଶରେ ମଧ୍ୟ କମ୍ପନ ଅନୁଭୂତ ହୋଇଛି। ପଥର ଖସି ପାର୍ବତ୍ୟାଞ୍ଚଳର ମୁଖ୍ୟ ରାସ୍ତା ଅବରୋଧ ହେଇଥିଲାବେଳେ ପରେ ତାହାକୁ ଖୋଲାଯାଇଛି।

# ଘୁଞ୍ଚିଲା ଆଲିଆଙ୍କ ଆକ୍ସନ ଫିଲ୍ମ 'ଆଲ୍ଫା' ରିଲିଜ ତାରିଖ


ଆଲିଆ ଭଟ୍ଟ

**ମୁମ୍ବାଇ:** ବଲିଉଡର ବହୁ ପ୍ରତୀକ୍ଷିତ ଆକ୍ସନ ଫିଲ୍ମ 'ଆଲ୍ଫା'ର ରିଲିଜ ତାରିଖ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏହି ଫିଲ୍ମ ଖ୍ରୀଷ୍ଟମାସ ସମୟରେ ପରଦାକୁ ଆସିବାର ଥିଲା, କିନ୍ତୁ ଆସନ୍ତାବର୍ଷ ୧୭ ଏପ୍ରିଲରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ଯଶରାଜ ଫିଲ୍ମସ୍ (ୱାଇଆର୍‌ଏଫ୍)ର 'ସ୍ପାଇ ୟୁନିଭର୍ସ'ର ଏହି ପ୍ରଥମ ମହିଳା-ପ୍ରଧାନ ଫିଲ୍ମରେ ଆଲିଆ ଭଟ୍ଟ ଏବଂ ଶର୍ବରୀ ୱାଘଙ୍କୁ ଦମଦାର୍ ଆକ୍ସନ ଅବତାରରେ ଦେଖିବାକୁ ମିଳିବ। ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଥିବାବେଳେ, ମେକର୍ସମାନେ ଏହାର ରିଲିଜ ତାରିଖ ବଦଳାଇ ଦେଇଛନ୍ତି।

ଯଶରାଜ ଫିଲ୍ମସ ମୁଖପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଫିଲ୍ମର ବଡ଼ ଆକାର ଏବଂ ଆକ୍ସନ ସିନ୍‌ଗୁଡ଼ିକର ବିଶାଳ ଭିଜୁଆଲ ଇଫେକ୍ଟସ (ଭିଏଫଏକ୍ସ) କାମ ଶେଷହେବାକୁ ଅଧିକ ସମୟ ଲାଗୁଛି। ସମସ୍ତ ଭିଏଫଏକ୍ସ କାର୍ଯ୍ୟ ଡିସେମ୍ବର ସୁଦ୍ଧା ସାରିବା ସମ୍ଭବ ହେବ ନାହିଁ ବୋଲି ଟିମ୍ ଅନୁଭବ କରିବା ପରେ ତାରିଖ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି। ମେକର୍ସମାନେ ଚଳଚ୍ଚିତ୍ରର ଗୁଣବତ୍ତା ସହିତ କୌଣସି ପ୍ରକାର ସାଲିସ କରିବାକୁ ଚାହୁଁନାହାଁନ୍ତି।

ଏହି ଫିଲ୍ମରେ ଆଲିଆ ଏବଂ ଶର୍ବରୀ ୱାଘଙ୍କ ବ୍ୟତୀତ ବବି ଦେଓଲ ଭିଲେନଭୂମିକାରେନଜରଆସିବେ।ଆଲିଆଏବଂଶର୍ବରୀଙ୍କସହିତବବିଙ୍କ ଟକ୍କର ଏହି ପ୍ରୋଜେକ୍ଟର ମୁଖ୍ୟ ଆକର୍ଷଣ ହେବ ବୋଲି କୁହାଯାଉଛି।

**କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିଧାୟକ ପଦ ରଦ୍ଦ କରାଯାଉ: କଂଗ୍ରେସ**

ଭୁବନେଶ୍ୱର,(ରବିନାରାୟଣ ଜେନା): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ତଥା ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ୨୦୨୪ ସାଧାରଣ ନିର୍ବାଚନ ବେଳେ ଜାଲ୍ ପାନ୍‌କାର୍ଡ ଦେଇଛନ୍ତି ଓ ସତ୍ୟପାଠରେ ମିଥ୍ୟା ତଥ୍ୟ ଦର୍ଶାଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ସୋମବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି, ମନ୍ତ୍ରୀ ତାଙ୍କ ନାମାଙ୍କନପତ୍ରରେ ଯେଉଁ ପାନ୍ ନମ୍ବର ଦେଇଛନ୍ତି ତାହା ତାଙ୍କର ନୁହେଁ। ଏ କଥାର ସ୍ପଷ୍ଟୀକରଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରଥମେ ଦେବାର ଆବଶ୍ୟକତା ରହିଛି।

**ଏସ୍ଆଇ ପରୀକ୍ଷା ସ୍କାମ୍‌ର ଗୁମର ଖୋଲୁଛି**




# ପଞ୍ଚଦଶ ଅର୍ଥ ଆୟୋଗ ଦେଇଛନ୍ତି ୪୪୪ କୋଟି

**୨୦୨୫-୨୬ ଆର୍ଥିକବର୍ଷ**

ଭୁବନେଶ୍ୱର,୩।୧୧ (ରବିନାରାୟଣ ଜେନା)

ଓଡ଼ିଶାର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସଶକ୍ତୀକରଣ ପାଇଁ କେନ୍ଦ୍ର ସରକାରଙ୍କ ପଞ୍ଚଦଶ ଅର୍ଥ ଆୟୋଗ ୨୦୨୫-୨୬ ଆର୍ଥିକବର୍ଷ ଲାଗି ୪୪୪ କୋଟିରୁ ଅଧିକ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି ବୋଲି କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ପଞ୍ଚଦଶ ଅର୍ଥ ଆୟୋଗଙ୍କ ଏହି ଅର୍ଥରେ ଓଡ଼ିଶାର ୨୦ଟି ଯୋଗ୍ୟ ଜିଲା ପରିଷଦ, ୨୯୬ଟି ଯୋଗ୍ୟ ପଞ୍ଚାୟତ ସମିତି ଏବଂ ୬,୭୩୪ଟି ଗ୍ରାମପଞ୍ଚାୟତକୁ ଦ୍ୱିତୀୟ କିସ୍ତି ମୁକ୍ତ ଅନୁଦାନ(ଅନ୍‌ଟାଏଡ ଗ୍ରାଣ୍ଟ) ଆକାରରେ ୩୪୨ କୋଟି ୫୯ ଲକ୍ଷ ୬୪ ହଜାର ଟଙ୍କା ଦିଆଯାଇଛି। ଏହାପୂର୍ବରୁ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ପ୍ରଥମ କିସ୍ତିରେ ୧୦୧ କୋଟି ୭୮ ଲକ୍ଷ ୧୫ ହଜାର ଟଙ୍କା ଓଡ଼ିଶାକୁ ପ୍ରଦାନ କରାଯାଇଥିଲା। ସେଥିରେ ୨୦ଟି ଯୋଗ୍ୟ ଜିଲା ପରିଷଦ, ୨୩୩ଟି ପଞ୍ଚାୟତ ସମିତି ଏବଂ ୬୪୯ଟି ଗ୍ରାମପଞ୍ଚାୟତର ଅନୁଷ୍ଠାନକୁ ସୁଦୃଢ଼ କରିବା ସହିତ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଉନ୍ନତି କରିବା ପାଇଁ ଅର୍ଥ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜଳଶକ୍ତି ମନ୍ତ୍ରଣାଳୟ (ପାନୀୟ ଜଳ ଏବଂ ପରିମଳ ବିଭାଗ) ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗ୍ରାମୀଣ ସ୍ଥାନୀୟ ସଂସ୍ଥାର ବିକାଶ ପାଇଁ ରାଜ୍ୟଗୁଡ଼ିକୁ ପଞ୍ଚଦଶ ଅର୍ଥ ଆୟୋଗଙ୍କ ମାଧ୍ୟମରେ ଅନୁଦାନ ପ୍ରଦାନ କରିବାକୁ ସୁପାରିସ କରିଥା'ନ୍ତି। ଅର୍ଥ ମନ୍ତ୍ରଣାଳୟ ପରବର୍ତ୍ତୀ ସମୟରେ ପ୍ରତି ଆର୍ଥିକବର୍ଷରେ ଦୁଇଟି କିସ୍ତିରେ ଏହି ଅନୁଦାନ ପ୍ରଦାନ କରିଥାଏ। ଦରମା ଏବଂ ପ୍ରତିଷ୍ଠାନ ଖର୍ଚ୍ଚକୁ ବାଦ୍ ଦେଇ ଜନସାଧାରଣଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗ୍ରାମୀଣ ସ୍ଥାନୀୟ ସଂସ୍ଥା ଏହି ଅନ୍‌ଟାଏଡ୍ ଗ୍ରାଣ୍ଟ ବା ମୁକ୍ତ ଅନୁଦାନକୁ ଖର୍ଚ୍ଚ କରିଥାନ୍ତି। ଅନ୍ୟପକ୍ଷରେ ଟାଏଡ୍ ଗ୍ରାଣ୍ଟ ବା ବନ୍ଧିତ ଅନୁଦାନକୁ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଓଡିଏଫ୍ ସ୍ଥିତିର ରକ୍ଷଣାବେକ୍ଷଣ ଭଳି ଅତ୍ୟାବଶ୍ୟକ ସେବା ସହିତ ପାନୀୟ ଜଳ ଯୋଗାଣ, ବର୍ଷାଜଳ ଅମଳ ଏବଂ ଜଳ ପୁନଃଚକ୍ରଣ ପାଇଁ ବ୍ୟବହାର କରାଯାଇଥାଏ।

## ଅଲ୍ ଇଣ୍ଡିଆ ଆଦିବାସୀ କଂଗ୍ରେସ ଆଡ୍‌ଭାଇଜରି କାଉନ୍‌ସିଲ କମିଟିରେ ଓଡ଼ିଶାରୁ ୫

ଭୁବନେଶ୍ୱର/ରାୟଗଡ଼ା,୩।୧୧ (ରବିନାରାୟଣ ଜେନା/ଆଶିଷ ରଞ୍ଜନ ପଣ୍ଡା)

ଅଲ୍ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ସୋମବାର ଆଦିବାସୀ କଂଗ୍ରେସ ଆଡ୍‌ଭାଇଜରି କାଉନ୍‌ସିଲ ଓ ସ୍ୱତନ୍ତ୍ର ନିମନ୍ତ୍ରିତ କମିଟି ଗଠନ ହୋଇଛି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖାର୍ଗେଙ୍କ ଅନୁମୋଦନକ୍ରମେ ଅଧ୍ୟକ୍ଷ ବିଧାୟକ ଡ. ବିକ୍ରାନ୍ତ ଭୁରିଆ ଜାରି କରିଥିବା ଆଦିବାସୀ କଂଗ୍ରେସ ଆଡ୍‌ଭାଇଜରି କାଉନ୍‌ସିଲ କମିଟିରେ ଓଡ଼ିଶାରୁ ୫ଜଣ ମନୋନୀତ ହୋଇଛନ୍ତି। ସେଥିମଧ୍ୟରେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକାଙ୍କ ସହିତ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ସୁଶୀଳା ତିରିଆ, ନାଗାର୍ଜୁନ ପ୍ରଧାନ ଓ ପରମା ପୂଜାରୀ ରହିଛନ୍ତି। ଏହାକୁ ନେଇ କାଡାମ କହିଛନ୍ତି, ଆଗାମୀ ଦିନରେ ଆଦିବାସୀଙ୍କ ନ୍ୟାୟ ଓ ବିକାଶ କ୍ଷେତ୍ରରେ ଏହି କମିଟି ତା'ର ଗୁରୁଦାୟିତ୍ୱ ନିଶ୍ଚିତ ଭାବେ ନିର୍ବାହ କରିବ।

## ଲମ୍ବା ଶାସନରେ ଲୋକଙ୍କ ପାଇଁ କ'ଣ କରିଛନ୍ତି କୁହନ୍ତୁ: ମନମୋହନ

**ନବୀନଙ୍କ ନୂଆପଡ଼ା ଗସ୍ତ ପରେ ଭାଜପା ରାଜ୍ୟ ସଭାପତିଙ୍କ ପ୍ରତିକ୍ରିୟା**

ଭୁବନେଶ୍ୱର, ୩।୧୧(ସୁନିତ୍ ମିଶ୍ର)

ରାଜ୍ୟରେ ଲମ୍ବା ସମୟ ଶାସନ କରିବା ବେଳେ ଲୋକଙ୍କ ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ କ'ଣ କରିଛନ୍ତି ତାହା କୁହନ୍ତୁ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି। ନବୀନଙ୍କ ନୂଆପଡ଼ା ଗସ୍ତ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନମୋହନ କହିଛନ୍ତି, ଗୋଟିଏ ଦଳର ସଭାପତି ଭାବେ ନବୀନ ପ୍ରଚାର କରିବାକୁ ଯିବା ସ୍ୱାଭାବିକ। ବରଂ ସେ ନୂଆପଡ଼ାରେ ଯାଇ କୁହନ୍ତୁ। ଦୀର୍ଘବର୍ଷ ଶାସନରେ ରହିବା ଭିତରେ କ'ଣ ସବୁ କରିଛନ୍ତି ସେକଥା ସେଠାରେ ଲୋକଙ୍କୁ କୁହନ୍ତୁ। କ୍ଷମତାରେ ଥିବା ଭିତରେ ନୂଆପଡ଼ାର ଯେଉଁସବୁ ଅଞ୍ଚଳକୁ ଯାଇପାରି ନାହାନ୍ତି ସେସବୁ ସ୍ଥାନକୁ ଏବେ ଯାଆନ୍ତୁ ବୋଲି ମନମୋହନ କହିଛନ୍ତି।

ମନମୋହନ ଆହୁରି କହିଛନ୍ତି, ୨୪ ବର୍ଷ ଧରି ବିଜେଡି କ୍ଷମତାରେ ରହିବା ପରେ ସାଧାରଣ ଲୋକ ସେମାନଙ୍କ ରାୟ ଦେଇସାରିଛନ୍ତି। ଲୋକପ୍ରିୟତା ଯଦି ଥିଲା ସରକାର କାହିଁକି ଚାଲିଗଲା। ଗତ ନିର୍ବାଚନରେ ବିଜେଡି ଆସନ ସଂଖ୍ୟାକୁ ଲୋକମାନେ ଅଧାରୁ ଆହୁରି କାହିଁକି କମାଇଦେଲେ। ଆଦର୍ଶଗତ ଲଢ଼େଇରେ ଭାଜପା ସବୁବେଳେ ବିଶ୍ୱାସ କରେ, ବ୍ୟକ୍ତିଗତ ଟିପ୍ପଣୀରେ ତାଙ୍କ ଦଳ ଭରସା କରେନାହିଁ। ଏକ ବିଚାରଧାରାକୁ ନେଇ ଭାଜପା ଲମ୍ବା ସମୟ ପର୍ଯ୍ୟନ୍ତ କାମ କରିଆସୁଛି। ବ୍ୟକ୍ତିଗତ ତର୍କବିତର୍କରେ ଭାଜପା କେବେହେଲେ ରହେ ନାହିଁ ବୋଲି ମନମୋହନ କହିଛନ୍ତି।

# ମାନବ ଶରୀର ଉପରେ 'ଅରୁଗୁଣ ଉଦ୍ଭିଦ'ର ବିଷାକ୍ତ ପ୍ରଭାବ

ଭୁବନେଶ୍ୱର, ୩।୧୧ (ବନ୍ଦନା ସେଠୀ)

ଓଡ଼ିଶା ସମେତ ଭାରତରେ ଦେଖିବାକୁ ମିଳୁଥିବା ସାଇକାଡ୍ ବା ସ୍ଥାନୀୟ ଭାଷାରେ ଜଣାଶୁଣା 'ଅରୁଗୁଣ ବା ଭେରୁ ଉଦ୍ଭିଦ' ମଣିଷ ଶରୀର ପାଇଁ କ୍ଷତିକାରକ। ଏହାର ଫଳ ଓ ଅନ୍ୟ ଅଂଶଗୁଡ଼ିକର ବିଷାକ୍ତ ପ୍ରଭାବ ରହିଛି। ଏନେଇ ଏମ୍‌ସ ଭୁବନେଶ୍ୱରର ଗବେଷଣା ଟିମ୍ ସୂଚନା ଦେବା ସହ ସତର୍କ କରିଛି। ଏବେ ଓଡ଼ିଶାର ବିଭିନ୍ନ ଜଙ୍ଗଲ ସମେତ ଖୋର୍ଦ୍ଧା, ଢେଙ୍କାନାଳ ଆଦି କେତେକ ଜିଲାରେ ଏହି ଉଦ୍ଭିଦ ପ୍ରାଚୀନ କାଳରୁ ରହି ଆସିଛି। କିଛି ଲୋକ ଏହି ଗଛର ଫଳକୁ ଖାଦ୍ୟ ଭାବେ ବ୍ୟବହାର କରୁଛନ୍ତି। ପିଠା ତିଆରି କରି ଖାଇବା ସହ ପୂଜାପର୍ବ ଓ ରୀତିନୀତିରେ ବ୍ୟବହାର କରୁଛନ୍ତି। ତେବେ ଗବେଷଣା କରୁଥିବା ବିଶେଷଜ୍ଞମାନେ ଅରୁଗୁଣ ଉଦ୍ଭିଦର ବିଷାକ୍ତ ପ୍ରଭାବ ଜାଣିବା ପରେ ଚିନ୍ତାବ୍ୟକ୍ତ କରିବା ସହ ଏହା ଉପରେ ବିଶ୍ୱସ୍ତରୀୟ ଗବେଷଣା ଆରମ୍ଭ କରିଛନ୍ତି।

ତଥ୍ୟ ଅନୁଯାୟୀ, ଏହି ଉଦ୍ଭିଦର ବିଭିନ୍ନ ପ୍ରଜାତିରେ ନ୍ୟୁରୋଟକ୍ସିନ ଚିହ୍ନଟ ହୋଇଛି। ଜାପାନ ସମେତ ବିଭିନ୍ନ ରାଷ୍ଟ୍ରରେ ଏହି ଉଦ୍ଭିଦକୁ ଖାଦ୍ୟ ଭାବେ ବ୍ୟବହାର କରୁଥିବା ଲୋକେ ନାନା ରୋଗର ଶିକାର ହେଉଥିବା ପ୍ରମାଣିତ ହୋଇସାରିଛି। ତେବେ ବିଭିନ୍ନ ଜଟିଳ ସ୍ନାୟୁବିକ (ନ୍ୟୁରୋଲୋଜିକାଲ) ରୋଗର ବର୍ଦ୍ଧିତ ଘଟଣା ସହିତ ସିଧାସଳଖ ଜଡିତ କି ନାହିଁ ତାହାକୁ ନେଇ ଏମ୍‌ସ ଟିମ୍ ପକ୍ଷରୁ ଗବେଷଣା ଆରମ୍ଭ ହୋଇଛି। ଏମ୍‌ସ ଭୁବନେଶ୍ୱରର ନ୍ୟୁରୋଲୋଜି ବିଭାଗ, ଅଙ୍କୋଲୋଜି, ରେଡିଓଲୋଜି, କମ୍ୟୁନିଟି ମେଡିସିନ୍, ପାଥୋଲୋଜି, ଡର୍ମାଟୋଲୋଜି ବିଭାଗ ସମେତ ପୋର୍ଟଲ୍ୟାଣ୍ଡ ଓରେଗନ୍ ସ୍ୱାସ୍ଥ୍ୟ ଏବଂ ବିଜ୍ଞାନ ବିଶ୍ୱବିଦ୍ୟାଳୟର ନ୍ୟୁରୋସାଇଣ୍ଟିଷ୍ଟ ପ୍ରଫେସର ପିଟର ଏସ୍. ସ୍ପେନ୍ସର ଏବଂ ପ୍ରଫେସର ଭ୍ୟାଲେରି ଏସ୍ ପାଲ୍‌ମର, ଫ୍ରାନ୍ସର ଷ୍ଟ୍ରାସବର୍ଗ ବିଶ୍ୱବିଦ୍ୟାଳୟ ନ୍ୟୁରୋଲୋଜି ବିଭାଗର ପୂର୍ବତନ ପ୍ରଫେସର ଜ୍ୟାକ ରେଇସ, ଲସ୍‌ଏଞ୍ଜେଲସ୍ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଡା. ରାଜର୍ଷି ମଜୁମଦାର ଏବଂ ଡା. ଜେସିକା ପାସ୍କୱା, ଏମ୍‌ସ ନୂଆଦିଲ୍ଲୀ ନ୍ୟୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ମଞ୍ଜରୀ ତ୍ରିପାଠୀ ପ୍ରମୁଖ ଏହା ଉପରେ ଅଧିକ ଗବେଷଣା କରୁଛନ୍ତି। ଏହି କ୍ରମରେ ବିଶ୍ୱସ୍ତରୀୟ ବିଶେଷଜ୍ଞମାନେ ଖୋର୍ଦ୍ଧା ଜିଲାର ଧୂଆନାଳି ଏବଂ ଢେଙ୍କାନାଳ ଜିଲାର କାମାକ୍ଷାନଗରର ଗଙ୍ଗାମୁଣ୍ଡା, ସୁଆଗିନାଳି ଗ୍ରାମଗୁଡ଼ିକୁ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଅଞ୍ଚଳରେ ସ୍ଥାନୀୟ ଆଦିବାସୀ ଲୋକେ ପାରମ୍ପରିକ ଖାଦ୍ୟ ଉତ୍ସ ଭାବରେ ସାଇକାଡ ଗଛ ଉପରେ ମୁଖ୍ୟତଃ ନିର୍ଭରଶୀଳ। ଏହା ଖାଇବାରୁ ସୃଷ୍ଟି ହେଉଥିବା ସମ୍ଭାବ୍ୟ ସ୍ନାୟୁ ଏବଂ ଏଥିସମ୍ପର୍କିତ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ସମ୍ପର୍କରେ ବିଶେଷଜ୍ଞମାନେ ଗ୍ରାମବାସୀ, ରୋଗୀ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ।

ଅପରପକ୍ଷେ ସମ୍ପୃକ୍ତ ଉଦ୍ଭିଦରେ କୌଣସି ବିଷାକ୍ତ ପ୍ରଭାବ ଅଛି କି ନାହିଁ, ଏହି ପ୍ରଶ୍ନର ସମାଧାନ ପାଇଁ ଜାତୀୟ, ଅନ୍ତର୍ଜାତୀୟ ବୈଜ୍ଞାନିକ ଏବଂ ଚିକିତ୍ସା ବିଶେଷଜ୍ଞଙ୍କୁ ନେଇ 'ସାଇକାଡ-ସମ୍ବନ୍ଧିତ ସ୍ନାୟୁଗତ ବ୍ୟାଧି: ଏହାର ପ୍ରତିକାର ପାଇଁ ଏକ ବହୁ-ପରିମାଣୀୟ ପଦ୍ଧତି' ଶୀର୍ଷକ ଏକ ଅନ୍ତର୍ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏମ୍‌ସ ଭୁବନେଶ୍ୱର ନ୍ୟୁରୋଲୋଜି ବିଭାଗ ଏବଂ ଉତ୍ତର-ପୂର୍ବ ହିଲ ବିଶ୍ୱବିଦ୍ୟାଳୟ (ଏନ୍‌ଇଏଚ୍‌ୟୁ) ଶିଲଂ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ସାଇକାଡ୍ ସହିତ ଜଡ଼ିତ ଗମ୍ଭୀର ସ୍ୱାସ୍ଥ୍ୟ ବିପଦ ଉପରେ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସଙ୍କ ସହ ବିଶ୍ୱସ୍ତରୀୟ ବିଶେଷଜ୍ଞମାନେ ଯୋଗଦେଇଥିଲେ। ଏହି ପ୍ରାଚୀନ ଉଦ୍ଭିଦ ପ୍ରଜାତି ୩୦୦ ନିୟୁତ ବର୍ଷରୁ ଅଧିକ ସମୟ ଧରି ଡାଇନୋସର ସହିତ ରହିଥିଲା। ଏବେ ପ୍ରାୟତଃ ଆଳଙ୍କାରିକ ଉଦ୍ଭିଦ ଭାବରେ ବ୍ୟବହୃତ ହେଉଛି। ଏହି ସାଇକାଡ ପ୍ରଜାତିରେ ସାଇକାସିନ ଏବଂ ମିଥାଇଲାଜୋକ୍ସିମେଥାନଲ ସମେତ ଶକ୍ତିଶାଳୀ ବିଷାକ୍ତ ପଦାର୍ଥ ଥାଏ। ଏହି ବିଷାକ୍ତ ପଦାର୍ଥଗୁଡ଼ିକ ଆମେରିକାର ଗୁଆମ ଉପଦ୍ୱୀପ ଏବଂ ଜାପାନର କିଓିଉପଦ୍ୱୀପରେ ପାରମ୍ପରିକ ଖାଦ୍ୟର ଏକ ଅଂଶ ଭାବେ ବ୍ୟବହାର ହେଉଛି। ତେବେ ଏହା ପାର୍କିନସନ, ଡିମେନ୍ସିଆ ଭଳି ଜଟିଳ ସ୍ନାୟୁଗତ ରୋଗ ସୃଷ୍ଟି କରୁଥିବା ପ୍ରମାଣିତ ହୋଇଥିବା ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।





**ସତର୍କ କଲା, ବିଶ୍ୱସ୍ତରୀୟ ଗବେଷଣା ଆରମ୍ଭ କଲା ଏମ୍‌ସ**

ଖୋର୍ଦ୍ଧା, ଢେଙ୍କାନାଳ ଜିଲାକୁ କ୍ଷେତ୍ର ପରିଦର୍ଶନ କଲେ ବିଶେଷଜ୍ଞ

## 'ଧରିତ୍ରୀ' ଟିକାବାଲି ଖବରଦାତାଙ୍କ ପରଲୋକ



ଗଗନ ବିହାରୀ ପଟ୍ଟନାୟକ

ଫୁଲବାଣୀ, ୩।୧୧(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଟିକାବାଲି ବ୍ଲକ୍ 'ଧରିତ୍ରୀ' ଖବରଦାତା ଗଗନ ବିହାରୀ ପଟ୍ଟନାୟକ(୫୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ପରଲୋକ ଘଟିଛି। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ କିଛି ଦିନ ଧରି ଚିକିତ୍ସିତ ହେଉଥିଲେ। ୨ ବର୍ଷ ହେବ ସେ 'ଧରିତ୍ରୀ'ର ଟିକାବାଲି ପ୍ରତିନିଧି ଭାବେ କାମ କରିଆସୁଥିଲେ। କୋଭିଡ୍ ସମୟରେ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା। ଏବେ ତାଙ୍କର ଅକାଳ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କର ଏକ ମାତ୍ର ଝିଅ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗଗନ ବିଜେଡି ଦଳର ତୃଣମୂଳ ନେତା ଭାବେ ମଧ୍ୟ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ବହୁ ଖବରଦାତାଙ୍କ ସହ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## 'ହବିଷିଆଳି ଆମ ସଂସ୍କୃତି, ପରମ୍ପରାର ବାର୍ତ୍ତାବହ'

ପୁରୀ,୩।୧୧(ଅଜିତ କୁମାର ମହାନ୍ତି)



ହବିଷିଆଳିମାନଙ୍କୁ କିଟ୍ ପ୍ରଦାନ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ପ୍ରତ୍ୟେକ ହବିଷିଆଳି ମା' ଆମ ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ। ମା' ସୁଭଦ୍ରା ପ୍ରେମ, କରୁଣା, ସମତା, ମମତା ଓ ସମନ୍ୱୟର ପ୍ରତୀକ ପରି ମା'ମାନେ ଜାୟା, ଜନନୀ, ଭଗିନୀ ରୂପରେ ଭକ୍ତି ଓ ସମର୍ପଣର ପ୍ରତୀକ। ମା'ମାନଙ୍କ ଧର୍ମୀୟ ଭାବନା ଓ ମହାପ୍ରଭୁଙ୍କ ପ୍ରତି ସମର୍ପଣ ଭାବ ଆମ ରାଜ୍ୟକୁ ଗୌରବାନ୍ୱିତ କରୁଥିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୋମବାର ବୃନ୍ଦାବତୀ ନିବାସ ହବିଷିଆଳି କେନ୍ଦ୍ରରେ ହବିଷିଲିଆ ମା'ମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଏହା କହିଛନ୍ତି।

ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ, ହବିଷିଆଳି ମା'ମାନେ ଅତ୍ୟନ୍ତ ନିଷ୍ଠାର ସହ ଏହି ବ୍ରତକୁ ପାଳନ କରୁଛନ୍ତି। ଭୋରରୁ ସ୍ନାନ, ବୃନ୍ଦାବତୀ ପୂଜନ, ମନ୍ଦିର ଦର୍ଶନ, ଗୋଟିଏ ବେଳା ମହାପ୍ରସାଦ ସେବନ ସହ ମହାପ୍ରଭୁଙ୍କ ନିକଟରେ ନିଜକୁ ସମର୍ପଣ କରି ସେମାନେ ଅଶେଷ ପୁଣ୍ୟ ଅର୍ଜନ କରୁଛନ୍ତି। ହବିଷିଆଳି ମା'ମାନଙ୍କୁ ଦର୍ଶନ କରିବା ପାଇଁ ମୁଁ ଧାଇଁ ଆସିଛି। ପୂର୍ବେ କାର୍ତ୍ତିକ ମାସରେ ବହୁତ ଶୀତ ହେଉଥିଲା। କିନ୍ତୁ ଏବେ ଜଳବାୟୁ ପରିବର୍ତ୍ତନ ପାଇଁ ଶୀତ ହଜି ଗରମ ହେଉଛି। ଏହାର ପ୍ରତିକାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତ୍ୟେକଙ୍କୁ ମା'ଙ୍କ ନାମରେ ଗଛଟିଏ ଲଗାଇବାକୁ ଆହ୍ୱାନ ଦେଇଛନ୍ତି। ଏହାକୁ ଆମେ ପାଳନ କରି ଗଛ ଲଗାଇବା। ଆଜିର ସମୟରେ ଅନେକ ପିଲା ନିଜ ମା', ବାପାଙ୍କ ସେବା କରୁନାହାନ୍ତି। କିନ୍ତୁ ହବିଷିଆଳି କେନ୍ଦ୍ରରେ ଏତେ ସଂଖ୍ୟକ ମା'ଙ୍କୁ ସରକାରୀ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ଯେପରି ନିଃସ୍ୱାର୍ଥ ସେବା ଯୋଗାଇଛନ୍ତି, ତାହା ଅନନ୍ୟ। ପ୍ରଶାସନ ସମସ୍ତ ବ୍ୟବସ୍ଥାକୁ ସୁନ୍ଦର ଭାବେ ପରିଚାଳନା କରୁଛି। ଏଥିପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ହବିଷିଆଳି ମା'ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରାରମ୍ଭରେ ସେ ହବିଷିଆଳିଙ୍କ ସହ ଆକାଶ ଦୀପ ଉତ୍ତୋଳନ କରିଥିଲେ। ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି କହିଥିଲେ, ହବିଷିଆଳି ମା'ମାନଙ୍କର ଏହି ଏକ ମାସର ବ୍ରତ କେବଳ ସେମାନଙ୍କ ପରିବାରକୁ ନୁହେଁ, ସମଗ୍ର ରାଜ୍ୟକୁ ଆଶୀର୍ବାଦ ପ୍ରଦାନ କରିବ। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏହି ଏକ ମାସର କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାରେ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଯେପରି ମା'ମାନେ ବ୍ରତ ପରେ ଘରକୁ ଯିବାବେଳକୁ ସୁଖଦ ଅନୁଭୂତି ନେଇ ଫେରିବେ, ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଏସ୍‌ପି ପ୍ରତୀକ ସିଂ ଉପସ୍ଥିତ ଥିଲେ। ହବିଷିଆଳିଙ୍କୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ସ୍ୱତନ୍ତ୍ର କିଟ୍ ବଣ୍ଟନ କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରକାର ବଦଳିବା ପରେ ସ୍ଥିତି ବଦଳିଯାଇଛି: ନବୀନ

- ନୂଆପଡ଼ା ଗସ୍ତରେ ଯାଇ ସ୍ନେହାଙ୍ଗିନୀଙ୍କ ସପକ୍ଷରେ ପ୍ରଚାର କଲେ
- କୋମନା ବ୍ଲକରେ ହେଲା ବିରାଟ ସମାବେଶ

ନୂଆପଡ଼ା, ୩।୧୧ (ମକାରୁ ବେମାଲ/ପୀତାମ୍ବର ସାହୁ)



କୋମନା ବ୍ଲକର ତାରାବୋଡ଼ ଧାନମଣ୍ଡି ପଡ଼ିଆଠାରେ ସୋମବାର ଆୟୋଜିତ ସଭାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି।

ବିଜେଡି ସରକାର ସମୟରେ ନୂଆପଡ଼ା ଜିଲାର ପ୍ରଭୂତ ଉନ୍ନତି ହୋଇଥିଲା। ବିଜୁ ଏକ୍ସପ୍ରେସ ୱେଠାରୁ ଆରମ୍ଭକରି ଭଲ ପିଇବା ପାଣି, ୧୦ ହଜାର ହେକ୍ଟରରୁ ଅଧିକ ଜମିକୁ ପାଣି ଦିଆଯାଇଛି। ସୁନାବେଡ଼ା ଅଭୟାରଣ୍ୟର ଲୋକଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା। କିନ୍ତୁ ରାଜ୍ୟରେ ଭାଜପା ସରକାର ଆସିବା ପରେ ପରିସ୍ଥିତି ପୂରା ବଦଳିଯାଇଛି। ସାରା ରାଜ୍ୟରେ ବର୍ତ୍ତମାନ ବିକାଶ କାମ ପୂରା ବନ୍ଦ ହୋଇଯାଇଛି। ରାଜ୍ୟର ଆଇନଶୃଙ୍ଖଳା ପୂରା ଭୁଶୁଡ଼ି ଯାଇଛି। ନାରୀ ଅତ୍ୟାଚାର ସବୁ ସୀମା ଟପିଲାଣି। ଭାଇଚାରାର ରାଜ୍ୟ ଭାବେ ଓଡ଼ିଶାର ଯେଉଁ ସୁନାମ ଥିଲା ତାହା ଏବେ ନଷ୍ଟ ହୋଇଗଲାଣି ବୋଲି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି।

ନୂଆପଡ଼ା ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। ଏହି ଉପନିର୍ବାଚନରେ ତ୍ରିମୁଖୀ ଲଢ଼େଇ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହାରି ଭିତରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଲାଗି ପ୍ରଚାର କରିବା ପାଇଁ ନବୀନ ସୋମବାର ପ୍ରଥମ ଥର ନୂଆପଡ଼ା ଗସ୍ତ କରିଛନ୍ତି। କୋମନା ବ୍ଲକର ତାରାବୋଡ଼ ଧାନମଣ୍ଡି ପଡ଼ିଆଠାରେ ସୋମବାର ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ସିଧାସଳଖ ଭାଜପାକୁ ସେ ଟାର୍ଗେଟ କରିଛନ୍ତି। ସେ ପ୍ରଥମେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନୂଆପଡ଼ା ଜିଲା ଗଠନରେ ବିଜୁ ବାବୁଙ୍କ ଅବଦାନ ବିଷୟରେ ସ୍ମରଣ କରିଥିଲେ। ଏହି ଅବସରରେ ଲୋକଙ୍କୁ ଉଦ୍‌ବୋଧନ ଦେଇ ନବୀନ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଛନ୍ତି।

ନବୀନ ଆହୁରି କହିଛନ୍ତି, ମିଶନ ଶକ୍ତି ମା'ମାନେ ରାଜ୍ୟରେ ଏକ ନୀରବ ଆନ୍ଦୋଳନ ଆଣିଥିଲେ। କିନ୍ତୁ ଏ ସରକାରରେ ମିଶନ ଶକ୍ତି ମା'ମାନେ ବର୍ତ୍ତମାନ ଋଣ ପାଉନାହାନ୍ତି। ୮ ମାସ ହେଲା ମିଶନ ସେମାନେ ଦରମା ନ ପାଇବା ଦୁଃଖର ବିଷୟ। ଏ ସରକାର ଗେମ୍ ନୁହେଁ ନେମ୍ ଚେଞ୍ଜର ହୋଇଛି। ଲୋକମାନେ ଏହାକୁ ରଙ୍ଗମରା ସରକାର ବୋଲି କହୁଛନ୍ତି। ସରକାରକୁ ଆସିବା ଆଗରୁ ଭାଜପା ପ୍ରତିଶ୍ରୁତି ଦେଇଥିଲା ୩ ଶହ ୟୁନିଟ୍ ମାଗଣା ବିଜୁଳି, ସବୁ ବୃଦ୍ଧାବୃଦ୍ଧଙ୍କୁ ୩୫୦୦ ଟଙ୍କା ଭତ୍ତା, ସବୁ ପଞ୍ଚାୟତର ୧୦୦ ଯୁବତୀ ଯୁବକଙ୍କୁ ଚାକିରି, ଚାଷୀଙ୍କୁ ଯୁରିଆ ସାର ମିଳିବା, କଟ୍‌ନିଛଟ୍‌ନି ବନ୍ଦ ହେବା, ବିଏସ୍‌କେୱାଇ ପରିବର୍ତ୍ତେ ଆୟୁଷ୍ମାନ କାର୍ଡ ଭଲ ସୁବିଧା ଦେବ ବୋଲି କହିଥିଲେ। ଏସବୁ ସୁବିଧା ଲୋକଙ୍କୁ କେତେ ମିଳିଛି ବୋଲି ସେ ପଚାରି ବୁଝିଥିଲେ। ଭାଜପା ଭୋଟ ଚୋରି କରି ସରକାର ଗଢ଼ିଥିଲା। ଏବେ ନୂଆପଡ଼ାରେ ପ୍ରାର୍ଥୀ ଚୋରି କରିଛନ୍ତି। ନୂଆପଡ଼ାବାସୀ, ବିଜେଡି ଓ ତାଙ୍କ ସହ ବେଇମାନି ହୋଇଛି। ଏଥିପାଇଁ ଲୋକଙ୍କ ମନରେ କ୍ରୋଧ ଅଛି। ଏ ବିଶ୍ୱାସଘାତକତାର ଜବାବ ନୂଆପଡ଼ାବାସୀ ଭୋଟରେ ଦେବେ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ଭାଜପାରେ ମିଶିଲେ ଅମର ପଟ୍ଟନାୟକ

- ନୂଆପଡ଼ାରେ ଅମର ପ୍ରଚାର କଲେ ନବୀନ ତାଙ୍କ ସ୍ଥିତି କଥା ଜାଣିବେ: ମୁଖ୍ୟମନ୍ତ୍ରୀ
- ରାଷ୍ଟ୍ର ନିର୍ମାଣ କଥା ଚିନ୍ତା କଲାବେଳେ ଭାଜପା ଛଡ଼ା ଅନ୍ୟ ଦଳ କଥା ଆସିଲାନି: ଅମର

ଭୁବନେଶ୍ୱର, ୩।୧୧(ସୁନିତ୍ ମିଶ୍ର)



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେଡି ନେତା ଅମର ପଟ୍ଟନାୟକଙ୍କୁ ସ୍ୱାଗତ କରୁଛନ୍ତି।

ବିଜେଡିର ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ବରିଷ୍ଠ ନେତା ଅମର ପଟ୍ଟନାୟକ ସୋମବାର ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ଗୋଟିଏ ପଟେ ନୂଆପଡ଼ାରେ ପ୍ରଚାର କରିବା ଲାଗି ବିଜେଡି ସଭାପତି ନବୀନ ପଟ୍ଟନାୟକ ଯାଉଥିବା ବେଳେ ଅନ୍ୟପଟେ ଅମର ଆସି ଭାଜପାରେ ଯୋଗଦେବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ଅମର ପଦ୍ମ ଧରିଛନ୍ତି। ଅମରଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ରାଜନୈତିକ ଯାତ୍ରାରେ ଅମର ଜଣେ ବୌଦ୍ଧିକ ବ୍ୟକ୍ତିତ୍ୱ। ପୂର୍ବରୁ ସେ ବିଜେଡିରେ ରହି ସ୍ୱର ଉଠାଉଥିଲେ ସତ, କିନ୍ତୁ ଖୋଲା ହୃଦୟରେ ପ୍ରଶସ୍ତ ଭାବେ କାର୍ଯ୍ୟ କରିପାରୁ ନ ଥିଲେ। ଭାଜପାରେ ଯୋଗଦେବା ପରେ ସେ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରିବେ। ନୂଆପଡ଼ା ଉପନିର୍ବାଚନ ମଇଦାନରେ ଯେତେବେଳେ ପ୍ରଥମ ଥର ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି, ସେତିକିବେଳେ ତାଙ୍କ ଦଳର ବରିଷ୍ଠ ନେତା ଅମର ପଟ୍ଟନାୟକ ଭାଜପାରେ ସାମିଲ ହୋଇଛନ୍ତି। ଅମର ବାବୁ ଯେତେବେଳେ ନୂଆପଡ଼ାରେ ଯାଇ ପ୍ରଚାର କରିବେ ସେତେବେଳେ ନବୀନ ବାବୁ ତାଙ୍କ ସ୍ଥିତି ବିଷୟରେ ଜାଣିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅମର କହିଛନ୍ତି, ତାଙ୍କ ୮ ବର୍ଷର ରାଜନୈତିକ ଜୀବନ ଭିତରେ ଏହା ହେଉଛି ଏକ ବିଶେଷ ମୁହୂର୍ତ୍ତ। ଲୋକଙ୍କ ସହ ମିଶି ଜନସେବା କରିବା ପାଇଁ ସେ ଚାକିରି ଛାଡ଼ିଥିଲେ। ଯେତେବେଳେ ରାଜ୍ୟ ସଭାରେ ସୁଯୋଗ ମିଳିଲା, ସେତେବେଳେ ଓଡ଼ିଶାର ଜନସାଧାରଣଙ୍କ ଦାବି କେନ୍ଦ୍ର ନିକଟରେ ଉପସ୍ଥାପନ କରିବା ପାଇଁ ସେ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଛନ୍ତି। କିନ୍ତୁ ଯେତେବେଳେ ରାଷ୍ଟ୍ର ନିର୍ମାଣ କଥା ଚିନ୍ତାକଲେ ସେତେବେଳେ ଭାଜପା ଛଡ଼ା ଅନ୍ୟ କୌଣସି ଦଳ ନଜରକୁ ଆସି ନ ଥିଲା ବୋଲି ସେ କହିଛନ୍ତି। ଦଳ ପକ୍ଷରୁ ତାଙ୍କୁ ଯେଉଁ କାମରେ ନିୟୋଜନ କରାଯିବ ତାହାକୁ ସେ ସୁଚାରୁ ରୂପେ ସମ୍ପାଦନ କରିବେ ବୋଲି କହିଛନ୍ତି।

### ସୁବିଧାବାଦୀ ରାଜନୀତିର ଆଉ ଏକ ଉଦାହରଣ: ବିଜେଡି

ଭୁବନେଶ୍ୱର, ୩।୧୧(ସୁନିତ୍ ମିଶ୍ର)

ଅମର ପଟ୍ଟନାୟକଙ୍କ ଭାଜପାରେ ଯୋଗଦାନର କୌଣସି ପ୍ରଭାବ ପଡ଼ିବ ନାହିଁ ଏବଂ ସୁବିଧାବାଦୀ ରାଜନୀତିର ସେ ଆଉ ଏକ ଉଦାହରଣ ସୃଷ୍ଟି କଲେ ବୋଲି ବିଜେଡି ଅଭିଯୋଗ କରିଛି। ସୋମବାର ଶଙ୍ଖ ଭବନଠାରେ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଅମରଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜ୍ୟ ସଭାକୁ ପଠାଇବା ସହ ଦଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରି ରାଜନୈତିକ ପରିଚୟ ଦେଇଥିଲେ। ୨୦୨୪ ନିର୍ବାଚନରେ ଭାଜପାର ଭୋଟ ଚୋରି ବାବଦରେ ସମସ୍ତ ତଥ୍ୟ ସହ ନିର୍ବାଚନ କମିଶନଙ୍କ ନିକଟରେ ବିଜେଡି ପକ୍ଷରୁ ଅଭିଯୋଗ ଦାୟର ହୋଇଥିଲା, ଯେଉଁଥିରେ ଅମର ପ୍ରମୁଖ ଭୂମିକା ନେଇଥିଲେ। ବର୍ତ୍ତମାନ ସେ ଭାଜପାରେ ସାମିଲ ହେଲା ପରେ ଭୋଟ ଚୋରି ସମ୍ପର୍କରେ ଅମର ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ। ଅବସର ଗ୍ରହଣ ପରେ ବିଜେଡି ଆଦର୍ଶ ତଥା ନବୀନ ବାବୁଙ୍କ ନେତୃତ୍ୱକୁ ସର୍ବଦା ପ୍ରଶଂସା କରିଆସୁଥିବା ଅମର ବର୍ତ୍ତମାନ ରାଷ୍ଟ୍ର ନିର୍ମାଣ କରିବା ପାଇଁ ଭାଜପାରେ ଯୋଗଦେଲି ବୋଲି କହିବା ହାସ୍ୟାସ୍ପଦ ବୋଲି ଲେନିନ୍ କହିଛନ୍ତି।

## ପଥରରେ ଛେଚି ଯୁବକଙ୍କୁ ହତ୍ୟା

ସମ୍ବଲପୁର,୩।୧୧(ପ୍ରମୋଦ ବହିଦାର): ସମ୍ବଲପୁର ଜିଲା ହୀରାକୁଦ ଥାନା ଅନ୍ତର୍ଗତ ଗାନ୍ଧୀ ନଗରପଡ଼ାରେ ସୋମବାର ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଗାନ୍ଧୀ ନଗରପଡ଼ାର କାଲୁ ବାହାଦୁର(୩୨)। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ରାତି ପ୍ରାୟ ସାଢ଼େ ୮ଟାରେ କାଲୁ ଏକ ବାଇକ୍‌ରେ ଯାଉଥିବାବେଳେ ଓ୍ୱେସ୍କୋ ଅଫିସ ପାଖରେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ସେ ତଳେ ପଡିଯିବା ପରେ ସେମାନେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଚିତ୍ରକଳା ଓ ସ୍ଥାପତ୍ୟ ପ୍ରଦର୍ଶନୀ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସିଆର୍‌ଆର୍‌ଆଇ ଏବଂ ସିଏବିଆଇ ପକ୍ଷରୁ ଆୟୋଜିତ ଷ୍ଟେକ୍‌ହୋଲ୍ଡର କନ୍‌ସଲଟେଶନ ଓ୍ୱାର୍କସପ୍, ସ୍ଥାନ: ହୋଟେଲ ମେଫେୟାର, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ନବଗ୍ରହ ମନ୍ଦିର ଓ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ନବଗ୍ରହଙ୍କ ସ୍ନାନ, ସ୍ଥାନ: ଶହୀଦନଗରସ୍ଥିତ ଶ୍ରୀସାଇ ନାଥଙ୍କ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଶରତ ଉତ୍ସବ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- କିଶୋର କୁମାର ଦାସଙ୍କ ପୁସ୍ତକ ପଜିଟିଭ୍ ଫିଲିଙ୍ଗସ୍ ଉନ୍ମୋଚନ, ସ୍ଥାନ: ହୋଟେଲ ଅନ୍ନପୂର୍ଣ୍ଣା, ଆଇଆର୍‌ସି ଭିଲେଜ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଦର୍ପଣ ନୃତ୍ୟାନୁଷ୍ଠାନ ପକ୍ଷରୁ ଅଦ୍ୱୈତ ନୃତ୍ୟ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୩ଟା ୩୦।
- ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ସ୍ୱର୍ଣ୍ଣାଭ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା: ୬ଟା।
- ସତ୍‌ସଙ୍ଗ ମହୋତ୍ସବ ଉପଲକ୍ଷେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଚକେଇସିଆଣୀସ୍ଥିତ ପାଦୁକା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ମା ଖରାଖାଇ ବ୍ୟବସାୟୀ ସଂଘ ଓ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ପାଲା ପରିବେଷଣ, ସ୍ଥାନ: ହଂସପାଳ ଛକସ୍ଥିତ ମା' ଖରାଖାଇ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।
- ୧୯ତମ ଚନ୍ଦ୍ରଶେଖରପୁର ବୋଇତ ବନ୍ଦାଣ ସଭା, ସ୍ଥାନ: ପ୍ରୋଜେକ୍ଟ ଓ୍ୱାଟର, ଲୁମ୍ବିନୀ ବିହାର, ଚନ୍ଦ୍ରଶେଖରପୁର, ସମୟ: ସନ୍ଧ୍ୟା ୭ଟା।
- ୪୪ତମ ବାର୍ଷିକ କାର୍ତ୍ତିକେଶ୍ୱର ପୂଜା ପାଳନ ଅବସରରେ ଅପେରା ପାର୍ଟି ଦ୍ୱାରା ଫିଂ-ସେଲରେ ନାଟକ ପରିବେଷଣ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମ ୪ନଂ ୱାର୍ଡ ରୁଦ୍ରପୁର -ସୁନ୍ଦରାପାଟଣା ଗ୍ରାମ ପୂଜା ମଣ୍ଡପ, ସମୟ: ରାତି ୧୧ଟା।

**ଖୋର୍ଦ୍ଧା**
- ବଡ଼ଓଷା ଯାତ୍ରା, ସ୍ଥାନ: ଶ୍ରୀଧବଳେଶ୍ୱର ମନ୍ଦିର, ଗୁରୁଜଙ୍ଗ, ସମୟ: ସକାଳ ୬ଟା।
- ବଡ଼ଓଷା ପରବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁଜଙ୍ଗ ମେଲଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ପୁରୀ**
- ଶିକ୍ଷାବିତ ପ୍ରାଣକୃଷ୍ଣ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଭଗବତୀ ବିଦ୍ୟା ନିକେତନ, ସମୟ: ସନ୍ଧ୍ୟା ୬ଟା।
- ସାକ୍ଷୀଗୋପାଳ ଧବଳେଶ୍ୱର ମେଳା, ସ୍ଥାନ: ବୀରରାମଚନ୍ଦ୍ରପୁର, ଚତୁର୍ଥ ଖଣ୍ଡି, ସମୟ: ସକାଳ ୭ଟା।
- ପଞ୍ଚକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ମା' ମାଉସୀମା ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।
- କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୫', ସ୍ଥାନ: ଜିଲା ସ୍କୁଲ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଜାତୀୟ ପ୍ରେସ୍ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବାହାର୍ଦ୍ଧା ଡାକବଙ୍ଗଳା, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଉଚ୍ଚଡିହାଗାଦି ଗୋସ୍ୱାଇଁ ମଠ, ବାସୁଦେବପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଚରମ୍ପା ରେଲ୍‌ୱେ ପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ କଳସ ପୂଜା ଆରମ୍ଭ, ସ୍ଥାନ: ମତୋ କଚେରି ପୋଖରୀ, ଚାନ୍ଦବାଲି, ସମୟ: ଅପରାହ୍ନ ୪ଟା।
- ରାମଚରିତ ମାନସ ଉଦ୍‌ଯାପନୀ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ଆମ ପରମ୍ପରା ଅନୁଷ୍ଠାନର ବୋଇତ ବନ୍ଦାଣ ଉତ୍ସବର ରୌପ୍ୟ ଜୟନ୍ତୀ ଉଦ୍‌ଘାଟନୀ, ସ୍ଥାନ: କାଳୀପଡ଼ିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ସାଂସଦ ଖେଳ ମହୋତ୍ସବ ଦ୍ୱିତୀୟ ଦିନ, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ : ସକାଳ ୮ଟା।
- ବିଜେଡିର ଜନ ସମ୍ପର୍କ ପଦଯାତ୍ରା, ସ୍ଥାନ: କେନ୍ଦେଇପୋଷି, ପାଟଣା, ସମୟ: ସକାଳ ୮ଟା।
- ବଡ଼ଓଷା ପୂଜା, ସ୍ଥାନ: ବଡ଼ବିଲ, ହରିହର ମନ୍ଦିର ପ୍ରାଙ୍ଗଣ, ସମୟ : ରାତି ୧୦ ଟା।

**ମୟୂରଭଞ୍ଜ**
- ଜାହିରା ପୂଜା, ସ୍ଥାନ:ହଳଦୀପାଳ ସମାଇଡ଼ିହି ପୀଠ, ମୋରଡ଼ା,ସମୟ: ପୂର୍ବାହ୍ନ ୯ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ ଘଟ ଉତ୍ତୋଳନ, ସ୍ଥାନ:ଝିଙ୍କିରିଆ, ମୋରଡ଼ା, ସମୟ:ମଧ୍ୟାହ୍ନ ୧୨ଟା।
- ଶ୍ରୀ ଜଗନ୍ନାଥ ଦିବ୍ୟାଙ୍ଗ ସେବା କେନ୍ଦ୍ର ଉଦ୍‌ଘାଟନ,ସ୍ଥାନ:ଶ୍ରୀଦାମଚନ୍ଦ୍ରପୁର ସେବା କେନ୍ଦ୍ର ପରିସର, ଉଦଳା,ସମୟ:ମଧ୍ୟାହ୍ନ ୧୨ଟା୩୦।
- ଜଗଧାତ୍ରୀ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ମେଗା ରକ୍ତଦାନ ଶିବିର, ସ୍ଥାନ: କେସି ହାଇସ୍କୁଲ ପଡିଆ, ସମୟ: ସକାଳ ୮ଟା ୩୦।
- ୫୧ କୁଣ୍ଡିୟ ବୈଦିକ ମହାଯଜ୍ଞ, ସ୍ଥାନ: ପାଡ଼ି ସେଲିବ୍ରେସନ, ଗିରିରୋଡ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଗଞ୍ଜାମ**
- ବିଦ୍ୟାଳୟ ସମୂହ ଦୌଡ଼କୁଦ ଓ ଯୋଗାସନ ପ୍ରତିଯୋଗିତା, ସ୍ଥାନ: ଛତ୍ରପୁର ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ଖମାରୀ ଗାଁ ପଞ୍ଚାୟତ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ଯୁବ ନେତୃତ୍ୱ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ବିସି କଲେଜ, କେନ୍ଦୁପଦର, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଖାରିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ଯୁବ ନେତୃତ୍ୱ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ବିସି କଲେଜ, କେନ୍ଦୁପଦର, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭା ଗୃହ, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ ଟା।

**ଗଜପତି**
- ସାଇବର ଠକେଇ ସଚେତନ, ସ୍ଥାନ: ମୋହନା ଥାନା ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ୯୨ ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କାମାକ୍ଷାନଗର ପୁରୁଣା ଆଳତୁମା କରଣସାହି, ସମୟ: ସନ୍ଧ୍ୟା ୬ ଟା।
- ୯୦ ତମ ପ୍ରତିବାର୍ଷିକ ବାଲ୍ୟଲୀଳା, ସ୍ଥାନ: କାମାକ୍ଷାନଗର ଆଳତୁମା ଅଲେଖ ଟୁଙ୍ଗି, ସମୟ ସନ୍ଧ୍ୟା ୬ ଟା।

**ଅନୁଗୋଳ**
- ବୋଇତ ବନ୍ଦାଣ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସକାଳ ୯ଟା।
- ବାବା ଧବଳେଶ୍ୱରଙ୍କ ବଡ଼ଓଷା ପୂଜାଉତ୍ସବ, ସ୍ଥାନ: ଆଠମଲ୍ଲିକ ଲିପିଲୋଇ ମହାଦେବ ମନ୍ଦିର, ସମୟ : ଅପରାହ୍ନ ୧ଟା।
- ବଡ଼ଓଷା ପାଳନ, ସ୍ଥାନ: ରାଜକିଶୋରପଡ଼ା ସର୍ପେଶ୍ୱର ମନ୍ଦିର, ସମୟ: ଅପରାହ୍ନ ୪ଟା।
- ବଡ଼ଓଷା ପର୍ବ ପାଳନ, ସ୍ଥାନ : ଆଠମଲ୍ଲିକ ରାମେଶ୍ୱର ପାଟଣା ମହାଦେବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ନିଃଶୁଳ୍କ ଅପେରା ପରିବେଷଣ, ସ୍ଥାନ: ଆଠମଲ୍ଲିକ ମହାଦେବ ମନ୍ଦିର ସମ୍ମୁଖ ଲିପିଲୋଇ, ସମୟ : ରାତି ୧୦ଟା।

**କେନ୍ଦ୍ରାପଡ଼ା**
- ଆର୍ଥିକ ଅନିୟମିତତା ବିରୋଧରେ ଶାସନ ପଞ୍ଚାୟତବାସୀଙ୍କ ଗଣଧାରଣା, ସ୍ଥାନ:ବ୍ଲକ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା।
- କଇଁଛ ସୁରକ୍ଷା ସଚେତନତା ଶିବିର, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ କାର୍ଯ୍ୟାଳୟ, ଶାସନପେଟା, ମହାକାଳପଡା, ସମୟ:ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ବ୍ରଜେନ୍ଦ୍ର ହାଇସ୍କୁଲ ନୟାଗଡ, ସମୟ ; ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ଉଦ୍‌ଯାପନ ଦିବସରେ ପୂର୍ଣ୍ଣାହୂତି, ସ୍ଥାନ: ଜଳେଶ୍ୱର ମହାଦେବଙ୍କ ପୀଠ, ମାଳିସାହି ଡିହଗାଁ, ସମୟ: ସକାଳ ୬ରୁ ରାତ୍ର ୧୦.୩୦
- ଜଗନ୍ନାଥ ମହପ୍ରଭୁଙ୍କ ପଞ୍ଚକର ୩ୟ ଦିବସରେ କାଞ୍ଚି କାବେରୀ ବେଶ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା।

**ନବରଙ୍ଗପୁର**
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ଦହଣାର ବାଲୁଙ୍କେଶ୍ୱର ଶିବ ମନ୍ଦିର, ସମୟ: ସକାଳ ୮ଟା ୩୦।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସମନ୍ୱୟ କମିଟି ବୈଠକ, ସ୍ଥାନ: ନବରଙ୍ଗପୁର ଆଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଆୟାପ୍ପା ଦୀକ୍ଷାଧାରୀଙ୍କ ପକ୍ଷରୁ ଆମ୍ୱଲାମ ଓ ଅଗ୍ନି ପୂଜା, ସ୍ଥାନ: ଉମରକୋଟ ଗୁଲୁପାଟଣା, ସମୟ: ସନ୍ଧ୍ୟା ୮ଟା।

**କୋରାପୁଟ**
- ଜିଲା ରାଜସ୍ୱ ବୈଠକ, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- କୋରାପୁଟ ବିଜ୍ଞାନ କେନ୍ଦ୍ରରେ ଏପିଓଙ୍କ ତାଲିମ କର୍ମଶାଳା, ସ୍ଥାନ: କୋରାପୁଟ ବିଜ୍ଞାନ କେନ୍ଦ୍ର, ସୁନାବେଡ଼ା,ସମୟ: ପୂର୍ବାହ୍ନ ୧୧ ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା ୪୦।
- କୋଲାବ ଜଳଭଣ୍ଡାରରେ ଜଳ କ୍ରୀଡ଼ା ଆରମ୍ଭ ନେଇ ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା ୩୦।
- କୋରାପୁଟ ଅକାଂକ୍ଷା ଜିଲା ନେଇ ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।
- ଗଞ୍ଜେଇ ଗଛ ନଷ୍ଟ ନେଇ ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

**ମାଲକାନଗିରି**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ବୁଟିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାଲକାନଗିରି, ସମୟ: ସକାଳ ୧୦ଟା।

**ସମ୍ବଲପୁର**
- ଭାଗବତ ସପ୍ତାହ ଜ୍ଞାନଯଜ୍ଞ, ସ୍ଥାନ: ମୁଦିପଡା ପଦ୍ମକେଶରୀ ପାର୍କ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଭାଷା ମାନ୍ୟତା ସକାଶେ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ କଥା ପ୍ରବଚନ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟାରୁ ରାତି ୭ଟା।

**ରାଉରକେଲା**
- ୨୮ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଚତୁର୍ଥ ସନ୍ଧ୍ୟା ସମାରୋହ,ସ୍ଥାନ ;ଭଭବନ ମୁକ୍ତାକାଶ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।।
- ବୋଇତ ବନ୍ଦାଣ ଉଦଯାପନୀ ସମାରୋହ,ସ୍ଥାନ:ସେକ୍ଟର-୨ ଯାତ୍ରା ପଡିଆ,ସମୟ: ସନ୍ଧ୍ୟା ୭ଟା

**ସୁନ୍ଦରଗଡ଼**
- ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଚୟନ ଶିବିରର ଉଦଯାପନ ଶିବିର,ସ୍ଥାନ: ଯତରା ପଡିଆ, ସୁନ୍ଦରଗଡ,ସମୟ:ଅପରାହ୍ନ ୪ଟା।

**ବରଗଡ଼**
- ଭାଗବତ ପଠନ, ସ୍ଥାନ:ତଳି ଟାମ୍ପରସରା, ଅତାବିରା, ସମୟ: ସକାଳ ୯ଟା।
- ବାଲିଯାତ୍ରା ଉତ୍ସବ, ସ୍ଥାନ: ଖଇରପାଲି, ଅତାବିରା, ସମୟ: ଅପରାହ୍ନ ୧ଟା।
- ରାଜ୍ୟସ୍ତରୀୟ ରାସ ଉତ୍ସବ, ସ୍ଥାନ:ନୂଆପାଲି, ସମୟ:ଅପରାହ୍ନ ୩ଟା।
- ବିରାଟ ବାଲିଯାତ୍ରା ଉତ୍ସବ,ସ୍ଥାନ:ଖୁଣ୍ଟପାଲି, ବରଗଡ଼, ସମୟ: ଅପରାହ୍ନ ୩ଟା
- ରାସ ଉତ୍ସବ, ସ୍ଥାନ:ଭୋଇପାଲି, ଅତାବିରା, ସମୟ: ଅପରାହ୍ନ ୩ଟା।

**ବୌଦ୍ଧ**
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ବୌଦ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଭୈରବୀଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: ତାକୁଡ, ସମୟ: ଅପରାହ୍ନ ୨ଟା।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ପାତାଳି ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲକ୍ଷ୍ମୀନୃସିଂହ ବେଶ, ସ୍ଥାନ: କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ମା ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

**ନୂଆପଡ଼ା**
- ରାହାସ ଲୀଳା ପରିବେଷଣ ଓ ପୁରାଣ କଥା, ସ୍ଥାନ: ଖଡିଆଳ ବ୍ରାହ୍ମଣପଡ଼ା, ସମୟ: ସକାଳ ୬ଟା ଓ ରାତ୍ର ୮ଟା।
- ଶ୍ରୀକୃଷ୍ଣ କଳା ପରିଷଦ ପକ୍ଷରୁ ଶ୍ରୀକୃଷ୍ଣ ଲୀଳା, ସ୍ଥାନ: ଖଡିଆଳ ବ୍ଲକ ନେହେନା ଗାଁ, ସମୟ: ସକାଳ ୬ଟା ୩୦ ଓ ରାତି ୮ଟା।
- ଶ୍ରୀ ରାଧାମାଧବ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ କଲୋନୀପଡ଼ା, ସମୟ: ରାତ୍ର ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶନି ସହ ଚନ୍ଦ୍ରଙ୍କ ସଂଯୋଗ ନିରୁତ୍ସାହିତ କରିପାରେ। ଧାର୍ମିକ କାର୍ଯ୍ୟରେ ବ୍ୟୟ ସାଙ୍ଗକୁ ଆନୁଷଙ୍ଗିକ ସହଯୋଗ ଅଭାବରୁ କୌଣସି କାମ ସମ୍ପନ୍ନ କରି ନ ପାରନ୍ତି। ଅବଶ୍ୟ କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ୍ ହେବେ। ଆଜି ବୃଥା ତର୍କ ନ କରି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ**
କର୍ମାଧିପ ଗୁରୁଙ୍କ ଦୃଷ୍ଟିରେ ଥିବାରୁ କର୍ମାରମ୍ଭ ପ୍ରତିପ୍ରଦ ରହିବା ସାଙ୍ଗକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ଉନ୍ନତି କରିବେ। ବନ୍ଧୁଙ୍କ ନିକଟରୁ ଯାହା ପାଉଛନ୍ତି ତାହାକୁ ଆଦରର ସହ ଗ୍ରହଣ କରିବା ଭଲ । ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ**
ଆପଣଙ୍କ ଯୁକ୍ତିଯୁକ୍ତ ମତମନ୍ତବ୍ୟକୁ ବନ୍ଧୁମାନେ ବିରୋଧକଲେ ମଧ୍ୟ ସଫଳତା ଅବଶ୍ୟମ୍ଭାବୀ। ପାରିବାରିକ କ୍ଷେତ୍ରରେ ସମସ୍ୟା ରହିବ, କିନ୍ତୁ ହଠାତ୍ କୌଣସି ପଦକ୍ଷେପ ନେଲେ ଝମେଲା ବଢ଼ିଯିବ। ଜମିଜମା ବିବାଦ କିମ୍ବା କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଶିଳ୍ପ, ପରିବହନରେ ସଫଳତା ପାଇବେ।

**କର୍କଟ**
ଉନ୍ନତ ଚିନ୍ତାଧାରା ସାଙ୍ଗକୁ ଗଠନମୂଳକ ପରାମର୍ଶ ବନ୍ଧୁ ଗହଣରେ ଗ୍ରହଣୀୟ ହେବ। ଛୋଟ କଥାକୁ ନେଇ ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ ଅଭିଯୋଗ ଆଣିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହାକି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିବ। ବାଣିଜ୍ୟ, ପରିବହନ ଓ ସଙ୍ଗଠନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ**
ଧନ ସ୍ଥାନରେ କେତୁଗ୍ରହ ପ୍ରଭାବରେ ଆର୍ଥିକ ସମସ୍ୟା ମଧ୍ୟରେ ପିଲାଙ୍କ ଅଭିଯୋଗକୁ ନେଇ ମନ ଅସ୍ଥିର ରହିବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ସରକାରୀ ଆଦେଶ ପ୍ରାପ୍ତହୋଇ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରିସ୍ଥିତି ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ହୋଇଯିବ।

**କନ୍ୟା**
ଭାଗ୍ୟସ୍ଥାନକୁ ରାଶ୍ୟାଧିପ ଦେଖୁଥିବାରୁ କୌଣସି ଶୁଭ ଖବର ପାଇବେ। ଯାତ୍ରା ସମୟରେ ପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବା ହେତୁ ବିରକ୍ତି ଅନୁଭବ କରିବେ। ଆଜି ସୁଦ୍ଧା ପାଇପାରି ନ ଥିବା ଜିନିଷଟି ପାଇ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ।

**ତୁଳା**
ସ୍ୱଗୃହୀଜନିତ ଆଜି ଯାହା ଓ ଯେମିତି ଚାହୁଁଛନ୍ତି ସେମିତି କାମ କରନ୍ତୁ, କିନ୍ତୁ ବିବାଦରୁ ଦୂରେଇରହନ୍ତୁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ପ୍ରଶାସନିକ ସ୍ତରରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା**
ଶନିଙ୍କ ଦୁର୍ବଳତା ହେତୁ ପରିବାରର ବିଭିନ୍ନ ସମସ୍ୟା ମୂଳକ ବିଷୟ ଚିନ୍ତାକରି ମାନସିକ ସୁସ୍ଥତା ରହିବ ନାହିଁ। ସହକର୍ମୀଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣାରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ**
ଅଷ୍ଟମସ୍ଥ ବୃହସ୍ପତି ପ୍ରଭାବରେ ବିଭିନ୍ନ ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଗୁପ୍ତକଥା, କଳାଧନ, କଚେରି ମାମଲା ସମ୍ପର୍କିତ ଅଯଥା ଚିନ୍ତା କରିପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବାର ପ୍ରଯତ୍ନ କରିପାରନ୍ତି । ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ।

**ମକର**
ରାହୁ ମୁଖମଣ୍ଡନ କରିଥିବାରୁ ମୂଲ୍ୟହୀନ କଥାରେ ବିତର୍କକରି ପରିବାରରେ କଳହ ଲାଗିପାରେ। ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ର, ଜମିଜମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**କୁମ୍ଭ**
ଧନାଧିପ ଦ୍ୱିତୀୟକୁ ଅବଲୋକନ କରୁଥିବାରୁ ବନ୍ଧୁଙ୍କ ନିକଟରୁ ପ୍ରାପ୍ତି ଆଶା ନିରର୍ଥକ ହେବ ନାହିଁ। ନିଜ ପରିସରରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ,ଏଣୁ ସତର୍କ ରହିବା ଭଲ। କଠୋର ପରିଶ୍ରମ କାରଣରୁ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ ।

**ମୀନ**
ଭାଗ୍ୟଭାବସ୍ଥ ବୁଧ ଓ ମଙ୍ଗଳ ପ୍ରଭାବରେ କୌଣସି ବନ୍ଧୁଙ୍କ ସାହାଯ୍ୟରୁ ଯାନବାହନ, ନୂତନ ମେଶିନେରି ଜିନିଷ କିଣିପାରନ୍ତି। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ଫଳରେ ମନ ଏକପ୍ରକାର ହାଲୁକା ରହିବ। ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ସମ୍ପନ୍ନ ହୋଇଯାଇପାରେ।

ଆଜି ନଭେମ୍ବର ୪ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ବା ଡାଳକିଆ ବେଶ, କଳ୍ପବୃକ୍ଷୋତ୍ସବ, କାର୍ତ୍ତିକ ଶୁକ୍ଳପକ୍ଷର ବୈକୁଣ୍ଠ ଚତୁର୍ଦ୍ଦଶୀ ମଙ୍ଗଳବାର,ବଡ଼ଓଷା। ରାଶିନକ୍ଷତ୍ର-ଦିବା ଘ.୧୨।୩୩ମି. ପର୍ଯ୍ୟନ୍ତ ରେବତୀ/ମୀନ, ତା'ପରେ ଅଶ୍ୱିନୀ/ମେଷ, ଚତୁର୍ଦ୍ଦଶୀର ଏକୋଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ମଙ୍ଗଳ ଚତୁର୍ଦ୍ଦଶୀ ସ୍ନାନ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ଦିବା ଘ.୦୫।୫୨ ଗତେ, ଘ.୦୬।୩୭ ମଧ୍ୟେ, ଘ.୦୮।୪୧ ମି. ଗତେ, ଘ.୧୧।୦୭ ମି. ମଧ୍ୟେ ଶୁଦ୍ଧ ଶୁଭବେଳା।

## ଚୌଦ୍ୱାର ଜେଲରେ... ପ୍ରଥମ ପୃଷ୍ଠାରୁ...

ଠାକୁର ଆସିଥିଲେ। ମାନସିକ ଭାରସାମ୍ୟ ହରାଇ ପବିତ୍ର ଆତ୍ମହତ୍ୟା କରିଥାଇପାରିଥାନ୍ତି। ଜେଲ ମଧ୍ୟରେ ଏବେ ବି ଅନେକ ସୁରକ୍ଷାଗତ ତ୍ରୁଟି ରହିଛି ଓ ସବୁ ଗଳାବାଟକୁ ବନ୍ଦ କରାଯିବ ବୋଲି ଏଡିଜି ଠାକୁର କହିଛନ୍ତି। ଏହାସହ ଏଡିଜି ଠାକୁର ଜେଲ କର୍ମଚାରୀ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ସୂଚନା ମୁତାବକ, ପବିତ୍ର ଏକ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗତ ସେପ୍ଟେମ୍ବରରେ ଅନ୍ୟ ଜେଲରୁ ସ୍ଥାନାନ୍ତର ହୋଇ ଏଠାକୁ ଆସିଥିଲେ। ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ପବିତ୍ର ନିଜ ଗାମୁଛାରେ ଜେଲ ଭିତର ପାଇଖାନା ପଛପଟେ ଝୁଲୁଥିବା ସୁରକ୍ଷା କର୍ମୀ ଦେଖିବାକୁ ପାଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନାଯୋଗ୍ୟ, ଚୌଦ୍ୱାର ସର୍କଲ ଜେଲରୁ ଗତ ମାସରେ ବିହାରର ୨ଜଣ କଏଦୀ ପାଚେରି ଡେଇଁ ଫେରାର ହୋଇଯାଇଥିବାବେଳେ ଜଣେ କଏଦୀଙ୍କ ଥାଳି ମାଡ଼ରେ ଅନ୍ୟ ଜଣେ କଏଦୀ ଗୁରୁତର ଆହତ ହୋଇଥିବା ଭଳି ଘଟଣା ଘଟିଛି। ଚୌଦ୍ୱାର ସର୍କଲ ଜେଲ ୧୧୬୫ କ୍ଷମତା ବିଶିଷ୍ଟ ହୋଇଥିବା ବେଳେ ଏବେ ଏଠାରେ ୯୦୦ କଏଦୀ ରହୁଛନ୍ତି। ସେମାନଙ୍କ ପାଇଁ ଜେଲ ଅଧୀକ୍ଷକଙ୍କ ସମେତ ଜଣେ ଜେଲର, ୫ଜଣ ସବ୍‌ଆସିଷ୍ଟାଣ୍ଟ ଜେଲର, ୪ଜଣ ଆସିଷ୍ଟାଣ୍ଟ ଜେଲରଙ୍କ ସମେତ ୬୦ଜଣ ମହିଳା ଓ ପୁରୁଷ ୱାର୍ଡର ଅଛନ୍ତି। କଡା ସୁରକ୍ଷା ବ୍ୟବସ୍ଥା ସହିତ ସମଗ୍ର ଜେଲ ପରିସର ସିସିଟିଭି ନଜରରେ ରହିଥିବା ବେଳେ ବାରମ୍ବାର ଏଭଳି ଘଟଣା ଘଟୁଥିବା ଜେଲ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଘଟ ଘଟେଇ କହୁଛି କଥା;**
**ଗୋଟାଏ ଗଣ୍ଡିକି ଚାରିଟା ମଥା ।**

କେତେଜଣ ବ୍ୟକ୍ତି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ତଟସ୍ଥ ହୋଇଯାଏ। ଆଚମ୍ବିତ କଥା ଶୁଣି କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଗୋଟିଏ ଶରୀରରେ ଚାରିଟି ମୁଣ୍ଡ ରହିବା ଭଳି ନିହାତି ଅସମ୍ଭବ କଥା କହୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଧର୍ମ ବିତ୍ତ ବଢ଼େ ବହୁତ**
**ଗଲାବେଳେ ଯାଏ ମୂଳ ସହିତ ।**

ଧର୍ମ ଆଧାରରେ ଧନ ଅର୍ଜନ କରି ଜୀବନର ଆବଶ୍ୟକତା ପୂରଣ କରିବାକୁ ଶାସ୍ତ୍ର ନିର୍ଦ୍ଦେଶ ଦେଇଛି। ଅଧର୍ମ ଉପାୟ ଦ୍ୱାରା ଧନ ଅର୍ଜନ କରାଯାଇପାରେ ମାତ୍ର ଏହି ଧନ କେବେ ସ୍ଥାୟୀ ହୋଇ ରହିପାରି ନ ଥାଏ। ଅନ୍ୟାୟ ଦ୍ୱାରା ଅର୍ଜିତ ଧନ ନିଶ୍ଚିତ ଭାବେ ନଷ୍ଟ ହୋଇଯାଏ। ଏହି ନଷ୍ଟ ଯୋଗୁ ବ୍ୟକ୍ତି ତା'ର ମୂଳଧନକୁ ମଧ୍ୟ ହରାଇଥାଏ। ଅନ୍ୟାୟ ଉପାୟରେ ଧନ ଆହରଣ କରିବା ଦ୍ୱାରା ବ୍ୟକ୍ତିର ସମୃଦ୍ଧି ନଷ୍ଟ ହେବା ସହ ତା'ର ମାନ ସମ୍ମାନ ସବୁ ମାଟିରେ ମିଶିଯାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସୁଦାନରେ ଓଡ଼ିଆ...

ସୁଦାନ ଯିବା ପୂର୍ବରୁ ଗୁଜରାଟରେ କାମ କରୁଥିଲେ। ୨୦୨୨ରେ ସେ ସୁଦାନ ଯାଇ ସେଠାରେ ଏକ ପ୍ଲାଷ୍ଟିକ କମ୍ପାନୀରେ କାମ କରୁଥିଲେ। ଗୃହଯୁଦ୍ଧ ଯୋଗୁ କମ୍ପାନୀ ବନ୍ଦ ହୋଇ ଯାଇଥିଲା। ପ୍ରାୟ ୧ ସପ୍ତାହ ପୂର୍ବରୁ କମ୍ପାନୀ ମାଲିକ ଆଦର୍ଶଙ୍କ ସମେତ ଅନ୍ୟମାନଙ୍କୁ ଡାକି କମ୍ପାନୀ କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ତା'ପରେ ଆଦର୍ଶ କାମରେ ଯୋଗ ଦେଇଥିଲେ। ଏହାପରେ ବିଦ୍ରୋହୀମାନେ ତାଙ୍କୁ ଅପହରଣ କରି ଅନ୍ୟତ୍ର ରଖିଛନ୍ତି। ସେଠାରେ ଆଦର୍ଶଙ୍କୁ ଖାଇବା, ପିଇବା ଠିକ୍ ଭାବେ ଦିଆଯାଉନାହିଁ ବୋଲି ପରିବାର ପକ୍ଷରୁ କୁହାଯାଇଛି। ତାଙ୍କୁ ନିରାପଦରେ ଉଦ୍ଧାର ଲାଗି ପରିବାର ପକ୍ଷରୁ ସରକାରଙ୍କ ନିକଟରେ ନିବେଦନ କରାଯାଇଛି। ଭାରତରେ ଥିବା ସୁଦାନ ରାଷ୍ଟ୍ରଦୂତ ମହମ୍ମଦ ଅବଦୁଲ୍ଲା ଅଲି ଏଲ୍‌ଟମ୍ କହିଛନ୍ତି, ଓଡ଼ିଆ ଯୁବକଙ୍କ ମୁକ୍ତି ଓ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ତାଙ୍କ ଦେଶ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ସହ ଯୋଗସୂତ୍ର ରଖି କାର୍ଯ୍ୟ କରୁଛନ୍ତି। ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ସହ ଯୋଗାଯୋଗ ରଖାଯାଇଥିବା ସେ କହିଛନ୍ତି।

## ପରିତ୍ୟକ୍ତ ଟାଙ୍କିରେ...

ମହାନ୍ତି, ବଡ଼ମ୍ବା ଅତିରିକ୍ତ ତହସିଲଦାର ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ଏଥିସହ ଜିଲା ରେଡ୍‌କ୍ରସ୍ ସହାୟତା ପାଣ୍ଠି ତରଫରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଖବରପାଇ ଭାଜପା ନେତା ବିଭୁଦତ୍ତ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏଭଳି ଦୁଃଖଦ ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ୧୭ ମାସରେ ୧୪ ଶୁଣାଣି...

ପ୍ରକାଶ ପାଇଛି। ଏସଂକ୍ରାନ୍ତରେ ଅକ୍ଟୋବର ୨୯ରେ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି, ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ୨୦୨୪ ଜୁଲାଇ ପହିଲାରେ ପ୍ରଥମ ଜନଅଭିଯୋଗ ସାକ୍ଷାତରେ ନେଇଥିଲେ; ଯେଉଁଥିରେ କି ସିଧାସଳଖ ୧୦୦୦ ଆବେଦନ ଗ୍ରହଣ କରାଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ହେଉଛି ନାଗରିକ କୈନ୍ଦ୍ରିକ। ଏଥିପ୍ରତି ଲୋକଙ୍କ ବହୁ ଆଶା ଓ ଭରସା ରହିଛି। ଏହା ମାଧ୍ୟମରେ ସମାଜର ବହୁ ଲୋକ ବିଶେଷ ଭାବେ ଉପକୃତ ହୋଇପାରୁଛନ୍ତି। ଅଦ୍ୟାବଧି ମୁଖ୍ୟମନ୍ତ୍ରୀ ୧୪ଥର ଜନଅଭିଯୋଗ ଶୁଣାଣି କରି ୧୨ହଜାର ୯୫୦ ଅଭିଯୋଗ ଗ୍ରହଣ କରିଛନ୍ତି।

ସୁରେନ୍ଦ୍ର କୁମାର ଦର୍ଶାଇଛନ୍ତି, ଜୁଲାଇ ପହିଲାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ୧୪୨୦ଟି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୧୪୧୧ଟିର ଫଇସଲା ହୋଇଛି। ଉକ୍ତଦିନର ୯୯% ଅଭିଯୋଗର ସମାଧାନ ହୋଇଥିଲେ ବି ୯ଟିର କାହିଁକି ସମାଧାନ ହୋଇନାହିଁ ତାହା ବୁଝାପଡୁନାହିଁ। ସେହିପରି ଜୁଲାଇ ୧୫ରେ ୧୬୩୨ ଅଭିଯୋଗ ମଧ୍ୟରୁ ୧୬୦୯ଟିର ଫଇସଲା ହୋଇଥିବାବେଳେ ୨୩ଟି ବାକି ରହିଥିବାବେଳେ ଅଗଷ୍ଟ ୫ରେ ସର୍ବାଧିକ ୨୩୪୯ଟି ଅଭିଯୋଗ ମଧ୍ୟରୁ ୨୩୦୯ଟିର ଫଇସଲା ହୋଇଛି।

ସେହିପରି ସେପ୍ଟେମ୍ବର ୨୩ରେ ୭୨୭ରୁ ୭୧୦ଟିର ଫଇସଲା ହୋଇଥିବାବେଳେ ଅକ୍ଟୋବର ୨୧ରେ ୭୧୪ରୁ ୬୯୭, ଡିସେମ୍ବର ୧୬ରେ ୫୦୩ରୁ ୪୮୬, ୨୦୨୫ ଫେବୃଆରୀ ୩ରେ ୭୦୬ରୁ ୬୭୫, ମାର୍ଚ୍ଚ୩ରେ ୬୪୦ରୁ ୫୮୭, ଏପ୍ରିଲ ୨୧ରେ ୮୫୭ରୁ ୮୧୫, ମେ' ୧୯ରେ ୬୬୦ରୁ ୬୦୩ଟିର ଫଇସଲା ହୋଇଛି। ହେଲେ ୨୦୨୫ ଜୁଲାଇ ୭ରେ ୬୨୨ଟି ଅଭିଯୋଗ ମଧ୍ୟରୁ ୪୯୫ଟି ଫଇସଲା ହୋଇଛି, ଯାହା କି ମାତ୍ର ଫଇସଲା ହାର ୮୦ ପ୍ରତିଶତ ରହିଛି। ଜୁଲାଇ ୨୮ରେ ୭୩୬ରୁ ୫୪୩ଟିର ଫଇସଲା ହୋଇଥିବାବେଳେ ୧୯୩ଟି ବକେୟା ରହିଛି। ଅଗଷ୍ଟ ୧୧ରେ ଶେଷଥର ପାଇଁ ହୋଇଥିବା ଅଭିଯୋଗ ଶୁଣାଣିରେ ୬୯୮ରୁ ମାତ୍ର ୪୩୪ଟିର ଶୁଣାଣି ହୋଇଛି। ଅଭିଯୋଗ ଫଇସଲା ହାର ମାତ୍ର ୬୨ ପ୍ରତିଶତ ରହିଛି। ଏହାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ତେଣୁ ତୁରନ୍ତ ବକେୟା ଥିବା ଅଭିଯୋଗର ଫଇସଲା କରି ୧୫ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ସୁରେନ୍ଦ୍ର କୁମାର ପତ୍ରରେ ଦର୍ଶାଇଛନ୍ତି।

## ଚାଇନା, ପାକିସ୍ତାନ...

ନିର୍ଭରଯୋଗ୍ୟତାକୁ ସୁନିଶ୍ଚିତ କରିବା ନିମନ୍ତେ ପରୀକ୍ଷା ଜରୁରୀ ବୋଲି ଟ୍ରମ୍ପ୍ ଆମେରିକାର ଅଣୁଅସ୍ତ୍ର ପରୀକ୍ଷା ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇବାକୁ ଯାଇ କହିଛନ୍ତି। ସୂଚନାଯୋଗ୍ୟ, ଆମେରିକା ସେନା ନିୟମିତ ଭାବେ ଅଣୁଅସ୍ତ୍ରବାହୀ କ୍ଷେପଣାସ୍ତ୍ର ପରୀକ୍ଷା ଜାରି ରଖିଥିଲା। ୧୯୯୨ରୁ ଏହି ପରୀକ୍ଷାକୁ ବନ୍ଦ ରଖିଛି। ସାକ୍ଷାତ୍‌କାରରେ ଟ୍ରମ୍ପ୍ ପୁଣିଥରେ ଭାରତ-ପାକିସ୍ତାନ ସଂଘର୍ଷ ରୋକିବା ଦାବି ଦୋହରାଇଛନ୍ତି। ଇତିମଧ୍ୟରେ ୮ଟି ଯୁଦ୍ଧ ବନ୍ଦ କରିଥିବା ସେ ଦାବି କରିଛନ୍ତି।

## ପ୍ରଚାର ପାଇଁ ଲୋକ...

ଗତ ରବିବାର କଂଗ୍ରେସର ଏକ ବାଇକ୍ ରାଲି କରାଯାଇଥିଲା। ଏହା ଟାନୱାଟ ଛକରୁ ଆରମ୍ଭ ହୋଇ ଖରିଆର ରୋଡ୍ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ପ୍ରାୟ ୫ ଶହରୁ ଅଧିକ ବାଇକ୍ ଆସିଥିଲା। ଏମାନଙ୍କୁ ଖାଇବା ପିଇବା ଦେଇ ଜଣ ପିଛା ଟଙ୍କା ମଧ୍ୟ ଦିଆଯାଇଥିବା ଦିଆମୁଣ୍ଡା ଗ୍ରାମର ଜଣେ ବ୍ୟକ୍ତି ପ୍ରକାଶ କରିଛନ୍ତି।

ସେହିପରି ସୋମବାର କୋମନା ବ୍ଲକର ତରବୋଡରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ ନିର୍ବାଚନୀ ସଭାରେ ଯୋଗଦେଇ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ସମାବେଶରେ ପ୍ରାୟ ୧୫ରୁ ୨୦ ହଜାର ଲୋକଙ୍କ ସମାଗମ ହୋଇଥିବା କୁହାଯାଇଥିଲା। ଏହି ସମାବେଶକୁ ଆସିଥିବା ଲୋକଙ୍କୁ ଜଣପିଛା ୨ଶହ ଟଙ୍କା ଦେଇ ଗାଡ଼ିରେ ଅଣାଯାଇଥିବା ଝଗ୍ରାହି ଗ୍ରାମର ଜଣେ ବ୍ୟକ୍ତି ଆମକୁ କହିଛନ୍ତି। ଅନୁରୂପ ଭାବେ ନବୀନଙ୍କ ସଭାକୁ ଭଣ୍ଡୁର କରିବା ପାଇଁ ଭାଜପା ମଧ୍ୟ ସମାନ ଢଙ୍ଗରେ ଏହାର ନିକଟସ୍ଥ ଗାଁଗୁଡିକରେ ସଭା ସମିତି ଆୟୋଜନ କରି ଲୋକଙ୍କୁ ଖାଇବା ପିଇବା ଦେଇ ଜଣ ପିଛା ଟଙ୍କା ମଧ୍ୟ ଦେଇଥିବା ତରବୋଡ଼ ଗ୍ରାମର ଜଣେ ମହିଳା ପ୍ରକାଶ କରିଛନ୍ତି। ଭାଜପା ଲୋକଙ୍କୁ ବିଭିନ୍ନ ସଭା ଓ ରାଲିକୁ ଆଣିବାକୁ ଜଣ ପିଛା ୨ଶହରୁ ୫ଶହ ଟଙ୍କା ଦେଉଥିବା ଭାଲଟୁକୁରୀ ପଞ୍ଚାୟତ ସରାଇପାଲି ଗ୍ରାମର ଜଣେ ବ୍ୟକ୍ତି ଆମକୁ କହିଛନ୍ତି।

ନୂଆପଡ଼ା ଉପନିର୍ବାଚନକୁ ଆଉ ସପ୍ତାହେ ରହିଲା। ଆଗକୁ ପ୍ରଚାର ଆହୁରି ସରଗରମ ହେବ। ତିନି ଦଳର ହେବିୱେଟ ନେତା ନୂଆପଡ଼ା ଆସି ପ୍ରଚାର କରିବେ। ତେଲଙ୍ଗାନାର ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଆସି କଂଗ୍ରେସ ପାଇଁ ପ୍ରଚାର କରିବେ ବୋଲି ଦଳ ସୂଚନା ଦେଇଛି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଆଗାମୀ ଦିନରେ ଆସି ନିର୍ବାଚନ ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି। ନବୀନ ପଟ୍ଟନାୟକ ଆଉ ଥରେ ଆସି ଖରିଆର ରୋଡ୍‌ରୁ ନୂଆପଡା ପର୍ଯ୍ୟନ୍ତ ରୋଡ୍ ଶୋ କରିବେ ବୋଲି ଶୁଣିବାକୁ ମିଳୁଛି। ତେବେ ଏହି ସବୁ କାର୍ଯ୍ୟକ୍ରମରେ ଲୋକଙ୍କ ଭିଡ଼ ପାଇଁ ଗାଡ଼ିମୋଟରରେ ସେମାନଙ୍କୁ ସଭାକୁ ଆଣିବା ସହିତ ଖାଦ୍ୟ ଓ ଟଙ୍କା ଦିଆଯିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏପଟେ ଲୋକେ ସଭା ସମିତିକୁ ପ୍ରତ୍ୟହ ଆସୁଥିବାରୁ ଧାନ ଅମଳ ପ୍ରକ୍ରିୟା ମଧ୍ୟ ରହିଯାଉଛି ବୋଲି ପଞ୍ଚମପୁର ଗ୍ରାମର ଦେଓନାଥ ମହାନନ୍ଦ ପ୍ରକାଶ କରିଛନ୍ତି।

**ମହିଳାଙ୍କ ବେକ କାଟିଲେ ଯୁବକ**

ବାଲେଶ୍ୱର,(ବାଞ୍ଛାନିଧି ଦେ): ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ଷ୍ଟେଶନ ଛକ ନିକଟରେ ସୋମବାର ରାତିରେ ଜଣେ ଯୁବକ ରାସ୍ତାରେ ଯାଉଥିବା ମହିଳାଙ୍କ ବେକକୁ ବ୍ଲେଡରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ଗୁରୁତର ମହିଳାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଗୁରୁତର ମହିଳା ହେଲେ ବାହାନଗା ଅଞ୍ଚଳର ଲକ୍ଷ୍ମୀ ସିଂ। ଲକ୍ଷ୍ମୀ ଓ ତାଙ୍କ ସ୍ୱାମୀ ତପନ ସିଂ ବାଲେଶ୍ୱର ରେଳ ଷ୍ଟେଶନରେ ଭିକ୍ଷାବୃତ୍ତି କରି ଗୁଜୁରାଣ ମେଣ୍ଟାନ୍ତି। ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି। ଆକ୍ରମଣକାରୀ ଯୁବକ ହେଲେ ବେଲଦା ଅଞ୍ଚଳର ସଞ୍ଜୟ ରଣା। ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି।

# ପୋଲିସ କବ୍‌ଜାରେ ସାର୍ପ ଶୁଟର କୁରୁପତି

**ପୀତବାସ ପଣ୍ଡା ହତ୍ୟା ମାମଲା**

**ସୁପାରିକିଲର ନିୟୋଜିତ କରିଥିବା ଉମା ବିଷୋୟୀ ବି ଧରାପଡ଼ିଲେ**

ବ୍ରହ୍ମପୁର,୩।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନ୍‌ଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଫେରାର ଥିବା ସାର୍ପ ଶୁଟର କୁରୁପତି ଭୂୟାଁ ଓ ସୁପାରିକିଲର ଯୋଗାଡ଼ କରିଥିବା ଉମା ବିଷୋୟୀ ସୋମବାର ଧରାପଡ଼ିଛନ୍ତି। ସେମାନେ ଓଡ଼ିଶା ବାହାରକୁ ଖସି ପଳାଉଥିବାବେଳେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ କାବୁ କରିଛି। ଉଭୟଙ୍କୁ ଏକ ଅଜ୍ଞାତ ସ୍ଥାନରେ ରଖି ମୁହାଁମୁହିଁ ଜେରା କରାଯାଉଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସାର୍ପ ଶୁଟରଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଶନ କରାଯିବ। ପୀତବାସଙ୍କୁ ହତ୍ୟା ପାଇଁ କିଏ ସୁପାରି ଦେଇଥିଲେ, ବନ୍ଧୁକ କେଉଁଠୁ ଅଣାଯାଇଥିଲା ଓ ହତ୍ୟା ପାଇଁ କେଉଁଠି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା ସେ ନେଇ ଖୋଳତାଡ଼ ଚାଲିଛି। ଏହି ମାମଲାରେ ପୂର୍ବରୁ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୪ ଜଣ ଗିରଫ ହୋଇ ଜେଲରେ ଅଛନ୍ତି। ବିକ୍ରମ ଓ ପିଣ୍ଟୁଙ୍କ ସହ ଉମାଙ୍କର କିଭଳି ସମ୍ପର୍କ ହୋଇଥିଲା ସେ ନେଇ ମଧ୍ୟ ପୋଲିସ ଟିମ୍ ତନାଘନା ଚଳାଇଛି।

ଗତ ଅକ୍ଟୋବର ୬ ତାରିଖ ରାତିରେ ପୀତବାସଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ଘର ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ରାଜନୈତିକ, ବ୍ୟବସାୟିକ ଓ ବ୍ୟକ୍ତିଗତ ଶତ୍ରୁତାରୁ ପୀତବାସଙ୍କୁ ହତ୍ୟା କରାଯାଇଥିବା ୨୨ତାରିଖରେ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍. ସ୍ପଷ୍ଟ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବିକ୍ରମ ଓ ପିଣ୍ଟୁଙ୍କ ସମେତ ୧୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାର୍ପ ଶୁଟର ଦିଗପହଣ୍ଡି ଥାନା ଅନ୍ତର୍ଗତ ବନ୍ଧପଲିର କୁରୁପତି ଓ ସୁପାରିକିଲର ନିୟୋଜିତ କରିଥିବା ସଦର ଥାନା ଅନ୍ତର୍ଗତ ବାଲିପଡ଼ାର ଉମା ଫେରାର ଥିଲେ। ପୀତବାସଙ୍କ ହତ୍ୟା ପାଇଁ ୫୦ଲକ୍ଷ ଟଙ୍କାର ଡିଲ୍ ହୋଇଥିବା ଏସ୍‌ପି କହିଥିଲେ। ଶୁଟରଙ୍କ ପାଇଁ ଉମା ଆଗୁଆ ୧୦ ଲକ୍ଷ ଟଙ୍କା ନେଇଥିଲେ। ହତ୍ୟାକାଣ୍ଡ ପାଇଁ ସେ ପ୍ରଥମେ ୨ଜଣ ବିହାରୀ ଯୁବକଙ୍କୁ ନିୟୋଜିତ କରିଥିଲେ। ଉଭୟଙ୍କୁ ଅଳକାପୁରୀ ଅଞ୍ଚଳରେ ଭଡ଼ାଘରେ ରଖାଯାଇଥିଲା। ପୀତବାସ ଜଣେ ଆଇନଜୀବୀ ଜାଣିବା ପରେ ବିହାରୀ ଯୁବକଦ୍ୱୟ ଲୁଚି ପଳାଇଥିଲେ। ଏଥିରେ ଉମା ହଡ଼ବଡେଇ ଯାଇ ବନ୍ଧପଲିର କୁରୁପତି ଓ ଚିଣ୍ଟୁ ପ୍ରଧାନଙ୍କୁ ପୀତବାସଙ୍କ ହତ୍ୟା ପାଇଁ ନିୟୋଜିତ କରିଥିଲେ। ହତ୍ୟାକାଣ୍ଡର ୫ ଦିନ ପୂର୍ବରୁ ପୀତବାସଙ୍କ ଘରଠାରୁ ୨୦୦ ମିଟର ଦୂରରେ ସେମାନେ ଭଡ଼ାଘରେ ରହିଥିଲେ। ଉଭୟେ ଘଟଣା ଘଟିବା ରାତିରେ ଘରକୁ ଫେରୁଥିବା ପୀତବାସଙ୍କ ଗାଡ଼ି ନିକଟକୁ ଆସି ପଣ୍ଡା ବାବୁ ଭଲ ଅଛନ୍ତି କି ବୋଲି ପଚାରିଥିଲେ। ପରେ କୁରୁପତି ଅତି ନିକଟରୁ ପୀତବାସଙ୍କ ଛାତିକୁ ଗୁଳିମାଡ଼ କରିବା ପରେ ସହଯୋଗୀ ଚିଣ୍ଟୁଙ୍କ ବାଇକ୍‌ରେ ଚମ୍ପଟ ମାରିଥିଲେ। ଚିଣ୍ଟୁଙ୍କୁ ପୋଲିସ ବେଙ୍ଗାଲୁରୁରୁ ଗିରଫ କରିଥିଲା। ଫେରାର ଥିବା ଉମା ଓ କୁରୁପତିଙ୍କୁ ନିଜ ଫାର୍ମ ହାଉସ୍‌ରେ ଆଶ୍ରୟ ଦେଇଥିବା ବିକ୍ରମଙ୍କ ବନ୍ଧୁ ସୁନୀଲ ହୋତାଙ୍କୁ ଗତ ୨୩ ତାରିଖରେ ପୋଲିସ ଗିରଫ କରିଥିଲା। ସେହିପରି ବିହାରୀ ଯୁବକଙ୍କୁ ବ୍ରହ୍ମପୁରରେ ନିଜ ଘରେ ଆଶ୍ରୟ ଦେଇଥିବା ଅଭିଯୋଗରେ ପୋଲିସ ଶୂନ୍ୟ ଦାସଙ୍କୁ ଗତ ୨୮ ତାରିଖରେ ଗିରଫ ପରେ ଜେଲ ପଠାଯାଇଥିଲା। ପୀତବାସ ହତ୍ୟାକାଣ୍ଡରେ ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ବିକ୍ରମଙ୍କ ସମେତ ୧୩ ଜଣ ଏବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବାବେଳେ ସୁରକ୍ଷା ଦୃଷ୍ଟିରୁ ଅଭିଯୁକ୍ତ ପିଣ୍ଟୁଙ୍କୁ ଗତ ଶୁକ୍ରବାର ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଛି।

# ଜେଲ ଗଲେ ଶଙ୍କର, ସିଲିକନ ଟେକ୍ ଲ୍ୟାବ ଏମ୍‌ଡି

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

ଭୁବନେଶ୍ୱର/ବ୍ରହ୍ମପୁର,୩।୧୧
(ସତ୍ୟଜିତ୍ ରାଉତ/ସୁବାସ ଚନ୍ଦ୍ର ପାଢ଼ୀ)


ସୁରେଶ ଚନ୍ଦ୍ର ନାୟକ


ଶଙ୍କର ପୃଷ୍ଟି

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି କେଲେଙ୍କାରୀରେ କ୍ରାଇମବ୍ରାଞ୍ଚ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କୁ ଗିରଫ କରିବା ପରେ ବଡ଼ ରହସ୍ୟ ପଦାକୁ ଆସିଛି। ଏହି ଜାଲିଆତିରେ ଶଙ୍କରଙ୍କ ସହ ସିଲିକନ୍ ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ମାଲିକ(ପ୍ରମୋଟର) ସୁରେଶ ଚନ୍ଦ୍ର ନାୟକ ସାମିଲ ଥିବା କ୍ରାଇମବ୍ରାଞ୍ଚ ପ୍ରମାଣ ପାଇବା ପରେ ତାଙ୍କୁ ସୋମବାର କ୍ରାଇମବ୍ରାଞ୍ଚ ଗିରଫ କରିଛି। ଶଙ୍କରଙ୍କୁ ଉତ୍ତରାଖଣ୍ଡରୁ ଶନିବାର ରାତିରେ ଗିରଫ ପରେ ୨ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇ କଟକ କ୍ରାଇମବ୍ରାଞ୍ଚ ଅଫିସରେ ରଖାଯାଇଥିବାବେଳେ ସୁରେଶଙ୍କୁ ମଧ୍ୟ ସେଠାକୁ ନିଆଯାଇଥିଲା। ପଚରାଉଚରା ପରେ ଉଭୟଙ୍କୁ ବ୍ରହ୍ମପୁର ନିଆଯାଇଥିଲା। ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ରୁରାଲ) କୋର୍ଟ ବିଚାରପତିଙ୍କ ଆବାସିକ କକ୍ଷରେ ଅଭିଯୁକ୍ତଦ୍ୱୟଙ୍କୁ ହାଜର କରାଯାଇଥିଲା। ସେଠାରୁ ଶଙ୍କର ଓ ସୁରେଶଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶଙ୍କର ଏବଂ ସୁରେଶଙ୍କ ବିରୋଧରେ ସମାନ ଦଫା ଲାଗିଛି।

କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏସ୍‌ଆଇ ପରୀକ୍ଷା ପରିଚାଳନାର ଦାୟିତ୍ୱ ପ୍ରାପ୍ତ ଆଇଟିଆଇ ଲିମିଟେଡ୍ ଏହି କାର୍ଯ୍ୟକୁ ସିଲିକନ୍ ଟେକ୍‌କୁ ସବ୍ ଟେଣ୍ଡର ଦେଇଥିଲା। ସୁରେଶ ହିଁ ପ୍ରଶ୍ନପତ୍ର ପ୍ରସ୍ତୁତି, ମୁଦ୍ରଣ ଏବଂ ପରିବହନ ପାଇଁ ଦାୟୀ ଥିଲେ। ତଦନ୍ତବେଳେ ଆହୁରି ଜଣାପଡ଼ିଛି ଯେ, ସୁରେଶ ହିଁ ଶଙ୍କରଙ୍କ ସହ ନିୟମିତ ଯୋଗାଯୋଗରେ ଥିଲେ। ବଡ଼ କଥା ହେଉଛି, ଶଙ୍କରଙ୍କୁ ଆଶ୍ରୟ ଦେବା ଓ ଫେରାର କରାଇବାରେ ସୁରେଶଙ୍କ ବଡ଼ ଭୂମିକା ଥିଲା। ସୁରେଶ ତାଙ୍କ ନୂଆଦିଲ୍ଲୀ କାଲକାଜୀସ୍ଥିତ କମ୍ପାନୀ ଗେଷ୍ଟ ହାଉସରେ ଶଙ୍କରଙ୍କୁ ଆଶ୍ରୟ ଦେଇଥିଲେ। ପରେ ତାଙ୍କୁ ସେହି ସ୍ଥାନରୁ ଫେରାର ହେବାକୁ ସତର୍କ କରାଇ ଗିରଫ ଓ ତଦନ୍ତ କବଳରୁ ବଞ୍ଚାଇଥିଲେ। ଯାହାକି ଉଭୟଙ୍କ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କକୁ ସ୍ପଷ୍ଟ କରିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ସଂଗଠିତ ଆପରାଧିକ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଚିହ୍ନଟ ଓ ଗିରଫ କରିବା ପାଇଁ ଅନୁସନ୍ଧାନ ଚାଲିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରାପ କ୍ୟାମେରାରେ ପୁଣି ଫସିଲା ଶିକାରୀ

**୪ ଗିରଫ, ୩ ଦେଶୀ ବନ୍ଧୁକ ଜବତ**

ନୀଳଗିରି, ୩।୧୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟରୁ ପୁଣି ଶିକାରୀଙ୍କୁ ଧରାଇ ଦେଇଛି ଟ୍ରାପ୍ କ୍ୟାମେରା। ଅହିରାଜବାଙ୍କ, ପୁରୁଣାପାଣି ବିଟ୍ ଅଞ୍ଚଳରେ ବନବିଭାଗ ପକ୍ଷରୁ ଖଞ୍ଜାଯାଇଥିବା ଗୋଟିଏ ଟ୍ରାପ୍ କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ଗତ ଅକ୍ଟୋବର ୩୧ ତାରିଖ ଅପରାହ୍ଣ ୩ଟା ୨୬ରେ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ମାଙ୍କଡ଼ପଡ଼ା ପଦାଘାଟ ଚେମଚଟା ଲଧାସାହିର ଅଭିଯୁକ୍ତ ରାବଣ କଟୁଆଳ, ମହାଦେବ କଟୁଆଳ, ଶଙ୍କର ନାୟକ, ପକୋ କଟୁଆଳ କୁଲଡ଼ିହା ରେଞ୍ଜ୍‌ରେ ଶିକାର ଉଦ୍ଦେଶ୍ୟରେ ପଶିଥିଲେ। ଟ୍ରାପ୍ କ୍ୟାମେରାରେ ଫଟୋ ରହିଯିବା ଆଶଙ୍କାରେ ୪ଟି କ୍ୟାମେରାକୁ ଭାଙ୍ଗି ନେଇଆସିଥିଲେ। ସେଥିରୁ ୨ଟିକୁ ପୋଖରୀକୁ ଫିଙ୍ଗି ଦେଇଥିବା ବେଳେ ୨ଟି ଭଙ୍ଗା କ୍ୟାମେରାକୁ ମାଟିତଳେ ପୋତି ଲୁଚାଇ ରଖିଥିଲେ। ବନବିଭାଗର ରୁଟିନ ଚେକ୍ ସମୟରେ ଘଟଣା ଜଣାପଡ଼ିବା ପରେ ସେମାନଙ୍କ ସନ୍ଧାନରେ ଲାଗିଥିଲା। ସୋମବାର ଭୋର ୫ଟା ସମୟରେ କୁଲଡ଼ିହା ବନବିଭାଗ ଓ ବରହମପୁର ପୋଲିସ ସହଯୋଗରେ ଏହି ୪ଜଣ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଗୁଳି ଭର୍ତ୍ତି ୩ ଦେଶୀ ବନ୍ଧୁକ ସମେତ ଦୁଇଟି ଭଙ୍ଗା ଏଆଇ କ୍ୟାମେରାକୁ ଜବତ କରାଯାଇଛି।


ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ।

# ଫସଲ ସୁରକ୍ଷା ପାଇଁ ହାତୀକୁ ଗୁଳି

**ଶିକାରୀ ଗିରଫ, ୩ ବନ୍ଧୁକ ଜବତ**

ଭଞ୍ଜନଗର,୩।୧୧(ବାବୁଲା ପ୍ରଧାନ)

ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ତଥାପି ହାତୀ– ମଣିଷ ବିବାଦ ଥମୁନାହିଁ। ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ମୁଜାଗଡ଼ ରେଞ୍ଜ ବାଣିଆପଲ୍ଲୀରେ ଶନିବାର ଏକ ଦନ୍ତାହାତୀ ମୃତ୍ୟୁବରଣ କରିଥିବା ଜଣାପଡ଼ିବା ପରେ ବନବିଭାଗ ପକ୍ଷରୁ ଏହାର ଖୋଳତାଡ଼ ହୋଇଥିଲା। ସୋମବାର ଏଥିରେ ସମ୍ପୃକ୍ତ ଜଣେ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଉମାକାନ୍ତ ପ୍ରଧାନ (୫୦)। ତାଙ୍କଠାରୁ ୩ଟି ବନ୍ଧୁକ ଜବତ ହୋଇଛି। ସେଥିମଧ୍ୟରେ ୨ଟି ସଚଳ ଥିବାବେଳେ ଗୋଟିଏ ଭଙ୍ଗା ବନ୍ଧୁକ ରହିଛି। ଏଥିସହ ତାଙ୍କଠାରୁ ଗୁଳି, ବିସ୍ଫୋରକ ଦ୍ରବ୍ୟ, ପାଲ ଆଦି ବିଭାଗ ଜବତ କରିଛି। ନିଜ ଫସଲକୁ ସୁରକ୍ଷା କରିବାକୁ ଯାଇ ସେ ହାତୀକୁ ଗୁଳିକରି ମାରିଥିବା ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ୯ ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ

**ସହକାରୀ ଯନ୍ତ୍ରୀ ଅଟକ**

ବାରିପଦା,୩।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଏକ ବିଦ୍ୟାଳୟର ୯ ଜଣ ନାବାଳକ ଅନ୍ତେବାସୀଙ୍କ ସହ ଜଣେ ସହକାରୀ ଯନ୍ତ୍ରୀ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ଶାମାଖୁଣ୍ଟା ବ୍ଲକ୍‌ରେ କାର୍ଯ୍ୟରତ ଉକ୍ତ ସହକାରୀ ଯନ୍ତ୍ରୀଙ୍କ ନାମରେ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ସେବତୀ ମହାନ୍ତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୨୨୧/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି।

ସୂଚନାଯୋଗ୍ୟ, ବିଦ୍ୟାଳୟରେ ଏକ ଶୌଚାଳୟ ନିର୍ମାଣ କାର୍ଯ୍ୟ ତଦାରଖ କରିବାକୁ ସହକାରୀ ଯନ୍ତ୍ରୀ ଜଣକ ରବିବାର ଆସିଥିଲେ। ବିଭିନ୍ନ ପ୍ରଲୋଭନ ଦେଖାଇ ୯ ଜଣ ଅନ୍ତେବାସୀଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ଏନେଇ କାହାକୁ କହିଲେ ଜୀବନରେ ମାରି ଦେବାକୁ ଧମକ୍ ଦେବା ସହ ଜାତିଆଣ ଆକ୍ଷେପ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ସମ୍ପୃକ୍ତ ସହକାରୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବା ବେଳେ ଏଭଳି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ହାତଗୋଡ଼ ବାନ୍ଧି ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

**ଗୁରୁତର ଅବସ୍ଥାରେ ଉଦ୍ଧାର, ଅଭିଯୁକ୍ତ ଗିରଫ**

ଆଗରପଡ଼ା,୩।୧୧(ସୁଶାନ୍ତ ଦାଶ)

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବଡ଼ମହିଷଗୋଠ ଅଞ୍ଚଳରେ ସୋମବାର ଜଣେ ୧୨ ବର୍ଷର ଆଦିବାସୀ ନାବାଳିକାଙ୍କୁ ହାତଗୋଡ଼ ବାନ୍ଧି ବଳାତ୍କାର ଉଦ୍ୟମ କରାଯାଇଛି। ଏଥିସହ ନାବାଳିକାଙ୍କୁ ହତ୍ୟା ଉଦ୍ୟମ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଗୁରୁତର ନାବାଳିକା ଏବେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ପୁରୁଷଣ୍ଡି ପଞ୍ଚାୟତ ମୁଣ୍ଡଳୀ ଗ୍ରାମରୁ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଥିବା ବେଳେ ତାଙ୍କ ନାମ ଗୋପନ ରଖାଯାଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୦୫/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ସକାଳ ୬ଟା ବେଳେ ନାବାଳିକା ଜଣକ ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟସ୍ଥ କେନାଲକୁ ଶୌଚ ପାଇଁ ଯାଇଥିଲେ। ସେଠାରେ ଥିବା ଏକ କ୍ରଶରରେ କାମ କରୁଥିବା ଦୁଇଭାଇ କେନାଲରେ ମାଛ ଧରୁଥିଲେ। ସେମାନଙ୍କ ମଧ୍ୟରୁ ସାନଭାଇ ନାବାଳିକାଙ୍କୁ ଏକୁଟିଆ ପାଇ ଏକ ବୁଦାମୂଳକୁ ତାଙ୍କୁ ଟେକି ନେଇ ହାତଗୋଡ଼କୁ ଗାମୁଛାରେ ବାନ୍ଧି ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ନାବାଳିକା ଜୋରରେ ଚିତ୍କାର କରିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକ ଜଣକ କୌଣସି ଧାରୁଆ ଅସ୍ତ୍ରରେ ତାଙ୍କ କପାଳ ଏବଂ ମୁଣ୍ଡକୁ କ୍ଷତବିକ୍ଷତ କରିଦେବା ସହ ମୁହଁକୁ କାମୁଡ଼ି ଖଣ୍ଡିଆ କରି ପକାଇଥିଲେ। ସେହି ସମୟରେ କେହି ଲୋକ ଆସିବା ଦେଖି ସେ ନାବାଳିକାଙ୍କୁ ଛାଡ଼ି ପଳାଇଥିଲେ। ପରିବାର ଲୋକେ ନାବାଳିକାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନାବାଳିକାଙ୍କ ପରିବାର ମୟୂରଭଞ୍ଜ ଜିଲାର ମହୁଲଡିହା ଥାନା ଅଞ୍ଚଳର ମୂଳ ଅଧିବାସୀ।

**ରାଜ୍ୟ ଖବର**

# ପାଟଣା ରେଞ୍ଜ୍‌ରେ ବୁଲୁଛି ମହାବଳ

**ଲୋକେ ଆତଙ୍କିତ, ଖଞ୍ଜାଗଲା ୩୫ ଟ୍ରାପ୍ କ୍ୟାମେରା**


ଚିହ୍ନଟ ପାଦଚିହ୍ନ।

ପାଟଣା,୩।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ଼ ସାଉଥବିଟ୍ ଗୋପୀନାଥପୁର ଗ୍ରାମାଞ୍ଚଳରେ ମହାବଳ ବାଘ ବୁଲୁଛି। ଖବର ପ୍ରଚାର ପରେ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ବାଘର ଗତିବିଧି ଉପରେ ବନ ବିଭାଗ ନଜର ରଖିଥିବା କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ହନୁମନ୍ତ ଧାମଧେର ସୂଚନା ଦେଇଛନ୍ତି। ଲୋକଙ୍କୁ ଜଙ୍ଗଲକୁ ଯିବା ପାଇଁ ବାରଣ କରାଯାଇଛି।

ସୂଚନା ଅନୁଯାୟୀ, ଗୋପୀନାଥପୁର କେନ୍ଦୁଝର ଓ ମୟୂରଭଞ୍ଜ ଜିଲା କରଞ୍ଜିଆ ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବା ବେଳେ ଗ୍ରାମଟି ଅଟେଇ ସଂରକ୍ଷିତ ଜଙ୍ଗଲକୁ ଲାଗିଛି। ଶନିବାର ଗ୍ରାମବାସୀ ଗ୍ରାମ ନିକଟରେ ମହାବଳ ବାଘର ପାଦଚିହ୍ନ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ପାଦଚିହ୍ନ ଯାଞ୍ଚ କରିଥିଲେ। ବାଘଟି ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ବନ ବିଭାଗ ଅନୁମାନ କରୁଛି। ଉପସ୍ଥିତି ପ୍ରମାଣ କରିବା ପାଇଁ ୩୫ଟି ଟ୍ରାପ କ୍ୟାମେରା ଅଟେଇ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ସ୍ଥାନରେ ଖଞ୍ଜାଯାଇଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି। ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି, ବାଘଟି ଶିମିଳିପାଳରୁ ପାଟଣା ରେଞ୍ଜ ଓ ଘଟଗାଁ ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲ ଦେଇ ଢେଙ୍କାନାଳ ପର୍ଯ୍ୟନ୍ତ ଯିବା ଆସିବା କରୁଥିବା ଅନୁମାନ କରାଯାଉଛି।

## ଠାକୁରମୁଣ୍ଡାରେ ବାଘ ଆତଙ୍କ

ଠାକୁରମୁଣ୍ଡା,୩।୧୧(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ମହାବଳ ବାଘ ଆତଙ୍କ ଦେଖାଦେଇଛି। ମାସେ ହେଲା ବାଘଟି ଗ୍ରାମ ନିକଟବର୍ତ୍ତୀ ସଂରକ୍ଷିତ ଜଙ୍ଗଲରେ ଘୁରି ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିବା କହିଛନ୍ତି। ଶିମିଳିପାଳରୁ ଏହି ବାଘଟି ଚାଲି ଆସିଥିବା ବନ ବିଭାଗ ଅନୁମାନ କରିଛି। ଅକ୍ଟୋବର ୧୦ ତାରିଖରେ ସାଲେଇବେଡ଼ା ଗ୍ରାମପଞ୍ଚାୟତ ଖପରଖାଇ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ ବାଘ ବୁଲୁଥିବାବେଳେ ଏକ ଗାଈକୁ ଆକ୍ରମଣ କରି ମାରି ଦେଇଥିଲା। ଏହାର ୧୦ ଦିନ ପରେ ସେହି ଗ୍ରାମର ଯୋଗେନ୍ଦ୍ର ଗଗରାଇଙ୍କ ୨ଟି ଛେଳିକୁ ବାଘ ଶିକାର କରିଥିଲା। ବାଘର ଗତିବିଧି ନିରୀକ୍ଷଣ କରିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଟ୍ରାପ୍ କ୍ୟାମେରା ଖଞ୍ଜା ଯାଇଛି। ଏଥି ସହିତ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି।

# କର୍ମଚାରୀଙ୍କ ଚିକିତ୍ସାରେ ଟିକିଏ ହେଳା ହେବନାହିଁ: ସିଇଓ

**ନୂଆପଡ଼ା ଓ ରାୟପୁରରେ ନାହିଁ ସହବନ୍ଧିତ ବେସରକାରୀ ହସ୍ପିଟାଲ**

ଭୁବନେଶ୍ୱର,୩।୧୧(ରବିନାରାୟଣ ଜେନା)

ନୂଆପଡ଼ା ଓ ରାୟପୁରରେ କୌଣସି ବେସରକାରୀ ହସ୍ପିଟାଲ ସହିତ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା(କ୍ୟାଶ୍ ଲେସ୍ ଟ୍ରିଟ୍‌ମେଣ୍ଟ) ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ସହବନ୍ଧନ(ଏମ୍‌ପ୍ୟାନେଲଡ୍) ହୋଇନାହିଁ। ଫଳରେ ନୂଆପଡ଼ା ଉପନିର୍ବାଚନ ବେଳେ ଯଦି କୌଣସି କର୍ମଚାରୀ ସ୍ୱାସ୍ଥ୍ୟଗତ ସମସ୍ୟାରେ ପଡ଼ନ୍ତି ସେମାନେ କିଭଳି ତ୍ୱରିତ ମାଗଣାରେ ଚିକିତ୍ସିତ ହେବେ ସେନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର୍. ସନ୍ଥ ଗୋପାଳନ ଗୁରୁତ୍ୱ ଦେଇଛନ୍ତି। ଏହାକୁ ନେଇ ଗୋପାଳନ ଅକ୍ଟୋବର ୩୦ରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ସ୍ୱାସ୍ଥ୍ୟ ସଚିବ ଏବଂ ନୂଆପଡ଼ା ଜିଲାପାଳଙ୍କୁ ଜାରି କରିଛନ୍ତି।

ଗୋପାଳନ ଦର୍ଶାଇଛନ୍ତି, ନୂଆପଡ଼ା ଉପନିର୍ବାଚନରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ସହିତ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଏବଂ ସିଏପିଏଫ୍‌ମାନଙ୍କ ମଧ୍ୟରୁ ଯଦି କେହି ସ୍ୱାସ୍ଥ୍ୟଗତ ସମସ୍ୟାରେ ପଡ଼ନ୍ତି ତେବେ ତାଙ୍କୁ ତୁରନ୍ତ ଚିକିତ୍ସା କରାଯିବା ଜରୁରୀ। ସେମାନଙ୍କୁ ନୂଆପଡ଼ା, ରାୟପୁର କିମ୍ବା ଅନ୍ୟତ୍ର ସରକାରୀ ହେଉ ଅବା ବେସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଯିବା ବିଧେୟ। ଏଥିପାଇଁ କେତେ ଟଙ୍କା ଖର୍ଚ୍ଚ କରାଯିବ ତାହାର କୌଣସି ସୀମା ନାହିଁ।

ସେ ଦର୍ଶାଇଛନ୍ତି, ନିର୍ବାଚନ ସମୟରେ ସରକାରୀ କର୍ମଚାରୀଙ୍କୁ ଯଦି ସାପ କାମୁଡ଼େ କିମ୍ବା ହୃଦ୍‌ଘାତ, ଦୁର୍ଘଟଣା ଓ ଅନ୍ୟାନ୍ୟ କାରଣରୁ ସେ ଅସୁସ୍ଥ ହୋଇପଡ଼ନ୍ତି ତେବେ ତାଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇବାକୁ ହେବ। ତେବେ ଏହି ସମୟରେ ମତଦାନ କାର୍ଯ୍ୟକ୍ରମ ଯେପରି ବାଧାପ୍ରାପ୍ତ ନ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ହେବ। କର୍ମଚାରୀଙ୍କ ଦେହ ଅସୁସ୍ଥ ପାଇଁ ନିର୍ବାଚନରେ ଯେପରି ପ୍ରଭାବ ନ ପଡ଼ିବ ସେଥିପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ସିଇଓ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଅକ୍ଟୋବର ୨୫ରେ ସ୍ୱାସ୍ଥ୍ୟ ସଚିବ, ନୂଆପଡ଼ା ଜିଲାପାଳ ଏବଂ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ମଧ୍ୟରେ ଏକ ଆଭାସି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୂଆପଡ଼ା ଓ ରାୟପୁରରେ ବେସରକାରୀ ହସ୍ପିଟାଲ ସହ ସହବନ୍ଧିତ କୌଣସି ହସ୍ପିଟାଲ ନିଃଶୁଳ୍କ ଚିକିତ୍ସା ସେବା ଯୋଗାଇବା ପାଇଁ ନ ଥିବା ଜଣାଯାଇଥିଲା।

## ଶ୍ରୀମନ୍ଦିରରେ ଡାଲ୍‌ଡା ଘିଅ ଜବତ: ସେବକଙ୍କୁ କୈଫିୟତ ତଲବ

ପୁରୀ,୩।୧୧(ଅଜିତ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ସୋମବାର ଡାଲ୍‌ଡା ଘିଅ ଜବତ ହୋଇଛି। ମହାପ୍ରସାଦ ପ୍ରସ୍ତୁତି ନିମନ୍ତେ କେବଳ ଓମ୍‌ଫେଡ୍ ଘିଅ ବ୍ୟବହାର ନେଇ ପୂର୍ବରୁ ନିର୍ଦ୍ଦେଶ ରହିଛି। ତେବେ ଜଣେ ମହାସୁଆର ସେବକ ଏହାର ଉଲ୍ଲଂଘନ କରି ଡାଲ୍‌ଡା ଘିଅ ବ୍ୟବହାର କରିଥିବା ଶ୍ରୀମନ୍ଦିର ପ୍ରଶାସନ ଜାଣିବାକୁ ପାଇଥିଲା। ଫଳରେ ଶ୍ରୀମନ୍ଦିର ପ୍ରଶାସନ ଏ ନେଇ ସମ୍ପୃକ୍ତ ସେବକଙ୍କଠାରୁ କୈଫିୟତ ତଲବ କରିଛି। ଶ୍ରୀମନ୍ଦିରରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସ୍ପଷ୍ଟ କରିଛନ୍ତି।

# ଘୋଡ଼ାହାଡ଼ ନଦୀରେ ଭାସିଯାଇ ୨ ମହିଳା ମୃତ

ଦିଗପହଣ୍ଡି,୩।୧୧(ଅଶେଷ ନାଥ ମିଶ୍ର)

ପବିତ୍ର କାର୍ତ୍ତିକ ମାସ ପଞ୍ଚକ ପାଇଁ ବୁଡ଼ ପକାଇବାକୁ ଯାଇ ଘୋଡ଼ାହାଡ଼ ନଦୀରେ ସୋମବାର ୨ ଜଣ ମହିଳା ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ସେମାନେ ହେଲେ ସେବକ ଟିକରପଡ଼ା ଗାଁର ସୀମାଞ୍ଚଳ ପାଢ଼ୀଙ୍କ ସ୍ତ୍ରୀ ଲଳିତା ପାଢ଼ୀ (୬୪) ଏବଂ ଧନୁ ଗୌଡ଼ଙ୍କ ସ୍ତ୍ରୀ ସବିତା ଗୌଡ଼ (୪୦)। ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ପଞ୍ଚାୟତରେ ଏପରି ଦୁଃଖଦ ଘଟଣା ଘଟିଛି।

ସେବକ ଟିକରପଡ଼ା ଗାଁର ଲଳିତା ଓ ସବିତା ପଞ୍ଚକ ପାଇଁ ବୁଡ଼ ପକାଇବାକୁ ଭୋର ପ୍ରାୟ ସାଢ଼େ ୩ଟାରେ ଘୋଡ଼ାହାଡ଼ ନଦୀକୁ ଯାଇଥିଲେ। ସେଠାରେ ଲଳିତା ଗାଧୋଇ ସାରି ଲୁଗା ଚିପୁଡୁଥିବା ବେଳେ ଲୁଗାଟି ପାଣିରେ ଭାସି ଯାଇଥିଲା। ଲୁଗାକୁ ଆଣିବା ବେଳେ ସେ ଭାସିଯାଇ ନଦୀର ଗଭୀର ଗଣ୍ଡ ମଧ୍ୟକୁ ଚାଲିଯାଇ ବୁଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବା ବେଳେ ସବିତା ମଧ୍ୟ ନଦୀରେ ଭାସିଯାଇ ବୁଡ଼ିଯାଇଥିଲେ। ଖବର ପାଇ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ସାମାଜିକ କର୍ମୀ ସୀମାଞ୍ଚଳ କର ଦିଗପହଣ୍ଡି ଅଗ୍ନିଶମବାହିନୀକୁ ଜଣାଇଥିଲେ। ଅଗ୍ନିଶମବାହିନୀ ପ୍ରାୟ ୧ କି.ମି. ଦୂର ଗୋଲଣ୍ଡା ଗ୍ରାମ ନଦୀପଠାରେ ପହଞ୍ଚି ଗ୍ରାମର କେତେ ଜଣ ବ୍ୟକ୍ତିଙ୍କ ସହାୟତାରେ ନଦୀରୁ ଲଳିତା ଓ ସବିତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ଉଭୟଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

# ହାତୀ ଆକ୍ରମଣରେ ୫ ବର୍ଷର ସାନଭାଇ ମୃତ

**ମା' ପଛେ ଦୁଇ ଭାଇ ବିଲକୁ ଯାଇଥିଲେ**

ଲାଞ୍ଜିଗଡ଼,୩।୧୧(ରମେଶ ଚନ୍ଦ୍ର ନାୟକ)


ହରଡାଗୁଡ଼ାରେ ପୋଲିସ, ବନବିଭାଗ କର୍ମଚାରୀମାନେ ତଦନ୍ତ କରୁଛନ୍ତି।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ହରଡାଗୁଡ଼ା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ମା' ବାପା ପଛେ ପଛେ ବିଲକୁ ଯାଇଥିବା ୨ ଭାଇଙ୍କୁ ରାସ୍ତାରେ ଦନ୍ତା ହାତୀ ଆକ୍ରମଣ କରିଛି। ଏଥିରେ ୫ ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହରଡାଗୁଡ଼ା ଗ୍ରାମର କାଣ୍ଡୁ ମାଝୀଙ୍କ ସାନପୁଅ ରବି ମାଝୀ। ବଡ଼ ପୁଅ ସାମ୍ବରୁ ମାଝୀ (୮) ଗୁରୁତର ହୋଇଛନ୍ତି। ଏ ନେଇ ବିଜେପୁର ଥାନା ପୋଲିସ ଏକ (ନଂ. ୯/୨୫) ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, କୁନାକାଡୁ ଗାଁର କାଣ୍ଡୁ ମାଝୀ କିଛି ବର୍ଷ ପୂର୍ବରୁ ନିକଟସ୍ଥ ହରଡାଗୁଡ଼ା ଗ୍ରାମରେ ନିଜ ସମ୍ପର୍କୀୟଙ୍କ ଜାଗାରେ ଘର ତିଆରି କରି ସ୍ତ୍ରୀ ଓ ତିନିପୁଅଙ୍କ ସହିତ ରହୁଥିଲେ। ସୋମବାର ସକାଳ ପ୍ରାୟ ୭ଟାରେ କାଣ୍ଡୁ ଓ ତାଙ୍କ ସ୍ତ୍ରୀ ଚାଷଜମିକୁ ଯାଉଥିବା ବେଳେ କିଛି ସମୟ ପରେ ଦୁଇପୁଅ ମଧ୍ୟ ସେମାନଙ୍କ ପଛେ ପଛେ ଯାଇଥିଲେ। ଏହି ସମୟରେ ନିକଟସ୍ଥ ଜଙ୍ଗଲରୁ ଏକ ଦନ୍ତା ହାତୀ ଆସି ଦୁଇଭାଇଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ସାନଭାଇଙ୍କ ମୃତ୍ୟୁ ହୋଇଥିବା ବେଳେ ବଡ଼ଭାଇ ଗୁରୁତର ହୋଇ ପାଟି କରିଥିଲେ। ପାଟି ଶୁଣି ଘଟଣାସ୍ଥଳରେ ପରିବାର ଓ ଗାଁ ଲୋକେ ପହଞ୍ଚି ହାତୀକୁ ଘଉଡ଼ାଇ ଦେଇଥିଲେ। ଖବରପାଇ ବିଶ୍ୱନାଥପୁର ଏସିଏଫ୍ ନରୋତ୍ତମ ମାଝୀ, ଲାଞ୍ଜିଗଡ ବ୍ଲକ ବିଡିଓ ଦାଇତ୍ୱ ତଥା ପ୍ରେବେଶନାରୀ ଆଇଏଏସ୍ ଅନିମେଶ ପ୍ରଧାନ, ଲାଞ୍ଜିଗଡ ବନପାଳ ଧରଣୀଧର ପଣ୍ଡାଙ୍କ ସମେତ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏଥିସହିତ ବିଜେପୁର ଥାନାଧିକାରୀ ନୀଳାମ୍ବର ଜାନୀଙ୍କ ନେତୃତ୍ୱରେ ଏସ୍‌ଆଇ ଶ୍ୟାମ କୁଲସୀକାଙ୍କ ସମେତ ପୋଲିସ ଦଳ ମଧ୍ୟ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ବନପାଳ ଧରଣୀଧରଙ୍କୁ ପଚାରିବାରୁ କ୍ଷତିପୂରଣ ବାବଦକୁ ସରକାରଙ୍କ ତରଫରୁ ଯାହା ଥିବ ମୃତକଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ ଦିଆଯିବ ବୋଲି କହିଥିଲେ।

## ବେତନଟୀ ରେଞ୍ଜରେ ୧ ମୃତ, ୧ ଗୁରୁତର

ମୋରଡ଼ା,୩।୧୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ତଥା ବେତନଟୀ ରେଞ୍ଜ ଅଞ୍ଚଳରେ ରବିବାର ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ମୁଣ୍ଡୋବଣି ଗ୍ରାମର ଅଶୋକ ଟୁଡୁ(୫୩)। ସୂଚନା ଅନୁଯାୟୀ, ବେତନଟୀ ରେଞ୍ଜ ଅଧୀନ ଗଡ଼ିଗାଁ ପଞ୍ଚାୟତର ଫୁଲବାଡ଼ିଆ ଗ୍ରାମସ୍ଥିତ ଏକ କାଜୁ ବଗିଚାରେ ରବିବାର ଅପରାହ୍ଣ ୧ଟା ସମୟରେ ୬ଟି ଦନ୍ତା ହାତୀ ବିଚରଣ କରୁଥିଲେ। ଏହି ସମୟରେ ସେହି ବାଟ ଦେଇ ଆଶୋକ ସାଇକେଲ ଯୋଗେ ଘରକୁ ଫେରୁଥିବା ସମୟରେ ଏକ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀଟି ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ଖବରପାଇ ଫରେଷ୍ଟର ଦୀପକ ପାତ୍ର ଏବଂ ଫରେଷ୍ଟ ଗାର୍ଡ ବିଜୟ ଶଙ୍କର ଦାସ ଘଟଣାସ୍ଥଳରେ ପହଞ୍ଚି ଅଶୋକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ୩ଟା୪୦ରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଲାସ୍ ଭେଗାସ୍‌ର ନୂଆ ସଙ୍କେତ

ଲାସ୍ ଭେଗାସ୍ ଆମେରିକାର ନେଭେଡା ରାଜ୍ୟର ଏକ ଜନବହୁଳ ନଗର। ଜୁଆଖେଳ, ଶପିଂ, ମନୋରଞ୍ଜନ ଓ ନାଇଟ୍ ଲାଇଫ୍ ଭଳି ଅସରନ୍ତି ଆନନ୍ଦର ଏକ ଭୂଖଣ୍ଡ ଭାବେ ଏହା ପରିଚିତି ହାସଲ କରିଆସିଛି। ହେଲେ ଚଳିତବର୍ଷ ପ୍ରଥମାର୍ଦ୍ଧରୁ ସେଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ଜୁଲାଇରୁ ଏହାର ପ୍ରଭାବ ଅନୁଭୂତ ହେଲାଣି। ଲାସ୍ ଭେଗାସ୍ କନ୍‌ଭେନଶନ୍ ଆଣ୍ଡ୍ ଭିଜିଟର୍ସ ଅଥରିଟି ଅନୁଯାୟୀ ଜୁଲାଇ ଆରମ୍ଭରେ ହୋଟଲ ବୁକିଂ ୬୬.୭ ପ୍ରତିଶତ ହ୍ରାସ ପାଇଛି। କାରଣ ଗତବର୍ଷ ତୁଳନାରେ ଅନ୍ତର୍ଜାତୀୟ ପର୍ଯ୍ୟଟକ ୧୩ ପ୍ରତିଶତ କମିଛନ୍ତି। ଏପରି କି ଘରୋଇ ଆଗମନ ୬.୫ ପ୍ରତିଶତ ହ୍ରାସ ପାଇଛି। ଭୂ–ରାଜନୈତିକ ସ୍ଥିତି ସହ ମୁଦ୍ରାସ୍ଫୀତି ଓ ଆର୍ଥିକ ଅସ୍ଥିରତା ସବୁ ପ୍ରକାର ସାମଗ୍ରୀ ଓ ସେବାର ମୂଲ୍ୟକୁ ବଢ଼ାଇ ଦେଇଛି। ବିଶେଷଜ୍ଞମାନେ ଏହାକୁ ପର୍ଯ୍ୟଟନରେ ଟ୍ରମ୍ପ୍ ସ୍ଲମ୍ପ ଆଖ୍ୟା ଦେଇଛନ୍ତି। ସେମାନଙ୍କ ମତରେ ଟାରିଫ୍, ଅନ୍ତର୍ଜାତୀୟ ସମ୍ପର୍କରେ ତିକ୍ତତା ଓ ଯାତ୍ରୀଙ୍କ ପାଇଁ ବଢ଼ିଥିବା ଭିଜା ଫି’ ଯୋଗୁ ଏବେ ସେଠାରେ ସ୍ଥିତି ଅସମ୍ଭାଳ ହୋଇଛି। ସ୍ଥିତି ଏମିତି ହୋଇଛି ଯେ, ଲୋକମାନେ ଅନୁଭବ କରୁଛନ୍ତି ସେମାନେ ଠକାମିର ଶିକାର ହେଉଛନ୍ତି। କାରଣ ସେଠାରେ ଥିବା କ୍ୟାସିନୋକୁ ଧନୀ କମ୍, ମଧ୍ୟମ ବର୍ଗର ବହୁ ଅଧିକ ପର୍ଯ୍ୟଟକ ଯାଇଥାଆନ୍ତି। ତେଣୁ ଏମିତି ଏକ ସ୍ଥିତି ହେବ ଯେଉଁଠାରେ ଲାସ୍ ଭେଗାସ୍‌ର କ୍ୟାସିନୋ ମନୋରଞ୍ଜନ ପ୍ରେମୀଙ୍କୁ ଜାବୁଡ଼ି ଧରିପାରୁ ନ ଥିବ ଭାବିଲେ ଏହାର ହେତୁ ଖୋଜିବାକୁ ପଡୁଛି। ଆର୍ଥିକ ଦୃଷ୍ଟିକୋଣକୁ ତର୍ଜମା



କରି ନିରୋଳା ଅର୍ଥନୈତିକ ବ୍ୟାଖ୍ୟାନ ରଖୁଥିବା ବିଶ୍ଳେଷକଙ୍କ ଭିନ୍ନ ଆଉ କେତେକ ବିଶେଷଜ୍ଞ ଦେଉଥିବା ମତକୁ ମଧ୍ୟ ଏଠାରେ ଥୋଇବାର ଆବଶ୍ୟକତା ପଡୁଛି। କୁହାଯାଉଛି ଆଗଭଳି ନୂଆପିଢ଼ି ମଦମତ୍ତ ଓ କାମୁକ ପ୍ରବଣତାକୁ ଗୁରୁତ୍ୱ ନ ଦେଇ ବାସ୍ତବ ଜୀବନ ଜିଇବାକୁ ଚାହୁଁଛନ୍ତି। ସେଥିପାଇଁ ସେମାନଙ୍କ ଲାଗି କ୍ୟାସିନୋ, ନାଇଟ୍ ଲାଇଫ୍ ସହିତ ମଦ୍ୟପାନର ଆକର୍ଷଣ କମି ଆସିଛି। ଅନ୍ୟପକ୍ଷରେ ବୟସ୍କମାନଙ୍କ ଉପସ୍ଥିତି ଲାସ୍ ଭେଗାସ୍‌ର କିଛି ଅଞ୍ଚଳକୁ ଚଳଚଞ୍ଚଳ ରଖିଛି।

ନିକଟ ଅତୀତରେ ଆମେ ଯେଉଁ ‘ଜେନ୍ ଜି’ଙ୍କ ସ୍ୱଭାବ ନେପାଳରୁ ମାଡାଗାସ୍କର ପର୍ଯ୍ୟନ୍ତ ଦେଖିଲେ ସେମାନେ ବାସ୍ତବ ପରିସ୍ଥିତିରେ ବଞ୍ଚିବାକୁ ଚାହୁଁଛନ୍ତି। ଉପରଠାଉରିଆ ଜୀବନ ଓ ଭାଟ (ପ୍ରଶଂସାମୂଳକ) ସଂସ୍କୃତିକୁ ଘୃଣା କରିବା ସହ ଦୁର୍ନୀତି ବିରୋଧୀ ଅଭିଯାନ ମାଧ୍ୟମରେ ପରିବର୍ତ୍ତନ ଆଣିବା ସେମାନଙ୍କ ଲକ୍ଷ୍ୟ। ଗୋଟେ ପିଢ଼ି ଯେତେବେଳେ ତା’ର ଅଧିକାରରୁ ବଞ୍ଚିତ ହେବ, ସେତେବେଳେ ସେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବ। ଅବଶ୍ୟ ଏହି ପରିବର୍ତ୍ତନ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ପରିଚାଳିତ ହୋଇ ସ୍ଥଳବିଶେଷରେ ଭୁଲ୍ ପଦକ୍ଷେପ ନେଇଯାଉଥିବାରୁ ସମାଲୋଚନାର ଶିକାର ହେଉଛି। ଏକ ସକାରାତ୍ମକ ଲକ୍ଷ୍ୟ ହାସଲ ଦିଗରେ ଏକଜୁଟ ହୋଇ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରୁଥିବା ବର୍ଗ ଉପରେ ନୂଆ ପିଢ଼ି ଏକ ଚାପ ଗୋଷ୍ଠୀରେ ପରିଣତ ହେଲେ ତାହାର ସୁଫଳ ମିଳିପାରନ୍ତା। ‘ଜେନ୍ ଜି’ ଇଣ୍ଟରନେଟ୍, ସ୍ମାର୍ଟଫୋନ୍, ସୋସିଆଲ ମିଡିଆ ଏବଂ ପ୍ରଯୁକ୍ତି ସହ ତାଳ ଦେଇ ଚାଲୁଥିବାରୁ ଆଗକୁ ବଢୁଛି। ସେହିପରି ଏବର ପିଢ଼ି ଔଦ୍ୟୋଗିକ ଚିନ୍ତାଧାରାକୁ ପଥେୟ କରି କିଛି ନୂଆ କରିବାକୁ ଯାଇ ଜୀବନରେ ଆହ୍ୱାନର ସମ୍ମୁଖୀନ ହେବାକୁ ପସନ୍ଦ କରୁଛି। ଚାକିରି କିମ୍ବା ନିର୍ଦ୍ଦିଷ୍ଟ ଆୟ ଉତ୍ସକୁ ଦେଖି ପାରମ୍ପରିକ ଚିନ୍ତା ପୁରୁଣା ପିଢ଼ିରୁ ଯେଉଁଭଳି ଗଡ଼ି ଆସୁଥିଲା ସେଥିରେ ଏହି ବର୍ଗ ବ୍ୟତିକ୍ରମ ସୃଷ୍ଟି କରିବାକୁ ଚାହୁଁଛି। ନବସୃଜନ ତା’ ପାଇଁ ନୂଆ ସୁଯୋଗର ଅପେକ୍ଷା ରଖୁଛି। ଦେଖାଦେଉଥିବା ସାମାଜିକ ଓ ପରିବେଶଗତ ଅସଙ୍ଗତି ବିଷୟରେ ଏମାନେ ବେଶ୍ ସଚେତନ। ସେଥିପାଇଁ ନୂଆ ପିଢ଼ିକୁ ଦରକାର ନୈତିକ ସମର୍ଥନ। ଉଚିତ ନିଷ୍ପତ୍ତି ନେବାର ସୂକ୍ଷ୍ମ ବାଟ ପାଇଗଲା ପରେ ସେମାନଙ୍କ କାର୍ଯ୍ୟଧାରାରେ ଘଟୁଥିବା ପରିବର୍ତ୍ତନକୁ ବୁଝିହେବ। ଲାସ୍ ଭେଗାସ୍ ଏହାର ଏକ ନୂଆ ସଙ୍କେତ ଦେବା ଆରମ୍ଭ କରିଛି।

**ଚାକିରି କିମ୍ବା ନିର୍ଦ୍ଦିଷ୍ଟ ଆୟ ଉତ୍ସକୁ ଦେଖି ପାରମ୍ପରିକ ଚିନ୍ତା ପୁରୁଣା ପିଢ଼ିରୁ ଯେଉଁଭଳି ଗଡ଼ି ଆସୁଥିଲା ସେଥିରେ ଏହି ବର୍ଗ ବ୍ୟତିକ୍ରମ ସୃଷ୍ଟି କରିବାକୁ ଚାହୁଁଛି। ନବସୃଜନ ତା’ ପାଇଁ ନୂଆ ସୁଯୋଗର ଅପେକ୍ଷା ରଖୁଛି। ଦେଖାଦେଉଥିବା ସାମାଜିକ ଓ ପରିବେଶଗତ ଅସଙ୍ଗତି ବିଷୟରେ ଏମାନେ ବେଶ୍ ସଚେତନ। ସେଥିପାଇଁ ନୂଆ ପିଢ଼ିକୁ ଦରକାର ନୈତିକ ସମର୍ଥନ। ଉଚିତ ନିଷ୍ପତ୍ତି ନେବାର ସୂକ୍ଷ୍ମ ବାଟ ପାଇଗଲା ପରେ ସେମାନଙ୍କ କାର୍ଯ୍ୟଧାରାରେ ଘଟୁଥିବା ପରିବର୍ତ୍ତନକୁ ବୁଝିହେବ। ଲାସ୍ ଭେଗାସ୍ ଏହାର ଏକ ନୂଆ ସଙ୍କେତ ଦେବା ଆରମ୍ଭ କରିଛି।**

# ଶିଶୁଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା



ରାଜୀବ କୁମାର ନାୟକ

୨୦୧୨ରେ ହୋଇଥିବା ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ଘଟଣା ସମଗ୍ର ଭାରତରେ ଆଲୋଡ଼ନ ସୃଷ୍ଟି କରିଥିଲା। ଫଳତଃ ସରକାର ବାଧ୍ୟ ହୋଇଥିଲେ ଶିଶୁଙ୍କ ସକାଶେ ଅଭିପ୍ରେତ କିଶୋର ନ୍ୟାୟ(ଶିଶୁମାନଙ୍କ ଯତ୍ନ ଏବଂ ସୁରକ୍ଷା ଅଧିନିୟମ)୨୦୦୦ରେ ଆମୂଳଚୂଳ ପରିବର୍ତ୍ତନ ପୂର୍ବକ କିଶୋର ନ୍ୟାୟ(ଶିଶୁମାନଙ୍କ ଯତ୍ନ ଏବଂ ସୁରକ୍ଷା ଅଧିନିୟମ)୨୦୧୫ ତଥା ଶିଶୁମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଅଧିନିୟମ ୨୦୧୨ର ପ୍ରଣୟନ କରିଥିଲେ। ଉଲ୍ଲେଖଯୋଗ୍ୟ ପ୍ରଥମ ଥର ସକାଶେ ନିର୍ଭୟା ଘଟଣାରେ ଦେଶର ସଚେତନ ନାଗରିକ ପ୍ରତିକ୍ରିୟାଶୀଳ ହୋଇ ଉଠିଲେ ଏବଂ ଏଭଳି ଦୁଇଟି ଆଇନର ପ୍ରଣୟନ ସେମାନଙ୍କ ମନରେ ଆଶ୍ୱସ୍ତି ଆଣିଦେଲା।

ଦୁଇଟି ଆଇନକୁ ଅବଲୋକନ କଲେ ଜଣାଯାଏ ଯେ ସରକାର ଅନେକ ଦିଗକୁ ବିବେଚନା କରି ଆଇନ ଦ୍ୱୟ ପ୍ରଣୟନ କରିଛନ୍ତି। କିଶୋର ନ୍ୟାୟ(ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା ଅଧିନିୟମ)୨୦୧୫ରେ ଜାତିସଂଘ ଦ୍ୱାରା ଅନୁଷ୍ଠିତ ଶିଶୁମାନଙ୍କ ଅଧିକାର ସମ୍ପର୍କିତ ସମ୍ମିଳନୀ ୧୯୮୯ରେ ପାରିତ ସନନ୍ଦ ପତ୍ରରେ ୧୮ ବର୍ଷରୁ କମ ବ୍ୟକ୍ତି ବିଶେଷଙ୍କୁ ଧରାଯିବାକୁ ସମ୍ମତି ପ୍ରଦାନ କରାଯାଇଛି। କିନ୍ତୁ ସମଗ୍ର ଭାରତବାସୀଙ୍କ ଚାପ କାରଣରୁ ୧୬ ବର୍ଷରୁ ଅଧିକ ଏବଂ ୧୮ ବର୍ଷରୁ କମ୍ ବର୍ଗଙ୍କ କ୍ଷେତ୍ରରେ କୌଣସି ଶିଶୁ ନାମରେ ଜଘନ୍ୟ ଅପରାଧ (ବଳାତ୍କାର, ହତ୍ୟା ଭଳି)ରେ ସମ୍ପୃକ୍ତିର ଅଭିଯୋଗ ଆସିଲେ ଏକ ପ୍ରାରମ୍ଭିକ ଆକଳନ କରାଯିବାର ବ୍ୟବସ୍ଥା ରଖାଯାଇଛି। ପ୍ରାରମ୍ଭିକ ଆକଳନ ନିମନ୍ତେ ଜଣେ ମନସ୍ତତ୍ତ୍ୱବିତଙ୍କୁ ଡକାଯିବା ସହ ତାଙ୍କ ରିପୋର୍ଟକୁ ଆଧାରକରି କିଶୋର ନ୍ୟାୟ ବୋର୍ଡ ତିନୋଟି ବିଷୟକୁ ଗୁରୁତ୍ୱର ସହ ବିଚାର କରିବ– ୧. ସମ୍ପୃକ୍ତ ଶିଶୁ ଶାରୀରିକ ସ୍ତରରେ ଘଟଣା ଘଟାଇବାକୁ ସକ୍ଷମ ତ ?୨. ସମ୍ପୃକ୍ତ ଶିଶୁ ମାନସିକ ଭାବରେ ଘଟଣା ଘଟାଇବାକୁ ସକ୍ଷମ ତ ? ଏବଂ ୩. ସେ ଯଦି ଘଟଣାରେ ସମ୍ପୃକ୍ତ ତେବେ ତା’ର ପରିଣାମ ସମ୍ବନ୍ଧରେ ସଚେତନ ତ ? ଯଦି ଉକ୍ତ ତିନୋଟି ପ୍ରଶ୍ନର ଉତ୍ତରକୁ ନେଇ ବୋର୍ଡର ହୃଦ୍‌ବୋଧ ହୁଏ ଯେ ଶିଶୁଟି ବୟସ୍କ ବ୍ୟକ୍ତି ବିଶେଷଙ୍କ ଭଳି ବ୍ୟବହାର କରୁଛି, ସତକୁ ଲୁଚାଇବାର ଅପଚେଷ୍ଟା କରୁଛି ତେବେ ବୋର୍ଡ ମାମଲାଟିକୁ ନିଜ ପାଖରେ ନ ରଖି ଚିଲଡ୍ରେନ କୋର୍ଟ ବା ପୋକ୍‌ସୋ କୋର୍ଟକୁ ପଠାଇ ଦେଇପାରେ । ଉକ୍ତ କୋର୍ଟକୁ ମାମଲାଟି ଗଲେ ଶିଶୁଟିକୁ ବୟସ୍କ ବ୍ୟକ୍ତିଙ୍କ ଭଳି ଧରାଯାଇ ତା’ ପାଇଁ କଠିନରୁ କଠିନତମ ଦଣ୍ଡ ମିଳିବାର ସମ୍ଭାବନା ରହିଛି । କିଶୋର ନ୍ୟାୟ ବୋର୍ଡରେ ଦଣ୍ଡର ମାତ୍ରା ଅତିବେଶିରେ ୩ ବର୍ଷ, ଯାହା ଦିଲ୍ଲୀ ଘଟଣାରେ ପ୍ରଦତ୍ତ ହୋଇଥିଲା।



ଅନ୍ୟ ଦିଗରେ ଶିଶୁଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଅଧିନିୟମ ୨୦୧୨କୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ, ଏଥିରେ ଯୌନ ନିର୍ଯାତନାକୁ ମୁଖ୍ୟତଃ ୬ ଭାଗରେ ବିଭକ୍ତ କରାଯାଇଛି– ୧. ଅନୁପ୍ରବେଶୀୟ ଯୌନ ନିର୍ଯାତନା (ପେନିଟ୍ରେଟିଭ ସେକ୍ସୁଆଲ ଏସଲ୍ଟ) ୨. ଗୁରୁତର ଅନୁପ୍ରବେଶୀୟ ଯୌନ ନିର୍ଯାତନା(ଏଗ୍ରାଭେଟେଡ ପେନିଟ୍ରେଟିଭ ସେକ୍ସୁଆଲ ଏସଲ୍ଟ) ୩. ଯୌନ ନିର୍ଯାତନା(ସେକ୍ସୁଆଲ ଏସଲ୍‌ଟ) ୪. ଗୁରୁତର ଯୌନ ନିର୍ଯାତନା (ଏଗ୍ରାଭେଟେଡ ସେକ୍ସୁଆଲ ଏସଲ୍‌ଟ) ୫. ସେକ୍ସୁଆଲ ହାରାସମେଣ୍ଟ ଏବଂ ୬. ପର୍ନୋଗ୍ରାଫି। ଅନୁପ୍ରବେଶୀୟ ଯୌନ ନିର୍ଯାତନା କହିଲେ ସାଧାରଣ ଭାବରେ ଆମେ ଯାହା ଦୁଷ୍କର୍ମ ବୋଲି ବୁଝିଥାଉ। କିନ୍ତୁ ଗୁରୁତର ଅନୁପ୍ରବେଶୀୟ ଯୌନ ନିର୍ଯାତନା କ୍ଷେତ୍ରରେ ନିର୍ଯାତନା ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ଯଥା– ଥାନାରେ ପୋଲିସ, ବିଦ୍ୟାଳୟରେ ଶିକ୍ଷକ, ଶିଶୁ ଯତ୍ନ ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀ ଇତ୍ୟାଦି ଦାୟିତ୍ୱରେ ଥିବା ବ୍ୟକ୍ତି ଦଳଗତ ବଳାତ୍କାର, ବଳାତ୍କାର ପୂର୍ବକ ମାରିଦେବା ବା ମରଣାନ୍ତକ ଆକ୍ରମଣ, ୧୨ ବର୍ଷରୁ କମ୍ ବୟସର ଶିଶୁକୁ ବଳାତ୍କାର କରିବା ଭଳି ଅପରାଧରେ ସମ୍ପୃକ୍ତ ହୁଅନ୍ତି। ଠିକ୍ ସେହିପରି ମୋବାଇଲରେ/ଇ–ମେଲରେ ବାରମ୍ବାର ମେସେଜ ଦେବା, ପିଛା କରିବା, ଜଣେ ଗାଧୋଉଥିବା ବା ଆଉକିଛି କରୁଥିବା ସମୟରେ ଲୁଚି ଲୁଚି ଦେଖିବା ଇତ୍ୟାଦି ଯୌନ ନିର୍ଯାତନା ଶ୍ରେଣୀଭୁକ୍ତ। କୌଣସି ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରିବା, ଭାଇରାଲ କରିବା, ଦେଖାଇବା ଇତ୍ୟାଦି ପର୍ନୋଗ୍ରାଫିକ ଶ୍ରେଣୀଭୁକ୍ତ। ଉପରୋକ୍ତ ପ୍ରତ୍ୟେକ ଅପରାଧ କ୍ଷେତ୍ରରେ ନିଜେ କରିବା ବା ଅନ୍ୟଦ୍ୱାରା କରାଇବା ସକାଶେ ମଧ୍ୟ ସମାନ ଦଣ୍ଡର ପ୍ରାବଧାନତା ରହିଛି।

ସବୁଠାରୁ ଚିନ୍ତାଜନକ ବିଷୟ ବର୍ତ୍ତମାନ ସମୟରେ ଶିଶୁ ମଙ୍ଗଳ ସମିତି ଦ୍ୱାରା ହସ୍ତଗତ ହେଉଥିବା ଅଧିକାଂଶ ମାମଲାରେ ୧୫ରୁ ୧୮ ବର୍ଷ ବୟସର ପୁଅ ଏବଂ ଝିଅ ବିବାହର ପ୍ରଲୋଭନ ଦେଖାଇ ହେଉ ବା ଅନ୍ୟ କିଛି କଥା ଛଳରେ ସହମତି ପୂର୍ବକ ଶାରୀରିକ ସମ୍ପର୍କ ସ୍ଥାପନ କରୁଛନ୍ତି। ପରବର୍ତ୍ତୀ ସମୟରେ ଘଟଣା ପ୍ରଘଟ ହୋଇଗଲାପରେ/ପଳାୟନ କଲେ ବା ବାପାମାଆଙ୍କ ନଜରକୁ ଆସିଲେ ବାପାମାଆ ନିଜସ୍ୱ ଇଚ୍ଛାରେ ବା ଜାତି ସମାଜର ଚାପରେ ଥାନାର ଦ୍ୱାରସ୍ଥ ହେବା ଦ୍ୱାରା ଅଧିକାଂଶ ମାମଲାରେ ପୋକ୍‌ସୋ ଆଇନ ଅନୁଯାୟୀ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏଭଳି କ୍ଷେତ୍ରରେ ପୁଅଟିକୁ ଯଦି ପୋଲିସ ଧରିବାରେ ସକ୍ଷମ ହେଉଛି ତ ତାକୁ ତା’ର ବୟସ ଅନୁସାରେ ପର୍ଯ୍ୟବେକ୍ଷଣ ଗୃହ ବା ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଉଛି। ଏପଟେ ଝିଅ କିଛି ସ୍ଥାନରେ ଡାକ୍ତରୀ ପରୀକ୍ଷାର ସାମନା କରିବାକୁ ମନା କରୁଥିବାବେଳେ ଅନେକ କ୍ଷେତ୍ରରେ ବାପାମାଆଙ୍କ ଚାପର ବଶବର୍ତ୍ତୀ ହୋଇ ତା’ର ମତ ବଦଳାଇ ଦେଉଛି। ଏଠାରେ ପୁଅଝିଅ ଉଭୟେ ଘଟଣାରେ ସମ୍ପୃକ୍ତ ଥିବାବେଳେ କେବଳ ପୁଅ ଦଣ୍ଡ ପାଉଛି। ଡାକ୍ତରୀ ପରୀକ୍ଷା ସକାଶେ ମନା କରୁଥିବା କ୍ଷେତ୍ରରେ ଅବଶ୍ୟ ପୁଅଟି ସହଜରେ ଦଣ୍ଡ ପାଉନାହିଁ ଏବଂ ବାପାମାଆ କେସ୍‌ଟିକୁ ଦଫାରଫା କରି ଦେଉଛନ୍ତି। କିଛି ସ୍ଥାନରେ ପୁଅଝିଅ ଘର ଛାଡ଼ି ଅନ୍ୟତ୍ର ରହିବା ଫଳରେ ଅଭାବ ଅନଟନରେ ଦିନ କାଟୁଛନ୍ତି ଏବଂ କେସ୍‌ଟି ଗଡ଼ି ଗଡ଼ି ଅନେକ ଦିନ ପର୍ଯ୍ୟନ୍ତ ଚାଲୁଛି ଏବଂ ବିବାହ ଯୋଗ୍ୟ ବୟସ ହେଲାପରେ ଉଭୟଙ୍କ ସହମତି ଥିବାରୁ ସେମାନେ ସ୍ୱାମୀ ସ୍ତ୍ରୀ ହୋଇ ରହୁଛନ୍ତି।

ଅସଲ କଥା ହେଲା ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଅନେକ ସମୟରେ ଅଣଦେଖା କରାଯାଇଥାଏ। କିନ୍ତୁ ବାସ୍ତବ କଥା ହେଲା ଏଥିରେ ଝିଅ ଓ ପୁଅ ଉଭୟଙ୍କ ଭବିଷ୍ୟତ ଜଡ଼ିତ। ଉଭୟଙ୍କ ସହମତିରେ ଯୌନ ସମ୍ପର୍କ ସ୍ଥାପନ ସତ୍ତ୍ୱେ ପୋକ୍‌ସୋ ଭଳି ଏକ କଠୋର ଆଇନ ମାଧ୍ୟମରେ କଠିନରୁ କଠିନତମ ଦଣ୍ଡ ମିଳିବା କେତେଦୂର ସମୀଚୀନ। ଅନେକ ସମୟରେ କଥା ଉଠୁଛି ଯେ ପୋକ୍‌ସୋ ଆଇନ ମାଧ୍ୟମରେ ଦଣ୍ଡ ପ୍ରାୟତଃ କ୍ୱଚିତ ପାଉଛନ୍ତି। ଏଭଳି ଘଟିବା ସ୍ୱାଭାବିକ, କାରଣ କିଛି ସ୍ଥାନରେ ଡାକ୍ତରୀ ପରୀକ୍ଷାକୁ ପୀଡ଼ିତା ମନା କରିବା, ବାପାମାଆ ପୀଡ଼ିତାର ବିନା ସହମତିରେ କେସ୍ ପଞ୍ଜୀକରଣ କରିବା ଫଳରେ ଦୁର୍ବଳ ସାକ୍ଷ୍ୟ କାରଣରୁ ଦଣ୍ଡ ମିଳୁନାହିଁ। ଏଭଳି ଘଟଣାରେ ଶିଶୁ ମଙ୍ଗଳ ସମିତିର ନିଷ୍ପତ୍ତି ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ । କାରଣ ଯତ୍ନ ଏବଂ ସୁରକ୍ଷା ନିମିତ୍ତ ପୀଡ଼ିତାକୁ ସମିତି ଆଗରେ ଉପସ୍ଥାପନ କରିବା ବାଧ୍ୟତାମୂଳକ। ଅନେକ ସ୍ଥଳେ ମାଆବାପା ଜାତି ସମାଜର ଚାପ, ପୁନଃ ପଳାୟନର ଭୟରେ ଝିଅକୁ ଘରକୁ ନେବାପାଇଁ ରାଜି ହେଉନାହାନ୍ତି। ଏପଟେ ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ସଖୀ–ୱାନ ଷ୍ଟପ ସେଣ୍ଟରରେ ସ୍ୱଳ୍ପ ରହଣିର ବ୍ୟବସ୍ଥା ରହିଛି। ଶିଶୁଗୃହରେ ମଧ୍ୟ ଅନ୍ୟସବୁ ଅନ୍ତେବାସୀ ବିଦ୍ୟାଳୟ ଯାଉଥିବାବେଳେ ପୀଡ଼ିତାଙ୍କ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା ସମ୍ଭବ ହୋଇ ପାରୁନାହିଁ। ତେଣୁ ପରାମର୍ଶ ସେବା ପ୍ରଦାନ ପୂର୍ବକ ସମିତି ପୀଡ଼ିତାକୁ ମାଆବାପା ଦାୟିତ୍ୱରେ ଛାଡ଼ିବାକୁ ଉଚିତ ମଣୁଛି। ତେଣୁ ସରକାର ବାଳିକାବାଳକଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଏସବୁ ବିଷୟରେ ଦାୟିତ୍ୱର ସହ ଚିନ୍ତା କରିବା ଆବଶ୍ୟକ ଏବଂ ତେବେ ଯାଇ ଆମେ ଏକ ଗଠନମୂଳକ ସମାଜ ପ୍ରତିଷ୍ଠା କରିପାରିବା।

ପଦରପଡ଼ା, ବୌଦ୍ଧ
ମୋ:୯୪୩୭୫୭୧୮୩୧

# ଶାକାହାରୀ ଓ ମାଂସାହାରୀ ଦୁଗ୍ଧ



ଜ୍ୟୋତିପ୍ରକାଶ କର

ଭାରତରୁ ରପ୍ତାନି ହେଉଥିବା ଦ୍ରବ୍ୟ ଉପରେ ଆମେରିକା ୫୦%ରୁ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଧାର୍ଯ୍ୟ କରି ପ୍ରକାରାନ୍ତରେ ଭାରତରେ ତା’ର ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ, ଆନୁବଂଶିକ ସଂଶୋଧିତ ଫସଲ (ଜେନେଟିକ୍ ମଡିଫାଏଡ୍ କ୍ରପ୍) ଓ ମତ୍ସ୍ୟ ସାମଗ୍ରୀର ବଜାର ସୃଷ୍ଟି କରିବା ପାଇଁ ଚାପ ସୃଷ୍ଟି କରୁଛି। ଆଲୋଚ୍ୟର ବିଷୟ ହେଉଛି ଭାରତରେ ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଶାକାହାରୀ ହୋଇଥିବା ବେଳେ ଆମେରିକାରେ ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଶାକାହାରୀ କି ? ନା, ଏହା ମାଂସାହାରୀ ଦୁଗ୍ଧ। ନୂଆକରି ନୈତିକ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଏ ମାଂସାହାରୀ ଦୁଗ୍ଧ କ’ଣ ? ଆମେରିକାରେ ଗୋପାଳନର ଦୁଇଟି ଦିଗ, ପ୍ରଥମଟି ଗୋଖାଦ୍ୟରେ ପ୍ରାଣୀମାନଙ୍କର ଅବଶିଷ୍ଟାଂଶ ମିଶ୍ରଣରେ ପୁଷ୍ଟିସାର ପ୍ରୟୋଗ କରି ଅତ୍ୟଧିକ ପୋଷଣ ବୃଦ୍ଧି ପୂର୍ବକ ଦୁଗ୍ଧ ଉତ୍ପାଦନ ଓ ଦ୍ୱିତୀୟରେ ସେମାନଙ୍କୁ ହୃଷ୍ଟପୁଷ୍ଟ ସ୍ଥୂଳକାୟ କରି ମାଂସ ଉତ୍ପାଦନ କରିବା। ସେମାନେ ଗାଈର ଚାରା ଓ ଗୋଖାଦ୍ୟରେ ଘୁଷୁରି, ଗାଈ, କୁକୁଡ଼ା, ଘୋଡ଼ା, ବିରାଡ଼ି, କୁକୁର ଓ ମାଛଙ୍କ ଅବଶିଷ୍ଟାଂଶ, ଚର୍ବି, ରକ୍ତ ଓ ପ୍ରାଣୀ ହାଡ଼ର ପାଉଡ଼ରକୁ ସୂକ୍ଷ୍ମ ଭାବରେ ମିଶ୍ରଣ କରି ଖାଇବାକୁ ଦିଅନ୍ତି ଯାହା ଦୁଗ୍ଧ ଓ ମାଂସ ଉତ୍ପାଦନରେ ଉଲ୍ଲେଖନୀୟ ସଫଳତା ଦିଏ। ଏହାକୁ ମାଂସାହାରୀ ଦୁଗ୍ଧ, ଆମିଷାଶୀ ଦୁଗ୍ଧ ବା ରକ୍ତ ଦୁଗ୍ଧ କୁହାଯାଇପାରିବ। ଅଧିକ ଉତ୍ପାଦନ କ୍ଷମତାପୂର୍ଣ୍ଣ ସଙ୍କର (ହାଇବ୍ରିଡ୍) ଜାତୀୟ ଗାଈର ହାରାହାରି ଦୈନିକ ଦୁଗ୍ଧ ଉତ୍ପାଦନ କ୍ଷମତା ୩୪ ଲିଟର ଥିବାବେଳେ ଶୀର୍ଷ ଅବଧି ସମୟରେ (ପିକ୍ ପିରିୟଡ୍)ରେ ୬୦ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଇଥାଏ। ଆଇନତଃ ଏହା ଆମେରିକାରେ ସ୍ୱୀକାର୍ଯ୍ୟ ଏବଂ ସାଧାରଣ ଭାବରେ ଦୁଗ୍ଧ ଉତ୍ପାଦନ ସଂସ୍ଥା (ଡେଏରି ଫାର୍ମ)ରେ ଦୁଗ୍ଧରେ ପ୍ରୋଟିନ୍ ଓ କ୍ୟାଲୋରୀ ବୃଦ୍ଧି ନିମନ୍ତେ ବ୍ୟବହାର କରାଯାଏ। ଆମେରିକା ସରକାର ମଧ୍ୟ ଦେଶର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥାମାନଙ୍କୁ ତାଙ୍କର ବ୍ୟବସାୟିକ ସଫଳତା ଓ କର୍ମନିଯୁକ୍ତି ସୁଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଆର୍ଥିକ ସାହାଯ୍ୟ ଦେଇଥାନ୍ତି। ଆମେରିକାରେ ଗାଈ ମଧ୍ୟ ଶାକାହାରୀ କିନ୍ତୁ ବ୍ୟବସାୟିକ ଲାଭଖୋର ମନୋବୃତ୍ତି ନେଇ ସେମାନଙ୍କୁ ମାଂସାହାରୀ କରିଦିଆଯାଏ। ଭାରତରେ ଉଦ୍ଭିଦ ଆଧାରିତ ଶାକାହାରୀ ଖାଦ୍ୟ ଦିଆଯାଏ। ଭାରତୀୟ ଗୋପାଳକମାନେ ଗୋଖାଦ୍ୟରେ ସବୁଜ ଘାସ, ନଡ଼ା, ମକା, ବାଜରା, ବୋତି, ଚୋକଡ଼, ପିଡ଼ିଆ, କୁଣ୍ଡା, କୋଳଥ ଓ ବିରି ଚୂନି ଇତ୍ୟାଦି ଦେଇଥାନ୍ତି।

ଆମେରିକା ଭାରତର ଦୁଗ୍ଧଜାତ ବଜାରରେ ପ୍ରବେଶ ଅନୁମତି ପରିପ୍ରେକ୍ଷୀରେ ଭାରତର ସର୍ତ୍ତ ହେଲା, ଆମେରିକା ଏକ ସତର୍କତାମୂଳକ ସତ୍ୟ ସ୍ୱୀକୃତ ପ୍ରମାଣପତ୍ର (ସାର୍ଟିଫିକେଟ୍) ଦେଉ ଯେ, ଭାରତକୁ ଯେଉଁ ଦୁଗ୍ଧଜାତ ଦ୍ରବ୍ୟ ରପ୍ତାନି କରାଯିବ



ତାହା ସମ୍ପୂର୍ଣ୍ଣରୂପେ ନିରାମିଷ ଖାଦ୍ୟ ଖାଉଥିବା ଗାଈର ହୋଇଥିବ। ଏହାକୁ ଆମେରିକାର ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥାମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ସେମାନଙ୍କ ଯୁକ୍ତି ହେଲା, ପ୍ରାଣୀଙ୍କର ଅବଶିଷ୍ଟାଂଶକୁ ଗାଈଙ୍କ ଖାଦ୍ୟରେ ଦିଆଯାଉଛି, ଉତ୍ପାଦିତ ଦୁଗ୍ଧରେ ଦିଆଯାଉ ନାହିଁ, ଏଣୁ ଏହା କିପରି ଆମିଷ ହେଲା। ଯଦି ଆମେରିକାରୁ ଦୁଗ୍ଧ ଆମଦାନୀ କରାଯିବ ତେବେ ଏହାକୁ ଶାକାହାରୀ ନା ମାଂସାହାରୀ କୁହାଯିବ ? ପ୍ରାୟତଃ ୩୮% ଶାକାହାରୀ ଭାରତୀୟ ଦୁଗ୍ଧର ପୂର୍ଣ୍ଣ ଶୁଦ୍ଧତାକୁ ନେଇ ସମାଧାନର କୌଣସି ମଧ୍ୟମ ପନ୍ଥାକୁ କେତେଦୂର ଗ୍ରହଣ କରିବେ ତାହା ସମୟ ନିର୍ଣ୍ଣୟ କରିବ। ଭାରତ ଦୁଗ୍ଧ ଉତ୍ପାଦନରେ ସ୍ୱୟଂସମ୍ପୂର୍ଣ୍ଣ। ଶ୍ୱେତକ୍ରାନ୍ତି ପୂର୍ବରୁ ଭାରତ ପ୍ରାୟ ବାର୍ଷିକ ୨୧ନିୟୁତ ମେଟ୍ରିକ୍ ଟନ୍ ଦୁଗ୍ଧ ଉତ୍ପାଦନ କରୁଥିଲା। ଡ. ଭର୍ଗିସ୍ କୁରିୟନ୍‌ଙ୍କ ନେତୃତ୍ୱରେ ୧୯୭୦ରେ ଆରମ୍ଭ ହୋଇଥିବା ଶ୍ୱେତକ୍ରାନ୍ତି ଫଳରେ ଉଲ୍ଲେଖନୀୟ ଅଗ୍ରଗତି ହେଲା। ୨୦୧୪–୧୫ ଆର୍ଥିକ ବର୍ଷରୁ ୨୦୨୩–୨୪ ଆର୍ଥିକ ବର୍ଷ ମଧ୍ୟରେ ୬୩.୫୬% ବୃଦ୍ଧି ପାଇ ୨୩୯.୩ ନିୟୁତ ମେଟ୍ରିକ୍‌ଟନ୍ ଦୁଗ୍ଧ ଉତ୍ପାଦନ ହୋଇଥିବାବେଳେ ୨୦୨୨–୨୩ ବର୍ଷ ତୁଳନାରେ ୩.୭୮% ଅଧିକ ଉତ୍ପାଦିତ ହୋଇଛି। ବିଶ୍ୱର ମୋଟ୍ ଦୁଗ୍ଧ ଉତ୍ପାଦନରେ ଭାରତର ୨୫% ଯୋଗଦାନ ରହିଛି ଓ ୧୯୯୮ ମସିହାଠାରୁ ଭାରତ ବିଶ୍ୱର ସର୍ବୋଚ୍ଚ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର। ୧୯୫୦–୫୧ରେ ଭାରତରେ ବ୍ୟକ୍ତି ପିଛା ଦୈନିକ ୧୨୪ଗ୍ରାମ୍ ଦୁଗ୍ଧ ଉପଲବ୍ଧ ହେଉଥିବା ବେଳେ ୨୦୨୩–୨୪ବର୍ଷ ବେଳକୁ ବୃଦ୍ଧି ପାଇ ଭାରତର ଦୈନିକ ମୁଣ୍ଡ ପିଛା ୪୭୧ଗ୍ରାମ୍ ଦୁଗ୍ଧ ଉପଲବ୍ଧ ଓ ବିଶ୍ୱରେ ଏହା ୩୨୨ଗ୍ରାମ୍।

ଭାରତରେ କୃଷି ଓ କୃଷକ ସହିତ ଦୁଗ୍ଧ ଉତ୍ପାଦନ ସମ୍ପୂର୍ଣ୍ଣ ରୂପେ ଜଡ଼ିତ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ତଥ୍ୟ ଅନୁସାରେ ଯଦି ଭାରତର ଦୁଗ୍ଧ ବଜାରରେ ଆମେରିକାର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ପ୍ରବେଶ ପାଇଁ ଅନୁମତି ଦିଆଯାଏ ତେବେ ପାଖାପାଖି ବାର୍ଷିକ ୧.୦୩ ଲକ୍ଷ କୋଟି ଆର୍ଥିକ କ୍ଷତି ସହିବାକୁ ପଡ଼ିବ ଓ ଏଥିପାଇଁ ଛୋଟ ଛୋଟ ପଶୁପାଳକମାନେ କ୍ଷତିଗ୍ରସ୍ତ ହେବେ। ପ୍ରାୟ ଦୁଇଲକ୍ଷ ତିରିଶ ହଜାର ଗ୍ରାମ ଏଥିରେ ସମ୍ପୃକ୍ତ ଥିବାବେଳେ ୮କୋଟି ଲୋକଙ୍କର ଏହା ଜୀବିକାର୍ଜନର ପନ୍ଥା ଓ ଚାଳିଶକୋଟି ଲୋକଙ୍କର ଆବଶ୍ୟକତା ପୂରଣ କରେ। ଆମେରିକାରୁ ଆମଦାନୀ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ପ୍ରାୟ ୧୫% କମ୍ ମୂଲ୍ୟରେ ବଜାରରେ ଉପଲବ୍ଧ ହେବ। କମ୍ ଦାମ୍ ହେତୁ ଆମେରିକା ଦୁଗ୍ଧର ଚାହିଦା ବୃଦ୍ଧି ହେବ ଓ ଭାରତୀୟ ଦୁଗ୍ଧର ଚାହିଦା କମିଯିବ। ଗ୍ରାମ୍ୟ କୃଷି ବାଧାପ୍ରାପ୍ତ ହେବା ଆଶଙ୍କା ଥିବା ସହ ଭାରତୀୟଙ୍କର ସ୍ୱାସ୍ଥ୍ୟ, ଧର୍ମ, ସଂସ୍କୃତି, ଶାକାହାରୀ ଉପଭୋକ୍ତାଙ୍କର ଚିନ୍ତାଧାରା ପ୍ରଭାବିତ ହେବ। ଏତଦ୍‌ବ୍ୟତୀତ ଆଗାମୀ ସମୟରେ ପ୍ରଚୁର ଦୁଗ୍ଧ ଉତ୍ପାଦନ କରୁଥିବା ରାଷ୍ଟ୍ର ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ମଧ୍ୟ ଭାରତର ଦୁଗ୍ଧ ବଜାରରେ ପ୍ରବେଶ କରି ବାଣିଜ୍ୟ କରିବା ପାଇଁ ଚାପ ସୃଷ୍ଟି କରିବାକୁ ଚାହିଁବେ। ଏ ସବୁ ଦୃଷ୍ଟିରୁ ଭାରତ ଛୋଟ କୃଷକଙ୍କ ସ୍ୱାର୍ଥ ପାଇଁ ଢାଲ ହୋଇ ପ୍ରତିବନ୍ଧକ ସାଜିଛି।

ଶକ୍ତିନଗର କଟକ, ମୋ: ୯୪୩୮୫୩୨୪୫୭

## ଏଇ ଭାରତରେ

ଏକ ସୁନ୍ଦର କ୍ୟାରିୟର ଓ ଆକର୍ଷଣୀୟ ଦରମାର ମୋହ ଜନସେବା ସମ୍ମୁଖରେ ଗୌଣ ହୋଇଯାଏ, ଯାହା ଦେଖିବାକୁ ମିଳିଛି ସୌରଭ ବୋଥ୍ରାଙ୍କ ଜୀବନରେ। ସୌରଭ ଆଇଆଇଟି, ଭିଏଚ୍‌ୟୁରୁ ଡିଗ୍ରୀ ହାସଲ କରିବା ପରେ ଚାକିରି ନ କରି ଯୋଗ ଶିକ୍ଷା ଦେଉଛନ୍ତି। ସୌରଭ ପ୍ରତିଦିନ ଭର୍ଚୁଆଲ ଯୋଗ କ୍ଲାସ୍ ଚଳାଉଛନ୍ତି। ‘ଶୁଭ ସକାଳ, ଆସନ୍ତୁ ଆରମ୍ଭ କରିବା’ରୁ ତାଙ୍କ ଯୋଗ କ୍ଲାସ୍ ଆରମ୍ଭ ହେଉଛି। କୋଭିଡ୍ ଲକ୍‌ଡାଉନ ଆରମ୍ଭ ସମୟରେ ୩ଜଣ ଲୋକଙ୍କୁ ନେଇ ସେ ଅନ୍‌ଲାଇନ ଯୋଗ କ୍ଲାସ୍ ଆରମ୍ଭ କରିଥିଲେ। ଏବେ ୧୬୯ ଦେଶର ଲୋକେ ତାଙ୍କ ଯୋଗ କ୍ଲାସ୍‌ରେ ଯୋଡ଼ିହୋଇଛନ୍ତି ଏବଂ ଏମାନଙ୍କ ସଂଖ୍ୟା ୧ କୋଟି ୨୬ ଲକ୍ଷରୁ ଅଧିକରେ ପହଞ୍ଚିଲାଣି। ଏଥିପାଇଁ ସେ ଗୋଟିଏ ଦିନରେ ଅଧିକ ଭ୍ୟୁୟର, ଯୋଗ କ୍ଲାସ୍‌ରେ ଅଧିକ ଲୋକ ଭାଗନେବା, ଅଧିକ ଦେଶରୁ ଲୋକେ ଭାଗ ନେବା, ଅଧିକ ସମୟ ଯୋଗ କ୍ଲାସ୍ ଆୟୋଜନ କରିବା ଆଦିରେ ସେ ୬ଟି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ସୌରଭଙ୍କ ଜେଜେବାପା ଜଣେ ଡାକ୍ତର ଥିଲେ ବି ଚାକିରି ନ କରି ଦୁର୍ଗମ ଗାଁରେ ରହି ଲୋକଙ୍କ ପାଇଁ ନିଃସ୍ୱାର୍ଥପର ଭାବେ ସେବା ଯୋଗାଉଥିଲେ। ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ଯୋଗ ଶିକ୍ଷା ଦେଇ ଲୋକଙ୍କୁ ସୁସ୍ଥ ରଖିବାର ପ୍ରୟାସ ଜାରି ରଖିଛନ୍ତି ବୋଲି କହନ୍ତି ସୌରଭ।

## ୫୦ ବର୍ଷ ତଳର ଧରିତ୍ରୀ

**୪ ନଭେମ୍ବର ୧୯୭୬**

- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସଭାପତିତ୍ୱରେ ଭାରତ ସରକାର ଏକ ଜାତୀୟ ମହିଳା କମିଟି ଗଠନ କରିଛନ୍ତି।
- ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ଭାରତର ୫୫ ନିୟୁତ ଟଙ୍କା ଦାନ।

## ଚିରନ୍ତନୀ

ତୁମରି ଲାଗି ଜଳଇ ମୋର ଆରତି
ପରାଣ ଦେହ ତୁମେ ମୋ’ ଯଶ କୀରତି
ଯାତନା ଶତ ମରଣ ମମ
ଲଭିଲେ ପଛେ ହେ ପ୍ରିୟତମ
ଅମର ହେବ ଜୀବନ ମମ
ଲଭିଲେ ତିଳେ ପୀରତି !

–(ପ୍ରସାଧନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 3 | | | | | | |
| | 7 | | 4 | | 9 | | | |
| 1 | 8 | | | | 6 | | 9 | 7 |
| | | 6 | | 3 | | | | |
| 8 | | | | | 5 | | 7 | 4 |
| | | 1 | | | 4 | 9 | 8 | |
| | | | | | | 7 | | |
| | | | 2 | | | | | |
| | 6 | | 7 | | 8 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 1 | 4 | 6 | 8 | 3 | 5 | 7 |
| 3 | 8 | 6 | 5 | 9 | 7 | 2 | 4 | 1 |
| 7 | 4 | 5 | 1 | 3 | 2 | 6 | 8 | 9 |
| 5 | 7 | 3 | 9 | 4 | 1 | 8 | 2 | 6 |
| 6 | 1 | 2 | 3 | 8 | 5 | 9 | 7 | 4 |
| 8 | 9 | 4 | 7 | 2 | 6 | 1 | 3 | 5 |
| 4 | 6 | 7 | 8 | 1 | 3 | 5 | 9 | 2 |
| 2 | 3 | 9 | 6 | 5 | 4 | 7 | 1 | 8 |
| 1 | 5 | 8 | 2 | 7 | 9 | 4 | 6 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଲୁଟୁଛନ୍ତି ବସ୍‌ବାଲା

ମହାଶୟ,

ନବରଙ୍ଗପୁରରୁ ଭୁବନେଶ୍ୱର ଆସିବା ପାଇଁ ୨ଦିନ ଆଗରୁ ଅଗ୍ରିମ ଟିକେଟ ବୁକିଂ କାଉଣ୍ଟରରୁ ପ୍ରକାଶ ବସ୍ ସର୍ଭିସ୍ ନାମକ ବସ୍‌ରୁ ୩ଟି ଟିକେଟ କାଟିଥିଲୁ। ଟିକେଟରେ ଏସି ସ୍ଲିପର ଲେଖାଥିଲା। କାଉଣ୍ଟର ବାଲା କହିଥିଲେ, ଉମରକୋଟରୁ ଏକ ହଳଦିଆ ରଙ୍ଗର ବସ୍ ଆସିବ। ଛାଡ଼ିବା ସମୟ ସନ୍ଧ୍ୟା ୫ଟା। ବସ୍ ନମ୍ବର କଲମରେ ଲେଖାହୋଇଥିଲା। ଭଡ଼ା ଜଣକା ୯୦୦ଟଙ୍କା, ପ୍ରକୃତରେ ଭଡ଼ା ୭୦୦ଟଙ୍କା । କିଙ୍ଗ୍‌ଫିସର ବସ୍‌ର ଭଡ଼ା। ୫ଟା ପର୍ଯ୍ୟନ୍ତ ବସ୍ ଆସିଲା ନାହିଁ। ୬.୩୦ରେ ଏକ ସ୍ଲିପର ବସ୍ ଆସିଲା । ହଳଦିଆ ରଙ୍ଗର ଆଇଚର ବସ୍। ବସ୍‌ର ନାଁ ନାହିଁ। ଗନ୍ତବ୍ୟସ୍ଥଳ ବୋର୍ଡରେ ଲେଖା ନାହିଁ। କଣ୍ଡକ୍ଟର ଡାକ ମାରିଲେ ଭୁବନେଶ୍ୱର କିଏ ଟିକେଟ କାଟିଥିଲେ ବସନ୍ତୁ। ଆମ ଟିକେଟ ପୂରା ପଛ ୩୬, ୩୭, ୩୮ ନମ୍ବର ଥିଲା। ୧୨ ଘଣ୍ଟା ପଛ ସିଟ୍‌ରେ ବସି ଆସିବା କେତେ କଷ୍ଟକର ତାହା ଅନୁଭବ କରିଛୁ। ବସ୍‌ବାଲା ଏମିତି ଲୋକଙ୍କୁ ହଇରାଣ କରୁଥିଲେ ମଧ୍ୟ ଅଭିଯୋଗ କେହି ଶୁଣୁନାହାନ୍ତି।

–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶାରୁ ଅପରେଟ୍ ହେଉଛି ଆନ୍ତଃରାଜ୍ୟ ବାଘଛାଲ ର୍ୟାକେଟ୍

## କର୍ଣ୍ଣାଟକର ବାଘଛାଲ ଭୁବନେଶ୍ୱରରେ ବିକ୍ରି ଯୋଜନା

- ୩୦ ଲକ୍ଷ ଟଙ୍କାରେ ଡିଲ୍ କରି ଧରିଲା ସ୍ପେଶାଲ କ୍ରାଇମ୍ ୟୁନିଟ୍
- କଲରାପତରିଆ ଛାଲ ଜବତ, ୩ ଗିରଫ



ଜବତ ବାଘଛାଲ ଓ ଗିରଫ ୩ ଅଭିଯୁକ୍ତ।

ଭୁବନେଶ୍ୱର,୩।୧୧(ସତ୍ୟଜିତ ରାଉତ)

ଭୁବନେଶ୍ୱରରୁ ଅପରେଟ ହେଉଛି ଆନ୍ତଃରାଜ୍ୟ ବାଘଛାଲ ର୍ୟାକେଟ୍। ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ବାଘ ଶିକାର ପରେ ଛାଲ ବିକ୍ରି ପାଇଁ ଭୁବନେଶ୍ୱର ଆସୁଛି। କର୍ଣ୍ଣାଟକର ଏକ କଲରାପତରିଆ ଛାଲ ବିକ୍ରି ଯୋଜନା ହେଉଥିବାବେଳେ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ (ଏସ୍‌ସିୟୁ) ତାହାକୁ ଧରିବା ସହ ସମ୍ପୃକ୍ତ ଏକ ବଡ଼ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଏସ୍‌ସିୟୁର ଅଧିକାରୀମାନେ ଗ୍ରାହକ ବେଶରେ ରହି ଜୟଦେବ ବିହାର ଅଞ୍ଚଳରୁ ସମ୍ପୃକ୍ତ ୩ଜଣ ବାଘଛାଲ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଢୁମୁଢୁମା ପଞ୍ଚସଖାନଗରର ରୋହିତ ମହାପାତ୍ର (୨୬), ଗଣ୍ଡମୁଣ୍ଡାର ଶମ୍ଭୁ ବିଷୋଇ (୨୩) ଓ ଗଞ୍ଜାମ ଭଞ୍ଜନଗରର ମଞ୍ଜିତ୍ ସାବତ (୨୧)। ସେମାନଙ୍କ ପାଖରୁ ଏକ କଲରାପତରିଆ ବାଘଛାଲ ଓ ୫ ମୋବାଇଲ ଜବତ ହୋଇଛି। ବାଘ ଛାଲଟି ପ୍ରାୟ ୫ ଫୁଟ ଲମ୍ବ ଓ ୩ ଫୁଟ ଓସାର। ଏ ନେଇ ଏସ୍‌ସିୟୁ ପକ୍ଷରୁ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଏହି ରାକେଟ୍‌ର ଆନ୍ତଃରାଜ୍ୟ ଲିଙ୍କ୍ ପାଇବାକୁ ଏସ୍‌ସିୟୁ ଯୋଜନା କରୁଛି। ପୋଲିସ ସୂଚନା ଅନୁଯାୟୀ, ବାଘଛାଲଟି କର୍ଣ୍ଣାଟକରୁ ଚାଲାଣ ହୋଇ ଆସିଥିଲା। ଅଭିଯୁକ୍ତ ରୋହିତ ତାହାକୁ ରାଉରକେଲାରୁ ଆଣି ବିକ୍ରି କରିବାକୁ ସହଯୋଗୀ ଶମ୍ଭୁ ଓ ମଞ୍ଜିତଙ୍କୁ କହିଥିଲେ। ଏଥିପାଇଁ କମିଶନି ଭାବେ ୫ ଲକ୍ଷ ଟଙ୍କା ଦେବେ ବୋଲି କହିଥିଲେ। ଅଭିଯୁକ୍ତମାନେ ବାଘଛାଲ ବିକ୍ରି କରିବାକୁ ଗ୍ରାହକ ଖୋଜୁଥିବା ସୂଚନା ପାଇବା ପରେ ଏସ୍‌ସିୟୁ ଟିମ୍ ସେମାନଙ୍କୁ ଯୋଗାଯୋଗ କରି ୩୦ ଲକ୍ଷ ଟଙ୍କାରେ ବାଘଛାଲ କିଣିବାକୁ ଡିଲ୍ କରିଥିଲା। ରବିବାର ଅପରାହ୍ନ ପ୍ରାୟ ୫ଟାରେ ଅଭିଯୁକ୍ତମାନେ ଜୟଦେବ ବିହାରସ୍ଥିତ ଏକ ହୋଟେଲ ପାଖ ବସ୍ତି ନିକଟରେ ବାଘଛାଲ ଧରି ପହଞ୍ଚିବା ପରେ ଏସ୍‌ସିୟୁ ଡିସିପି ଅନୁପ କୋନୁନ୍‌ଗୋଙ୍କ ନେତୃତ୍ୱରେ ପୋଲିସ ଟିମ୍ ସେମାନଙ୍କୁ କାବୁ କରିଥିଲା। ତଦନ୍ତ ଚାଲିଥିବାରୁ ଆହୁରି ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ୧୬୯ ଅଭିଯୋଗରୁ ୫୩ ତତ୍କାଳ ସମାଧାନ



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ବୋଲଗଡ଼,୩।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅସରଳା ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁମନସୁଧା କୁଣ୍ଟୁ, ତହସିଲଦାର ବିଜୟକୁମାର ସେଠୀ, ଏବିଡିଓ ଡ.ରତିକାନ୍ତ ମିଶ୍ର, ଯନ୍ତ୍ରୀ ଅମୂଲ୍ୟ ବାହିନୀପତି, ସ୍ଥାନୀୟ ସରପଞ୍ଚ ଶୁଭଲକ୍ଷ୍ମୀ ସୁନ୍ଦରାୟ, ସମିତିସଭ୍ୟା ସୁମିତ୍ରା ମହାପାତ୍ରଙ୍କ ସମେତ ସମସ୍ତ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଶିବିରରେ ପଞ୍ଜୀକୃତ ୧୬୯ଟି ଅଭିଯୋଗ ମଧ୍ୟରୁ ବିଭାଗୀୟ ଅଧିକାରୀମାନେ ତତ୍କାଳ ୫୩ଟିର ସମାଧାନ କରିଥିଲେ। ଅବଶିଷ୍ଟ ୧୧୬ ଅଭିଯୋଗ ସମ୍ପୃକ୍ତ ବିଭାଗ ପକ୍ଷରୁ ତର୍ଜମା ପରେ ସମାଧାନ କରାଯିବ। ଅଭିଯୋଗଗୁଡ଼ିକ ମଧ୍ୟରେ ଆବାସ ଯୋଜନରେ ସର୍ବାଧିକ ୩୩ଟି, ବିଭିନ୍ନ ଭତ୍ତା ସମ୍ବନ୍ଧୀୟ ୨୨ଟି, କୃଷି ସମ୍ବନ୍ଧୀୟ ୧୦ଟି, ରାଶନକାର୍ଡ ନେଇ ୩ଟି, ଆଧାରକାର୍ଡ ନେଇ ୨ଟି ସମେତ ଅନ୍ୟାନ୍ୟ ଅଭିଯୋଗ ହୋଇଥିବା ବେଳେ ହିତାଧିକାରୀଙ୍କୁ ପଟା ବଣ୍ଟନ, ଜାତି ଓ ଆୟ ପ୍ରମାଣପତ୍ର, ରାଶନକାର୍ଡ ଆଦି ପ୍ରଦାନ ସହ ସେଥିରେ ଥିବା ତ୍ରୁଟି ସଂଶୋଧନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପର୍ଯ୍ୟବେକ୍ଷକ ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିବା ବେଳେ ବ୍ଲକ କାର୍ଯ୍ୟାଳୟ ବରିଷ୍ଠ ସହାୟକ ଆଲୋକ କୁମାର ଜେନା ଓ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ସମେତ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ଓ ଛାମୁଆ ନେତାମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଦୋଷୀଙ୍କୁ ୨୦ବର୍ଷ ଜେଲଦଣ୍ଡ

## ନାବାଳିକା ବଳାତ୍କାର ମାମଲାର ରାୟ

ଭୁବନେଶ୍ୱର,୩।୧୧(ସତ୍ୟଜିତ ରାଉତ)

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ସୋମବାର ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ୪ର୍ଥ ଅତିରିକ୍ତ ଜିଲା ଓ ଦୌରା ଜଜ୍ କମ୍ ସ୍ୱତନ୍ତ୍ର ଜଜ୍ (ପୋକ୍ସୋ) କୋର୍ଟରେ ପ୍ରକାଶ ପାଇଛି। ମାମଲାରେ ଏକମାତ୍ର ଅଭିଯୁକ୍ତ ଥିବା ବାଘମାରୀ ଥାନା ଅନ୍ତର୍ଗତ ଏକ ଗାଁର ପ୍ରକାଶ ନାୟକ (୨୪) ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ୨୦ବର୍ଷ ଜେଲଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ଶୁଭଞ୍ଜନ ମହାନ୍ତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଯୋଗାଇ ଦେବାକୁ ଖୋର୍ଦ୍ଧା ଡିଏଲ୍ଏସ୍ଏଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ ଏପ୍ରିଲ ୭ରେ ୧୪ ବର୍ଷୀୟା ନାବାଳିକା ଜଣକ ଘର ପଛ ଆମ୍ବ ତୋଟାକୁ ଶୌଚ ହେବାକୁ ଯାଇଥିବାବେଳେ ଅଭିଯୁକ୍ତ ପ୍ରକାଶ ତାଙ୍କ ପାଟି ବନ୍ଦ କରି ନିକଟସ୍ଥ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଫଳରେ ପୀଡ଼ିତା ଜଣକ ଚେତା ହରାଇ ପଡ଼ିବାରୁ ପ୍ରକାଶ ଫେରାର ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ପୀଡ଼ିତାଙ୍କୁ ଉଦ୍ଧାର କରିଥିଲେ। ପୀଡ଼ିତାଙ୍କ ବାପାଙ୍କ ଏତଲାକ୍ରମେ ପୋଲିସ ଆଇପିସି ଦଫା ୩୭୬, ୩୭୬(୩), ୫୦୬ ଓ ପୋକ୍ସୋ ଆକ୍ଟରେ ମାମଲା (ନଂ.୬୨/୨୦୨୪) ରୁଜୁ କରି ଅଭିଯୁକ୍ତ ପ୍ରକାଶଙ୍କୁ ଗିରଫ କରିଥିଲା। ମେ' ୧୭ରେ ଚାର୍ଜଶିଟ୍ ଦାଖଲ ହେବା ପରେ ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବରିଷ୍ଠ ଓକିଲ ସୁବ୍ରତ ପ୍ରିୟଦର୍ଶୀ ମାମଲା ପରିଚାଳନା କରୁଥିଲେ। ବିଚାରପତି ୧୦ ଜଣଙ୍କ ସାକ୍ଷ୍ୟ ଓ ୫୭ଟି ଦସ୍ତାବିଜ୍ ଆଧାରରେ ଦଣ୍ଡାଦେଶ ଶୁଣାଇଛନ୍ତି।

# ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଭୁବନେଶ୍ୱର,୩।୧୧(ଅନୁରାଧା ମହାରଣା):** କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମାଇଁ ଭାରତର ଖୋର୍ଦ୍ଧା ଶାଖା ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ୧୭ତମ ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମ କଳିଙ୍ଗ ଷ୍ଟାଡ଼ିୟମ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସିଆର୍‌ପିଏଫ୍ ଭୁବନେଶ୍ୱରର ଡିଆଇଜି ଭାରତ ଭୂଷଣ ସେଠୀ ଯୋଗଦେଇ କହିଲେ, ଯୁବପିଢ଼ି ଦେଶର ଭାଗ୍ୟ ଓ ଭବିଷ୍ୟତ। ଯୁବ ଶକ୍ତି ଜାଗ୍ରତ ହେଲେ ଦେଶର ପ୍ରଗତି ସମ୍ଭବ ହୋଇପାରିବ। ଏକ ସମୃଦ୍ଧ ପ୍ରଗତି ବିକଶିତ ରାଷ୍ଟ୍ର ନିର୍ମାଣରେ ଯୁବତୀ ଯୁବକମାନେ ସହଭାଗୀ ହେବାକୁ ସେ ଆହ୍ୱାନ ଦେଇଥିଲେ। ଅତିଥିଭାବେ କ୍ରୀଡ଼ା ଓ ଯୁବ ସେବା ବିଭାଗର ଅତିରିକ୍ତ ସଚିବ ବିଜୟ ସ୍ୱାଇଁ, ଓଏସ୍‌ଡି ଧୀରଜ ପଟ୍ଟନାୟକ, ବରିଷ୍ଠ ଖବରଦାତା ଦିଲୀପ ବିଶୋୟୀ, ମାଇଁ ଭାରତର ପୂର୍ବ କ୍ଷେତ୍ରର ଆଞ୍ଚଳିକ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାତ, ଉପନିର୍ଦ୍ଦେଶକ ଶକ୍ତିସ୍ୱରୂପ ସିଂ ପ୍ରମୁଖ ଯୋଗଦେଇଥିଲେ।

# ଇପିଏଫ୍ ପେନ୍‌ସନର୍ସ ସଂଘର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୩।୧୧(ବନ୍ଦନା ସେଠୀ)

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ୮ମ ପ୍ରତିଷ୍ଠା ଦିବସ ଉତ୍ସବ ସୋମବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନର ରାଜ୍ୟ ସଭାପତି ଇଂ. ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଯୋଗଦେଇଥିଲେ। ସର୍ବଭାରତୀୟ ଉପସଭାପତି ତଥା ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସହାୟକ ବୈଦ୍ୟୁତିକ ଯନ୍ତ୍ରୀ (ସିଓଏନ୍), ଦ.ପୂ. ରେଳପଥ, ରାଞ୍ଚି ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ: **ଇ-ଟେଣ୍ଡର ବିଜ୍ଞପ୍ତି ନଂ.:** ଇଏଲ୍-ସିଓଏନ୍-ଆର୍ଏନ୍‌ସି-ଆଇଏଲ୍‌ଓ-ଏସ୍ଏଲ୍ଏଫ୍-୨୫-୨୬; **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** "ଦ.ପୂ. ରେଳପଥର ରାଞ୍ଚି ମଣ୍ଡଳରେ ମୁରିକୁ ଏଡ଼ାଉଥିବା ଇଲ୍ଲୁ-ସିଲ୍ଲି ବାଇପାସ୍ ଲାଇନ୍‌ର କାର୍ଯ୍ୟ ସଂକ୍ରାନ୍ତରେ ଆର୍‌ସି ଏବଂ ପିଏସ୍ଆଇ କାର୍ଯ୍ୟ ଏବଂ ଏଟି ସମ୍ବନ୍ଧିତ କାର୍ଯ୍ୟ ସମେତ ୨୫ କେଭି ଓଏଚ୍‌ଇ ବିଦ୍ୟୁତୀକରଣ ଏବଂ ପରିବର୍ତ୍ତନ କାର୍ଯ୍ୟର ଯୋଗାଣ, ଉତ୍ଥାପନ, ପରୀକ୍ଷଣ ଏବଂ କମିଶନିଂ ।" **କାର୍ଯ୍ୟର ମୂଲ୍ୟ:** ₹୧୧,୪୨,୬୪,୫୨୧.୬୦ ଏବଂ **ବିଡ୍ ଅମାନତ:** ₹୭,୨୧,୩୦୦.୦୦; **ସମାପ୍ତି ଅବଧି:** ୨୪ ମାସ; **ବନ୍ଦ ହେବା ତାରିଖ:** ୨୬।୧୧।୨୦୨୫; ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା ଏବଂ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି [ଇ-ଟେଣ୍ଡର କାର୍ଯ୍ୟ (ଫୋନ୍ ନଂ. ସହିତ ଲଗ୍‌ଇନ୍ କରନ୍ତୁ) ଏବଂ ଉପରଦର୍ଶିତ ଟେଣ୍ଡର ନଂ. ସହ ସନ୍ଧାନ କରନ୍ତୁ] । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିଦ୍ର: "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି।" (PR-795)

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ନଂ.:** ବିଆର୍-ଏଚ୍‌କ୍ୟୁ-କେଜିପି-୨୫-୨୬-୦୮; **କାର୍ଯ୍ୟର ବର୍ଣ୍ଣନା:** "ଏଏକ୍ସଇଏନ୍ (ସେତୁ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ ଅବଧିରେ ଏସ୍ଏସ୍‌ଇ/ବିଆର୍/କେଜିପି-ଆଇ କ୍ଷେତ୍ରାଧିକାରର ସେତୁ ଜୋନାଲ କାର୍ଯ୍ୟ।" **ଟେଣ୍ଡର ମୂଲ୍ୟ:** ₹୨,୯୬,୧୧,୦୭୭.୩୯; **ଅମାନତ ରାଶି:** ₹୨,୯୮,୧୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ; **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୭।୧୧।୨୦୨୫ରିଖ ୧୧.୩୦ ଘଟିକା; **ସମାପ୍ତି ଅବଧି:** ୨୪ (ଚବିଶ) ମାସ; ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା ପାଇଁ ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ଲାଗି ଏହି ଟେଣ୍ଡରର ସ୍ଥିତି ଜାଣିବା ନିମନ୍ତେ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-790)

**नालको NALCO**
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**RFQ FOR INTERNAL AUDIT ASSIGNMENTS**

No. NALCO/IA/ RFP/2025 Dated: 03/11/2025

National Aluminium Company Limited (NALCO) invites applications from reputed and experienced Chartered Accountant / Cost Accountant Firms or LLPs for undertaking **Internal Audit assignments** for a period of three years at its various locations. The detailed Request for Proposal (RFP) is available on the following websites: **www.nalcoindia.co.in / www.icmai.in / www.pdicai.org**

Interested CA/CMA Firms/LLPs having their Head Offices in Odisha or Visakhapatnam(AP) are requested to submit their profiles both by email and in physical form, as specified in the RFP documents. Last date for receipt of both email and signed physical copies: **24.11.2025 (by 5:00 pm)**

**Alok Tripathy**
DGM(F)

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SUNDARGARH**
E-mail : eemisundargarh@yahoo.co.in
'e' Procurement Notice
Bid Reference No. SE MID SNG 10/2025-26

**No.A-843** : Bid documents consisting name of Works, Estimated cost, Cost of tender paper, EMD, Time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil Construction work |
| 2 | No. of Works | : | 10 (Ten) Nos. |
| 3 | Estimated cost | : | Varies from Rs.4.66 lakh to Rs.16.78 lakh (Approximately) |
| 4 | Period of completion | : | 02 (Two) to 03 (Three) Calendar months |
| 5 | Date and Time of availability of bid documents in the portal | : | From **dt.05.11.2025** at 10.00 AM to **dt.14.11.2025** up to 5.30 PM |
| 6 | Last date / time of receipt of bids in the portal | : | **Dt.14.11.2025** up to 5.30 PM |
| 7 | Date of opening of Bid | : | **Dt.15.11.2025** at 11.00 AM onwards |
| 8 | Name and address of the OIT | : | Superintending Engineer, Minor Irrigation Division, Sundargarh |

**Further details can be seen from the e-Procurement market place http://tendersodisha.gov.in

OIPR-
Sd./- Superintending Engineer
M.I.Division, Sundargarh

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
Lifeline of Odisha
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OFFICE OF THE SENIOR GENERAL MANAGER, PROJECT- I

**NOTIFICATION**

No. Sr.GM(TP&C)/Publication/Gaz/08/(Vol.V)/542 Dated : 30.10.2025

In accordance with Section-164 of the Indian Electricity Act, 2003 and in exercising the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which is intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 36.05 Crores. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr.General Manager(Elect.), EHT(Projects)-I, Bhubaneswar, Odisha Power Transmission Corporation Limited, Tech Tower (7th floor), OPTCL, Janpath, Saheed Nagar, Bhubaneswar-751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.),EHT (Projects) Division Angul as mentioned against the work, on any working day during office hours.

**Name of the Work:-** Construction of 220kV S/C Line from existing 220/33kV Grid Sub-station at Rengali to proposed RTSS at Khamar (line length- 25 kms. Approx.)

**Name of the Village in which the line will Pass :**
**Tahasil:** Kaniha, **R.I Circle:** Bajrakote, **Revenue Village:** Rengali, Deynali, **R.I Circle:** Sipur, **Revenue Village:** Podagarh, Susuba, Gengutia, Batibaspur, **Tahasil:** Pallahara ,**R.I Circle:** Khamara,**Revenue Village:** Besalia, Panihara, Nitiam, Sankhamur, Baidyanathapur, Sahupada, Jaitdimiria, Khamara.

**Perceived benefit that may accrue :** This will facilitate the un-interrupted power supply to the villages' covers under the Tahasil of Kaniha, Pallahara & overall development of Odisha State in general.

FIPR-54/2025-26
ER. SUNIL KUMAR DANDSENA
Sr. General Manager Project- I
/optcl.odisha /optcl_odisha

**कार्यपालक अभियन्ता का कार्यालय, लघु सिंचाई प्रमंडल, राँची**
कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची- 834001
ई-मेल - eemidran-cemr-jhr@nic.in, midranchi2018@gmail.com
फोन नं० – 0651–3512781

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ତୃଣମୂଳ ସ୍ତରରେ ଯୋଜନାଗୁଡ଼ିକର ତତ୍ତ୍ୱାବଧାନ ଓ ମୂଲ୍ୟାୟନ କରିବା ତଥା ସେଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନ ଲାଗି ମତାମତ ଯୋଗାଇବା ଏବଂ ମଧ୍ୟବର୍ତ୍ତୀକାଳୀନ ସୁଧାର ଲାଗି ଯୁବ ବୃତ୍ତିଧାରୀଙ୍କ ସହ ଏକ ପ୍ରୋଗ୍ରାମ୍ ମନିଟରିଂ ୟୁନିଟ୍ (ପିଏମ୍‌ୟୁ) ୨୦୨୫ ଗଠନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ନୂଆଦିଲ୍ଲୀସ୍ଥିତ ପିଏମ୍‌ୟୁ ପାଇଁ **ନିଯୁକ୍ତି ତାରିଖଠାରୁ ୨ ବର୍ଷ ଲାଗି ଅଣ-ନବୀକରଣଯୋଗ୍ୟ ଚୁକ୍ତିରେ** ୪୯ ଜଣ ରାଜ୍ୟ ସମନ୍ୱୟକାରୀଙ୍କ ଚୟନ ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି ପଦବୀରେ ମାସିକ ଟ.୭୫,୦୦୦/-ର ଏକତ୍ରିତ ବେତନ ରହିବା ସହ ଆବଶ୍ୟକତା ଅନୁସାରେ ପ୍ରତିମାସ ପ୍ରାୟ ୨୦-୨୫ ଦିନର ବ୍ୟାପକ ଭ୍ରମଣର ଆବଶ୍ୟକତା ରହିଛି । ଯେକୌଣସି ଶୃଙ୍ଖଳାର ସ୍ନାତକ କିମ୍ବା ଚଳିତ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ହେବାକୁ ଯାଉଥିବା ସ୍ନାତକ (ଏନ୍‌ଆଇଆର୍‌ଏଫ୍ ମାନ୍ୟତା ଅଧୀନରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପାହ୍ୟାପ୍ରାପ୍ତ ହୋଇଥିବା ଅନୁଷ୍ଠାନ - ଦେଶର ୧୦୦ଟି ସାମଗ୍ରିକ ଶୀର୍ଷ ଅନୁଷ୍ଠାନ, ୧୦୦ ଶୀର୍ଷ ମହାବିଦ୍ୟାଳୟ, ୧୦୦ ଶୀର୍ଷ ବିଶ୍ୱବିଦ୍ୟାଳୟ ଏବଂ ୫୦ ଶୀର୍ଷ ଗବେଷଣା ଅନୁଷ୍ଠାନରୁ) ଏହି ପଦବୀ ନିମନ୍ତେ ଆବେଦନ କରିବା ପାଇଁ ଯୋଗ୍ୟ ହେବେ ।
ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା, ଦାୟିତ୍ୱ ଆଦି ସମ୍ବନ୍ଧୀୟ ଅଧିକ ବିବରଣୀ ତଥା ଅନ୍‌ଲାଇନ୍ ଆବେଦନ ପାଇଁ ଦୟାକରି ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ୱେବସାଇଟ୍ **https://socialjustice.gov.in/** ପରିଦର୍ଶନ କରନ୍ତୁ ।
ପଞ୍ଜୀକରଣ ଓ ଦରଖାସ୍ତ ଦାଖଲ ପ୍ରକ୍ରିୟା **୦୪ ନଭେମ୍ବର ୨୦୨୫ରୁ ୦୪ ଡିସେମ୍ବର ୨୦୨୫** ପର୍ଯ୍ୟନ୍ତ ଖୋଲା ରହିବ ।
**cbc 38101/11/0027/2526**



**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** pnb punjab national bank (Together for the better) Oriental United
**ଡିମାଣ୍ଡ ନୋଟିସ୍**

ମଣ୍ଡଳ କାର୍ଯ୍ୟାଳୟ : ସମ୍ବଲପୁର, ବାଲାଜୀ ମିଡ୍‌ଟାଉନ୍, ପ୍ରଥମ ମହଲା, ଦେହେରିପାଲି, ପୋ.: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪, ଇ-ମେଲ୍: **cs8310@pnb.co.in**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ) ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨, ଏବଂ ଧାରା ୧୩(୨) ଓ ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ଧାରା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ରାଶି ସହିତ ସୁଧ ଓ ଚୁକ୍ତି ଅନୁଯାୟୀ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ନୋଟିସ୍ ପ୍ରକାଶିତ ହେବାର **୬୦ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । କଥିତ ଡିମାଣ୍ଡ ନୋଟିସ୍‌କୁ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ପାଖକୁ ପଠାଯାଇଥିଲା କିନ୍ତୁ ତାହା ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି । ତେଣୁ ପୁନଶ୍ଚ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ କୁହାଯାଉଅଛି ଯେ ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ସେମାନଙ୍କର ବକେୟା ଦେୟ ସହ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବ୍ୟାଙ୍କକୁ ପଇଠ କରନ୍ତୁ । ଯଦି ସେମାନେ ଉକ୍ତ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କ କଥିତ ଆଇନର ବ୍ୟବସ୍ଥା ଅନୁସାରେ ଅନ୍ୟ କୌଣସି ଅଧିକାରକୁ ପ୍ରତିହତ ନକରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ ।

| ଶାଖା/ ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ/ଋଣ ପରିମାଣ | ବକେୟା ଦେୟ | ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ନୂଆପଡା ଶାଖା (୬୭୭୫୦୦) / ଋଣଗ୍ରହୀତା/ବନ୍ଧକାଦାତ: ଶ୍ରୀ ସନ୍ତୋଷ କୁମାର ଗୁପ୍ତା, ପିତା: ଶ୍ରୀ ମୁସାଫିର ଗୁପ୍ତା, ସା/ପୋ: ପତୋରା, ଜିଲ୍ଲା: ନୂଆପଡା (ଓଡିଶା), ପିନ୍-୭୬୬୧୦୫ | ୨୪.୦୭.୨୦୨୫ / ଟ.୨୬,୦୦,୦୦୦/- | ୩୧.୧୦.୨୦୨୫ ସୁଦ୍ଧା ଟ.୨୮,୫୩,୯୮୯.୩୫ + ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଦେୟ | ଶ୍ରୀ ସନ୍ତୋଷ କୁମାର ଗୁପ୍ତା, ପିତା: ଶ୍ରୀ ମୁସାଫିର ଗୁପ୍ତାଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୧୫୦/୧୨୫, ପ୍ଲଟ୍ ନଂ.: ୩୮୭/୯୨୪, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ମୌଜା: ପତୋରା, ତହସିଲ/ଜିଲ୍ଲା: ନୂଆପଡା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ସୁଧିର ଚନ୍ଦ୍ର ମହାନ୍ତି, ଉତ୍ତର: ନିଜସ୍ୱ, ଦକ୍ଷିଣ: କେନାଲ |
| ଝିରିପାଣି ଶାଖା (୦୭୯୬୨୦) / ଋଣଗ୍ରହୀତାମାନେ: ୧) ନିଶିକାନ୍ତ ବେହେରା, ପିତା: ସୁରେନ୍ଦ୍ରନାଥ ବେହେରା, ୨) ସନ୍ଧ୍ୟାରାଣୀ ବେହେରା (ବନ୍ଧକଦାତା), ସ୍ୱାମୀ: ଶ୍ରୀ ନିଶିକାନ୍ତ ବେହେରା, ଉଭୟଙ୍କ ଠିକଣା- ସା: କ୍ୱାର୍ଟର ନଂ.: ସି/୧୯୮, ସେକ୍ଟର-୬, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୦୨ | ୨୮.୦୭.୨୦୨୫ / ଟ.୮,୦୦,୦୦୦/- | ୩୧.୧୦.୨୦୨୫ ସୁଦ୍ଧା ଟ.୮,୦୦,୯୪୩/- + ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଦେୟ | ଶ୍ରୀମତୀ ସନ୍ଧ୍ୟାରାଣୀ ବେହେରା, ସ୍ୱାମୀ: ଶ୍ରୀ ନିଶିକାନ୍ତ ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୭୯/୪୦୨, ପ୍ଲଟ୍ ନଂ.; ୨୪୯/୧୩୮୯, ମୌଜା: ରାଉରକେଲା ଟାଉନ୍ ୟୁନିଟ୍ ନଂ.: ୪୮ (ବଡ ସୁନାପର୍ବତ), ତହସିଲ: ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ଓଡିଶା, କ୍ଷେତ୍ର: ଏକର୦.୦୪୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୪୯/୧୦୬୩, ପଶ୍ଚିମ: ପ୍ଲଟ୍ ନଂ.: ୨୪୯/୧୦୬୩, ଉତ୍ତର: ପ୍ଲଟ୍ ନଂ.: ୨୪୯/୧୦୬୩, ଦକ୍ଷିଣ: ପ୍ଲଟ୍ ନଂ.: ୨୪୯/୧୦୬୩ |
| ଝାରସୁଗୁଡା ଶାଖା (୧୪୦୩୨୦) / ଋଣଗ୍ରହୀତା: ଶ୍ରୀ ମୀନକେତନ ନାୟକ (ବନ୍ଧକଦାତା), ପିତା: ସାରଙ୍ଗଧର ନାୟକ, ସା: କକ୍ସ କଲୋନୀ, ବେହେରାମାଳ, ପୋ: ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ କଲୋନୀ, ଜିଲ୍ଲା: ଝାରସୁଗୁଡା, ପିନ୍-୭୬୮୨୦୩ | ୨୦.୦୮.୨୦୨୫ / ଟ.୫୧,୨୦,୦୦୦/- | ୩୧.୧୦.୨୦୨୫ ସୁଦ୍ଧା ଟ.୨୩,୪୮,୮୩୧.୨୩ + ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଦେୟ | ଶ୍ରୀ ମୀନକେତନ ନାୟକ, ପିତା: ସାରଙ୍ଗଧର ନାୟକଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୭୪୭/୭୪୩୧, ପ୍ଲଟ୍ ନଂ.: ୬୧୩/୯୨୮୦, କ୍ଷେତ୍ର: ଏକର୦.୦୬୪ ଡିସିମିଲି, ମୌଜା: ଝାରସୁଗୁଡା ୟୁନିଟ୍ ନଂ.: ୨, ବାଲିଯୋରି, ତହସିଲ/ଜିଲ୍ଲା: ଝାରସୁଗୁଡା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୬୦୩, ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୬୧୩ (ଅଂଶ) |

ସ୍ଥାନ : ସମ୍ବଲପୁର, ତାରିଖ : ୦୩.୧୧.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ



केनरा बैंक Canara Bank A Government of India Undertaking
सिंडिकेट Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍**

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| କ୍ର. ନଂ. | ଜଗତ୍‌ସିଂହପୁର ଶାଖା (୧୮୦୨୭)/ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ / ବନ୍ଧକମୁକ୍ତ ନୋଟିସ୍ ତାରିଖ / ବକେୟା ରାଶି |
|---|---|---|---|
| ୧. | ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶିଲ କୁମାର ଦାଶ, ପିତା: ରବୀନ୍ଦ୍ର କୁମାର ଦାସ, ସା: ଜାହାନପୁର, ପୋ: ମଣ୍ଡାସାହି, ଗ୍ରାମ: ଜାହାନପୁର, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୧୪ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୩୨, ଖାତା ନଂ.: ୬୯, ମୌଜା: ଚାଟରା, ଗ୍ରାମ: ଜାହାନପୁର, କ୍ଷେତ୍ର: ଏକର ୦.୦୪ ଡିସିମିଲି, କିସମ: ଘରବାରୀ, ପଞ୍ଜିକୃତ ସବ୍‌ଡିଷ୍ଟ୍ରିକ୍ଟ: ଜଗତ୍‌ସିଂହପୁର ଅଧିନସ୍ଥ ଏବଂ ଜିଲ୍ଲା: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ନିତ୍ୟାନନ୍ଦ ମହାନ୍ତି, ପୂର୍ବ: ରାଧା ଚରଣ ମହାନ୍ତି, ପଶ୍ଚିମ: ଗୋପିନାଥ ମହାନ୍ତି | ୨୫.୦୮.୨୦୨୫ / ୩୧.୧୦.୨୦୨୫ / ୦୩.୧୧.୨୦୨୫ / ୦୩.୧୧.୨୦୨୫ ସୁଦ୍ଧା ଟ.୧୪,୭୯,୮୪୬.୩୭ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପରଦର୍ଶିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ସମ୍ପତ୍ତି ବିକ୍ରୟ ।**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୧) ଅନୁସାରେ ଉପରଦର୍ଶିତ ତାରିଖରେ ଜାରି କରାଯାଇଥିବା ଦଖଲ ନୋଟିସ ଅନୁଯାୟୀ କାନାରା ବ୍ୟାଙ୍କ (ବ୍ୟାଙ୍କ) ସୁରକ୍ଷିତ ଋଣଦାତା ଭାବେ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ ଫାଇନାନସିଆଲ ଅସେଟ୍ସ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଅନୁସାରେ ଉପରଦର୍ଶିତ ବକେୟା ରାଶି ସହିତ ସୁଧ ଏବଂ ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଆଦାୟ କରିବାପାଇଁ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପ୍ରକ୍ରିୟା ଏବଂ ଏହାର ଇ-ନିଲାମର ଖବର କାଗଜ ପ୍ରକାଶନ ଆରମ୍ଭ କରିବାକୁ ଯାଉଛି। ଏତଦ୍‌ଦ୍ୱାରା ଆପାଣଙ୍କୁ **୩୦ ଦିନିଆ** ନୋଟିସ୍ ଜାରି କରାଗଲା କି ଏହି ସମୟସୀମା ଅତିକ୍ରାନ୍ତ ପରେ, ଯଦି ପୂର୍ବଦର୍ଶିତ ବକେୟା ରାଶି ପୈଠ କରିନଥାନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟ ଏବଂ ଏହାର ଅନ୍ତର୍ଗତ ନିୟମାବଳୀ ଅନୁସାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ କରିବାପାଇଁ ପଦକ୍ଷେପମାନ ଗ୍ରହଣ କରିବେ। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୮) ର ସଂଶୋଧନ ଅନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆପଣଙ୍କୁ ପରାମର୍ଶ ଦିଆଯାଉଛି କି ବ୍ୟାଙ୍କକୁ ଏହି ନୋଟିସ ପ୍ରାପ୍ତିର **୩୦ ଦିନ** (ନିଲାମ ନୋଟିସ ପ୍ରକାଶନ ପୂର୍ବରୁ) ମଧ୍ୟରେ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ସୁରକ୍ଷିତ ସମ୍ପତ୍ତିର ନିଲାମ ବିକ୍ରୟ ନୋଟିସ୍ ଖବର କାଗଜ ପ୍ରକାଶନ ପରେ ଆପଣଙ୍କ ସମ୍ପତ୍ତିଗୁଡ଼ିକୁ ବନ୍ଧକମୁକ୍ତ କରିବାର ଅଧିକାର ରହିବ ନାହିଁ।

ସ୍ଥାନ : କଟକ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ତାରିଖ : ୦୩.୧୧.୨୦୨୫ କାନାରା ବ୍ୟାଙ୍କ

# ଚନ୍ଦ୍ରଭାଗାରେ ହବିଷିଆଳିଙ୍କ ଭିଡ଼

କୋଣାର୍କ,୩।୧୧(ଜ୍ୟୋତିରାଜ ମହାନ୍ତି)

କାର୍ତ୍ତିକ ମାସରେ ରାଜ୍ୟର ଅନ୍ୟତମ ପବିତ୍ର ତୀର୍ଥକ୍ଷେତ୍ର ଚନ୍ଦ୍ରଭାଗାରେ ଶତାଧିକ ହବିଷିଆଳିଙ୍କର ଭିଡ଼ ଜମିଛି। ରାଜ୍ୟର କୋଣଅନୁକୋଣରୁ ଘରଦ୍ୱାର ଛାଡ଼ି ଆସିଥିବା ଏହି ହବିଷିଆଳିମାନେ ମାସତମାମ ରହି ଏଠାରେ ଅତ୍ୟନ୍ତ ନିଷ୍ଠାର ସହ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। କାହିଁ କେଉଁକାଳରୁ ଚାଲିଆସିଥିବା ଏହି ପରମ୍ପରାରେ ହବିଷିଆଳିଙ୍କ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ସୁବିଧା ସୁଯୋଗ ଯୋଗାଇ ଦିଆ ନ ଯିବା ଯୋଗୁଁ ହବିଷିଆଳିମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପୌରାଣିକ ମତାନୁସାରେ, ଦ୍ୱାପର ଯୁଗରେ କୃଷ୍ଣଙ୍କ ପୁତ୍ର ଶାମ୍ବ ନିଜ ପିତାଙ୍କ ଶ୍ରାପଜନିତ କୁଷ୍ଠ ରୋଗରୁ ମୁକ୍ତିଲାଭ ପାଇଁ ଚନ୍ଦ୍ରଭାଗା ନଦୀ ତଟରେ ସୂର୍ଯ୍ୟଦେବଙ୍କ ଉପାସନା କରି ରୋଗମୁକ୍ତ ହୋଇଥିଲେ। ତେଣୁ ବିଶ୍ୱାସ ଯେ କେହି ଏହି କ୍ଷେତ୍ରରେ ମାନସିକ ରଖି ଉପାସନା ବା ତପସ୍ୟା କରିବ ତାର ମନସ୍କାମନା ପୂରଣ ହେବ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ହବିଷିଆଳିମାନେ ଚନ୍ଦ୍ରଭାଗାସ୍ଥିତ ହନୁମାନ ମନ୍ଦିର ଓ ସୂର୍ଯ୍ୟ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ରହି ଅତ୍ୟନ୍ତ ନିଷ୍ଠାର ସହ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ଧର୍ମ ମାସ କାର୍ତ୍ତିକ ଆରମ୍ଭରୁ ହବିଷିଆଳିମାନେ ପ୍ରତ୍ୟହ ଚନ୍ଦ୍ରଭାଗା ତୀର୍ଥରେ ସ୍ନାନ କରିବା ପରେ ସୂର୍ଯ୍ୟପୂଜା, ତଉଳା ମୂଳରେ ଚିତା ପକାଇ ବୃନ୍ଦାବତୀ ଆରାଧନା, ରାଧାଦାମୋଦର ପୂଜା, ଲକ୍ଷ୍ମୀ ନାରାୟଣ ପୂଜା, ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା କରିବା ସହ ସକାଳ ସନ୍ଧ୍ୟାରେ କାର୍ତ୍ତିକ ପୁରାଣ ପଠନ, ପିତୃ ପୁରୁଷ, ସମସ୍ତ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଆକାଶ ଦୀପ ଲଗାଇ ତଉଳା ମୂଳରେ ସନ୍ଧ୍ୟା ଆଳତି ଓ ଭଜନରେ ମସ୍‌ଗୁଲ ହେଉଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନଥିଲା ବେଳେ ଶ୍ରୀକ୍ଷେତ୍ର ପରି ଅର୍କକ୍ଷେତ୍ରରେ ପ୍ରଶାସନ ପକ୍ଷରୁ ସୁବିଧା ସୁଯୋଗ ଯୋଗାଇ ଦିଆଗଲେ, ବୟସର ଅପରାହ୍ନରେ ହବିଷିଆଳିମାନେ ମାସତମାମ ଶାନ୍ତି ଓ ଆନନ୍ଦରେ ଦିନ କାଟିପାରିବେ।



ଚନ୍ଦ୍ରଭାଗାରେ ସ୍ନାନ କରିବାକୁ ଆସିଥିବା ହବିଷିଆଳିମାନେ ।

# 'ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ହେଉ' -ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ପୁରୀ,୩।୧୧(ଅଜିତ କୁମାର ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ ସକାଶେ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ ବୋଲି ଅନୁରୋଧ କରି ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ଖବରକାଗଜର ସମ୍ପାଦକ ରାଜେଶ କୁମାର ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖିଛନ୍ତି। ମହାନ୍ତି ତାଙ୍କ ପତ୍ରରେ ଦର୍ଶାଇଛନ୍ତି ଯେ, ପୁରୀବାସୀଙ୍କ ପ୍ରିୟ ପ୍ରଭୁ ଶ୍ରୀଜଗନ୍ନାଥ। ପୁରୀ ବାସିନ୍ଦାଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ପ୍ରତିଦିନ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି। ତେବେ ଅଧିକାଂଶ ସମୟରେ ଭିଡ଼ ଯୋଗୁ ଶାନ୍ତିପୂର୍ଣ୍ଣ ତଥା ସୁବିଧାରେ ଦର୍ଶନ ପାଇବା କଷ୍ଟକର ହୋଇପଡ଼େ। ତେଣୁ ପୁରୀ ସହରର ନାଗରିକଙ୍କ ପାଇଁ ନିର୍ଦ୍ଦିଷ୍ଟ ଦିନ କିମ୍ବା ସମୟ ସୂଚୀରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବାକୁ ଅନୁରୋଧ କରୁଛୁ। ସ୍ଥାନୀୟ ବାସିନ୍ଦାଙ୍କୁ ଅସୁବିଧା କିମ୍ବା ଭିଡ଼ ବିନା ଦର୍ଶନ କରିବାକୁ ସୁଯୋଗ ଦିଅନ୍ତୁ। ଏ ଦିଗରେ ମୁଖ୍ୟମନ୍ତ୍ରୀ ଆବଶ୍ୟକ ପଦକ୍ଷେପ ନେବାକୁ ମହାନ୍ତି ନିବେଦନ କରିଛନ୍ତି। ଆଇନ ମନ୍ତ୍ରୀ, ପୁରୀ ଏମ୍‌ପି, ପୁରୀ ବିଧାୟକ, ଜିଲାପାଳ ଏବଂ ଏସ୍‌ପିଙ୍କୁ ମଧ ଏହି ପତ୍ର ଲେଖାଯାଇଛି।

# 'ସମର୍ଥ ନାରୀ-ସମୃଦ୍ଧ ଭାରତ'

ପୁରୀ,୩।୧୧(ଅଜିତ କୁମାର ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ଏବଂ ଆଇସିସି, ନୂଆଦିଲ୍ଲୀର ମିଳିତ ସହଯୋଗରେ ସୋମବାର ଶ୍ରୀସଦାଶିବ ପରିସର ଆଯୁର୍ଭୁଲାରେ 'ସମର୍ଥ ନାରୀ-ସମୃଦ୍ଧ ଭାରତ' ଶୀର୍ଷକ ରାଷ୍ଟ୍ରୀୟ ମହିଳା ସମ୍ମେଳନ ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ିଙ୍କ ସଂରକ୍ଷଣରେ ଏବଂ ପରିସର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ର ମାଧବୀ ମଞ୍ଜରୀ ମଙ୍ଗଳାଚରଣ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଡ. ଜ୍ୟୋତିପ୍ରକାଶ ପାତ୍ର, ବିଶିଷ୍ଟ ଅତିଥିରୂପେ ଚଳଚ୍ଚିତ୍ର ଅଭିନେତ୍ରୀ ପୁଷ୍ପା ପଣ୍ଡା, ଚଳଚ୍ଚିତ୍ର ପ୍ରଯୋଜିକା ତଥା ଅଭିନେତ୍ରୀ ସୌଭାଗ୍ୟଲକ୍ଷ୍ମୀ (ବିନି) ସାମଲ ପ୍ରମୁଖ ଯୋଗଦେଇ କହିଥିଲେ, ନାରୀ ସର୍ବଂସହା ଓ ଶକ୍ତିମୟୀ। ନାରୀର ଉନ୍ନତିରେ ଦେଶର ବିକାଶ ହୋଇଥାଏ। ପ୍ରତିଟି କାର୍ଯ୍ୟରେ ନାରୀଜାତିର ଭୂମିକା ଅତ୍ୟଧିକ ରହିଥାଏ। ସଂଯୋଜିକା ପ୍ରଫେସର ନିର୍ମଳା ପାଣିଗ୍ରାହୀ ସ୍ୱାଗତ ଭାଷଣ ଏବଂ ପ୍ରଫେସର ଗୌରପ୍ରିୟା ଦାଶ ଧନ୍ୟବାଦ ଦେଇଥିଲେ। ଡ.ସ୍ୱାଗତିକା ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲେ।

# ଏସ୍‌ପିଙ୍କ ଦ୍ୱାରସ୍ଥ ଗୋପ ପଞ୍ଚାୟତ ସମିତି ଅଧ୍ୟକ୍ଷ

ପୁରୀ,୩।୧୧(ଅଜିତ କୁମାର ମହାନ୍ତି)

ଗୋପ ବିଡିଓ ଏବଂ ପଞ୍ଚାୟତ ସମିତି ଉପାଧ୍ୟକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଧ୍ରୁବ ମଲ୍ଲିକ ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଧ୍ୟକ୍ଷ ମଲ୍ଲିକ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୨୦୨୪ ସେପ୍ଟେମ୍ବର ୩୦ରେ ଗୋପ ପଞ୍ଚାୟତ ସମିତିରେ ଏକ ଅଭାବନୀୟ ଘଟଣା ଘଟିଥିଲା, ଯେଉଁଥିପାଇଁ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲି। ତେବେ ଥାନାର ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ ଅଭିଯୋଗକୁ ରେଜିଷ୍ଟ୍ରେସନ କରି ନ ଥିଲେ କି ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ଫଳରେ ବାଧ୍ୟହୋଇ ଅଦାଲତର ଆଶ୍ରୟ ନେଇଥିଲି। ଅଦାଲତଙ୍କ ନିର୍ଦ୍ଦେଶ ବଳରେ ଚଳିତ ମାସରେ ଗୋପ ପୋଲିସ୍ ଏକ କେସ୍ (ନଂ. ୩୧୧/୨୦୨୫) କରିଥିବା ସୂଚନା ମିଳିଛି, କିନ୍ତୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉନାହିଁ। ଏହା ଦୁର୍ଭାଗ୍ୟଜନକ। ତୁରନ୍ତ ଉକ୍ତ ଘଟଣାର ତଦନ୍ତ ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ମଲ୍ଲିକ ପୋଲିସକୁ ଅନୁରୋଧ କରିଛନ୍ତି।

# ଦୟା ନଦୀବନ୍ଧ ପୁଣି ଧସିଲା

କଣାସ,୩।୧୧(ବିଭୂତି ଭୂଷଣ ତ୍ରିପାଠୀ)

ଦୟାନଦୀର ବାମ ପାର୍ଶ୍ୱ ନଦୀବନ୍ଧ ବସନ୍ତପୁର ନିକଟରେ ୧୫୦ ମିଟରରୁ ଉର୍ଦ୍ଧ୍ୱ ଧସି ଯାଇଥିବା ଦେଖିବାକୁ ମିଳିଛି। ଜଳସେଚନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାରେ ନ ଯିବା ପାଇଁ ଏକ ବୋର୍ଡ ମରା ଯାଇଥିବା ଲେଖାଯାଇଛି। ଗତବର୍ଷ ଉକ୍ତ ସ୍ଥାନରେ ନଦୀବନ୍ଧ ଧସି ଯିବାରୁ ଜଳସେଚନ ବିଭାଗ ଉଚ୍ଚ ଅଧିକାରୀମାନେ ବାରମ୍ୱାର ଉକ୍ତ ସ୍ଥାନ ପରିଦର୍ଶନ କରିବା ସହ ନଦୀଗର୍ଭରେ ପଥର ପ୍ୟାକିଂ କରିଥିଲେ। ନଦୀବନ୍ଧର ଅପରପାର୍ଶ୍ୱରେ ଗାର୍ଡ଼ୱାଲ୍ କରିଥିବାବେଳେ ନଦୀ ବନ୍ଧକୁ ମଧ ଚଉଡ଼ା କରିବା ସହିତ ରାସ୍ତା ଢଳାଇ କରିଥିଲେ। ଡ୍ରେଜର୍ ସାହାର୍ଯ୍ୟରେ ନଦୀଗର୍ଭ ଖନନ କରାଯାଇଥିବାରୁ ନଦୀବନ୍ଧରୁ ମାଟି ନଦୀ ଗର୍ଭକୁ ବାରମ୍ୱାର ଧସି ଯାଉଥିବା ବୁଦ୍ଧିଜୀବୀମାନେ କହିଛନ୍ତି। ରାସ୍ତାରୁ ପ୍ରାୟ ୫ଫୁଟ୍ ତଳକୁ ବନ୍ଧ ଧସି ଯାଇଥିବା ଜଣାପଡ଼ିଛି। ସୋମବାର ଜଳସେଚନ ବିଭାଗର ଉଚ୍ଚ ଅଧିକାରୀମାନେ ଉକ୍ତ ସ୍ଥାନକୁ ଆସି ବାରମ୍ୱାର ନଦୀ ବନ୍ଧ ଧସୁଥିବା ସମ୍ପର୍କରେ ଅନୁଧ୍ୟାନ କରି ଫେରିଯାଇଛନ୍ତି। ଜଗନ୍ନାଥ ସଡ଼କ ଜଙ୍କିଆଠାରୁ ଗଡ଼ିଶାଗୋଦା ଦେଇ କରମଳା ଏବଂ ବ୍ରହ୍ମଗିରିକୁ ଯିବା ରାସ୍ତା ହୋଇଥିବାରୁ ଉକ୍ତ ବନ୍ଧରେ କଣାସ ବ୍ଲକର ଗଡ଼ସାହି, ଖଣ୍ଡହତା, ଗଡ଼ିଶାଗୋଦା, ଯାମଳଗୋଦା, ଆଳିବାଡ଼, ଗୋପୀନାଥପୁର ଏବଂ ବ୍ରହ୍ମଗିରି ବ୍ଲକର ୩/୪ଟି ପଞ୍ଚାୟତର ଜନସାଧାରଣ ଦୈନନ୍ଦିନ ଉକ୍ତ ରାସ୍ତା ଉପରେ ଯାତାୟାତ କରିଥାନ୍ତି। ଏ ସମ୍ପର୍କରେ କଣାସ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି, ଉଚ୍ଚ ଅଧିକାରୀମାନେ ବୁଲି ଦେଖି ଯାଇଛନ୍ତି। ନଦୀରୁ ଜଳ କମିବା ପରେ ଯାହା ସ୍ଥାୟୀ ବ୍ୟବସ୍ଥା କରାଯିବ।



ନଦୀବନ୍ଧ ଧସିଯାଇ ବଡ଼ ଖାଲ ସୃଷ୍ଟି ହୋଇଛି ।

# ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ବଲଙ୍ଗା,୩।୧୧(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଧୀନ ଉଛୁପୁରୁ ପଞ୍ଚାୟତ ନୂଆସାହି ଗ୍ରାମର ଓଡ଼ିଆ ଶ୍ରମିକଙ୍କ ଚେନ୍ନାଇରେ ସନ୍ଦେହଜନକ ମୃତ୍ୟୁକୁ ନେଇ ବଲଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୋମବାର ଭୋର ସମୟରେ ନୂଆସାହି ଗ୍ରାମର କେଳୁଚରଣ ଜେନାଙ୍କ ପୁଅ ଶ୍ରୀନିବାସ ଜେନା ମାସକ ତଳେ ଚେନ୍ନାଇ ଯାଇ ଏକ ସଂସ୍ଥାରେ କାମ କରୁଥିବା ବେଳେ ସେହି ସଂସ୍ଥା ପକ୍ଷରୁ ପରିବାର ଲୋକଙ୍କୁ ମୃତ୍ୟୁ ବିଷୟରେ ଅବଗତ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ପରିବାର ଲୋକଙ୍କୁ କେହି ମୃତ୍ୟୁର କାରଣ ସ୍ପଷ୍ଟ କରି ନ ଥିବା ଜଣାପଡ଼ିଛି। ମୃତଦେହ ନିଜ ଭିଟାମାଟିକୁ ଅଣାଯିବା ବ୍ୟବସ୍ଥା ମଧ କରାଯାଇ ନାହିଁ। ଏହିଭଳି ସ୍ଥିତିରେ ସମଗ୍ର ଗ୍ରାମରେ ଶୋକର ଛାୟା ଖେଳିଯାଇଥିବା ଦେଖିବାକୁ ମିଳିଛି। ପରିବାର କହିଲେ ବାପା ଓ ମା'ଙ୍କ ସମେତ ତାଙ୍କ ପତ୍ନୀ ଆଉ ୪ବର୍ଷର ଶିଶୁକନ୍ୟା ଓ ୩ବର୍ଷର ପୁତ୍ର ସନ୍ତାନ। ୬ ବର୍ଷ ତଳେ ବିବାହ କରିଥିଲେ। ପରେ ପରିବାର ସମ୍ପୂର୍ଣ୍ଣ ଭାର ଶ୍ରୀନିବାସଙ୍କ କାନ୍ଧରେ ଥିଲା। ପରିବାରର ଆର୍ଥିକ ସ୍ଥିତି ଶ୍ରୀନିବାସଙ୍କୁ ବାହାରକୁ ଯିବା ପାଇଁ ବାଧ କରିଥିଲା। ସୋମବାର ଭୋରରୁ ଝୁଲନ୍ତା ମୃତଦେହ ଦେଖି କମ୍ପାନୀ ପକ୍ଷରୁ ଖବରପାଇ ସନ୍ଦେହଜନକ ମୃତ୍ୟୁ ପରିବାର ଲୋକଙ୍କୁ ଚକିତ କରିଛି। ଏନେଇ ସ୍ଥାନୀୟ ନିମାପଡ଼ା ବିଧାୟିକା ଓ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମୃତଦେହ ଆଣିବା ପାଇଁ ନିବେଦନ କରିଛନ୍ତି।

# ଦେଶୀ ମଦ ଜବତ, ବେପାରୀ ଗିରଫ

ନିମାପଡ଼ା,୩।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ପୋଲିସ ରବିବାର ରାତିରେ ଖେଲାର, ରେଞ୍ଚ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବରପାଇ ସ୍ଥାନୀୟ ଥାନା ଅନ୍ତର୍ଗତ ରେଞ୍ଚ ବଜାର ଠାରେ ଅଚାନକ ଚଢ଼ାଉ କରି ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ବେପାରୀଙ୍କ ଠାରୁ ପୋଲିସ ୫୦ ବୋତଲ ଦେଶୀ ମଦ ଜବତ କରିଛି। ଜବତ ଚୋରା ମଦର ମୂଲ୍ୟ ପ୍ରାୟ ପାଞ୍ଚ ହଜାର ଟଙ୍କା ହେବବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ବେପାରୀ ଜଣଙ୍କ ହେଲେ ରେଞ୍ଚ ଶାସନ ଗ୍ରାମର ରଞ୍ଜନ ଭୋଇ। ରଞ୍ଜନଙ୍କୁ ପୋଲିସ ସୋମବାର କୋର୍ଟଚାଲାଣ କରିଛି। ପୋଲିସ ଏ ସମ୍ପର୍କରେ କେସ୍ ନଂ ୩୩୫/୨୫ ରୁଜୁକରି ଘଟଣାର ତଦନ୍ତ ଚଳାଇଛି।


## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସହାୟକ ବୈଦ୍ୟୁତିକ ଯନ୍ତ୍ରୀ (ସିଓଏନ୍), ଦ.ପୂ. ରେଳପଥ, ରାଞ୍ଚି ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ: **ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇଏଲ୍-ସିଓଏନ୍-ଆର୍‌ଏନ୍‌ସି-ଆଇଏଲ୍‌ଓ-ଏସ୍‌ଏଲ୍‌ଏଫ୍-୨୫-୨୬; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** "ଦ.ପୂ. ରେଳପଥର ରାଞ୍ଚି ମଣ୍ଡଳରେ ମୁରିକୁ ଏଡ଼ାଉଥିବା ଇଲ୍ଲୁ-ସିଲି ବାଇପାସ୍ ଲାଇନ୍‌ର କାର୍ଯ୍ୟ ସଂକ୍ରାନ୍ତରେ ଆର୍‌ସି ଏବଂ ପିଏସ୍‌ଆଇ କାର୍ଯ୍ୟ ଏବଂ ଏଟି ସମ୍ବନ୍ଧିତ କାର୍ଯ୍ୟ ସମେତ ୨୫ କେଭି ଓଏଚ୍‌ଇ ବିଦ୍ୟୁତୀକରଣ ଏବଂ ପରିବର୍ତ୍ତନ କାର୍ଯ୍ୟର ଯୋଗାଣ, ଉତ୍ଥାପନ, ପରୀକ୍ଷଣ ଏବଂ କମିଶନିଂ ।" **କାର୍ଯ୍ୟର ମୂଲ୍ୟ:** ₹୧୧,୪୨,୬୪,୫୨୧.୬୦ ଏବଂ **ବିଡ୍ ଅମାନତ:** ₹୭,୨୧,୩୦୦.୦୦; **ସମାପ୍ତି ଅବଧି:** ୨୪ ମାସ; **ବନ୍ଦ ହେବା ତାରିଖ:** ୨୬।୧୧।୨୦୨୫; ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା ଏବଂ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି [ଇ-ଟେଣ୍ଡର କାର୍ଯ୍ୟ (ଫୋନ୍ ନଂ. ସହିତ ଲଗ୍‌ଇନ୍ କରନ୍ତୁ) ଏବଂ ଉପରଦର୍ଶିତ ଟେଣ୍ଡର ନଂ. ସହ ସନ୍ଧାନ କରନ୍ତୁ] । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିଦ୍ର: "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି।" (PR-795)

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ନଂ.: ବିଆର୍-ଏଚ୍‌କ୍ୟୁ-କେଜିପି-୨୫-୨୬-୦୮; କାର୍ଯ୍ୟର ବର୍ଣ୍ଣନା:** "ଏଏକ୍ସଇଏନ୍ (ସେତୁ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ ଅବଧିରେ ଏସ୍‌ଏସ୍‌ଇ/ବିଆର/କେଜିପି-ଆଇ କ୍ଷେତ୍ରାଧିକାରର ସେତୁ କୋନାଲ କାର୍ଯ୍ୟ।" **ଟେଣ୍ଡର ମୂଲ୍ୟ:** ₹୨,୯୬,୧୧,୦୭୭.୩୯; **ଅମାନତ ରାଶି:** ₹୨,୯୮,୧୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ; **ଟେଣ୍ଡରର ବନ୍ଦ ହେବାର ତାରିଖ ଓ ସମୟ:** ତା୨୭।୧୧।୨୦୨୫ରିଖ ୧୧.୩୦ ଘଟିକା; **ସମାପ୍ତି ଅବଧି:** ୨୪ (ଚବିଶ) ମାସ; ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା ପାଇଁ ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ଲାଗି ଏହି ଟେଣ୍ଡରର ସ୍ଥିତି ଜାଣିବା ନିମନ୍ତେ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-790)

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**RFQ FOR INTERNAL AUDIT ASSIGNMENTS**

**No. NALCO/IA/ RFP/2025** **Dated: 03/11/2025**

National Aluminium Company Limited (NALCO) invites applications from reputed and experienced Chartered Accountant / Cost Accountant Firms or LLPs for undertaking **Internal Audit assignments** for a period of three years at its various locations. The detailed Request for Proposal (RFP) is available on the following websites: **www.nalcoindia.co.in / www.icmai.in / www.pdicai.org**

Interested CA/CMA Firms/LLPs having their Head Offices in Odisha or Visakhapatnam(AP) are requested to submit their profiles both by email and in physical form, as specified in the RFP documents. Last date for receipt of both email and signed physical copies: **24.11.2025 (by 5:00 pm)**

**Alok Tripathy**
DGM(F)

GOVERNMENT OF ODISHA
**OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH**
E-mail : eemisundargarh@yahoo.co.in
**'e' Procurement Notice**
**Bid Reference No. SE MID SNG 10/2025-26**

**No.A-843** : Bid documents consisting name of Works, Estimated cost, Cost of tender paper, EMD, Time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil Construction work |
| 2 | No. of Works | : | 10 (Ten) Nos. |
| 3 | Estimated cost | : | Varies from Rs.4.66 lakh to Rs.16.78 lakh (Approximately) |
| 4 | Period of completion | : | 02 (Two) to 03 (Three) Calendar months |
| 5 | Date and Time of availability of bid documents in the portal | : | From **dt.05.11.2025** at 10.00 AM to **dt.14.11.2025** up to 5.30 PM |
| 6 | Last date / time of receipt of bids in the portal | : | **Dt.14.11.2025** up to 5.30 PM |
| 7 | Date of opening of Bid | : | **Dt.15.11.2025** at 11.00 AM onwards |
| 8 | Name and address of the OIT | : | Superintending Engineer, Minor Irrigation Division, Sundargarh |

**Further details can be seen from the e-Procurement market place http://tendersodisha.gov.in

Sd./- Superintending Engineer
M.I.Division, Sundargarh
OIPR-

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE SENIOR GENERAL MANAGER, PROJECT- I

**NOTIFICATION**

**No. Sr.GM(TP&C)/Publication/Gaz/08/(Vol.V)/542** **Dated : 30.10.2025**

In accordance with Section-164 of the Indian Electricity Act, 2003 and in exercising the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which is intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 36.05 Crores. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr.General Manager(Elect.), EHT(Projects)-I, Bhubaneswar, Odisha Power Transmission Corporation Limited, Tech Tower (7th floor), OPTCL, Janpath, Saheed Nagar, Bhubaneswar-751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.),EHT (Projects) Division Angul as mentioned against the work, on any working day during office hours.

**Name of the Work:-** Construction of 220kV S/C Line from existing 220/33kV Grid Sub-station at Rengali to proposed RTSS at Khamar (line length- 25 kms. Approx.)

**Name of the Village in which the line will Pass :**
**Tahasil:** Kaniha, **R.I Circle:** Bajrakote, **Revenue Village:** Rengali, Deynali, **R.I Circle:** Sipur, **Revenue Village:** Podagarh, Susuba, Gengutia, Batibaspur, **Tahasil:** Pallahara ,**R.I Circle:** Khamara,**Revenue Village:** Besalia, Panihara, Nitiam, Sankhamur, Baidyanathapur, Sahupada, Jaitdimiria, Khamara.

**Perceived benefit that may accrue :** This will facilitate the un-interrupted power supply to the villages' covers under the Tahasil of Kaniha, Pallahara & overall development of Odisha State in general.

**ER. SUNIL KUMAR DANDSENA**
Sr. General Manager Project- I
FIPR-54/2025-26
/optcl.odisha /optcl_odisha

कार्यपालक अभियन्ता का कार्यालय, लघु सिंचाई प्रमंडल, राँची
कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची- 834001
ई-मेल - eemidran-cemr-jhr@nic.in, midranchi2018@gmail.com
फोन नं० – 0651–3512781

पत्रांक................./ राँची, दिनांक ......../......../2025

**शुद्धि-पत्र**

कार्यपालक अभियंता, लघु सिंचाई प्रमण्डल, राँची का पत्रांक – 616 दिनांक– 25.09.25 द्वारा आमंत्रित e-Tender Reference No. WRD/MID/RANCHI F2 -08/2025-26, PR No.362990 Minor Irrigation (25-26).D दिनांक 27.09.2025 को प्रकाशित निविदा में निम्न प्रकार संशोधन किया जाता है:–

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of e-tender on website | 18.10.2025 up to 2:00 pm | 13.11.2025 up to 2.00 pm |
| 2 | Last date for /time for submission of e- tender BID's | 25.10.2025 up to 5:00pm | 19.11.2025 up to 3:00 pm |
| 3 | Last date for online Submission of tender fee and EMD | 25.10.2025 up to 5:00pm | 19.11.2025 up to 3:00 pm |
| 4 | Date of opening tender | 30.10.2025 at 2:00 Pm | 21.11.2025 at 4:00 pm |

निविदा की शेष सभी शर्तें पूर्वतः बनी रहेगी।

विश्वासभाजन
कार्यपालक अभियन्ता, लघु सिंचाई प्रमंडल, राँची
PR 365186 Minor Irrigation (25-26)_D

**ଭାରତ ସରକାର**
**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ**
**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ**

**ପ୍ରୋଗ୍ରାମ୍ ମନିଟରିଂ ୟୁନିଟ୍ (ପିଏମ୍‌ୟୁ) ଅଧୀନରେ ରାଜ୍ୟ ସମନ୍ୱୟକାରୀଙ୍କ ପାଇଁ ଖାଲିପଦବୀ ସମ୍ବନ୍ଧୀୟ ଘୋଷଣା**

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ତୃଣମୂଳ ସ୍ତରରେ ଯୋଜନାଗୁଡ଼ିକର ତତ୍ତ୍ୱାବଧାନ ଓ ମୂଲ୍ୟାୟନ କରିବା ତଥା ସେଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନ ଲାଗି ମତାମତ ଯୋଗାଇବା ଏବଂ ମଧ୍ୟବର୍ତ୍ତୀକାଳୀନ ସୁଧାର ଲାଗି ଯୁବ ବୃତ୍ତିଧାରୀଙ୍କ ସହ ଏକ ପ୍ରୋଗ୍ରାମ୍ ମନିଟରିଂ ୟୁନିଟ୍ (ପିଏମ୍‌ୟୁ) ୨୦୨୫ ଗଠନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ନୂଆଦିଲ୍ଲୀସ୍ଥିତ ପିଏମ୍‌ୟୁ ପାଇଁ **ନିଯୁକ୍ତି ତାରିଖଠାରୁ ୨ ବର୍ଷ ଲାଗି ଅଣ-ନବୀକରଣଯୋଗ୍ୟ ଚୁକ୍ତିରେ** ୪୯ ଜଣ ରାଜ୍ୟ ସମନ୍ୱୟକାରୀଙ୍କ ଚୟନ ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି ପଦବୀରେ ମାସିକ ଟ.୭୫,୦୦୦/-ର ଏକତ୍ରିତ ବେତନ ରହିବା ସହ ଆବଶ୍ୟକତା ଅନୁସାରେ ପ୍ରତିମାସ ପ୍ରାୟ ୨୦-୨୫ ଦିନର ବ୍ୟାପକ ଭ୍ରମଣର ଆବଶ୍ୟକତା ରହିଛି । ଯେକୌଣସି ଶୃଙ୍ଖଳାର ସ୍ନାତକ କିମ୍ବା ଚଳିତ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ହେବାକୁ ଯାଉଥିବା ସ୍ନାତକ (ଏନ୍‌ଆଇଆର୍‌ଏଫ୍ ମାନ୍ୟତା ଅଧୀନରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପାହ୍ୟାପ୍ରାପ୍ତ ହୋଇଥିବା ଅନୁଷ୍ଠାନ - ଦେଶର ୧୦୦ଟି ସାମଗ୍ରିକ ଶୀର୍ଷ ଅନୁଷ୍ଠାନ, ୧୦୦ ଶୀର୍ଷ ମହାବିଦ୍ୟାଳୟ, ୧୦୦ ଶୀର୍ଷ ବିଶ୍ୱବିଦ୍ୟାଳୟ ଏବଂ ୫୦ ଶୀର୍ଷ ଗବେଷଣା ଅନୁଷ୍ଠାନରୁ) ଏହି ପଦବୀ ନିମନ୍ତେ ଆବେଦନ କରିବା ପାଇଁ ଯୋଗ୍ୟ ହେବେ ।

ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା, ଦାୟିତ୍ୱ ଆଦି ସମ୍ବନ୍ଧୀୟ ଅଧିକ ବିବରଣୀ ତଥା ଅନ୍‌ଲାଇନ୍ ଆବେଦନ ପାଇଁ ଦୟାକରି ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ୱେବସାଇଟ୍ **https://socialjustice.gov.in/** ପରିଦର୍ଶନ କରନ୍ତୁ ।

ପଞ୍ଜୀକରଣ ଓ ଦରଖାସ୍ତ ଦାଖଲ ପ୍ରକ୍ରିୟା **୦୪ ନଭେମ୍ବର ୨୦୨୫ରୁ ୦୪ ଡିସେମ୍ବର ୨୦୨୫** ପର୍ଯ୍ୟନ୍ତ ଖୋଲା ରହିବ ।

**cbc 38101/11/0027/2526**

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank (Together for the better) Oriental United
**ଡିମାଣ୍ଡ ନୋଟିସ୍**

ମଣ୍ଡଳ କାର୍ଯ୍ୟାଳୟ : ସମ୍ବଲପୁର, ବାଲାଜୀ ମିଡ୍‌ଟାଉନ୍, ପ୍ରଥମ ମହଲା, ଦେହେରିପାଲି, ପୋ.: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪, ଇ-ମେଲ୍: **cs8310@pnb.co.in**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ) ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨, ଏବଂ ଧାରା ୧୩(୨) ଓ ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ଧାରା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ରାଶି ସହିତ ସୁଧ ଓ ଚୁକ୍ତି ଅନୁଯାୟୀ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ନୋଟିସ୍ ପ୍ରକାଶିତ ହେବାର ୬୦ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । କଥିତ ଡ଼ିମାଣ୍ଡ ନୋଟିସ୍‌କୁ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ପାଖକୁ ପଠାଯାଇଥିଲା କିନ୍ତୁ ତାହା ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି। ତେଣୁ ପୁନଶ୍ଚ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ କୁହାଯାଉଅଛି ଯେ ସେମାନେ ଏହି ନୋଟିସ୍ ପ୍ରକାଶନର ୬୦ଦିନ ମଧ୍ୟରେ ସେମାନଙ୍କର ବକେୟା ଦେୟ ସହ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବ୍ୟାଙ୍କକୁ ପଇଠ କରନ୍ତୁ । ଯଦି ସେମାନେ ଉକ୍ତ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କ କଥିତ ଆଇନର ବ୍ୟବସ୍ଥା ଅନୁସାରେ ଅନ୍ୟ କୌଣସି ଅଧିକାରକୁ ପ୍ରତିହତ ନକରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ ।

| ଶାଖା/ ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ/ଋଣ ପରିମାଣ | ବକେୟା ଦେୟ | ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ନୂଆପଡା ଶାଖା (୬୭୭୫୦୦) / ଋଣଗ୍ରହୀତା/ବନ୍ଧକାଦାତ: ଶ୍ରୀ ସନ୍ତୋଷ କୁମାର ଗୁପ୍ତା, ପିତା: ଶ୍ରୀ ମୁସାଫିର ଗୁପ୍ତା, ସା/ପୋ: ପତୋରା, ଜିଲ୍ଲା: ନୂଆପଡା (ଓଡିଶା), ପିନ୍-୭୬୬୧୦୫ | ୨୪.୦୭.୨୦୨୫ / ଟ.୨୬,୦୦,୦୦୦/- | ୩୧.୧୦.୨୦୨୫ ସୁଦ୍ଧା ଟ.୨୮,୫୩,୯୮୯.୩୫ + ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଦେୟ | ଶ୍ରୀ ସନ୍ତୋଷ କୁମାର ଗୁପ୍ତା, ପିତା: ଶ୍ରୀ ମୁସାଫିର ଗୁପ୍ତାଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୧୫୦/୧୨୫, ପ୍ଲଟ୍ ନଂ.: ୩୮୭/୯୨୪, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ମୌଜା: ପତୋରା, ତହସିଲ/ଜିଲ୍ଲା: ନୂଆପଡା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ସୁଧିର ଚନ୍ଦ୍ର ମହାନ୍ତି, ଉତ୍ତର: ନିଜସ୍ୱ, ଦକ୍ଷିଣ: କେନାଲ |
| ଝିରିପାଣି ଶାଖା (୦୭୯୬୨୦) / ଋଣଗ୍ରହୀତାମାନେ: ୧) ନିଶିକାନ୍ତ ବେହେରା, ପିତା: ସୁରେନ୍ଦ୍ରନାଥ ବେହେରା, ୨) ସନ୍ଧ୍ୟାରାଣୀ ବେହେରା (ବନ୍ଧକଦାତା), ସ୍ୱାମୀ: ଶ୍ରୀ ନିଶିକାନ୍ତ ବେହେରା, ଉଭୟଙ୍କ ଠିକଣା- ସା: କ୍ୱାର୍ଟର ନଂ.: ସି/୧୯୮, ସେକ୍ଟର-୬, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୦୨ | ୨୮.୦୭.୨୦୨୫ / ଟ.୮,୦୦,୦୦୦/- | ୩୧.୧୦.୨୦୨୫ ସୁଦ୍ଧା ଟ.୮,୦୦,୯୪୩/- + ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଦେୟ | ଶ୍ରୀମତୀ ସନ୍ଧ୍ୟାରାଣୀ ବେହେରା, ସ୍ୱାମୀ: ଶ୍ରୀ ନିଶିକାନ୍ତ ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୭୯/୪୦୨, ପ୍ଲଟ୍ ନଂ.; ୨୪୯/୧୩୮୯, ମୌଜା: ରାଉରକେଲା ଟାଉନ୍ ୟୁନିଟ୍ ନଂ.: ୪୮ (ବଡ ସୁନାପର୍ବତ), ତହସିଲ: ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ଓଡିଶା, କ୍ଷେତ୍ର: ଏକର୦.୦୪୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୪୯/୧୦୬୩, ପଶ୍ଚିମ: ପ୍ଲଟ୍ ନଂ.: ୨୪୯/୧୦୬୩, ଉତ୍ତର: ପ୍ଲଟ୍ ନଂ.: ୨୪୯/୧୦୬୩, ଦକ୍ଷିଣ: ପ୍ଲଟ୍ ନଂ.: ୨୪୯/୧୦୬୩ |
| ଝାରସୁଗୁଡା ଶାଖା (୧୪୦୩୨୦) / ଋଣଗ୍ରହୀତା: ଶ୍ରୀ ମୀନକେତନ ନାୟକ (ବନ୍ଧକଦାତା), ପିତା: ସାରଙ୍ଗଧର ନାୟକ, ସା: କକ୍ସ କଲୋନୀ, ବେହେରାମାଳ, ପୋ: ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ କଲୋନୀ, ଜିଲ୍ଲା: ଝାରସୁଗୁଡା, ପିନ୍-୭୬୮୨୦୩ | ୨୦.୦୮.୨୦୨୫ / ଟ.୫୧,୨୦,୦୦୦/- | ୩୧.୧୦.୨୦୨୫ ସୁଦ୍ଧା ଟ.୨୩,୪୮,୮୩୧.୨୩ + ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଦେୟ | ଶ୍ରୀ ମୀନକେତନ ନାୟକ, ପିତା: ସାରଙ୍ଗଧର ନାୟକଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୭୪୭/୭୪୩୧, ପ୍ଲଟ୍ ନଂ.: ୬୧୩/୯୨୮୦, କ୍ଷେତ୍ର: ଏକର୦.୦୬୪ ଡିସିମିଲି, ମୌଜା: ଝାରସୁଗୁଡା ୟୁନିଟ୍ ନଂ.: ୨, ବାଲିଯୋରି, ତହସିଲ/ଜିଲ୍ଲା: ଝାରସୁଗୁଡା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୬୦୩, ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୬୧୩ (ଅଂଶ) |

ସ୍ଥାନ : ସମ୍ବଲପୁର, ତାରିଖ : ୦୩.୧୧.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

केनरा बैंक Canara Bank (A Government of India Undertaking) सिंडिकेट Syndicate
** କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧
**ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍**

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| କ୍ର. ନଂ. | ଜଗତ୍‌ସିଂହପୁର ଶାଖା (୧୮୦୨୭)/ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ / ବନ୍ଧକମୁକ୍ତ ନୋଟିସ୍ ତାରିଖ / ବକେୟା ରାଶି |
|---|---|---|---|
| ୧. | ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶିଲ କୁମାର ଦାଶ, ପିତା: ରବୀନ୍ଦ୍ର କୁମାର ଦାସ, ସା: ଜାହାନପୁର, ପୋ: ମଣ୍ଡାସାହି, ଗ୍ରାମ: ଜାହାନପୁର, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୧୪ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୩୨, ଖାତା ନଂ.: ୬୯, ମୌଜା: ଚାଟରା, ଗ୍ରାମ: ଜାହାନପୁର, କ୍ଷେତ୍ର: ଏକର ୦.୦୪ ଡିସିମିଲି, କିସମ: ଘରବାରୀ, ପଞ୍ଜିକୃତ ସବ୍‌ଡିଷ୍ଟ୍ରିକ୍ଟ: ଜଗତ୍‌ସିଂହପୁର ଅଧିନସ୍ଥ ଏବଂ ଜିଲ୍ଲା: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ନିତ୍ୟାନନ୍ଦ ମହାନ୍ତି, ପୂର୍ବ: ରାଧା ଚରଣ ମହାନ୍ତି, ପଶ୍ଚିମ: ଗୋପିନାଥ ମହାନ୍ତି | ୨୫.୦୮.୨୦୨୫ / ୩୧.୧୦.୨୦୨୫ / ୦୩.୧୧.୨୦୨୫ / ୦୩.୧୧.୨୦୨୫ ସୁଦ୍ଧା ଟ.୧୪,୭୯,୮୪୬.୩୭ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପରଦର୍ଶିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ସମ୍ପତ୍ତି ବିକ୍ରୟ ।**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୧) ଅନୁସାରେ ଉପରଦର୍ଶିତ ତାରିଖରେ ଜାରି କରାଯାଇଥିବା ଦଖଲ ନୋଟିସ ଅନୁଯାୟୀ କାନାରା ବ୍ୟାଙ୍କ (ବ୍ୟାଙ୍କ) ସୁରକ୍ଷିତ ଋଣଦାତା ଭାବେ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଅସେଟ୍ସ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଅନୁସାରେ ଉପରଦର୍ଶିତ ବକେୟା ରାଶି ସହିତ ସୁଧ ଏବଂ ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଆଦାୟ କରିବାପାଇଁ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପ୍ରକ୍ରିୟା ଏବଂ ଏହାର ଇ-ନିଲାମର ଖବର କାଗଜ ପ୍ରକାଶନ ଆରମ୍ଭ କରିବାକୁ ଯାଉଛି। ଏତଦ୍‌ଦ୍ୱାରା ଆପଣଙ୍କୁ **୩୦ ଦିନିଆ** ନୋଟିସ୍ ଜାରି କରାଗଲା କି ଏହି ସମୟସୀମା ଅତିକ୍ରାନ୍ତ ପରେ, ଯଦି ପୂର୍ବଦର୍ଶିତ ବକେୟା ରାଶି ପୈଠ କରିନଥାନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟ ଏବଂ ଏହାର ଅନ୍ତର୍ଗତ ନିୟମାବଳୀ ଅନୁସାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ କରିବାପାଇଁ ପଦକ୍ଷେପମାନ ଗ୍ରହଣ କରିବେ। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୮) ର ସଂଶୋଧନ ଅନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆପଣଙ୍କୁ ପରାମର୍ଶ ଦିଆଯାଉଛି କି ବ୍ୟାଙ୍କକୁ ଏହି ନୋଟିସ ପ୍ରାପ୍ତିର **୩୦ ଦିନ** (ନିଲାମ ନୋଟିସ ପ୍ରକାଶନ ପୂର୍ବରୁ) ମଧ୍ୟରେ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ସୁରକ୍ଷିତ ସମ୍ପତ୍ତିର ନିଲାମ ବିକ୍ରୟ ନୋଟିସ୍ ଖବର କାଗଜ ପ୍ରକାଶନ ପରେ ଆପଣଙ୍କ ସମ୍ପତ୍ତିଗୁଡ଼ିକୁ ବନ୍ଧକମୁକ୍ତ କରିବାର ଅଧିକାର ରହିବ ନାହିଁ।

ସ୍ଥାନ : କଟକ
ତାରିଖ : ୦୩.୧୧.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

**ଶିକ୍ଷାନୁଷ୍ଠାନ ନିକଟରୁ ନିଶାଦ୍ରବ୍ୟ ଜବତ, ୫ ଅଟକ**

ଭୁବନେଶ୍ୱର,(ସତ୍ୟଜିତ ରାଉତ): କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ସୋମବାର ପଟିଆ ଓ ପ୍ରଶାନ୍ତି ବିହାର ଅଞ୍ଚଳର ଏକାଧିକ କଲେଜ କ୍ୟାମ୍ପସ ନିକଟସ୍ଥ ୧୦ରୁ ଊର୍ଦ୍ଧ୍ୱ ଦୋକାନରେ ଚଢ଼ାଉ କରି ବହୁ ସିଗାରେଟ୍, ସ୍ୱତନ୍ତ୍ର ଗଞ୍ଜେଇ ସିଗାରେଟ୍ ଓ ବେଆଇନ ଗୁଟ୍‌ଖା ଆଦି ଜବତ କରିଛି। ଏହି ମାମଲାରେ ୫ଜଣ ଦୋକାନୀଙ୍କୁ ଏସ୍‌ଟିଏଫ୍ ପଚରାଉଚରା କରିବା ସହ ଇନ୍‌ଫୋସିଟି ଥାନାକୁ ହସ୍ତାନ୍ତର କରିଛି। ପାୱାର, ଚାମ୍ପା, ରୋଲ୍, ସ୍ପେଶାଲ, ନଳୀ, ଗୋଗ ଆଦି କୋଡ ୱାର୍ଡରେ ଏସବୁ ବିକ୍ରି ହେଉଥିଲା।



# କାର୍ଯ୍ୟକାରୀ ହେଉନି ପରୀକ୍ଷା କେନ୍ଦ୍ର କୋଠା

## ଉତ୍କଳ ବିଶ୍ୱବିଦ୍ୟାଳୟ





ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ନିର୍ମାଣ ହୋଇଥିବା ପରୀକ୍ଷା କେନ୍ଦ୍ର ତଥା ବହୁମୁଖୀ ବିଲ୍ଡିଂ(ବାମ)। କାର୍ଯ୍ୟକାରୀ ନ ହେବା କାରଣରୁ ବିଲ୍ଡିଂ ଭିତରେ ଜମା ରହିଥିବା ଅଳିଆ।

ଭୁବନେଶ୍ୱର, ୩।୧୧(ସୁଚିସ୍ମିତା ସାହୁ)

ଓଡ଼ିଶାର ଉଚ୍ଚଶିକ୍ଷା ଓ ଗବେଷଣାର ଅନ୍ୟତମ ଅନୁଷ୍ଠାନ ଉତ୍କଳ ବିଶ୍ୱବିଦ୍ୟାଳୟ। ପୂର୍ବରୁ ଛାତ୍ର-ଅଣଛାତ୍ର ମଧ୍ୟରେ ଗୋଷ୍ଠୀ କନ୍ଦଳକୁ ନେଇ ବାଣୀବିହାର ଚର୍ଚ୍ଚାରେ ରହିଥିବାବେଳେ ଏବେ ବହୁ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ପରୀକ୍ଷା କେନ୍ଦ୍ର ତଥା ବହୁମୁଖୀ ବିଲ୍ଡିଂ କାର୍ଯ୍ୟକାରୀ ନ ହେବାକୁ ନେଇ ପ୍ରଶ୍ନ ଉଠିଛି। ବିଭିନ୍ନ ବିଭାଗର ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବା ପାଇଁ ବାଣୀବିହାର କ୍ୟାମ୍ପସ ପରିସରରେ ୫କୋଟି ଟଙ୍କାର ଏହି କୋଠା ନିର୍ମାଣ କରାଯାଇଥିଲା। ଏହାର ଉଦ୍‌ଘାଟନକୁ ଦୁଇ ବର୍ଷ ପୂରିଲାଣି। କୋଠାର କେଉଁଠି ରଙ୍ଗ ଉପରେ ଶିଉଳି ଲାଗିଗଲାଣି ତ ପୁଣି କେଉଁଠି କାନ୍ଥ ଫାଟି ଗଲାଣି। ନୂଆ ଟେବୁଲ ଚେୟାର ଉପରେ ମୋଟା ପରସ୍ତର ଧୂଳି ବସିଗଲାଣି। ଏପରିକି ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡ଼ି ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟ ସୃଷ୍ଟି ହେଲାଣି। ଏହା ସତ୍ତ୍ୱେ ଏହାକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ଛାତ୍ରୀଛାତ୍ରମାନେ ନିଜ ବିଭାଗୀୟ ବିଲ୍ଡିଂରେ ପରୀକ୍ଷା ଦେଉଛନ୍ତି। କର୍ତ୍ତୃପକ୍ଷଙ୍କୁ ଏନେଇ ପଚାରିଲେ ତାଙ୍କ ନିକଟରେ ଏ ସମ୍ପର୍କରେ ବିଶେଷ ସୂଚନା ନ ଥିବା କହୁଛନ୍ତି।

ସୂଚନାଯୋଗ୍ୟ ଯେ, ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ଯେପରି ସୁବିଧାରେ ପରୀକ୍ଷା ଦେଇପାରିବେ ତାକୁ ଦୃଷ୍ଟିରେ ରଖି ଏଠାରେ ଦୁଇ ମହଲା ବିଶିଷ୍ଟ ଏକ ପରୀକ୍ଷା କେନ୍ଦ୍ର ତଥା ବହୁମୁଖୀ କେନ୍ଦ୍ର ନିର୍ମାଣ କରାଯାଇଥିଲା। ୱାଲର୍ଡ ବ୍ୟାଙ୍କର ପ୍ରୋତ୍ସାହନ ଅନୁଦାନରେ ପୋଲିସ ହାଉସିଂ ବୋର୍ଡ ଏହି ପରୀକ୍ଷା କେନ୍ଦ୍ର ନିର୍ମାଣ କରିଥିଲା। ୨୦୨୧ରେ ଏହି ବିଲ୍ଡିଂର ଭିତ୍ତିପ୍ରସ୍ତର ପଡ଼ିଥିବା ବେଳେ ୨୦୨୩ ମାର୍ଚ୍ଚ ୧୮ରେ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସବିତା ଆଚାର୍ଯ୍ୟ ବିଲ୍ଡିଂକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ହେବାର ଦୁଇ ବର୍ଷରୁ ଅଧିକ ଦିନ ବିତିଯାଇଥିଲ ସୁଦ୍ଧା ଏହାକୁ ଏଯାବତ୍ କାର୍ଯ୍ୟରେ ଲଗାଯାଇପାରି ନାହିଁ। ଏପର୍ଯ୍ୟନ୍ତ କୌଣସି ଗୋଟିଏ ବି ପରୀକ୍ଷା ଏହି ବିଲ୍ଡିଂରେ ହୋଇନାହିଁ। ଦୀର୍ଘଦିନ ଧରି କୋଠରି ବନ୍ଦ ହୋଇ ରହିଥିବାରୁ ତା'ଭିତରେ ଜରି, ପତ୍ର ଭଳି ବହୁ ଅଳିଆ ଆବର୍ଜନା ପଡିରହିଛି। ବିଲ୍ଡିଂର ରକ୍ଷଣାବେକ୍ଷଣା କରିବା ପାଇଁ ସିକ୍ୟୁରିଟି ଗାର୍ଡ଼ ରହିଥିଲେ ସୁଦ୍ଧା ସନ୍ଧ୍ୟା ହେଲେ ଏଠାରେ ନିଶାସକ୍ତ ଲୋକମାନେ ମଦ୍ୟପାନ କରୁଥିବା ଅଭିଯୋଗ ହେଉଛି।

### ବହୁମୁଖୀ ପରୀକ୍ଷା କେନ୍ଦ୍ର କାର୍ଯ୍ୟକାରୀ କରିବାକୁ ଯୋଜନା କରାଯିବ



ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ପରୀକ୍ଷା କେନ୍ଦ୍ର ମୋ ସମୟ ଭିତରେ ହୋଇ ନ ଥିଲା। ସେଥିପାଇଁ ଏହି ପରୀକ୍ଷା କେନ୍ଦ୍ର ସମ୍ପର୍କରେ ମୁଁ ବିଶେଷ ଅବଗତ ନାହିଁ। ଏହି କେନ୍ଦ୍ର ବିଷୟରେ ବୁଝି ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଯୋଜନା କରାଯିବ। ପିଲାଙ୍କ ଉପଯୋଗରେ ଯେଭଳି ଏହି ବିଲ୍ଡିଂଟି ଲାଗିପାରିବ ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ।

**- ଯଜ୍ଞେଶ୍ୱର ଦଣ୍ଡପାଟ, କୁଳପତି, ଉତ୍କଳ ବିଶ୍ୱବିଦ୍ୟାଳୟ**

### ନିଛାଟିଆ ଜାଗାରେ ଥିବାରୁ ଏକୁଟିଆ ଯାତାୟାତ କରିବାକୁ ଭୟ ଲାଗିବ



ବିଶ୍ୱବିଦ୍ୟାଳୟର ମୁଖ୍ୟ ଗେଟପାଖରୁ ପାଖାପାଖି ୩ କିଲୋମିଟର ଦୂରରେ ଏହି କେନ୍ଦ୍ରଟି ରହିଛି। ପରୀକ୍ଷା ସମୟ ବେଳେ ଏତେ ଦୂର ଚାଲି ଚାଲି ଯିବା କଷ୍ଟକର ହୋଇଯିବ। ତା ପରେ ନିଛାଟିଆ ଜାଗାରେ ବିଭିନ୍ନ ପ୍ରକାରର ଲୋକଙ୍କ ଯାତାୟତ ହେଉଛି। ଏତେ ଦୂରକୁ ଏକୁଟିଆ ଯିବାକୁ ମଧ ଭୟ ଲାଗିବ। କର୍ତ୍ତୃପକ୍ଷ ଏତେ ଦୂରରେ ପରୀକ୍ଷା କେନ୍ଦ୍ର କରିବାର ନ ଥିଲା।

**- ମୋନାଲିସା ସାହୁ, ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ**

### ପରୀକ୍ଷା କେନ୍ଦ୍ରର ଆବଶ୍ୟକ ନ ଥିଲା



କୌଣସି ଗ୍ରାମାଞ୍ଚଳର ମହାବିଦ୍ୟାଳୟ କି ବିଶ୍ୱବିଦ୍ୟାଳୟରେ ନୁହେଁ ବରଂ ରାଜଧାନୀର ପ୍ରମୁଖ ଶିକ୍ଷାନୁଷ୍ଠାନରେ ବହୁ କୋଟି ଟଙ୍କାର ସରକାରୀ ଅର୍ଥର ଅପବ୍ୟୟ ହେଉଛି। ସବୁ ବିଭାଗର ଛାତ୍ରୀଛାତ୍ରମାନେ ସେମାନଙ୍କ ବିଭାଗରେ ପରୀକ୍ଷା ଦେଉଛନ୍ତି। ନିଜ ବିଭାଗରେ ପରୀକ୍ଷା ଦେବାର ସୁବିଧା ଥିବାବେଳେ ଏହି ବିଲ୍ଡିଂର କିଛି ଆବଶ୍ୟକ ନ ଥିଲା। ଯଦି ପରୀକ୍ଷା କେନ୍ଦ୍ରଟି କରାଯାଇଛି ତେବେ ତାକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇ ପିଲାଙ୍କ ସୁବିଧା ପାଇଁ ବ୍ୟବହାର କରାଯାଉ। ନଚେତ୍ ଏହା ଆବର୍ଜନାର କେନ୍ଦ୍ରସ୍ଥଳ ପାଲଟି ଯାଉଛି।

**- ଜ୍ୟୋତି ପ୍ରସାଦ ନାୟକ, ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ**

### ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପରୀକ୍ଷା କେନ୍ଦ୍ର ଖୋଲିବା ପ୍ରତି ଧ୍ୟାନ ଦିଅନ୍ତୁ



ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଥିବା ପରୀକ୍ଷା କେନ୍ଦ୍ର ଉଦ୍‌ଘାଟନ ହେବାର ଦୁଇ ବର୍ଷ ବିତିଗଲାଣି ତଥାପି ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ। ସେଠାରେ ଲକ୍ଷ ଲକ୍ଷ ଟଙ୍କାର ଆସବାବପତ୍ର ସେମିତି ପଡ଼ିରହିଛି। ଫାଙ୍କା ଜାଗା ରହୁଥିବାରୁ ସେଠାରେ ବିଭିନ୍ନ ବର୍ଗର ଲୋକମାନେ ନିଶା ସେବନ କରୁଛନ୍ତି। ଏଥିପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କି ବିଭାଗୀୟ ଅଧିକାରୀମାନେ ଧ୍ୟାନ ଦେଇ ଛାତ୍ରୀଛାତ୍ରଙ୍କ ହିତରେ ପରୀକ୍ଷା କେନ୍ଦ୍ରଟିକୁ କାର୍ଯ୍ୟକାରୀ କରାନ୍ତୁ।

**- ବାସୁଦେବ ପାଣିଗ୍ରାହୀ, ଛାତ୍ର , ଉତ୍କଳ ବିଶ୍ୱବିଦ୍ୟାଳୟ**

# ୨୦୨୭ ଜନଗଣନା ପାଇଁ ୪ ସ୍ଥାନରେ ହେବ ପ୍ରାକ୍ ପରୀକ୍ଷଣ

## ବିଏମ୍‌ସି ପକ୍ଷରୁ ପ୍ରକ୍ରିୟା ଆରମ୍ଭ

### ପ୍ରଶିକ୍ଷଣ ନେଲେ ୬୭ଜଣ ଗଣନାକାରୀ, ସୁପରଭାଇଜର

ଭୁବନେଶ୍ୱର, ୩।୧୧(ବନ୍ଦନା ସେଠୀ)

ରାଜ୍ୟରେ ୨୦୨୭ ଜନଗଣନା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଜନଗଣନା ପୂର୍ବରୁ ରାଜ୍ୟର ୪ ସ୍ଥାନରେ ପ୍ରାକ୍ ପରୀକ୍ଷଣ କରାଯିବ। ଏହି ସ୍ଥାନ ମଧ୍ୟରେ ଭୁବନେଶ୍ୱର, କଟକ, ମୟୂରଭଞ୍ଜର ଠାକୁରମୁଣ୍ଡା ଓ ତେନ୍ତୁଳି ଖୁଣ୍ଟି ରହିଛି। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମେ ୨୨ନଂ ୱାର୍ଡରେ ପ୍ରାକ୍ ପରୀକ୍ଷଣ କାର୍ଯ୍ୟକାରୀ ହେବ। ଏହି ପରୀକ୍ଷଣ ନଭେମ୍ବର ୧୦ରୁ ୩୦ ମଧ୍ୟରେ ଅନୁଷ୍ଠିତ ହେବ। ଏହି କ୍ରମରେ ସୋମବାର ବିଏମ୍‌ସି ଏକାମ୍ର ହଲରେ ଜନଗଣନା ନେଇ ପ୍ରାକ୍-ପରୀକ୍ଷଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୬୭ଜଣ ଗଣନାକାରୀ ଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପ୍ରଶିକ୍ଷଣ ଶିବିର ଆଉ ୨ଦିନ ଚାଲିବ। ତେବେ ଗଣନାକାରୀମାନେ ଲୋକଙ୍କ ଘର ପରିଦର୍ଶନ କରି ଗୃହ ନମ୍ବର ଦେବେ ଏବଂ ତଥ୍ୟ ସଂଗ୍ରହ କରିବେ। ବିଏମ୍‌ସି କମିଶନର ଚଞ୍ଚଳ ରାଣା ପ୍ରମୁଖ ଜନଗଣନା ଅଧିକାରୀ ଭାବେ ରହିଥିବାରୁ ତାଙ୍କ ତତ୍ତ୍ୱାବଧାନରେ ସର୍ଭେ କରାଯିବ। ପ୍ରଶିକ୍ଷଣରେ ଗଣନାକାରୀ ଶିକ୍ଷକଙ୍କୁ ଯୁଗ୍ମ ଜନ ଗଣନା ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ, ଉପନିର୍ଦ୍ଦେଶକ ହାରାଧନ କର୍ମୀ, ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାହୁ ପ୍ରଶିକ୍ଷଣ ଦେଇଥିଲେ। ଦେଶରେ ପ୍ରଥମଥର ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପଦ୍ଧତିରେ ଜନଗଣନା ହେଉଛି। ଏସ୍‌ଇ (Self-Enumeration-SE) ପୋର୍ଟାଲରେ ଜନସାଧାରଣ ନିଜେ ନିଜର ତଥ୍ୟ ଦେଇପାରିବେ। ସେହିପରି ଗଣନକାରୀମାନେ ଡିଜିଟାଲ ତଥ୍ୟ Census Management and Monitoring ପୋର୍ଟାଲ ସହାୟତାରେ ତଥ୍ୟ ସଂଗ୍ରହ କରିବେ। ଜନଗଣନା କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ ୨୦୨୭ ଫେବୃଆରୀ ମଧ୍ୟରେ କରାଯିବ ବୋଲି ସୂଚନା ଦିଆଯାଇଛି।

# ଇପିଏଫ୍ ପେନ୍‌ସନର୍ସ ସଂଘର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୩।୧୧(ବନ୍ଦନା ସେଠୀ)

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ୮ମ ପ୍ରତିଷ୍ଠା ଦିବସ ଉତ୍ସବ ସୋମବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନର ରାଜ୍ୟ ସଭାପତି ଇଂ. ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ୨୦୧୮ରେ ସଂଘ ଗଠନ ହେବାଠାରୁ ଲଗାତର ଭାବେ କେନ୍ଦ୍ର ସରକାର ସଂଘର ଦାବିକୁ ଉପେକ୍ଷା କରି ଚାଲିଛନ୍ତି। ଫଳରେ ଇପିଏଫ୍ ପେନ୍‌ସନଧାରୀ ବରିଷ୍ଠ ନାଗରିକମାନେ ଅତ୍ୟନ୍ତ ଦୟନୀୟ ଭାବେ କାଳାତିପାତ କରୁଛନ୍ତି। ତେବେ ସର୍ବନିମ୍ନ ପେନ୍‌ସନ ୯୦୦୦ ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତ୍ତା ଲାଗୁ କରିବା ଦାବିକୁ କେନ୍ଦ୍ର ସରକାର ଅଣଦେଖା କରୁଥିବାରୁ ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ମତ ପ୍ରକାଶ ପାଇଛି। ଏଥିସହ ସର୍ବଭାରତୀୟ ସଂଗଠନଗୁଡ଼ିକ ଦ୍ୱାରା ଡିସେମ୍ବର ୯ ଓ ୧୦ରେ ଦିଲ୍ଲୀ ଯନ୍ତରମନ୍ତରଠାରେ ସମାବେଶ ଆୟୋଜିତ ହେବାକୁ ସ୍ଥିର ହୋଇଛି। ମୁଖ୍ୟବକ୍ତା ଭାବେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ଜେନା, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଦୋଷ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ସର୍ବଭାରତୀୟ ଉପସଭାପତି ତଥା ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ନଟବର ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ। ପ୍ରତ୍ୟେକ ଜିଲାରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# କାର୍ତ୍ତିକ ପୂର୍ଣ୍ଣିମା ପାଇଁ ବଜାରରେ ଧର୍ମଡ଼ଙ୍ଗା ପସରା

ଭୁବନେଶ୍ୱର,୩। ୧୧ (ସୌମ୍ୟରଞ୍ଜନ ରାଉତ)

ଦିନକ ପରେ ପ୍ରତି ଓଡ଼ିଆ ପାଳିବେ କାର୍ତ୍ତିକ ପୂର୍ଣ୍ଣିମା। ପ୍ରାତଃକାଳରେ ଜଳାଶୟ ନିକଟରେ 'ଆ କା ମା ବୈ, ପାନ ଗୁଆ ଥୋଇ' ଗୁଞ୍ଜରିତ ହେବ। ସ୍ନାନ ସାରି କଦଳୀ ପଟୁଆ ଏବଂ ଡଙ୍ଗା ଭସେଇ ଧର୍ମ ମାସ କାର୍ତ୍ତିକର ଶୁଭ ମନାସିବେ। ପୋଖରୀ ଓ ନଦୀ କୂଳରେ ହୁଳହୁଳି ପକେଇ, ଗୀତ ଗାଇ ସମସ୍ତେ ଭସାଇବେ ଧର୍ମଡଙ୍ଗା। ଏଥିପାଇଁ ରାଜଧାନୀ ବଜାରରେ ବିକ୍ରି ହେଲାଣି ଧର୍ମ ଡଙ୍ଗା। କେଉଁ କାରିଗର ନିଜେ ଡଙ୍ଗା ତିଆରି କରୁଛନ୍ତି, ତ ଆଉ କିଏ ସେମାନଙ୍କଠାରୁ ଡଙ୍ଗା ଆଣି ବିକ୍ରି କରୁଛନ୍ତି। ସହରର ବିଭିନ୍ନ ସ୍ଥାନରେ ବ୍ୟବସାୟୀମାନେ ଖୋଲିଦେଇଛନ୍ତି ଧର୍ମ ଡଙ୍ଗାର ପସରା। ହୋଲ୍‌ସେଲ୍‌ଠାରୁ ଉଠାଦୋକାନୀ ସବୁଠି ଲୋକଙ୍କୁ ପସନ୍ଦ ଅନୁଯାୟୀ ଡଙ୍ଗା ବିକ୍ରି ଜମିଲାଣି। ସୋଲ, ରଙ୍ଗିନ୍ କାଗଜ, ଅଠା, ପତାକା, ଲେକ୍ସ, ଜରି, ପେଟି, ରଙ୍ଗ ଓ ଥର୍ମାଲ ଆଦିକୁ ବ୍ୟବହାର ହୋଇଥିବା ଡଙ୍ଗା ଏଥର ମାର୍କେଟ୍‌କୁ ଆସିଛି। ସେହିପରି ୧୦ ଟଙ୍କାରୁ ଆରମ୍ଭ କରି ୟୁନିଟ୍-୧ ମାର୍କେଟ୍‌ରେ ୬ହଜାର ଟଙ୍କା ପର୍ଯ୍ୟନ୍ତ ଡଙ୍ଗା ମିଳୁଛି। ମାର୍କେଟ୍‌ରେ କିଛି କାରିଗର ମଧ୍ୟ ନିଜେ ଡଙ୍ଗା ତିଆରି କରି ବିକ୍ରି କରୁଛନ୍ତି। ଯୁବ କାରିଗର ଦୀନେଶ କୁମାର ବେହେରା ୬ ବର୍ଷ ଧରି ଡଙ୍ଗା ତିଆରି କରୁଥିବାବେଳେ ଚଳିତ ବର୍ଷ ୧ ହଜାରରୁ ଊର୍ଦ୍ଧ୍ୱ ଡଙ୍ଗା ତିଆରି କରି ୟୁନିଟ୍-୧ ରାସ୍ତା କଡ଼ରେ ବିକ୍ରି କରୁଛନ୍ତି। ସେହିପରି ଅନ୍ୟଜଣେ ବ୍ୟବସାୟୀ ସଂଗ୍ରାମ ବସ୍ତିଆ ଅନେକ ବର୍ଷ ହେବ ଡଙ୍ଗା ପ୍ରସ୍ତୁତ କରି ବିକ୍ରିକରି ଭଲ ଦୁଇ ପଇସା ରୋଜଗାର କରୁଥିବା କହିବା ସହ କାର୍ତ୍ତିକ ପୂର୍ଣ୍ଣିମା ପୂର୍ବଦିନ ଅର୍ଥାତ୍ ମଙ୍ଗଳବାର ଭଲ ବ୍ୟବସାୟ ହେବ ବୋଲି ଆଶା ପ୍ରକଟ କରିଛନ୍ତି।



ୟୁନିଟ୍-୧ ଅଞ୍ଚଳରେ ଜଣେ ବ୍ୟବସାୟୀ ବିକ୍ରି ନିମନ୍ତେ ରଖିଥିବା ୬ହଜାର ଟଙ୍କା ମୂଲ୍ୟର ଏକ ଡଙ୍ଗା।

# ପଞ୍ଚଭୂତରେ ଲୀନ ହେଲେ ଶିଳ୍ପୋଦ୍ୟୋଗୀ ଶରତ ସାହୁ

କଟକ,୩।୧୧(କାର୍ତ୍ତିକ ସାହୁ)

ବିଶିଷ୍ଟ ଉଦ୍ୟୋଗପତି ତଥା ରୁଚି ଫୁଡ୍‌ଲାଇନ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁଙ୍କ ଶେଷକୃତ୍ୟ କଟକ କାଳିଆବୋଦାସ୍ଥିତ ଶ୍ମଶାନରେ ସୋମବାର ଅପରାହ୍ନରେ ସମ୍ପନ୍ନ ହୋଇଛି। ଡ. ସାହୁଙ୍କ ପୁଅ ଅରବିନ୍ଦ ସାହୁ ମୁଖାଗ୍ନି ଦେଇଛନ୍ତି। ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ସହସ୍ରାଧିକ ଲୋକଙ୍କ ଭିଡ଼ ଜମିଥିଲା। ଡ. ସାହୁଙ୍କ ବିୟୋଗ ଓଡ଼ିଶାର ଶିଳ୍ପଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। 'ରୁଚି' ପରିବାର ପକ୍ଷରୁ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ସହସ୍ରାଧିକ କର୍ମଚାରୀ ଡ. ସାହୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ଅଶ୍ରୁଳ ବିଦାୟ ଜଣାଇଥିଲେ। ଅନ୍ୟପକ୍ଷରେ ଶିଳ୍ପୋଦ୍ୟୋଗୀ ଶରତ ସାହୁଙ୍କ ପରଲୋକ ଖବର ପାଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, କ୍ରୀଡ଼ାବିତ୍ ଦିଲ୍ଲୀପ ତିର୍କୀ, ଶିକ୍ଷାବିତ୍ ଅଚ୍ୟୁତ ସାମନ୍ତ, କଟକ ମେୟର ସୁବାସ ସିଂହ, ପୂର୍ବତନ ଆର୍‌ଡିସି ଅନିଲ କୁମାର ସାମଲ, ଭଦ୍ରକ ଜିଲାପାଳ ଦିଲୀପ କୁମାର ରାଉତରାୟ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ଓଡ଼ିଶା ଶିଳ୍ପସଂଘ ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ, ଶିଳ୍ପୋଦ୍ୟୋଗୀ ସୁଶାନ୍ତ କୁମାର ପଣ୍ଡା, କ୍ୟାପ୍‌ଟେନ୍ ରାମେଶ୍ୱର ମହାପାତ୍ର ପ୍ରମୁଖ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ, ଡ. ସାହୁଙ୍କ ୭୬ ବର୍ଷ ବୟସରେ ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ରବିବାର ମଧ୍ୟାହ୍ନରେ ପରଲୋକ ଘଟିଥିଲା।

# କ୍ୟାପିଟାଲ ବାଳିକା ହାଇସ୍କୁଲ ପରିଦର୍ଶନ କଲେ ରାଜ୍ୟପାଳ

## ରକ୍ତହୀନତା ଦୂର ପାଇଁ ବିଟ୍ ଗାଜର ଜୁସ୍ ଏବଂ ବାଦାମ ଚିକ୍କି ବଣ୍ଟନ ଆରମ୍ଭ

ଭୁବନେଶ୍ୱର, ୩।୧୧(ସୁଚିସ୍ମିତା ସାହୁ)

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସୋମବାର ୟୁନିଟ-୨ସ୍ଥିତ କ୍ୟାପିଟାଲ ବାଳିକା ହାଇସ୍କୁଲ ପରିଦର୍ଶନ କରିଥିଲେ। ଏହି ଅବସରରେ ସ୍କୁଲରେ ଛାତ୍ରୀଙ୍କ ପାଇଁ ସୁସ୍ଥ ଖାଦ୍ୟାଭ୍ୟାସକୁ ପ୍ରୋତ୍ସାହିତ କରିବା ସହିତ ରକ୍ତହୀନତା ଦୂର ପାଇଁ ଛାତ୍ରୀଙ୍କୁ ବିଟ୍ ଗାଜର ଜୁସ୍ ଏବଂ ବାଦାମ ଚିକ୍କି ବଣ୍ଟନ ଲାଗି ଦୁଇମାସିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହ ରାଜ୍ୟପାଳ ଛାତ୍ରୀମାନଙ୍କ ସହିତ ବାର୍ତ୍ତାଳାପ କରିବା ସମୟରେ ଝିଅଙ୍କ ରକ୍ତହୀନତା ସମସ୍ୟା ଉପରେ ଚିନ୍ତା ପ୍ରକଟ କରିଥିଲେ। ରାଜ୍ୟପାଳ କହିଲେ, ସରଳ ଖାଦ୍ୟ ଅଭ୍ୟାସ ହିଁ ସ୍ୱାସ୍ଥ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ। ଗାଜର-ବିଟ୍ ଜୁସ୍ ଏବଂ ବାଦାମ ଚିକ୍କି ଭଳି ଖାଦ୍ୟ ସାମଗ୍ରୀ ହିମୋଗ୍ଲୋବିନସ୍ତରକୁ ଉନ୍ନତ କରିବାରେ ସରଳ, ସୁଲଭ ଓ ପ୍ରଭାବଶାଳୀ ହୋଇପାରିବ। ଦୁଇମାସ ପରେ ଛାତ୍ରୀଙ୍କ ହିମୋଗ୍ଲୋବିନସ୍ତରରେ ଉନ୍ନତି ଆସିବ ଓ ଅଭିଭାବକମାନେ ଏପରି ଖାଦ୍ୟାଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏଥିସହ ସ୍କୁଲରେ ନିୟମିତ ଦୃଷ୍ଟିଶକ୍ତି ପରୀକ୍ଷା ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟପାଳ କହିଥିଲେ। ଛାତ୍ରୀମାନେ ଅମ୍ଲାନ କାର୍ଯ୍ୟକ୍ରମ ଓ ଚକ୍ଷୁ ପରୀକ୍ଷା ସମ୍ପର୍କରେ ସିଧାସଳଖ କଥା ହୋଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ଡା. ଏନ୍. ତିରୁମାଲା ନାୟକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୋରକରା, ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ପ୍ରଧାନଶିକ୍ଷୟିତ୍ରୀ ସବିତା କୁମାରୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କ୍ୟାପିଟାଲ ବାଳିକା ହାଇସ୍କୁଲ ଛାତ୍ରୀଙ୍କୁ ବିଟ୍ ଗାଜର ଜୁସ୍ ଏବଂ ବାଦାମ ଚିକ୍କି ବଣ୍ଟନ କରୁଛନ୍ତି।

# ରାଷ୍ଟ୍ରପତିଙ୍କୁ ଭେଟିଲା ଅଲ୍ ଇଣ୍ଡିଆ 'ହୋ ଭାଷା' କ୍ରିୟାନୁଷ୍ଠାନ କମିଟି

## 'ହୋ ଭାଷା'କୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରାଯାଉ

ଭୁବନେଶ୍ୱର,୩।୧୧(ସୌମ୍ୟରଞ୍ଜନ ରାଉତ)

ଅଲ୍ ଇଣ୍ଡିଆ 'ହୋ ଭାଷା' କ୍ରିୟାନୁଷ୍ଠାନ କମିଟିର ୧୨ଜଣିଆ ପ୍ରତିନିଧି ମଣ୍ଡଳୀ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ଏହି ଅବସରରେ ଆଦିବାସୀ 'ହୋ ଭାଷା'କୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ଲାଗି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୨୩ ମସିହାରେ ମଧ୍ୟ କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର ଦିଆଯାଇଥିବା ନେଇ ସେମାନେ ଜଣାଇଥିଲେ। ରାଷ୍ଟ୍ରପତି 'ହୋ ଭାଷା'ର ସ୍ୱୀକୃତି ବିଷୟରେ ଅତ୍ୟନ୍ତ ସକରାତ୍ମକ ଦିଗ ଉପରେ ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା କରିଥିଲେ। କମିଟିର ଜାତୀୟ ସଭାପତି ରାମରାଇ ମୁଣ୍ଡୁୟା କହିଛନ୍ତି, ଦେଶର ୫୦ଲକ୍ଷରୁ ଅଧିକ ଲୋକ 'ହୋ ଭାଷା' ବ୍ୟବହାର କରନ୍ତି। ଏହି ଭାଷାର ସାମ୍ବିଧାନିକ ସ୍ୱୀକୃତି ପାଇଁ ବହୁ ବର୍ଷ ଧରି 'ହୋ' ଭାଷାଭାଷୀ ଲୋକେ ସଂଘର୍ଷ ଜାରି ରଖିଛନ୍ତି। ଇତିମଧ୍ୟରେ ଓଡ଼ିଶା ଓ ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ଆଦିବାସୀ 'ହୋ ଭାଷା'କୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବା ସହ ଏନେଇ ସୁପାରିସପତ୍ର ପଠାଯାଇଛି। ଜାତୀୟ କାର୍ଯ୍ୟନିର୍ବାହୀ ସଭାପତି ସୁରା ବିରୁଲି କହିଛନ୍ତି, ସ୍ୱଳ୍ପ ଭାଷା ବିଶିଷ୍ଟ ତଥା ସୀମିତ ସାହିତ୍ୟିକ ବିକାଶ ସହ ଅନେକ ଭାଷାକୁ ଅଷ୍ଟମ ସୂଚୀରେ ଅନ୍ତର୍ଭୁକ୍ତ କରାଯାଇଥିବାବେଳେ ଏତେ ବଡ଼ ଆଦିବାସୀ ମାତୃଭାଷା 'ହୋ ଭାଷା'ର ସୁରକ୍ଷା ତଥା ସଂରକ୍ଷଣ ପାଇଁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ହୋ ଭାଷାର ସାହିତ୍ୟ ଏବଂ ସଂସ୍କୃତିର ସଂରକ୍ଷଣ ହେଲେ ଏବଂ ଏହାକୁ ଭାରତୀୟ ସାମ୍ବିଧାନିକ ସ୍ୱୀକୃତି ମିଳିଲେ ଏହାର ପ୍ରଚାରପ୍ରସାର ଆହୁରି ବ୍ୟାପକ ହେବ। ଏଥିସହ ଭାରତର ଭାଷା ବିବିଧତା ଏବଂ ଆଦିବାସୀ ସଂସ୍କୃତି ଭାଷା ପରମ୍ପରା ଜୀବନ୍ତ ରହିବ ବୋଲି ସେ ମତ ରଖିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ କମିଟିର ରାଷ୍ଟ୍ରୀୟ ସମ୍ପାଦକ ଗୋମେୟା ଅମଙ୍ଗ, ଜଙ୍ଗଲ ପରିବେଶ ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ବାଜୁ ଚନ୍ଦ୍ର ସିର୍କା, ଦିଲ୍ଲୀ ଚାଲ ଷ୍ଟିୟରିଙ୍ଗ୍ କମିଟି ସଦସ୍ୟ ଗିରିଶ ଚନ୍ଦ୍ର ହେମ୍ବ୍ରମ୍, ଉପସଭାପତି ଶାନ୍ତି ସିଦ୍ଧୁ, ଓଡ଼ିଶା ରାଜ୍ୟ ସଭାପତି ବସନ୍ତ କୁମାର ବୁଲିଉଲି, ଫୁଲମୁତୀ ସିର୍କା, କ୍ଷୀରୋଦ୍ ହେମ୍ବ୍ରମ୍, ଗୋପୀନାଥ ଲାଗୁରି, ଜଗନ୍ନାଥ କେରାଇ, ନିକିତା ବିରୁଲି ପ୍ରମୁଖ ସାମିଲ ଥିଲେ।



'ହୋ ଭାଷା' କ୍ରିୟାନୁଷ୍ଠାନ କମିଟିର ୧୨ଜଣିଆ ପ୍ରତିନିଧିମଣ୍ଡଳୀ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟୁଛନ୍ତି।

**ଶିଳ୍ପପତିଙ୍କ ବିୟୋଗରେ ଶୋକ**

ଚୌଦ୍ୱାର,(ଆଶୁତୋଷ ଦାସ): ରୁଚି ମସଲା କମ୍ପାନୀର ପ୍ରତିଷ୍ଠାତା ଶିଳ୍ପପତି ଶରତ କୁମାର ସାହୁଙ୍କ ବିୟୋଗରେ ଏକ ଶୋକସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାରସ୍ଥିତ ବୈଶ୍ୟ ସମାଜ ଗୃହରେ କଟକ ଜିଲା ପଞ୍ଚପରଗଣା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଆୟୋଜିତ ସଭାରେ ଦିବଂଗତ ଶରତ ଜଣେ ସମ୍ବେଦନଶୀଳ, ଉଦାର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଳ୍ପରୁ ସେ ବଡ ହୋଇଥିଲେ। ଯେଉଁଥି ପାଇଁ ସବୁବର୍ଗର ଲୋକଙ୍କ ପାଇଁ ତାଙ୍କ ଦ୍ୱାର ସର୍ବଦା ଉନ୍ମୁକ୍ତ ଥିଲା ବୋଲି ମତପ୍ରକାଶ ପାଇଥିଲା। ତୈଳିକ ସମାଜ ସଭାପତି ଦୟାନିଧି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିବ ଶଙ୍କର ସାହୁ, ନବ ସାହୁ, ପରମାନନ୍ଦ ସାହୁଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ।

## ବରିଷ୍ଠ ଆଇନଜୀବୀ ଜି. ଆନନ୍ଦ ରାଓ ଦୋରାଙ୍କ ପରଲୋକ

କଟକ,୩।୧୧(କାର୍ତ୍ତିକ ସାହୁ)



ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଜି. ଆନନ୍ଦ ରାଓ ଦୋରା(୯୦)ଙ୍କ ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ଏସ୍‌ସିବି ମେଡିକାଲର ହୃଦ୍‌ରୋଗ ବିଭାଗରେ ସେ ଚିକିତ୍ସାଧୀନ ଥିଲେ। ଶେଷ ଶଯ୍ୟା ନିକଟରେ ସ୍ତ୍ରୀ ରାଣୀ ଦୋରା, ଝିଅ ଡାକ୍ତର ଅମ୍ରିତା ଦୋରା, ପୁଅ ଆଇନଜୀବୀ ଜି. ଅଜୟ ଦୋରା, ପୁତୁରା ରାଜେଶ ଦୋରା, ତାପସ ଦୋରା, ଭଣଜା ନାଗେଶ୍ୱର ରାଓ ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ଖାନନଗର ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଅଜୟ ମୁଖାଗ୍ନି ଦେଇଛନ୍ତି। ତାଙ୍କ ପରଲୋକ ଖବର ପାଇ ହାଇକୋର୍ଟ ବିଚାରପତି ସାବିତ୍ରୀ ରଥ, ଆଦିତ୍ୟ କୁମାର ମହାପାତ୍ର, ଭି. ନରସିଂହଙ୍କ ସମେତ ଅବସରପ୍ରାପ୍ତ ବିଚାରପତି ବିଶ୍ୱଜିତ ମହାନ୍ତି, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ, ପୂର୍ବତନ ସଭାପତି ବିଜୟ କୁମାର ଦାଶ, ପୂର୍ବତନ ସଂପାଦକ ଡ. ଜିତେନ୍ଦ୍ର କୁମାର ଲେଙ୍କା, ବରିଷ୍ଠ ଆଇନଜୀବୀ ଶକ୍ତିଧର ଦାସ, ଅଶୋକ ମହାନ୍ତି, ସି.ଏ. ରାଓ, ରୁଦ୍ରପ୍ରସାଦ କର, କାଳୀପ୍ରସନ୍ନ ମିଶ୍ର, ପ୍ରଫୁଲ୍ଲ କୁମାର ରଥ, ସୁବିର ପାଲିତ, ଏସ.ଏସ. ରାଓ, ଆଇନଜୀବୀ ଅମିୟ କୁମାର ମହାନ୍ତି, ଦେବୀପ୍ରସାଦ ଦାଶ, ବୀରେନ ଶଙ୍କର ତ୍ରିପାଠୀ, ଅମି ମିଶ୍ର, ବିଜୟ କୁମାର ରଗଡ଼, ବିଶ୍ୱବିହାରୀ ମହାନ୍ତି, ବିଭୁତିଭୂଷଣ ଚୌଧୁରୀ, ଦୀନେଶ ପଣ୍ଡା, କବିର ଜେନାଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ।

# ସମୀକ୍ଷା କଲେ ପୋଲିସ କମିଶନର



ବାଲିଯାତ୍ରା ମୁଖ୍ୟ ଗେଟ୍ ଲାଇଟ୍ ଗୁଡିକୁ ପରୀକ୍ଷା କରାଯାଉଛି।



ବାଲିଯାତ୍ରା ତଳପଡ଼ିଆରେ ଦୋଳି ନିର୍ମାଣ ଚାଲିଛି।

କଟକ,୩।୧୧(ଶିଳ୍ପା ପ୍ରିୟଦର୍ଶିନୀ)

**ଦିନକ ପରେ ବାଲିଯାତ୍ରା**

■ ଶୃଙ୍ଖଳିତ ଯାତ୍ରା ସମାପନକୁ ଗୁରୁତ୍ୱ

ଐତିହାସିକ ବାଲିଯାତ୍ରା କଟକ-୨୦୨୫ ଆସନ୍ତା ବୁଧବାରଠାରୁ ଆରମ୍ଭ ହେବ। ଏହାର ଉଦ୍‌ଘାଟନ ପୂର୍ବରୁ ସୋମବାର ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ସ୍ଥିତି ସମୀକ୍ଷା କରିଛନ୍ତି। ଅପରାହ୍ଣରେ ବାଲିଯାତ୍ରା ତଳପଡିଆ ବୁଲି ଦେଖିବା ସହ କଟକ ଇନ୍ କଟକ ପରିସରରେ କଟକ ଡିସିପି ଖିଲାରୀ ରଷିକେଶ ଦ୍ୟାନ୍‌ଦେଓ, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମ୍‌ସି କମିଶନର କିରନଦୀପ କୌର ସହୋତା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ପୋଲିସ କମିଶନର ସିଂ କହିଛନ୍ତି, ବାଲିଯାତ୍ରାର ସମସ୍ତ ସ୍ଥିତିକୁ ଭଲ ଭାବେ ଯାଞ୍ଚ କରୁଛୁ। ଯେପରି ଶୃଙ୍ଖଳିତ ଭାବେ ଯାତ୍ରା ସମାପନ ହେବ ତାହାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଲୋକଙ୍କ ସମାଗମକୁ ନଜରରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଉଛି। ଆବଶ୍ୟକ ମୁତାବକ ପାର୍କିଂ ସ୍ଥାନ କରାଯାଇଛି। ସମସ୍ତେ ଟ୍ରାଫିକ ନିୟମକୁ ପାଳନ କରିବାକୁ ସିଂ ଅନୁରୋଧ କରିଛନ୍ତି।

### ଆନାମୋର୍ଫିକ ସ୍କ୍ରିନ୍, ବୈଦ୍ୟୁତିକ ଢୋଲରେ ଶବ୍ଦାଲୋକ

ବାଲିଯାତ୍ରାର ମଝି ପଡ଼ିଆରେ ପ୍ରଥମକରି ଆନାମୋର୍ଫିକ ସ୍କ୍ରିନ୍ ଓ ବୈଦ୍ୟୁତିକ ଢୋଲରେ ଶବ୍ଦାଲୋକ ମୁଖ୍ୟ ଆକର୍ଷଣ ପାଲଟିବ। ଇଣ୍ଡୋନେସିଆର ସହଭାଗିତାରେ ଏହା ଆୟୋଜନ କରାଯାଉଥିବାବେଳେ ମଞ୍ଚ ଓ ଯାତ୍ରା ସଂକ୍ରାନ୍ତରେ ସବିଶେଷ ଝଲକ ଦର୍ଶକମାନେ ଦେଖି ପାରିବେ। ସେହିପରି ବୈଦ୍ୟୁତିକ ଢୋଲ ବାଜିବା ଦ୍ୱାରା ଯେଉଁ ଆଲୋକର ନୃତ୍ୟ ଦର୍ଶକଙ୍କୁ ବେଶ୍ ଝୁମାଇବ ବୋଲି ଆଶା କରାଯାଉଛି। ଏହି ବୈଦ୍ୟୁତିକ ଢୋଲ ମାଧ୍ୟମରେ ସୂର୍ଯ୍ୟୋଦୟ ଭ୍ରମ ସୃଷ୍ଟି କରିବ।

### ଉଠାଦୋକାନୀ ବାଲିଯାତ୍ରା ମୁହାଁ

ଦିନକ ପରେ ଆରମ୍ଭ ହେବାକୁ ଥିବା ଐତିହାସିକ ବାଲିଯାତ୍ରା କଟକ-୨୦୨୫ ପାଇଁ ଉଠା ଦୋକାନୀ ପରିବାର ସହ ଆସିଲେଣି। ଗଛ ଛାଇରେ ଚାଲିଛି ରୋଷେଇ ଏବଂ ତଳେ ବିଛାଯାଉଥିବା ପାଲରେ ଶୋଇଛନ୍ତି କୁନିକୁନି ପିଲାମାନେ। ସେଠି ଖାଉଛନ୍ତି ଏବଂ ଖୋଲା ଆକାଶ ତଳେ ଶୋଉଛନ୍ତି। ବାଲିଯାତ୍ରାରେ ଭଲ ବେପାର ଆଶାରେ ଦୂରଦୂରାନ୍ତର ଯଥା ଜାମ୍‌ସେଦପୁର, ରାଜସ୍ଥାନ ଭଳି ବିଭିନ୍ନ ରାଜ୍ୟରୁ ଏହି ଉଠା ବ୍ୟବସାୟୀ ଆସି ବାଲିଯାତ୍ରାରେ ଡେରା ପକାଇଲେଣି। ଚଳିତବର୍ଷ ବାଲିଯାତ୍ରା ତଳପଡିଆରେ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଥିବାବେଳେ ଏବେ ଠାରୁ ଭିଡ ଜମିବାର ଆରମ୍ଭ ହେଲାଣି।

### ଶାଳପତ୍ରରେ ନିର୍ମିତ ଡଙ୍ଗା ଭସାଇବା ପାଇଁ ଅନୁରୋଧ

ଚଳିତବର୍ଷ ଐତିହାସିକ ବାଲିଯାତ୍ରା ଅବସରରେ ପରିବେଶକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ଓରମାସର ବିଭିନ୍ନ ସ୍ୱେଚ୍ଛାସେବୀ ତଥା ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ଶାଳପତ୍ରରେ ୨୦୦୦୦ରୁ ଊର୍ଦ୍ଧ୍ୱ ବୋଇତ/ଡଙ୍ଗା ତିଆରି କରାଯାଇଛି। କାର୍ତ୍ତିକ ପୂର୍ଣ୍ଣମୀ ଦିନ ଅର୍ଥାତ୍ ବୁଧବାର ସକାଳେ ମହାନଦୀରେ ଆଳତି, କୀର୍ତ୍ତନ ସହ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶାଳପତ୍ରରେ ନିର୍ମିତ ଡଙ୍ଗା ଭସାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସହରବାସୀଙ୍କୁ ଅନୁରୋଧ କରାଯାଇଛି।

## ବଲିଉଡ, ଓଲିଉଡ ନାଇଟ୍‌ରେ ଦୁଲୁକିବ ବାଲିଯାତ୍ରା

■ ମୁଖ୍ୟ ଆକର୍ଷଣ ପାଲଟିବେ ଶ୍ରେୟା, ହର୍ଷଦୀପ
■ ଅକ୍ଷୟ ମହାନ୍ତି ନାଇଟ୍‌ରେ ଝୁମିବେ ଦର୍ଶକ
■ ରାଜ୍ୟରୁ ୧୫ରୁ ଅଧିକ ସାଂସ୍କୃତିକ ଟିମ୍ ଯୋଗଦେବେ

କଟକ,୩।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଚଳିତବର୍ଷ ଐତିହାସିକ ବାଲିଯାତ୍ରା କଟକ-୨୦୨୫କୁ ଆକର୍ଷଣ କରିବାକୁ ଅନେକ ପଦକ୍ଷେପ ନିଆଯାଇଛି। ପଡ଼ିଆରେ ଷ୍ଟଲ ନିର୍ମାଣ ଚାଲିଥିବାବେଳେ ବିଦ୍ୟୁତ୍ ଖୁଣ୍ଟରେ ମିଟର ବକ୍ସ ଲଗାଯାଉଛି। ପଡିଆରେ ବିଭିନ୍ନ ପ୍ରକାରର ଦୋଳି ପହଞ୍ଚିଥିବା ଜଣାପଡିଛି। ବାଲିଯାତ୍ରାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପାଇଁ ୨ଟି ମଞ୍ଚ ଗଣକବି ବୈଷ୍ଣବ ପାଣି ଏବଂ ଅକ୍ଷୟ ମହାନ୍ତି ମଞ୍ଚ ରହିଛି। ଏହି ମଞ୍ଚରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହେବା ସହ ବଲିଉଡ ଏବଂ ଓଲିଉଡ କଣ୍ଠଶିଳ୍ପୀଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ। ଏଥର ବଲିଉଡର କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ, ହର୍ଷଦୀପ କୌର ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିବେ। ହର୍ଷଦୀପ କୌର ଅକ୍ଷୟ ମହାନ୍ତି ମଞ୍ଚରେ ସଙ୍ଗୀତ ପରିବେଷଣ କରିବେ ବୋଲି ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଥିବାବେଳେ ଶ୍ରେୟା ଘୋଷାଲ କାର୍ଯ୍ୟସୂଚୀ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଅନ୍ୟପଟେ ବାଲିଯାତ୍ରା ୧୨ ପରିବର୍ତ୍ତେ ୧୩ ତାରିଖରେ ଶେଷ ହେବ ବୋଲି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିବାକୁ ଥିବାବେଳେ ଶେଷ ଦିନରେ ଶ୍ରେୟା ଘୋଷାଲ ଗଣକବି ବୈଷ୍ଣବ ପାଣି ମଞ୍ଚରେ ସଙ୍ଗୀତ ପରିବେଷଣ କରିବେ ବୋଲି ଅନୁମାନ କରାଯାଉଛି। ରାଜ୍ୟରୁ ୧୫୦ରୁ ଅଧିକ ସାଂସ୍କୃତିକ ଟିମ୍ ବାଲିଯାତ୍ରାରେ ଯୋଗଦେବେ ବୋଲି ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ମିଳିଛି।



ତଳପଡିଆରେ ଗଣକବି ବୈଷ୍ଣବ ପାଣି ମଞ୍ଚ ପ୍ରସ୍ତୁତି ଚାଲିଛି।

# ପଞ୍ଚଭୂତରେ ଲୀନ ହେଲେ ଶିଳ୍ପୋଦ୍ୟୋଗୀ ଶରତ ସାହୁ

■ କାଳିଆବୋଦାରେ ଶେଷକୃତ୍ୟ ସମ୍ପନ୍ନ
■ ଶ୍ରଦ୍ଧାଞ୍ଜଳି ଦେଲେ ସହସ୍ରାଧିକ ଲୋକ

କଟକ,୩।୧୧(କାର୍ତ୍ତିକ ସାହୁ)

ବିଶିଷ୍ଟ ଉଦ୍ୟୋଗପତି ତଥା ରୁଚି ଫୁଡ୍‌ଲାଇନ୍‌ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁଙ୍କ ଶେଷକୃତ୍ୟ କଟକ କାଳିଆବୋଦାସ୍ଥିତ ଶ୍ମଶାନରେ ସୋମବାର ଅପରାହ୍ଣରେ ସମ୍ପନ୍ନ ହୋଇଛି। ଡ. ସାହୁଙ୍କ ପୁଅ ଅରବିନ୍ଦ ସାହୁ ମୁଖାଗ୍ନି ଦେଇଛନ୍ତି। ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ସହସ୍ରାଧିକ ଲୋକଙ୍କ ଭିଡ଼ ଜମିଥିଲା। ଡ. ସାହୁଙ୍କ ବିୟୋଗ ଓଡ଼ିଶାର ଶିଳ୍ପଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

ସୂଚନାନୁସାରେ, ଡ. ସାହୁଙ୍କ ୭୬ ବର୍ଷ ବୟସରେ ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ରବିବାର ମଧ୍ୟାହ୍ନରେ ପରଲୋକ ଘଟିଥିଲା। ତାଙ୍କ ମରଶରୀରକୁ ବିମାନ ଯୋଗେ ଅଣାଯାଇ ଭୁବନେଶ୍ୱର ବିମାନବନ୍ଦରରେ ସୋମବାର ସକାଳେ ପହଞ୍ଚିଥିଲା। ସେଠାରୁ ତାଙ୍କ ମୃତଦେହକୁ ଶେଷ ଶୋଭାଯାତ୍ରାରେ ନିଆଯାଇ କଟକର ବାଲିକୁଦା, ବାରଙ୍ଗସ୍ଥିତ ରାମଦାସପୁର ଶିଳ୍ପାଞ୍ଚଳ ଦେଇ କାଜିଡିହସ୍ଥିତ ତାଙ୍କ ବାସଭବନରେ ପହଞ୍ଚିଥିଲା। ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଡ. ସାହୁଙ୍କ ଧର୍ମପତ୍ନୀ ସଙ୍ଗୀତା ସାହୁ, କନ୍ୟା ରଶ୍ମି ସାହୁ, ଜାମାତା ପ୍ରକାଶ ସାହୁ, ଭଗ୍ନୀପତି ପ୍ରଫୁଲ୍ଲ କୁମାର ଚୌଧୁରୀ, ପୁତ୍ରବଧୂ ସଲିନା ସାହୁ ଓ ପରିବାରବର୍ଗ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ଶେଷ ଦର୍ଶନ କରିଥିଲେ। ଏହାପରେ



ରୁଚି ପ୍ରତିଷ୍ଠାତା ଶରତ ସାହୁଙ୍କ ମରଶରୀରକୁ ଶୋଭାଯାତ୍ରାରେ ଶ୍ମଶାନକୁ ନିଆଯାଉଛି।

ମରଶରୀରକୁ ତାଙ୍କ ପ୍ରିୟ 'ରୁଚି' ଶିଳ୍ପାନୁଷ୍ଠାନ ପରିସର, ଲକ୍ଷେଶ୍ୱର ମନ୍ଦିର, ଗୁଣ୍ଡିଚା ମନ୍ଦିର ଦେଇ ପାସ୍ତା ଭିଲେଜ ପ୍ରାଙ୍ଗଣରେ ରଖାଯାଇଥିଲା। ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକ ସୌଭିକ୍ ବିଶ୍ୱାଳ, ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସମାଜ ସମ୍ପାଦକ ତପନ କୁମାର ମିଶ୍ର, ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ରୁଚି ପରିସରରୁ ନାମ ସଂକୀର୍ତ୍ତନ ସହ ଶୋଭାଯାତ୍ରା ତାଙ୍କ ଜନ୍ମସ୍ଥାନ ରାଣୀହାଟର ତେଲୀସାହି, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ, ସମାଜ କାର୍ଯ୍ୟାଳୟ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ୍ ଏବଂ ଓଡ଼ିଶା କବାଡ଼ି ଆସୋସିଏଶନ୍‌ଠାରେ ପହଞ୍ଚିଥିଲା। ସେଠାରେ ବିଭିନ୍ନ ବର୍ଗର ଲୋକ, ଗଣମାଧ୍ୟମ ପ୍ରତିନିଧି, ଜିଲା ପ୍ରଶାସନ, କମିଶନରେଟ ପୋଲିସ ଓ ବିଭିନ୍ନ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

'ରୁଚି' ପରିବାର ପକ୍ଷରୁ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ସହସ୍ରାଧିକ କର୍ମଚାରୀ ତାଙ୍କର ପ୍ରିୟ ପ୍ରତିଷ୍ଠାତା ଡ. ସାହୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ଅଶ୍ରୁଳ ବିଦାୟ ଜଣାଇଥିଲେ। ଶିଳ୍ପୋଦ୍ୟୋଗୀ ଶରତ ସାହୁଙ୍କ ପରଲୋକ ଖବର ପାଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, କ୍ରୀଡ଼ାବିତ୍ ଦିଲ୍ଲୀପ ତିର୍କୀ, ଶିକ୍ଷାବିତ୍ ଅଚ୍ୟୁତ ସାମନ୍ତ, କଟକ ମେୟର ସୁବାସ ସିଂହ, ପୂର୍ବତନ ଆର୍‌ଡିସି ଅନିଲ କୁମାର ସାମଲ, ଭଦ୍ରକ ଜିଲାପାଳ ଦିଲ୍ଲୀପ କୁମାର ରାଉତରାୟ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ଓଡ଼ିଶା ଶିଳ୍ପସଂଘ ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ, ଶିଳ୍ପୋଦ୍ୟୋଗୀ ସୁଶାନ୍ତ କୁମାର ପଣ୍ଡା, କ୍ୟାପ୍‌ଟେନ୍ ରାମେଶ୍ୱର ମହାପାତ୍ର, ମୃତ୍ୟୁଞ୍ଜୟ ସାମଲ, ବିପିନ ବିହାରୀ ରାଉତ, ଡକ୍ଟର ଅରୁନ୍ଧତୀ ଦେବୀ, ପ୍ରଶାସକ ମିହିର ପ୍ରସାଦ ମହାନ୍ତି, ବେଦବିତ୍ ବୀରେନ୍ଦ୍ର କୁମାର ପଣ୍ଡା, ଶିଳ୍ପୋଦ୍ୟୋଗୀ ସମ୍ପାଦକ ଡ. ଶିବବ୍ରତ ରାଉତ, ବିଶିଷ୍ଟ ଉଦ୍ୟୋଗୀ ପ୍ରଶାନ୍ତ କୁମାର କର ପ୍ରମୁଖ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

## ଖୁଣ୍ଟୁଣୀ ରାଧାନାଥ ରଥ ବିଜ୍ଞାନ ମହାବିଦ୍ୟାଳୟରେ ଏନ୍‌ସିସି ଶିକ୍ଷା ଖୋଲାଗଲା

ଖୁଣ୍ଟୁଣୀ, ୩।୧୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ରାଧାନାଥ ରଥ ବିଜ୍ଞାନ ମହାବିଦ୍ୟାଳୟରେ ପୂର୍ବରୁ ବନ୍ଦ ଥିବା ଜାତୀୟ ସେବା ଯୋଜନା ପରିବର୍ତ୍ତେ ସୋମବାରଠାରୁ ଏନ୍‌ସିସି ଶିକ୍ଷା ଆରମ୍ଭ କରାଯାଇଛି। ମହାବିଦ୍ୟାଳୟ ସନ୍ନିକଟ ଗାନ୍ଧୀ ପଡ଼ିଆରେ ମବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଏନ୍‌ସିସି କର୍ମଶାଳାରେ ଯୋଗଦେଇ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ ବୋଲି ଅଧ୍ୟକ୍ଷ ଡ. ଶଶିଭୂଷଣ ମିଶ୍ର କହିଛନ୍ତି। ଡ. ମିଶ୍ରଙ୍କ ଅନୁମୋଦନକ୍ରମେ ନାମ ପଞ୍ଜୀକରଣ କରାଯାଇଥିବା କର୍ମଶାଳା ସିଟିଓ ପ୍ରକାଶ କୁମାର ସିଂହ ଏବଂ ଗିନାଞ୍ଜଳି ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା ହୋଇଥିଲା। ପଞ୍ଜୀକରଣ ସୀମିତ ଥିବାରୁ ଅଳ୍ପ ସଂଖ୍ୟକ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ଆଗାମୀ ଦିନରେ ଆହୁରି ଅଧିକ ଛାତ୍ରୀଛାତ୍ର ଏହି କ୍ୟାଡରରେ ଯୋଗଦେବେ ବୋଲି ଡ. ମିଶ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଏନ୍‌ସିସି ଅଧ୍ୟକ୍ଷ ମେଜର ଆଶୁତୋଷ ତ୍ରିପାଠୀ, ନାଏକ ମେଡ଼ିକାଲ ଆସିଷ୍ଟାଣ୍ଟ ଶୁଭେନ୍ଦୁ ପ୍ରଧାନ ଓ ନାଏକ ସୁବେଦାର ଅନିରୁଦ୍ଧ ଯାଦବ ପ୍ରମୁଖ ଯୋଗଦେଇ କର୍ମଶାଳା ପରିଚାଳନା କରିଥିଲେ। ଅଧ୍ୟକ୍ଷ ଡ. ମିଶ୍ର ଓ କଲେଜର ଅନ୍ୟାନ୍ୟ ଅଧ୍ୟାପକ କୃତଜ୍ଞତା ଜଣାଇଥିଲେ।

# ବଡ଼ସିଂହାର ବେଶରେ ଧବଳେଶ୍ୱରଙ୍କୁ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ଖୁଣ୍ଟୁଣୀ,୩।୧୧(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ର ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱର ବଡ଼ଓଷାରେ ବଡ଼ସିଂହାର ବେଶରେ କାର୍ତ୍ତିକର ଶେଷ ସୋମବାରରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଧବଳେଶ୍ୱରଙ୍କ ପୀଠରେ ଗଜଭୋଗ ଓ ତରଣ ପାଇଁ ବିଭିନ୍ନ ଜିଲା ତଥା ଜିଲା ବାହାରୁ ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଭୋର ନୀତିପାଳିଆ ସେବକ ଓ ତାଙ୍କ ସହଯୋଗୀ ପୂଜକମାନେ ମନ୍ଦିର ପହଡ଼ ଖୋଲି ବାବାଙ୍କୁ ୧୦୮ ଗରା ଶୁଦ୍ଧଜଳରେ ସ୍ନାନ ଓ ପୁଷ୍ପରେ ମଣ୍ଡିତ କରି ବଡ଼ସିଂହାର ବେଶରେ ସଜ୍ଜିତ କରିଥିଲେ। ଘର୍ଷଣ ବାଳଭୋଗ ଓ ଖେଚୁଡ଼ି ଭୋଗ ଲାଗି ପରେ ଭୋର ସାଢ଼େ ୪ଟାରୁ ମନ୍ଦିର ଦ୍ୱାର ଖୋଲା ଯାଇଥିଲା। ପରେ ଲକ୍ଷାଧିକ ଶ୍ରଦ୍ଧାଳୁ ଧାଡିରେ ଆସି ବାବାଙ୍କୁ ଦର୍ଶନ କରିଥିଲେ। ସୋମବାର କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ତ୍ରୟୋଦଶୀ-ଚତୁର୍ଦ୍ଦଶୀ ତିଥିର ସନ୍ଧିକ୍ଷଣ ମୁହୂର୍ତ୍ତ ଅର୍ଥାତ ସୋମବାର ଓ ମଙ୍ଗଳବାର ବିଳମ୍ବିତ ରାତ୍ରି ୩ଟାରେ ପ୍ରଭୁଙ୍କ ନିକଟରେ ଗଜଭୋଗ ଓ ତରଣ ଲାଗି ହେବା ପରେ ସର୍ବସାଧାରଣଙ୍କ ନିମନ୍ତେ ମଙ୍ଗଳବାର ପ୍ରତ୍ୟୁଷରୁ ଗଜଭୋଗ ବଣ୍ଟନ କରାଯିବ। ଗଜଭୋଗ ପାଇଁ ପୀଠରେ ସୋମବାର ରାତିରୁ ହଜାର ହଜାର ଭକ୍ତ ରାତ୍ରି ଉଜାଗର ରହି ପ୍ରଭୁଙ୍କ ଅତିପ୍ରିୟ ଭୋଗ ଗଜଭୋଗ ଓ ତରଣ ନେଇ ମଙ୍ଗଳବାର ହରିହର ବେଶ ଦର୍ଶନ କରି ଘରକୁ ଫେରିବେ। ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଥିବାରୁ ମଙ୍ଗଳବାର ଅପରାହ୍ଣଠାରୁ ଅଧିକ ଭିଡ଼ ଲାଗି ରହିବାକୁ ଥିବାରୁ ପ୍ରଶାସନ ଓ ଦେବୋତ୍ତର ପ୍ରଶାସନ ପ୍ରସ୍ତୁତ ଥିବା ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କହିଛନ୍ତି। ଧବଳେଶ୍ୱରଙ୍କ ନିକଟରେ ପ୍ରସିଦ୍ଧ ଗଜଭୋଗ ଲାଗି ୧୨୦ ପୂଜକ ପରିବାର ବଡଓଷାର ୬ ଦିନ ପୂର୍ବରୁ ପ୍ରସ୍ତୁତି ଚଳାଇ ଆସୁଛନ୍ତି। ଏଥିପାଇଁ ୪ ଶହ କୁଇଣ୍ଟାଲ ଅରୁଆ ଚାଉଳ ଚୂନା, ନଡ଼ିଆ, ଗୁଡ଼, ମୁଗ ଓ ପ୍ରାୟ ୧୬ ପ୍ରକାର ମସଲା ବ୍ୟବହାର କରାଯାଇଥାଏ। ସୋମବାର ରାତି ୧୨ଟାରୁ ପ୍ରଭୁଙ୍କ ରୋଷ ଗୃହରେ ନୀତିପାଳିଆ ସେବକମାନେ ସ୍ୱତନ୍ତ୍ର ଗଜଭୋଗ ପ୍ରସ୍ତୁତି କରିବେ। ରାତି ଗୋଟାଏ ବେଳେ ମନ୍ଦିର ଭିତର ପହଡ ଖୋଲାଯାଇ ମଙ୍ଗଳଆଳତି, ୧୦୮ଗରା ମହାନଦୀର ଜଳରେ ପ୍ରଭୁଙ୍କୁ ସ୍ନାନ, ଜଳାଭିଷେକ, ନାନାପ୍ରକାର ସୁବାସିତ ପୁଷ୍ପ ଓ ବେଲପତ୍ରରେ ବେଶ ସମ୍ପୂର୍ଣ୍ଣ କରାଯିବା ପରେ ବାଳଭୋଗ ନୀତି କରାଯିବ। ବହୁ ପ୍ରତୀକ୍ଷିତ ସନ୍ଧିକ୍ଷଣ ମୁହୂର୍ତ୍ତ ସୋମବାର ରାତି ୩ଟାରେ ଠାକୁରଙ୍କ ନିକଟରେ ଗଜଭୋଗ ଓ ତରଣ ଲାଗି କରାଯାଇ ଭୋରରେ ବଣ୍ଟନ କରାଯିବ ବୋଲି ପୂଜକ ସମିତି ସଭାପତି ବିଷ୍ଣୁ ଚରଣ ପତ୍ରି ଓ ସମ୍ପାଦକ ନରେନ୍ଦ୍ର କୁମାର ପଣ୍ଡା କହିଛନ୍ତି।



# କଟକ ନାଟ୍ୟୋତ୍ସବ ୨୦୨୫ ଉଦ୍‌ଯାପିତ

**ମୋହନ ସୁବୁଦ୍ଧି ମହାବିଦ୍ୟାଳୟର 'କଳାନନ୍ଦିନୀ' ଶ୍ରେଷ୍ଠ ନାଟକ**

କଟକ,୩।୧୧(କାର୍ତ୍ତିକ ସାହୁ)

ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ କଟକ ନାଟ୍ୟୋତ୍ସବ ୨୦୨୫ରେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର 'କଳାନନ୍ଦିନୀ' ଶ୍ରେଷ୍ଠ ନାଟକ ଭାବେ ବିଜୟ ମୁକୁଟ ପିନ୍ଧିଛି। ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନର 'ଶକ୍ତିଶ୍ରୀ' ପ୍ରଥମ ଉପବିଜେତା ଓ ଖ୍ରୀଷ୍ଟ ମହାବିଦ୍ୟାଳୟର ନାଟକ 'ଶେଷ ଇଚ୍ଛା' ଦ୍ୱିତୀୟ ଉପବିଜେତା ହୋଇଛି। ଶ୍ରେଷ୍ଠ ବିଜେତାଙ୍କୁ ୧ ଲକ୍ଷ ଟଙ୍କା, ପ୍ରଥମ ଉପବିଜେତାଙ୍କୁ ୭୦ ହଜାର ଏବଂ ଦ୍ୱିତୀୟ ଉପବିଜେତାଙ୍କୁ ୫୦ ହଜାର ଟଙ୍କାର ଚେକ୍ ସହ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ସେହିପରି ଶ୍ରେଷ୍ଠ କାହାଣୀ ଭାବେ କଳାନନ୍ଦିନୀ, ଶ୍ରେଷ୍ଠ ମଞ୍ଚ ସଜ୍ଜା ପାଇଁ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଓ ଶ୍ରେଷ୍ଠ ସଙ୍ଗୀତ ପାଇଁ ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନ ପୁରସ୍କୃତ ହୋଇଛନ୍ତି। ସାମଗ୍ରିକ ଉପସ୍ଥାପନା ପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ସ୍ୱତନ୍ତ୍ର ଜୁରୀ ପୁରସ୍କାର ଓ କାହାଣି ପାଇଁ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ସ୍ୱତନ୍ତ୍ର ଜୁରୀ ପୁରସ୍କାର ପ୍ରଦାନ କରାଯାଇଛି।

ଅନ୍ୟପକ୍ଷରେ ଶ୍ରେଷ୍ଠ ଅଭିନେତା ଖ୍ରୀଷ୍ଟ ମହାବିଦ୍ୟାଳୟର ଓମ ଶିବ ଦାଶ, ଶ୍ରେଷ୍ଠ ଅଭିନେତ୍ରୀ ରାଧାନାଥ ଉଚ୍ଚତର



ଶହୀଦଭବନଠାରେ କଟକ ନାଟ୍ୟ ଉତ୍ସବ ଉଦ୍‌ଯାପନୀ ସମାରୋହରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ।

ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନର କ୍ଷେତ୍ରମଣି କାଡ୍ରାକା, ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ସୁଶ୍ରୀ ସଙ୍ଗୀତା ପଡ଼ିହାରୀ, ଶ୍ରେଷ୍ଠ ସହ ଅଭିନେତା ଦି ଲ' କଲେଜ ରଚିତ କୁମାର ବାରିକ, ଶ୍ରେଷ୍ଠ ହାସ୍ୟ ଅଭିନେତା ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦେବ ପ୍ରସାଦ ବେହେରା, ସ୍ୱତନ୍ତ୍ର ଜୁରୀ ପୁରସ୍କାର ଅଭିନେତ୍ରୀ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଜ୍ଞା ପାରମିତା ନାୟକ, ସ୍ୱତନ୍ତ୍ର ଜୁରୀ ପୁରସ୍କାର ଅଭିନେତା ରଘୁନାଥଜୀଉ ଡିଗ୍ରୀ କଲେଜର ସ୍ୱର୍ଣ୍ଣପ୍ରଭା ବେହେରାଙ୍କୁ ପ୍ରଦାନ କରାଯାଇଛି। ଶହୀଦ ଭବନଠାରେ ସୋମବାର ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କଟକ ଜିଲା ପ୍ରଶାସନର ଏହି ଅଭିନବ ପ୍ରୟାସର ପ୍ରଶଂସା କରିଥିଲେ। ବିଧାୟକ ସୌଭିକ ବିଶ୍ୱାଳ, ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋସ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମ୍‌ସି କମିଶନର ସୁଶ୍ରୀ କିରନଦୀପ କୌର ସହୋତା, ଅଭିନେତା ଶ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଅନୁଷ୍ଠାନ ଓ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। କଟକ ନାଟ୍ୟୋତ୍ସବର ବିଚାରକ ଡ. ଅନଙ୍ଗ ଦ୍ୱିବେଦୀ, ହିମାଂଶୁ ଖଟୁଆ ଓ ଡ. ବୈଜୟନ୍ତୀ ମିଶ୍ର ଏବଂ ନାଟ୍ୟ ପରାମର୍ଶଦାତା ଉମେଶ ଦାସ, ବବି ଇସଲାମ, ସନ୍ଦୀପ ପାଣି ଓ ଅକ୍ଷୟ କୁମାର ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଶ୍ରେଷ୍ଠ ନାଟକ ବିଜେତାଙ୍କ ରନିଙ୍ଗ ସିଲ୍ଡ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ବାଲିଯାତ୍ରା ଉଦ୍‌ଘାଟନୀ ଉତ୍ସବରେ ପ୍ରଦାନ କରାଯିବା ସହ ସେହି ଦଳକୁ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଓ ଅନ୍ୟ ଉପବିଜେତା ଏବଂ ସଫଳ ଅଂଶଗ୍ରହଣକାରୀ ଦଳଙ୍କୁ କଟକ ଇନ୍ କଟକ ମଞ୍ଚରେ ନାଟକ ପ୍ରଦର୍ଶନ ପାଇଁ ସୁଯୋଗ ଦିଆଯିବ।

# ବରିଷ୍ଠ ନାଗରିକଙ୍କ ସୁରକ୍ଷା ବୈଠକ

ଫୁଲନଖରା,୩।୧୧
(ସତ୍ୟରଞ୍ଜନ ଦାସମହାପାତ୍ର)

**ବିଜୟ କୁମାର ମହାପାତ୍ର ସଭାପତି ମନୋନୀତ**

କଟକ ସଦର ଥାନା ଅନ୍ତର୍ଗତ କୁରଙ୍ଗ ଶାସନ ଜଗନ୍ନାଥଙ୍କ ମନ୍ଦିରରେ ବରିଷ୍ଠ ନାଗରିକମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଓଡ଼ିଶା ସାମାଜିକ ତଥା ସାଂସ୍କୃତିକ ପରିଷଦ ସଭାପତି ଲଳିତ କୁମାର ଦାଶ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରର ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ କଣ୍ଟାପଡ଼ା ବ୍ଲକର ବରିଷ୍ଠ ନାଗରିକ ମଞ୍ଚର ସଭାପତି ପଦ୍ମଲାଭ ମହାନ୍ତି ଓ ସମ୍ପାଦକ ଫଣିଭୂଷଣ ମହାନ୍ତି ଅତିଥି ଭାବେ ଯୋଗଦେଇ କଣ୍ଟାପଡ଼ା ବ୍ଲକରେ ଗଠନ ହୋଇଥିବା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଉପରେ ମତବ୍ୟକ୍ତ କରିଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ବରିଷ୍ଠ ନାଗରିକ ବିଜୟ କୁମାର ମହାପାତ୍ର ଏବଂ ଖବରଦାତା ଲଳିତ କୁମାର ଦାଶଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତରୁ ଜଣେ ଲେଖାଏ ଉପସଭାପତି ଓ ସମ୍ପାଦକଙ୍କୁ ମନୋନୀତ କରାଯାଇଥିଲା। ଏଥିରେ କୁରାଙ୍ଗ ଶାସନ, କୁରଙ୍ଗ ପ୍ରଧାନ, ନଗରୀ, ଉଷୁମା, ସାଇଁସୋ, ହରିଅନ୍ତା, ଖଲର୍ଦ୍ଦା ଏହିପରି ବାରଙ୍ଗ ବ୍ଲକ ୩୩ ନଂ. ଜିଲା ପରିଷଦ ଜୋନର ୮ଟି ଗ୍ରାମପଞ୍ଚାୟତର ୬୦ରୁ ୭୦ବର୍ଷ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ। ବୈଠକରେ ବାବାଜୀ ମହାନ୍ତି, ଜୟନ୍ତ କୁମାର ଜେନା, ଯଜ୍ଞସର ଶତପତି, ଶୈଳଜାନନ୍ଦ ସାହୁ, ବ୍ରଜବନ୍ଧୁ ମହାନ୍ତି, ଅଜୟ କୁମାର ପତି, ଅଶୋକ ନାରାୟଣ ହୋତା, ବିଜୟ କୁମାର ମୁଦୁଲି, ତ୍ରିଲୋଚନ ସାହୁ, ଚିତ୍ତରଞ୍ଜନ ପତି, ଦିବ୍ୟସିଂହ ପାତ୍ର, ସୁଶୀଲ କୁମାର ଦାସ, ଜୟଦେବ ପ୍ରଧାନ, କାର୍ତ୍ତିକ ସାହୁ ପ୍ରମୁଖ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

## ୧୬୦ଲିଟର ଦେଶୀ ମଦ, ବାଇକ୍ ଜବତ: ୨ ଗିରଫ

ମଙ୍ଗୁଳି-ଜଗତପୁର,୩।୧୧(ମାନସ ସାମଲ)

ଚୌଦ୍ୱାର ଅବକାରୀ ବିଭାଗ ଦେଶୀ ମଦ ବ୍ୟବସାୟ ଅଭିଯୋଗରେ ୨ଜଣ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ଥାନା ଅଧୀନ କାଟେଣି ଗ୍ରାମର ଜୟ ପ୍ରକାଶ ସାମଲ, ମନୋଜ ମଲ୍ଲିକ। ସେମାନଙ୍କ ନିକଟରୁ ୧୬୦ ଲିଟର ଦେଶୀ ମଦ ସହ ଗୋଟିଏ ବାଇକ୍ ଜବତ ହୋଇଛି। ସୂଚନା ମୁତାବକ, ଅବକାରୀ ସୁପେରିଣ୍ଟେଣ୍ଡେଣ୍ଟଙ୍କ ତତ୍ତ୍ୱାବଧନରେ ଚୌଦ୍ୱାର ଅବକାରୀ ବିଭାଗ ପକ୍ଷରୁ ଚୌଦ୍ୱର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଯାଞ୍ଚ ପରେ ୨ଟି ସ୍ଥାନରୁ ବେଆଇନ ମଦ ଜବତ ହେଇଥିଲା। ଏ ନେଇ ଅବକାରୀ ବିଭାଗ ନିଜ ଆଡୁ ୨ଟି ପୃଥକ ମାମଲା (ନଂ. ୧୫୬,୧୫୭/୨୫ରୁଜୁ କରିଛି। ଇନ୍ସପେକ୍ଟର ମାନସୀ ନାୟକ, ଓଆଇସି ବିପିନ ବିହାରୀ ସାହୁ, ଆଶୁତୋଷ ଜେନା, ସୁନିଲ ବଳ, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ଆଜି ବଡ଼ଓଷା, ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

**ଖୋର୍ଦ୍ଧା,୩।୧୧(ପ୍ରଭାତ ପାଣିଗ୍ରାହୀ)**

## ଚଳଚଞ୍ଚଳ ଗୁରୁଜଙ୍ଗ ଧବଳେଶ୍ୱର ପୀଠ

ପଞ୍ଚକ ପାଇଁ ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲାର ପ୍ରସିଦ୍ଧ ଶୈବପୀଠ ଗୁରୁଜଙ୍ଗସ୍ଥିତ ଶ୍ରୀଧବଳେଶ୍ୱର, ଅତ୍ରିର ଏକାଦଶ ରୁଦ୍ର ହଟକେଶ୍ୱର, ଗୋଡ଼ା ଲୋକନାଥ ପଶ୍ଚିମାଶ୍ରୁ ପ୍ରତାପେଶ୍ୱର, ଚଣ୍ଡେଶ୍ୱର ଶୈବପୀଠ ସମେତ ସମସ୍ତ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଛି। ମଙ୍ଗଳବାର ବଡ଼ଓଷା, ଏଥିଲାଗି ଚଳଚଞ୍ଚଳ ହୋଇଉଠିଛି ଧବଳେଶ୍ୱର ପୀଠ। ଶ୍ରଦ୍ଧାଳୁ ଓ ମାନସିକଧାରୀ ଧବଳେଶ୍ୱରଙ୍କ ନିକଟରେ ଗଜଭୋଗ ଓ ଅଟକାଳୀ (ହାଣ୍ଡିଭୋଗ) ଭୋଗ କରାଉଛନ୍ତି। ଏଥିଲାଗି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ, ସୁରକ୍ଷିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ମନ୍ଦିର ପ୍ରବେଶ ଦ୍ୱାରରେ ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍ କରାଯାଇଛି। ଶ୍ରଦ୍ଧାଳୁମାନେ ଟିକେଟ କାଟି ମନ୍ଦିରରେ ପ୍ରବେଶ କରିବେ। ଅନ୍ୟ ଦ୍ୱାର ବାଟେ ବାହାରିବେ। ଶ୍ରୀଧବଳେଶ୍ୱର ପରିଚାଳନା ବୋର୍ଡ ଟ୍ରଷ୍ଟି ବଦ୍ରିନାରାୟଣ ସାହୁ କହିଛନ୍ତି ଯେ, ଏଥିଲାଗି ସମସ୍ତ ପ୍ରସ୍ତୁତି ସରିଛି। ଶୃଙ୍ଖଳିତ ଦର୍ଶନ ପାଇଁ ଟ୍ରଷ୍ଟ ବୋର୍ଡ ଏବଂ ମନ୍ଦିର ସେବାୟତ ସଂଘ ଉପସ୍ଥିତିରେ ସମସ୍ତ ନୀତିକାନ୍ତି ସ୍ଥିର କରାଯାଇଛି। ରାତି ୨ଟାରେ ମନ୍ଦିର ଦ୍ୱାରଫିଟା ଯାଇ ଅନ୍ୟାନ୍ୟ ନୀତି ହୋଇ ୩ଟାରେ ମଙ୍ଗଳ ଆଳତି ପରେ ଦର୍ଶନ ଆରମ୍ଭ ହେବ। ୯ଟାରେ ଧବଳେଶ୍ୱରଙ୍କୁ ହାଣ୍ଡିଭୋଗ(ଅଟକାଳୀ) ଲାଗି କରାଯିବ। ମାନସିକଧାରୀମାନେ ମହାଦେବଙ୍କ ଏହି ଭୋଗ ଅର୍ପଣ କରିଥାନ୍ତି। ଦିନସାରା ଶ୍ରଦ୍ଧାଳୁଙ୍କ ଭୋଗଲାଗି ରହିବ। ମଧ୍ୟାହ୍ନରେ ଶଙ୍କୁଡ଼ି ଭୋଗରେ ଅନ୍ନ, ଡାଲମା, ଖିରି, ପିଠା ଲାଗି କରାଯିବ। ଅପରାହ୍ନ ୧ଟାରୁ ୩ଟା ପର୍ଯ୍ୟନ୍ତ ପହୁଡ଼ ପରେ ପୁଣି ଦର୍ଶନ ଆରମ୍ଭ ହେବ। ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି, ବେଢ଼ା ପରିକ୍ରମା ରହିଛି। ପରେ ଅନ୍ୟାନ୍ୟ ନୀତି ହୋଇ ରାତି ୧୦ଟାରେ ପହୁଡ଼ ନୀତି ସମ୍ପନ୍ନ ହେବ। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ରହିଛି। ତେଣୁ ସ୍ଥାନୀୟ ପ୍ରଶାସନ ଓ ପୋଲିସ ପକ୍ଷରୁ ଟ୍ରାଫିକ ଏବଂ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୨ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ସଦର ଡିଏସପି ନୀହାର ରଞ୍ଜନ ପ୍ରଧାନ କହିଛନ୍ତି। ପୌର ପ୍ରଶାସନ ପକ୍ଷରୁ ପାନୀୟଜଳ ଏବଂ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି।




ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର ପୀଠରେ ଠାକୁରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଧାଡ଼ିରେ ଅପେକ୍ଷା କରିଛନ୍ତି।

**ବଡ଼ଓଷା ଯାତ୍ରା ଆରମ୍ଭ**

ଏଠାରେ ବଡ଼ଓଷା ଯାତ୍ରା ଦୁଇଦିନ ଧରି ହୋଇଥାଏ। ବିଭିନ୍ନ ଅଞ୍ଚଳର ବ୍ୟବସାୟୀମାନେ ଏଠାରେ ପସରା ମେଲାଇଥାନ୍ତି। ଭୋଗ ସାମଗ୍ରୀ, ଖଇ, କୋରା, ବିଭିନ୍ନ ପ୍ରକାର ମିଠେଇ, ଫାଷ୍ଟଫୁଡ, ଫୁଲଷ୍ଟଲ, ଟେରାକୋଟା, ଘରକରଣା ସାମଗ୍ରୀ, ଘରୋଇ ସାଜସଜ୍ଜା, ବାଉଁଶ ନିର୍ମିତ ସାମଗ୍ରୀ, ପ୍ରସ୍ତରରେ ପ୍ରସ୍ତୁତ ବିଭିନ୍ନ କଳାକୃତି, ପିଲାଙ୍କ ଖେଳଣା ଦୋକାନ ଆଦି ପଡ଼ିଛି। ଧବଳେଶ୍ୱରଙ୍କ ପୀଠର ଚାରିପଟେ ୫ଶହରୁ ଊର୍ଦ୍ଧ୍ୱ ଷ୍ଟଲ ପଡ଼ିଛି। ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ଶୁଭାଂଶୁ ସାମନ୍ତରାୟ କୁହନ୍ତି, ପ୍ରାଚୀନକାଳରୁ ଏଠାରେ ବଡ଼ଓଷା ପାଳିତ ହୋଇଆସୁଛି। ଦୁଇଦିନ ବ୍ୟାପୀ ଧବଳେଶ୍ୱରଙ୍କ ପୀଠ ଲୋକାରଣ୍ୟ ହୋଇଉଠେ। ମନ୍ତ୍ରଧ୍ୱନିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ।

**ଆଜିଠୁ ୨୪ତମ ବଡ଼ଓଷା ପରବ**

ଗୁରୁଜଙ୍ଗ ଯୁବ ପରିଷଦ ପକ୍ଷରୁ ସ୍ଥାନୀୟ ମେଳଣ ପଡିଆରେ ୨୪ତମ ବଡ଼ଓଷା ପରବ ସାଂସ୍କୃତିକ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହେବ। ଦୁଇଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକନୃତ୍ୟ, ଲୋକକଳା ପରିବେଷଣ କରାଯିବ ବୋଲି ସମ୍ପାଦକ ଜିତେନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# ୩ଦିନ ମଧ୍ୟରେ ଦାୟିତ୍ୱ ହସ୍ତାନ୍ତର ନିର୍ଦ୍ଦେଶ

**ଖୋର୍ଦ୍ଧା,୩।୧୧(ପ୍ରଭାତ ପାଣିଗ୍ରାହୀ)**

## ଧବଳେଶ୍ୱର ମନ୍ଦିର କମିଟି ବିବାଦ ମାମଲା

- ସପ୍ତାହ ମଧ୍ୟରେ ସମସ୍ତ ଆଦାୟ ଅର୍ଥ ଆକାଉଣ୍ଟରେ ଜମା କର
- କାର୍ଯ୍ୟରେ ହସ୍ତକ୍ଷେପ ପରିବର୍ତ୍ତେ ସହଯୋଗ କରିବାକୁ ନିର୍ଦ୍ଦେଶ

ଗୁରୁଜଙ୍ଗସ୍ଥିତ ଶ୍ରୀଧବଳେଶ୍ୱର ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆଗତ ମାମଲାର ବିଚାର କରି ହାଇକୋର୍ଟ ଉପଜିଲାପାଳଙ୍କ ଦ୍ୱାରା ଗଠିତ ଅସ୍ଥାୟୀ କମିଟିକୁ ରଦ୍ଦ କରିବା ସହ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି। ଦେବୋତ୍ତର କମିଶନରଙ୍କ ଦ୍ୱାରା ଗଠିତ ଟ୍ରଷ୍ଟ ବୋର୍ଡ ମନ୍ଦିର ଦୈନନ୍ଦିନ ନୀତିକାନ୍ତି, ବଡ଼ଓଷା ଏବଂ କାର୍ତ୍ତିକ ପୂର୍ଣ୍ଣିମା ପରିଚାଳନା କରିବେ। ଏଥିରେ ଅସ୍ଥାୟୀ କମିଟି କୌଣସି ହସ୍ତକ୍ଷେପ କରିବେ ନାହିଁ ବୋଲି ରାୟରେ ଉଲ୍ଲେଖ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟ ବୋର୍ଡ ବଡ଼ଓଷା ଏବଂ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ସୋମବାର ସହକାରୀ ଦେବୋତ୍ତର କମିଶନର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବଡ଼ଓଷା, କାର୍ତ୍ତିକ ପୂର୍ଣ୍ଣିମା ପାଳନ ଏବଂ ଏଥିସହିତ ଜଡ଼ିତ ସମସ୍ତ ଆକାଉଣ୍ଟକୁ ବର୍ତ୍ତମାନର ପରିଚାଳନା ଟ୍ରଷ୍ଟି ବଦ୍ରି ନାରାୟଣ ସାହୁଙ୍କୁ ହସ୍ତାନ୍ତର ପାଇଁ ଉପଜିଲାପାଳ ଖୋର୍ଦ୍ଧାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୩ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଚିଠିରେ ଦର୍ଶାଇଛନ୍ତି। ଏଥିସହିତ ପୂର୍ବ ଅସ୍ଥାୟୀ କମିଟି ଦ୍ୱାରା ଦୀପ ଦୋକାନ, ଭୋଗ ଦୋକାନ, ପୋଖରୀ ଏବଂ ନଡ଼ିଆ ଗଛରୁ ସଂଗୃହୀତ ନିଲାମ ସମେତ ଯାହା କିଛି ଆୟ ହୋଇଛି ତାହା ଏକ ସପ୍ତାହ ମଧ୍ୟରେ ଆକାଉଣ୍ଟରେ ଜମା କରିବା ସହ ଏହାର କାର୍ଯ୍ୟକାରିତା ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ଦିରର ଦୈନିକ ରୀତିନୀତି ଏବଂ ଟ୍ରଷ୍ଟ ବୋର୍ଡର କାର୍ଯ୍ୟରେ ଅଯଥା ହସ୍ତକ୍ଷେପ ନ କରିବା ଏବଂ ବଡ଼ଓଷା, କାର୍ତ୍ତିକ ପୂର୍ଣ୍ଣିମା ଏବଂ ପର୍ବପର୍ବାଣୀଗୁଡ଼ିକର ସୁପରିଚାଳନା ପାଇଁ ଟ୍ରଷ୍ଟ ବୋର୍ଡକୁ ସହଯୋଗ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଦେବୋତ୍ତର କମିଶନର ଦ୍ୱାରା ଶ୍ରୀଧବଳେଶ୍ୱର ପରିଚାଳନା ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଥିଲା। କମିଟି ଶୃଙ୍ଖଳିତଭାବେ ମନ୍ଦିରର ଦୈନିକ ନୀତିକାନ୍ତି ପରିଚାଳନା କରୁଥିବା ବେଳେ ୨୦୨୪ ନଭେମ୍ବର ୧୧ରେ ଖୋର୍ଦ୍ଧା ଉପଜିଲାପାଳ ବଡ଼ଓଷା ଏବଂ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଏକ ଅସ୍ଥାୟୀ କମିଟି ଗଠନ କରିଥିଲେ। ତେବେ ମନ୍ଦିର ଟ୍ରଷ୍ଟ ବୋର୍ଡ ଗଠନ ସରିଥିବା ବେଳେ ପୁଣି ଏକ ଅସ୍ଥାୟୀ କମିଟି ଗଠନକୁ ନେଇ ଟ୍ରଷ୍ଟ ବୋର୍ଡ ଅସନ୍ତୋଷ ପ୍ରକାଶ କରିଥିଲା। ଏହା ଅସାମ୍ବିଧାନିକ ଦର୍ଶାଇ ଜିଲା ପ୍ରଶାସନଠାରୁ ଦେବୋତ୍ତର କମିଶନରଙ୍କୁ ଲିଖିତ ଜଣାଇଥିଲେ। ତେବେ ଏହା ଉପରେ ପ୍ରଶାସନ କିମ୍ବା କମିଶନରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଫଳରେ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ହାଇକୋର୍ଟରେ ଏ ସଂକ୍ରାନ୍ତରେ ଏକ ପିଟିଶନ ଆଗତ ହୋଇଥିଲା। ଗତ ୨୪ତାରିଖରେ ଦୁଇ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ଉପରୋକ୍ତ ରାୟ ଶୁଣାଇଥିଲେ।

# ୨୦ରେ ଚାନ୍ଦପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ୍

**ଟାଙ୍ଗୀ,୩।୧୧(ରଘୁନାଥ ସାହୁ)**

ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଚାନ୍ଦପୁର ସରପଞ୍ଚଙ୍କ ବିରୋଧରେ ୧୭ଜଣ ୱାର୍ଡ ସଭ୍ୟାସଭ୍ୟ ଅନାସ୍ଥା ପ୍ରସ୍ତାବ ପାଇଁ ଉପଜିଲାପାଳଙ୍କ ନିକଟରେ ଲିଖିତଭାବେ ଆବେଦନ କରିଥିଲେ। ଆସନ୍ତା ୨୦ତାରିଖରେ ଅନାସ୍ଥା ଭୋଟ୍ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିବା ଜଣାପଡ଼ିଛି। ସୂଚନାଥାଉ କି, ଚାନ୍ଦପୁର ସରପଞ୍ଚ ରଞ୍ଜିତା ସେନାପତିଙ୍କ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ଗତ ଅକ୍ଟୋବର ୧୪ରେ ଏହିପଞ୍ଚାୟତର ୧୭ଜଣ ୱାର୍ଡସଭ୍ୟାସଭ୍ୟ ଅନାସ୍ଥା ପ୍ରସ୍ତାବ ପାଇଁ ଉପଜିଲାପାଳଙ୍କ ନିକଟରେ ଲିଖିତଭାବେ ଆବେଦନ କରିଥିଲେ। ଆବେଦନକୁ ବିଚାରକୁ ନେଇ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କ ସ୍ୱାକ୍ଷର ତଦନ୍ତ କରାଯିବା ପରେ ଉପଜିଲାପାଳଙ୍କ ପତ୍ରାଙ୍କ ସଂଖ୍ୟା ନମ୍ବର ୧୩୮୭ ତାରିଖ ୨୯/୧୦/୨୦୨୫ ଅନୁଯାୟୀ ଆସନ୍ତା ୨୦ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟରେ ରଣପୁର ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ବୈଠକ କରାଯାଇ ଅନାସ୍ଥା ପାଇଁ ଭୋଟ୍ କରାଯିବାର ନିର୍ଦ୍ଦେଶ ଦିଆଯାଇଛି। ତତ୍‌ସହିତ ସମସ୍ତ ୱାର୍ଡ ସଭ୍ୟାସଭ୍ୟମାନେ ଉପସ୍ଥିତ ରହିବା ପାଇଁ ନୋଟିସ କରାଯାଇଛି। ରଣପୁର ଅତିରିକ୍ତ ତହସିଲଦାର ବିଜୟ କୁମାର ବାରିକ ମ୍ୟାଜିଷ୍ଟ୍ରେଟ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଥିବା ବେଳେ ଶୃଙ୍ଖଳା ରକ୍ଷା କରିବା ପାଇଁ ଚାନ୍ଦପୁର ଥାନା ଆରକ୍ଷୀ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

# ୧୫୯ ଅଭିଯୋଗରୁ ୪ ଗ୍ରାମୀଣ ସମସ୍ୟା

## ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର



**ଖୋର୍ଦ୍ଧା,୩।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୧୫୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥରୁ ୧୫୫ଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୪ଟି ଗ୍ରାମୀଣ ସମସ୍ୟା ରହିଥିଲା। ଜିଲାପାଳ ଅମ୍ରିତ ଋତୁରାଜ ୧୦ଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଜିଲା ରେଡକ୍ରସ ପାଣ୍ଠିରୁ ପାଠପଢ଼ା ନିମନ୍ତେ ଲିଲି ବାହାଦୁରଙ୍କୁ ୧୦ହଜାର ଟଙ୍କା, ଚିଲିକା ବ୍ଲକ ଅଧୀନ ଆଙ୍କୁଲା ଗ୍ରାମର ପିଙ୍କି ଜେନାଙ୍କୁ ଆତ୍ମନିର୍ଭରଶୀଳ ନିମନ୍ତେ ଜେରକ୍ସ ମେସିନ ପାଇଁ ୧୫ହଜାର ଟଙ୍କା ଏବଂ ଟାଙ୍ଗୀ ବ୍ଲକ ଓରଡ଼ ଗ୍ରାମର ଚନ୍ଦ୍ର ଶେଖର ପଟ୍ଟନାୟକଙ୍କୁ ଚିକିତ୍ସା ନିମନ୍ତେ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ଶିବିରରେ ଅଧ୍ୟକ୍ଷତା କରି ଜିଲାପାଳ ଋତୁରାଜ କହିଥିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରକୃତ ହିତାଧିକାରୀ ଉପଲବ୍ଧ ଲକ୍ଷ୍ୟ ନେଇ ପଞ୍ଚାୟତସ୍ତରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଏବଂ ଅଭିଯୋଗର ନିୟମାନୁସାରେ ବିଭାଗୀୟ ଅଧିକାରୀମାନେ ସମାଧାନ କରି ଆସ୍ଥାଭାଜନ ହେବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ କିଶୋର କୁମାର ପଣ୍ଡା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲାପରିଷଦ କସ୍ତୁରିବାଳା ଜେନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦିଚରଣ ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସଞ୍ଜୟ ଚନ୍ଦ୍ର ରାୟ, ଡେପୁଟି କଲେକ୍ଟର(ଜରୁରୀ) ଶ୍ରୀତପା ମିଶ୍ରଙ୍କ ସମେତ ସମସ୍ତ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମନରେ ଆଧ୍ୟାତ୍ମିକତା ସୃଷ୍ଟି କରେ ଗାୟତ୍ରୀମନ୍ତ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ ପ୍ରବଚନ ଶୁଣୁଛନ୍ତି।

**ଖୋର୍ଦ୍ଧା,୩।୧୧(ପ୍ରଭାତ ପାଣିଗ୍ରାହୀ)**

## ଦ୍ୱାଦଶତମ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଖୋର୍ଦ୍ଧା ବିଡିଏ କଲୋନୀ ସ୍ଥିତ ଗାୟତ୍ରୀ ଶକ୍ତିପୀଠ ପରିସରରେ ଦ୍ୱାଦଶତମ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶକ୍ତିପୀଠର ମୁଖ୍ୟ ସଂଯୋଜକ ଇଂ.ପ୍ରମୋଦ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରବଚକ ନବଘନ ଶତପଥୀ, ଡ.ଆରାଧନା, ଉପାସନା ପ୍ରମୁଖ ଯୋଗଦେଇ ଗାୟତ୍ରୀମନ୍ତ୍ର ଓ ଯଜ୍ଞର ପ୍ରଭାବ ସମ୍ପର୍କରେ କହିଥିଲେ। ତ୍ରିଦେବୀଙ୍କ ସମ୍ମିଶ୍ରିତ ରୂପ ହେଲେ ଗାୟତ୍ରୀ ବିଚାର କ୍ରାନ୍ତିର ଏହି ମହାଯଜ୍ଞରେ ଜୀବନରେ ସାର୍ଥକତା ପାଇଁ ସାଧନା ଓ ଉପାସନା ଜରୁରୀ। ଗାୟତ୍ରୀମନ୍ତ୍ର ଜପ ଦ୍ୱାରା ମନରେ ସାତ୍ତ୍ୱିକତା, ସକାରାତ୍ମକ ଭାବ ଜାଗ୍ରତ ହୋଇଥାଏ। ନିତ୍ୟ ଜପ ଦ୍ୱାରା ବହୁ ଅସାଧ୍ୟ ସାଧନ ହୋଇଥାଏ। ଏହା ବିଜ୍ଞାନସମ୍ମତ ପ୍ରମାଣିତ ହୋଇଛି। ଏହା ସ୍ମରଣଶକ୍ତି, ମେଧାଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ। ଶତାଧିକ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶାନ୍ତିକୁଞ୍ଜ, ହରିଦ୍ୱାର ପକ୍ଷରୁ ବୃତଚିତ୍ର 'ଆସନ୍ତୁ ଗଢ଼ିବା ସଂସ୍କାରବାନ୍ ପିଢ଼ି' ପ୍ରଦର୍ଶିତ ହୋଇଥିଲା। ଯଜ୍ଞ ସମାପନ ପରେ ପ୍ରସାଦସେବନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଯଜ୍ଞର ବିଭିନ୍ନ କାର୍ଯ୍ୟ ସମ୍ପାଦନରେ ଶକ୍ତିପୀଠର ସଦସ୍ୟ ରବୀନ୍ଦ୍ର ପଟ୍ଟନାୟକ, ସତ୍ୟବାଦୀ ବଳିୟାରସିଂହ, ଉଲ୍ଲାସ ପୃଷ୍ଟି, ବୈକୁଣ୍ଠ ସାହୁ, ବିଦ୍ୟାଧର ରାଉତ, ପ୍ରମୋଦ ସାହୁ, ଗୌରାଙ୍ଗ ମଣ୍ଡଳ, ଯୁଗଳ କିଶୋର ସାହୁ, ଶୈଳବାଳା ବଳିୟାରସିଂହ, ସେବତୀ ଭୂୟାଁ, ମନୋରଞ୍ଜନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ବାଣପୁର,୩।୧୧(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଲ୍ଲୀରେ ପ୍ରଶାସନ ଅନ୍ତର୍ଗତ ଏହି ଶିବିରରେ ମୋଟ୍ ୪୫ଟି ସ୍ୱାସ୍ଥ୍ୟ, ଭତ୍ତା, ରାଶନକାର୍ଡ ସମ୍ବନ୍ଧୀୟ ଅଭିଯୋଗ ହୋଇଥିଲା। ବିଡିଓ ବିକାଶ କୁମାର ମହାନ୍ତି, ତହସିଲଦାର ପଦ୍ମନାଭ ଦୋରା, ବାଣପୁର ସ୍ୱାସ୍ଥ୍ୟ ଅଧିକାରୀ ସଞ୍ଜୟ କୁମାର ମହାନ୍ତି, ସମିତି ସଭ୍ୟା ଅନିତା ପ୍ରଧାନ, ସରପଞ୍ଚ ପ୍ରେମାଞ୍ଜଳି ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ତେବେ ସରକାରୀ ନିୟମ ଅନୁଯାୟୀ ଉକ୍ତ ଶିବିର ପୂର୍ବାହ୍ନ ୧୦ଟାରେ ଆରମ୍ଭ ହେବାକୁ ଥିବା ବେଳେ ବିଳମ୍ବ ହୋଇଥିଲା। ବିଡିଓ ମହାନ୍ତି ଦୁଇ ଘଣ୍ଟା ବିଳମ୍ବରେ ଆସିବାରୁ ବହୁ ଅଭିଯୋଗକାରୀ ନିରାଶ ହୋଇ ଫେରିଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଏ ସମ୍ପର୍କରେ ବିଡିଓ ମହାନ୍ତି କହିଛନ୍ତି ଯେ, ଅନ୍ୟ ଏକ ସରକାରୀ କାର୍ଯ୍ୟକ୍ରମରେ ଯାଇଥିବାରୁ ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବାଲୁଗାଁ,୩।୧୧(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା ଏବଂ ଅଧ୍ୟାପିକା ରୀନା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଇବର ସୁରକ୍ଷା ସମ୍ପର୍କିତ ଓଡ଼ିଆ ଏବଂ ଇଂଲିଶ ଭାଷାରେ ମଣ୍ଡଳସ୍ତରୀୟ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ଯସ୍ମିନ ବେଗମ, ବିଜୟଲକ୍ଷ୍ମୀ ପଣ୍ଡା ଶ୍ରେଷ୍ଠସ୍ଥାନ ଅଧିକାର କରି ଜିଲାସ୍ତରକୁ ଉନ୍ନୀତ ହୋଇଛନ୍ତି। ବାଲୁଗାଁ ମହାବିଦ୍ୟାଳୟ ଯୁକ୍ତ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଏବଂ ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ତାଲିମରତ ପୋଲିସ ଅଧିକାରୀମାନେ ଯୋଗଦେଇ ସାଇବର ଠକେଇରେ କିପରି ନିରୀହ ଯୁବପିଢ଼ି ଓ ମହିଳାମାନେ ହଇରାଣ ହେଉଛନ୍ତି ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଏଥି ସହ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ପ୍ରଦାନ କରିଥିବା ପ୍ରମାଣପତ୍ର ଓ ପୁରସ୍କାରକୁ ଅତିଥିମାନେ ବଣ୍ଟନ କରିଥିଲେ। ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବାଲୁଗାଁ ଅଶୋକନଗର ସ୍ଥିତ ଯୁଗଳ ଚରଣ ବାଳିକା ବିଦ୍ୟାପୀଠରେ ମଧ୍ୟ ଅନୁରୂପ ଭାବେ ଖୋର୍ଦ୍ଧା ଏବଂ ବାଲୁଗାଁ ପୋଲିସ ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ଅଧିକାରୀଙ୍କଠାରୁ ଜଣେ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

# ପୁସ୍ତକ 'ଶ୍ରୀକୃଷ୍ଣ ଭକ୍ତି ବିଳାସ' ଲୋକାର୍ପିତ

**ନିରାକାରପୁର,୩।୧୧**
**(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ଅଞ୍ଚଳର ଲଳିତକବି ଡ.ଆର୍ତ୍ତତ୍ରାଣ ସାହୁଙ୍କ ରଚିତ ପୁସ୍ତକ 'ଶ୍ରୀକୃଷ୍ଣ ଭକ୍ତି ବିଳାସ'ର ଲୋକାର୍ପିତ ହୋଇଯାଇଛି। ସ୍ଥାନୀୟ ଶ୍ରୀରାମ ମନ୍ଦିରସ୍ଥିତ ମାରୁତି ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବଂଶୀଧର ଜଗଦ୍ଦେବ ସଭାପତିତ୍ୱ କରିଥିଲେ। ଅତିଥିଭାବେ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ନିରାକାରପୁର କଲେଜର ଇଂଲିଶ ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ, କବିକସ୍ତୁରୀ ଦିଲୀପ ଶ୍ରୀଚନ୍ଦନ, ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠାତା ବଳରାମ ତରାଇ, ନିରାକାରପୁର ଶାଖା ରାମେଶ୍ୱର ସମ୍ବାଦ ସାହିତ୍ୟଘରର ମୁଖ୍ୟ ଉପଦେଷ୍ଟା ଦିବ୍ୟସିଂହ ତ୍ରିପାଠୀ, ଶ୍ରୀରାମଦୟା ପରିଷଦର ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ସ୍ୱର୍ଣ୍ଣକାର ମହାସଂଘର ରାଜ୍ୟ ସଭାପତି ରମେଶ ଚନ୍ଦ୍ର ସାଥୁଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କ ସମେତ ସାରସ୍ୱତ ସାହିତ୍ୟ ସାଧକ, କବି, ଲେଖକ, ସାମ୍ବାଦିକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ବିପିନ କୁମାର ଜୟସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷାବିତ୍ କମଳ ଲୋଚନ ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଲୋକାର୍ପିତ ପୁସ୍ତକର ପ୍ରକାଶିକା ମିନତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ 'ଶ୍ରୀକୃଷ୍ଣ ଭକ୍ତି ବିଳାସ' ପୁସ୍ତକ ଲୋକାର୍ପଣ କରୁଛନ୍ତି।

# ପୋଲିସ ଅଭିଯୋଗକୁ ଖଣ୍ଡନ

**ନିରାକାରପୁର,୩।୧୧**
**(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ସାମାଜିକ କର୍ମୀ ଶୁଭମ ଦାଶଙ୍କ ଆବାହକତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଦାଶଙ୍କ ସୂଚନା ମୁତାବକ, କିଛିଦିନ ପୂର୍ବେ ସ୍ଥାନୀୟ ନନପଡ଼ା ସାହିରେ ଜଣେ ବ୍ୟକ୍ତିଙ୍କ ସହ ଅନ୍ୟ ଜଣେ ବ୍ୟକ୍ତିଙ୍କର ଜମିଜମା ବିବାଦ ଯୋଗୁ କଥା କଟାକଟି ହୋଇଥିଲା। ଅଭିଯୋଗପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗୋଟିଏ ପକ୍ଷକୁ କୁଆଡ଼େ ଦୁର୍ବ୍ୟବହାର କରିଥିଲେ। ଏହି ସମୟରେ ସେ ଉକ୍ତ ରାସ୍ତାଦେଇ ଯାଉଥିବା ବେଳେ ଏଭଳି ନ କରିବା ନିମନ୍ତେ ଉଭୟ ପକ୍ଷ ଏବଂ ପୋଲିସକୁ ଅନୁରୋଧ କରିଥିଲେ। ଏହା ସତ୍ତ୍ୱେ ପୋଲିସ କିଛି ନ ବୁଝି ତାଙ୍କ ନାମରେ ଓଲଟା ଅଭିଯୋଗ କରିଛି। ତେବେ ପୋଲିସର ଅଭିଯୋଗକୁ ସାମାଜିକ କର୍ମୀ ଦାଶ ଖଣ୍ଡନ କରିବା ସହ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପ୍ରସନ୍ନ କୁମାର ନନ୍ଦ, ପ୍ରୀତିପଦ୍ମା ପଣ୍ଡିତରାୟ, ମଞ୍ଜୁଲତା ପ୍ରଧାନ, ସଞ୍ଜୁକ୍ତା ମିଶ୍ର, ବିପିନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା

**ବେଗୁନିଆ,୩।୧୧**
**(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବେଗୁନିଆ ବ୍ଲକ୍ ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଦୁଇଦିନିଆ ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟର ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ପ୍ରଜ୍ଞା ପାରମିତା ଜେନା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆୟୋଜକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିବାକର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା କାର୍ଯ୍ୟ ହୋଇଥିଲା। ଏଥିରେ ନୟାଗଡ଼ ଜିଲା ରଣପୁର ବ୍ଲକ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର ନାଥ ସାହୁ ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥିଭାବେ ବେଗୁନିଆ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପଣ୍ଡା, ଶିକ୍ଷାବିତ୍ ମୀର ରହେମତ ଅଲ୍ଲୀ, ଭାରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦିଲୀପ କୁମାର ମୁଦି, ବିଦ୍ୟାଳୟର ପରିଚାଳନା ସମିତିର ଉପସଭାପତି ଛବିଲତା ବେହେରା, ପଞ୍ଚସଖା ଶିକ୍ଷା ସେତୁର ସଭାପତି ଶିବପ୍ରସାଦ ଦାସ, ବେଗୁନିଆ ଗୋଷ୍ଠୀ କ୍ରୀଡ଼ା ସମ୍ପାଦକ ଶ୍ରୀନିବାସ ରଣସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ସଂସ୍କୃତ ଶିକ୍ଷକ ମନୋଜ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ହୀରାମତି ମଲ୍ଲିକ ମାର୍ଚ୍ଚ ପାଷ୍ଟ ସମୟରେ ଅତି ନିଖୁଣ ଚିତ୍ରକୁ ନିଜର ସୁଲଭ ସୁଲଳିତ ଢଙ୍ଗରେ ଉପସ୍ଥାପନ କରିଥିଲେ। ପରେ ମୁଖ୍ୟ ଅତିଥି ଜେନା ଖେଳପଡିଆ ପରିସରରେ କ୍ରୀଡ଼ା ପତାକା ଉତ୍ତୋଳନ, ଶପଥ ପାଠ ଏବଂ ମଶାଲ ଶୋଭାଯାତ୍ରାର ଶୁଭାରମ୍ଭ କରିବା ପରେ ପ୍ରତିଯୋଗିତା ଆରମ୍ଭ ହେଇଥିଲା। କ୍ରୀଡା ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାସ, କାଳୀଚରଣ ଲେଙ୍କାଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଖେଳପଡିଆରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ସନ୍ଧ୍ୟାରେ ଆୟୋଜକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଚନ୍ଦ୍ରଭାଗା ସମୁଦ୍ରରେ ଦେଖାଦେଲେ ଡଲ୍‌ଫିନ୍**

କୋଣାର୍କ,(ଜ୍ୟୋତିରାଜ ମହାନ୍ତି)- ଚନ୍ଦ୍ରଭାଗା ବେଳାଭୂମିରେ ଶତାଧିକ ପର୍ଯ୍ୟଟକ ପରିବାର ସହ ମଜା ନେଉଥିବା ବେଳେ ସମୁଦ୍ର କୂଳରୁ ଅନତି ଦୂରରେ ୧୦ରୁ ଊର୍ଦ୍ଧ୍ୱ ଡଲ୍‌ଫିନ୍ ଜଳକ୍ରୀଡ଼ା କରୁଥିବାର ଦୃଶ୍ୟ ପର୍ଯ୍ୟଟକଙ୍କ ମନ ମୋହିଥିଲା। କିଛି ସମୟ ପାଇଁ ସମୁଦ୍ରକୂଳରେ ଡଲ୍‌ଫିନ୍‌ମାନଙ୍କ ବିଚରଣର ମନୋରମ ଦୃଶ୍ୟ ସନ୍ଧ୍ୟା ପରିବେଶକୁ ବେଶ୍ ରୋମାଞ୍ଚିତ କରିଥିଲା। ଉପସ୍ଥିତ ପର୍ଯ୍ୟଟକମାନେ ଏହି ଦୃଶ୍ୟକୁ ନିଜ ନିଜ ମୋବାଇଲରେ ଉତ୍ତୋଳନ କରି ମଜା ନେଇଥିଲେ। ଶୀତଋତୁ ଆରମ୍ଭରେ ଚନ୍ଦ୍ରଭାଗା ସମୁଦ୍ର କୂଳକୁ ଡଲ୍‌ଫିନ୍‌ଙ୍କ ଆଗମନ ହୋଇଥାଏ। ଉକ୍ତ ଡଲ୍‌ଫିନ୍‌ଗୁଡ଼ିକ ରାମଚଣ୍ଡୀ ପଟୁ ଆସି ଚନ୍ଦ୍ରଭାଗା ଉପକୂଳ ଦେଇ ଅସ୍ତରଙ୍ଗ ଅଭିମୁଖେ ଯାଉଥିବା ଦେଖିବାକୁ ମିଳିଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୧୧।୨୦୨୫

| | |
|---|---|
| ୧୨,୮୫,୫୧୨ ଟଙ୍କା | |
| ସୁନା | ୨୩.୬୦୦ ଗ୍ରାମ୍ |
| ରୁପା | ୧୨୬.୪୦୦ ଗ୍ରାମ୍ |

# ୨ ବସ୍ ସମୟକୁ ନେଇ ବିବାଦ

■ ରାସ୍ତାରେ ଗାଡ଼ିଚାଳକଙ୍କ ମଧ୍ୟରେ ମାର୍‌ପିଟ୍
■ ହଟହଟା ହେଲେ ଯାତ୍ରୀ
■ ଅଟକି ରହିଲା ଶତାଧିକ ପର୍ଯ୍ୟଟକ ଗାଡ଼ି

ଗୋପ,୩।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବଜାର ଛକ ନିକଟରେ ସୋମବାର ଅପରାହ୍ନରେ ୨ ଯାତ୍ରୀବାହୀ ବସ୍ ଟାଇମ୍ ଟେବୁଲ୍‌କୁ ନେଇ ମାର୍‌ପିଟ ହେବା ନେଇ ଗୋପ ଥାନାରେ ଅଭିଯୋଗ ହୋଇଛି। ପୋଲିସ ବସ୍ ଚାଳକଙ୍କୁ ଅଟକରଖି ତଦନ୍ତ କରୁଛି। ରାଜରାସ୍ତାରେ ଏପରି ଘଟଣାକୁ ନେଇ ବସ୍‌ରେ ଥିବା ଯାତ୍ରୀମାନେ ହଟହଟା ହୋଇଥିବା ବେଳେ ପୁରୀ-କୋଣାର୍କରୁ ଫେରୁଥିବା ଶତାଧିକ ଗାଡ଼ି ଦୀର୍ଘ ସମୟଧରି ଅଟକି ରହିଥିଲା। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ବସ୍ ଦୁଇଟିକୁ ଥାନାକୁ ଆଣିବା ସହ ଚାଳକଙ୍କୁ ଅଟକ ରଖିଛି।

ପ୍ରକାଶ ଯେ, ପାରାଦୀପରୁ ପ୍ରତିଦିନ ୨ଟି ବସ୍ ପୁରୀ ଯାଇଥାଏ। ପୂର୍ବରୁ ବସ୍ ବସ୍ ମଧ୍ୟରେ ଛାଡ଼ିବା ସମୟକୁ ନେଇ ବିବାଦ ରହିଥିଲା। ସୋମବାର ବିବାଦ ହେବା ଯୋଗୁ ଦୁଇଗୋଟି ବସ୍ ମୁହାଁମୁହିଁ ହୋଇ ରାଜରାସ୍ତାରେ ରଖି ପ୍ରଥମେ କଥା କଟାକଟି ଓ ପରେ ମାର୍‌ପିଟ ହୋଇଥିଲେ। ଏପରିକି ଏହି ମାର୍‌ପିଟ ଯୋଗୁ ରାଜରାସ୍ତାରେ ରକ୍ତଛିଟା ପଡ଼ିଥିଲା। ଭୟରେ ବସ୍‌ରେ ଥିବା ଯାତ୍ରୀମାନେ ବସ୍‌ରୁ ଓହ୍ଲାଇ ପଳାଇଥିଲେ। ବସ୍ ଚାଳକ ଥାନାକୁ ଯାଇଥିବା ବେଳେ ରାସ୍ତାରୁ ଗାଡ଼ି ନ କାଢ଼ିବା ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେବା ସହିତ ପର୍ଯ୍ୟଟକ ଓ ଅନ୍ୟ ଯାତ୍ରୀମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଖବରପାଇ ଗୋପ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀଙ୍କ ନିର୍ଦ୍ଦେଶରେ ଗୋପ ଥାନା ଏସ୍‌ଆଇ ବୁଲୁ ସେଠୀ ଘଟଣାସ୍ଥଳରେ ପହଞ୍ଚି ୨ଟି ବସ୍ ଥାନାକୁନେବା ପରେ ପର୍ଯ୍ୟଟକ ଓ ସାଧାରଣ ଲୋକମାନେ ଯିବାଆସିବା କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।



ରାସ୍ତାରେ ବସ୍ ଦୁଇଟି ଅଟକି ରହିଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି ।



ପୁରୀ ମାଉସୀମା' ମନ୍ଦିର ସମ୍ମୁଖରେ ସୋମବାର ଆୟୋଜିତ ୧୦ମ ପଞ୍ଚକ ମହୋତ୍ସବ ଓ ଆଧ୍ୟାତ୍ମିକ ସମାରୋହରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ଆଜିଠୁ କଳାପାଞ୍ଚଣରେ ୩ଦିନିଆ ଧାର୍ମିକ ଆଲୋଚନା 'ଇସ୍ତମା'

ଚାରିଛକ,୩।୧୧(ଶିଶିର କୁମାର ସ୍ୱାଇଁ)

ନିମାପଡ଼ା ବ୍ଲକ କଳାପାଞ୍ଚଣ ପଞ୍ଚାୟତର ନଭେମ୍ବର ୩ରୁ ୫ତାରିଖ ପର୍ଯ୍ୟନ୍ତ ପୁରୀ ଜିଲାସ୍ତରୀୟ ଧାର୍ମିକ ଆଲୋଚନା 'ଇସ୍ତମା' ଆୟୋଜିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ମୁସଲମାନ ଭାଇମାନେ ଜିଲାସ୍ତରୀୟ 'ଇସ୍ତମା' କଳାପାଞ୍ଚଣରେ ଆୟୋଜନ କରିବାକୁ ଚୟନ କରିଥିବାରୁ ମୁରବୀମାନଙ୍କୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା କୃତଜ୍ଞତା ଜଣାଇଥିଲେ। ହିନ୍ଦୁ ମୁସଲିମ୍ ସମସ୍ତେ ଭାଇଭାଇ, କେଉଁ ଆଦିମକାଳରୁ ଆମେ ସମସ୍ତେ ଭାଇଚାରାରେ ଜୀବନ ଅତିବାହିତ କରୁଛୁ। ଏହି ଧାର୍ମିକ କାର୍ଯ୍ୟକ୍ରମରେ ସମସ୍ତ ସହଯୋଗ କରିବା ସହିତ ସମସ୍ତ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ୩ ଦିନ ବ୍ୟାପୀ ହେବାକୁ ଥିବା ଏହି ଧାର୍ମିକ ଚର୍ଚ୍ଚା 'ଇସ୍ତମା'ରେ ମୁସଲମାନ ଭାଇମାନେ ବହୁ ସଂଖ୍ୟାରେ ସାମିଲ ହେବେ। ବୈଠକରେ ଏମ୍‌ପିଙ୍କ ଏନ୍‌ଏସି ପ୍ରତିନିଧି ମିନଲତା ମହାନ୍ତି, ଖାଟେ ହବିବ, ଖାଟେ ସରାନ୍ତୁ, ପ୍ରଭାତ ନାୟକ, ମନୋଜ ନାୟକ, ସାଜିଦ୍ ଖାନ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ଅରକ୍ଷିତ ଜେନା ମଞ୍ଚ ପରିଚାଳନା କରିଥିଲେ।

### ବିଦ୍ୟାଳୟ ତାଲା ଭାଙ୍ଗି ମଧ୍ୟାହ୍ନଭୋଜନ ସାମଗ୍ରୀ ଚୋରି
### ପ୍ରଧାନ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ

ଗୋପ, ୩।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନ ବେଦପୁର ପଞ୍ଚାୟତସ୍ଥିତ ବେଦପୁର ପ୍ରାଥମିକ ବିଦ୍ୟାଳୟର କବାଟ ଭାଙ୍ଗି କେତେଜଣ ଦୁର୍ବୃତ୍ତ ମଧ୍ୟାହ୍ନଭୋଜନ ସାମଗ୍ରୀ ଚୋରିକରି ନେଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଗୋପ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ରବିବାର ରାତିରେ କେତେଜଣ ଦୁର୍ବୃତ୍ତ ସ୍କୁଲ ଗୃହ ତାଲା ଭାଙ୍ଗି ମଧ୍ୟାହ୍ନଭୋଜନ ଚାଉଳ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରିକରି ନେବା ସୋମବାର ସ୍କୁଲ ଖୋଲିବା ପରେ ଜଣାପଡ଼ିଥିଲା। ପ୍ରଧାନଶିକ୍ଷୟିତ୍ରୀ ଗୀତା ପ୍ରିୟଦର୍ଶିନୀ ଏହା ଦେଖିବା ପରେ ଏ ସମ୍ପର୍କରେ ଗୋପ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥବା ବେଳେ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ କହିଛନ୍ତି।

## ବଉଳବୃକ୍ଷ ରୋପଣ ପାଇଁ ସଚେତନତା ବାର୍ତ୍ତା

ସାକ୍ଷୀଗୋପାଳ,୩।୧୧(ଭରତ ରାଉତ/ କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

କାର୍ତ୍ତିକ ମାସ ଦେବଉତ୍ଥାପନ ଏକାଦଶୀ ତିଥିରେ ଶ୍ରୀସିଦ୍ଧବକୁଳ ମନ୍ଦିର ଉନ୍ନୟନ ପରିଷଦ ତରଫରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବା ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଠାକୁରଙ୍କ ଶ୍ରୀଅଙ୍ଗ ସୁରକ୍ଷା ନିମନ୍ତେ ସେନାପଟା ସେବାପାଇଁ ସାକ୍ଷୀଗୋପାଳରୁ ବଉଳ ଗଛର କାଠ ଯିବାର ଶ୍ରୀଜଗନ୍ନାଥ ସଂସ୍କୃତି ବା ପରମ୍ପରା ରହିଛି। ପାରମ୍ପରିକ ନୀତି ଅନୁଯାୟୀ, ପବିତ୍ର ନିର୍ଜଳା ଏକାଦଶୀ ତିଥିରେ ଶ୍ରୀଜଗନ୍ନାଥଙ୍କ ଅଜା ଭାବେ ପରିଚିତ ସାକ୍ଷୀଗୋପାଳ ବକୁଳ ବନରେ ପୂଜିତ ସିଦ୍ଧ ବଳରାମଙ୍କ ମନ୍ଦିର ନିକଟରୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗ ସେବା ପାଇଁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ମେଲାଣି ଦିଆଯାଇଥିଲା। ମାତ୍ର ଦିନକୁ ଦିନ ମହାପ୍ରଭୁଙ୍କ ସେନାପଟା, ବାହୁଟ କଣ୍ଟି ନିମନ୍ତେ ଆବଶ୍ୟକ ବଉଳ ଗଛର ଘୋର ଅଭାବ ଦେଖାଦେଲାଣି। ଏହାକୁ ଦୃଷ୍ଟିରେ ରଖି ପରିଷଦର ଆବାହାକ ଆଇନଜୀବୀ ସୁଶାନ୍ତ କୁମାର ରଥଙ୍କ ନେତୃତ୍ୱରେ ଓ ଶ୍ରୀମନ୍ଦିର ମୁକ୍ତିମଣ୍ଡପର ଉପସଭାପତି ଉମାବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଆଜିର ଏହି ପବିତ୍ର ଦିନରେ ସାକ୍ଷୀଗୋପୀନାଥ ମନ୍ଦିର ସମ୍ମୁଖରେ ଏକତ୍ର ହୋଇ ନିଜ ନିଜ ବଗିଚାରେ ଗୋଟିଏ ଗୋଟିଏ ବଉଳ ଗଛ ରୋପଣ କରିବା ପାଇଁ ପ୍ରୟାସର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ପେଣ୍ଠପଡ଼ା ପଞ୍ଚାୟତର ସରପଞ୍ଚ ଚିନ୍ମୟ ରାଉତ, ଜୟପୁର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ସାମନ୍ତରାୟ, ସତ୍ୟବାଦୀ ଆଇନଜୀବୀ ସଂଘର ସଭାପତି ବାଳକୃଷ୍ଣ ମହାପାତ୍ର, ସାମାଜିକ କର୍ମୀ ଦୁର୍ଗେଶ ମିଶ୍ର, ପ୍ରଶାନ୍ତ ନାୟକ, ନୀଳକଣ୍ଠ ବାରିକ, ଉପେନ୍ଦ୍ର ବିଶ୍ୱାଳ, ଟିଙ୍କିନା ମିଶ୍ର ଓ ରୋଜାଲିନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀରାଧା ଉତ୍ସବରେ କଳାକାର ସମ୍ମାନିତ

ସାକ୍ଷୀଗୋପାଳ,୩।୧୧(ଭରତ ରାଉତ/ କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ପବିତ୍ର ଅଁଳା ନବମୀ ପର୍ବକୁ ସରସ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ସତ୍ୟବାଦୀ ସେବାଟ୍ରଷ୍ଟ ତରଫରୁ ସତ୍ୟବାଦୀ ସ୍ୱନାମଧନ୍ୟ କଳାକାରଙ୍କ ତୁଳୀ ମୁନରେ ରଙ୍ଗବେରଙ୍ଗ ଝୋଟି ଚିତା ମନ୍ଦିର ବାହାର ବେଢ଼ା ଓ ଭିତର ବେଢ଼ା ମଧ୍ୟରେ ଅଙ୍କିତ ହେବା ଚିତା ସବୁ ଭକ୍ତମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସତ୍ୟବାଦୀ ମୁକ୍ତାକାଶ ରଙ୍ଗମଞ୍ଚ ଉପରେ ଅନୁଷ୍ଠିତ ଶ୍ରୀରାଧା ଉତ୍ସବର ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସେବା ଟ୍ରଷ୍ଟର ସମ୍ପାଦକ ଆଇନଜୀବୀ ସୁଶାନ୍ତ କୁମାର ରଥଙ୍କ ଉପସ୍ଥିତିରେ କଳାକାର ସୁକାନ୍ତ ଭୋଇ, ତ୍ରିନାଥ ଭୋଇ, ସୁବାସ କୁମାର ସାହୁ, କୃଷ୍ଣଚନ୍ଦ୍ର ଭୋଇ, ସୁରେଶ କୁମାର ଦାସ, ସୁରେଶ କୁମାର ପ୍ରଧାନ, ସୁଶାନ୍ତ କୁମାର ବେତାଳ, ପ୍ରକାଶ କୁମାର ଦାସ, ପ୍ରମୋଦ କୁମାର ଜେନା, ପୀତବାସ ଦାସ, ସତ୍ୟ ସେଠି, ଶିବ ପ୍ରସାଦ ବାରିକ, ଚନ୍ଦନ ସ୍ୱାଇଁ, ରଞ୍ଜିତ ଜେନା, ବିଶ୍ୱଜିତ୍ ମହାପାତ୍ର ପ୍ରମୁଖଙ୍କୁ ମାନପତ୍ର ଓ ଭଗବତ ଗୀତା ଦିଆଯାଇ ସମ୍ମାନିତ କରାଯାଇଥିଲା।



ଶ୍ରୀରାଧା ଉତ୍ସବରେ କଳାକାରଙ୍କୁ ସମ୍ମାନିତ କରାଯାଉଛି ।

## ଯୁବକଙ୍କୁ ଅପହରଣ, ଥାନାରେ ଅଭିଯୋଗ

ଡେଲାଙ୍ଗ,୩।୧୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଅଞ୍ଚଳରୁ ଜଣେ ଯୁବକଙ୍କୁ ଅପହରଣ କରାଯାଇଥିବା ନେଇ ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ଅପହରଣକୁ ୩ ଦିନ ବିତିଯାଇଥିଲେ ମଧ୍ୟ ପୋଲିସକୁ ଯୁବକଙ୍କ କୌଣସି ପତ୍ତା ମିଳିନାହିଁ। ସୂଚନା ଅନୁଯାୟୀ, କଲ୍ୟାଣପୁର ଗ୍ରାମର ଅଜିତ୍ କୁମାର ପ୍ରଧାନ(୧୮) ମା'ଙ୍କ ସହ ବେରବୋଇସ୍ଥିତ ମାମୁଙ୍କ ଭଡ଼ାଘର ରହୁଥିଲେ। ଅଜିତ୍ ମେଡିସିନ ପାଇଁ ଶୁକ୍ରବାର ସନ୍ଧ୍ୟାରେ ଡେଲାଙ୍ଗ ବଜାର ଯାଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଅପହରଣ କରିନେଇଥିବା ସେ ତା'ଙ୍କ ଭାଇଙ୍କୁ ହ୍ୱାଟ୍‌ସଆପ୍ ଜରିଆରେ ମେସେଜ୍ କରିଥିଲେ। ମେସେଜ୍ ଆସିବା ପରଠାରୁ ଅଜିତ୍‌ଙ୍କ ଫୋନ୍ ସୁଇଚ୍ ଅଫ୍ ରହିଥିବା ବେଳେ କୌଣସି ସନ୍ଧାନ ମିଳୁ ନ ଥିବାରୁ ପରିବାର ଲୋକ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ଥାନାରେ ନଂ.୪୨୦/୨୫ରେ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ସୁତରାଂ ଡେଲାଙ୍ଗ ଥାନା ଅଞ୍ଚଳରେ ଏବେ ଦିନକୁ ଦିନ ବଳାତ୍କାର, ରାହାଜାନି, ଚୋରି, ନାବାଳକ ଓ ନାବାଳିକା ନିଖୋଜ, ଅପହରଣ ଭଳି ମାମଲା ବୃଦ୍ଧି ପାଇବାରେ ଲାଗିଛି। ପୋଲିସ କେବଳ ଥାନାରେ ମାମଲା ରୁଜୁକରି ଚୁପ୍ ବସିରହିବା ପୋଲିସର ବିଫଳତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ପୋଲିସର କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଛି।

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୩।୧୧(ଅଜିତ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଏଥିରେ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ମୋଟ ୧୦୮ଟି ଅଭିଯୋଗ ମିଳିଥିଲା। ସେଥିମଧ୍ୟରୁ ୮୮ଟି ବ୍ୟକ୍ତିଗତ, ୧୫ଟି ଗ୍ରାମ ସମ୍ବନ୍ଧୀୟ ଓ ୫ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସଂକ୍ରାନ୍ତ ରହିଥିଲା। ୮ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକୁ ଆଇନ ଅନୁଯାୟୀ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରେରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଜିଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ଅନୁସ୍ରବ ଗନ୍ତାୟତ, ଡିଏସ୍‌ପି ମହେଶ୍ୱର ସେଠୀ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣି ଅଧିକାରୀ ପଞ୍ଚାନନ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

## ତ୍ରିବିକ୍ରମ ବେଶରେ ଦର୍ଶନ ଦେଲେ ମହାପ୍ରଭୁ



### ଶ୍ରୀମନ୍ଦିରରେ ପ୍ରବଳ ଗହଳି

ପୁରୀ,୩।୧୧(ଅଜିତ୍ କୁମାର ମହାନ୍ତି)

ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଆଡ଼କିଆ ବା ତ୍ରିବିକ୍ରମ ବେଶ ସମ୍ପନ୍ନ ହୋଇଛି। ଏହି ବେଶ ଦର୍ଶନ କରିବା ନିମନ୍ତେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ଚଳିତ ବର୍ଷ ଦ୍ୱାଦଶୀ ତିଥି କ୍ଷୟ ଯୋଗୁ ମହାପ୍ରଭୁଙ୍କ ବାଙ୍କଚୂଡ଼ ବେଶ ଅନୁଷ୍ଠିତ ହୋଇ ନ ଥିବାବେଳେ ତ୍ରୟୋଦଶୀ ତିଥିରେ ତ୍ରିବିକ୍ରମ ବେଶ ସମ୍ପନ୍ନ କରାଯାଇଛି।

ଦାରୁବିଗ୍ରହମାନଙ୍କ ଅବକାଶ ନୀତି ସରିବା ପରେ ପୁଷ୍ପାଳକ ସେବକମାନେ ତ୍ରିବିକ୍ରମ ବେଶ ସମ୍ପାଦନ କରିଥିଲେ। ଆଡ଼କିଆ ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କ ମସ୍ତକରେ ଚୂଳ ଲାଗିକରାଯାଇଥିଲା। ଏହି ଚୂଳରେ ସ୍ୱର୍ଣ୍ଣ ନିର୍ମିତ କିଆ ଆଡ଼ବାଗରେ ଖୋସାଯାଇଥିଲା। ଦେବୀ ସୁଭଦ୍ରା ଓ ଦୁଇ ଠାକୁରଙ୍କ ମସ୍ତକ ଶୀର୍ଷଭାଗରେ ସ୍ୱର୍ଣ୍ଣଚନ୍ଦ୍ରିକା ଖଞ୍ଜାଯାଇଥିଲା। ଏଥିସହିତ ସ୍ୱର୍ଣ୍ଣ ଅଳଙ୍କାର, ହଳ, ମୂଷଳ, ଶଙ୍ଖ, ଚକ୍ର ଏବଂ ପାଟବସ୍ତ୍ର ଇତ୍ୟାଦିରେ ଠାକୁରମାନଙ୍କୁ ଭୂଷିତ କରାଯାଇଥିଲା। ଏହାବ୍ୟତୀତ ମହାପ୍ରଭୁଙ୍କୁ ଅନ୍ୟ ଅଳଙ୍କାର, ମାଳି, ଶ୍ରୀପୟର, ଶ୍ରୀହସ୍ତ ଏବଂ ଆୟୁଧ ଲାଗିକରାଯାଇଥିଲା। କଥିତ ଅଛି, ତ୍ରିବିକ୍ରମ ବେଶ ଅତିବଡ଼ୀ ସମ୍ପ୍ରଦାୟର ଅତ୍ୟନ୍ତ ପ୍ରିୟ। ତେବେ ଆଡ଼କିଆ ବେଶରେ ସୁନାକିଆ ଆଡ଼ବାଗରେ ଖୋସାଯାଏ ଏବଂ ଡାଳିକିଆ ବେଶରେ ସୋଲର ତାଳପତ୍ରରେ ସୁନାର କିଆପତ୍ର ଖଞ୍ଜାଯାଏ। ଏହି ସୁନାକିଆଗୁଡ଼ିକ ଶ୍ରୀଜଗନ୍ନାଥ ଏବଂ ଶ୍ରୀବଳଭଦ୍ରଙ୍କ ମସ୍ତକରେ ପିନ୍ଧାଯାଇଥିବା ଚୂଳରେ ଖୋସାଯାଏ। ଚୂଳ ଶେଷରେ ସୁନାଚନ୍ଦ୍ରିକା ଲଗାଯାଏ। ଦେବୀ ସୁଭଦ୍ରାଙ୍କୁ ମଧ୍ୟ ଏହି ବେଶରେ ଗୋଟିଏ ସୁନାଚନ୍ଦ୍ରିକା ଦ୍ୱାରା ଶୋଭିତ କରାଯାଏ, ମାତ୍ର ତାଙ୍କ ମସ୍ତକରେ ଚୂଳଲାଗି କରା ନ ଯାଇ ସୁନାକିରୀଟ ଲଗାଯାଏ। ଠାକୁରମାନଙ୍କ ମୁଖ ଉପରପାର୍ଶ୍ୱରେ ଦୁଇଟି ଲେଖାଏ କାଡ଼କାନି ଲଗାଯାଇଥାଏ। ଘାଗଡ଼ା ମାଳି, ବରକୋଳି ମାଳି, ପଦ୍ମମାଳି, ଗିନିମାଳି, ପଦକ ମାଳି ପିନ୍ଧାଯାଇଥାଏ। ମହନ୍ତ ମହାରାଜ ରାମ ଜୟନ୍ତୀ ଦାସଙ୍କ ଦ୍ୱାରା ଏହି ବେଶର ପ୍ରଚଳନ ହୋଇଥିବା ଜଣାଯାଏ।

## ଭକ୍ତ ଶିରୋମଣି ଦାସିଆଙ୍କ ଜୟନ୍ତୀ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ନୃତ୍ୟ ଶିଳ୍ପୀମାନେ ।

ପିପିଲି,୩।୧୧(ଦୁର୍ଗାମାଧବ ମିଶ୍ର)

ପଞ୍ଚଦଶ ଶତାବ୍ଦୀର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତ ଶିରୋମଣି ଦାସିଆଙ୍କ ଜୟନ୍ତୀ ଉତ୍ସବ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ପିପିଲି ବ୍ଲକ ଅନ୍ତର୍ଗତ ବାଲିଗାଁଠାରେ ଭକ୍ତଙ୍କ ଜନ୍ମ ଓ ସାଧନା ପୀଠରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାତଃ ୬ଟାରୁ ଭକ୍ତଙ୍କ ସମାଧିପୀଠରେ ଭକ୍ତ ଦାସିଆ ସ୍ମୃତି କମିଟିର ବରିଷ୍ଠ ସଦସ୍ୟ ତଥା ନିକଟବର୍ତ୍ତୀ ଅଞ୍ଚଳର ବହୁ ଧର୍ମପରାୟଣ ବ୍ୟକ୍ତି ପୁଷ୍ପମାଲ୍ୟାର୍ପଣ, ବେଦ, ଗୀତାପାଠ ଓ ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ନଗରକୀର୍ତ୍ତନ, ଅଖଣ୍ଡ ମହାମନ୍ତ୍ର ଜପ ସହିତ ପୀଠସ୍ଥ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ମଙ୍ଗଳଆଳତି, ସକାଳଧୂପ, ମଧ୍ୟାହ୍ନଧୂପ ସହିତ ପାର୍ଶ୍ୱ ଦେବଦେବୀଙ୍କ ସମସ୍ତ ପୂଜାକର୍ମ ସମ୍ପାଦିତ ହୋଇଥିଲା।

ସ୍ମୃତିକମିଟିଦ୍ୱାରା ଆୟୋଜିତ ସାଧାରଣ ସଭାରେ ଅନୁଷ୍ଠାନର ସଭାପତି ଡ. ପ୍ରତିଭା ମହାରଥୀ ଅଧ୍ୟକ୍ଷତା କରି ଶ୍ରୀଜଗନ୍ନାଥ ସଂସ୍କୃତିରେ ଭକ୍ତ ଦାସିଆଙ୍କ ଅବଦାନ ବିଭିନ୍ନ ଉପାଖ୍ୟାନ ଦେଇ ସ୍ମୃତିଚାରଣ କରିଥିଲେ। ଭୁବନେଶ୍ୱର କେୟାର ହସ୍ପିଟାଲର ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡା. ବିପିନ ବିହାରୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ପ୍ରାକ୍ତନ କୁଳପତି ଡ. ରାଜେନ୍ଦ୍ର ପ୍ରସାଦ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଭକ୍ତଙ୍କ ସ୍ମୃତିଚାରଣ କରିଥିଲେ। କିଟ୍ +୨ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମିଶ୍ର, ଡେଲାଙ୍ଗ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସାମନ୍ତରାୟ, ୱାଲେଟ୍ ଫର୍ ୱେଷ୍ଟ ମ୍ୟାନେଜ୍‌ମେଣ୍ଟ ଡାଇରେକ୍ଟର ଶ୍ରୀନାଥ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ ସମ୍ପାଦକ ସରୋଜ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଆଧ୍ୟାତ୍ମିକ ତ୍ରୟମାସିକ ପତ୍ରିକା 'ଭାବକୁ ନିକଟ' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ମୃତି କମିଟିର ବରିଷ୍ଠ ସଦସ୍ୟ ଅର୍ଜୁନ ଚରଣ ସାମଲ, ଡ. ବାସନ୍ତୀ ଦାସ, ଶିକ୍ଷାବିତ୍ ବୃନ୍ଦାବନ ମହାପାତ୍ର, ଅକ୍ଷୟ କୁମାର ସାହୁ, ପ୍ରତାପ ଚନ୍ଦ୍ର ସିଂ, ସଙ୍ଗୀତଜ୍ଞ ଅଜୟ ଦାସ, କମିଟି ସଦସ୍ୟ ସ୍ୱୟଂପ୍ରକାଶ ପରିଡ଼ା, ରମେଶ ଚନ୍ଦ୍ର ପ୍ରଧାନ, ଯୁଧିଷ୍ଠିର ପରିଡ଼ା, କୃଷ୍ଣଚନ୍ଦ୍ର ଲେଙ୍କା, କବିନ୍ଦ୍ର ବେହେରା, ଗିରିଧାରୀ ପଲାଇ, ସାଗର ବଳ ତଥା ବାଲିଗାଁ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ଗମ୍ଭାରିପଦା ପତିସାହିକୁ ଆସିଲା ପ୍ରେମାଚାର୍ଯ୍ୟଙ୍କ ଶ୍ରୀବିଗ୍ରହ

ଯୋଗେଶ୍ୱରପୁର,୩।୧୧(ରଶ୍ମିରଞ୍ଜନ ସାହୁ)

ନୟାହାଟସ୍ଥିତ ସର୍ବଧର୍ମ ସମନ୍ୱୟ ପୀଠ ପ୍ରାଚୀଗୁରୁ ଧର୍ମକ୍ଷେତ୍ରର ପ୍ରତିଷ୍ଠାତା ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଶ୍ରୀବିଗ୍ରହ ଓ ପାଦୁକା ଗମ୍ଭାରିପଦା ପତିସାହିରେ ସ୍ୱର୍ଗତା ମାଳତୀ ଦାଶଙ୍କ ଚତୁର୍ଦ୍ଦଶୀ ଉତ୍ସବ ଉପଲକ୍ଷେ ମଦନମୋହନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପହଞ୍ଚିଥିଲା। ପ୍ରାଚୀଗୁରୁ ଧର୍ମକ୍ଷେତ୍ରରୁ ଗୁରୁଦେବଙ୍କ ଶ୍ରୀବିଗ୍ରହ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଓ ଶଙ୍ଖନାଦ, ମହାମନ୍ତ୍ର ମଧ୍ୟରେ ବାହାରିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାଚୀଗୁରୁ ଧର୍ମକ୍ଷେତ୍ରର ଅଧ୍ୟକ୍ଷ ବାବାଜୀ ଦାମୋଦର ଦାସ ସଭାପତିତ୍ୱ କରିଥିଲେ। ବାବାଜୀ ସତ୍ୟାନନ୍ଦ ଦାସ, ବାବାଜୀ ଦିବାକର ଦାସ, ବାବାଜୀ ଅକ୍ଷୟ କୁମାର ଦାସ, ବାବାଜୀ ଚିତ୍ତବିନୋଦ ଦାସ, ବାବାଜୀ ପୂର୍ଣ୍ଣାନନ୍ଦ ଦାସ, ଡାକ୍ତର ରତ୍ନାକର ମହାନ୍ତି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ୍ ଗୋପୀ ଦାଶଙ୍କ ପତ୍ନୀ ସ୍ୱର୍ଗତା ମାଳତୀ ଦାଶ କିପରି ସାଧୁସନ୍ଥଙ୍କ ସହ ଜଡ଼ିତ ଥିଲେ ତାହା ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଭାଗବତ ପ୍ରସାଦ ମହାପାତ୍ର, ପ୍ରଭାତ ଦୀକ୍ଷିତ, ପ୍ରୀତିରଞ୍ଜନ ଦାସ, ଶଶିକାନ୍ତ ଖୁଣ୍ଟିଆ, ସ୍ୱୟମ୍ଭୁ ପ୍ରସାଦ ଦାଶ ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ ।

## ତୁଳସୀଙ୍କ ହାତ ଧରିଲେ ନାରାୟଣ

### ବୈଦିକ ରୀତିରେ ବିବାହ ସମ୍ପନ୍ନ

ସାକ୍ଷୀଗୋପାଳ,୩।୧୧ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ ଭରତ ରାଉତ)

କାର୍ତ୍ତିକ ଶୁକ୍ଳପକ୍ଷ ଗରୁଡ଼ ଦ୍ୱାଦଶୀ ତିଥିରେ ସୋମବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ତୁଳସୀ ବିବାହ ବୈଦିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଯାଇଛି। ଶ୍ରୀନାରାୟଣଙ୍କୁ ପଞ୍ଚାମୃତରେ ସ୍ନାନ କରାଯିବା ପରେ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ଏହାପରେ ବୈଦିକ ରୀତିନୀତି ଅନୁଯାୟୀ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିବାହ ବେଦିରେ ବରପିତା ଶରତ ଚନ୍ଦ୍ର ହୋତା ଓ ମାତା ସଞ୍ଜୁକ୍ତା ହୋତାଙ୍କୁ କନ୍ୟାପିତା ସତ୍ୟପ୍ରିୟ ମହାପାତ୍ର ଓ ରଞ୍ଜିତା ମହାପାତ୍ର କନ୍ୟା ଦାନ କରିଥିଲେ। ପରମ୍ପରା ଅନୁଯାୟୀ, ବରଯାତ୍ରୀଙ୍କୁ ସ୍ୱାଗତ ସହ ପ୍ରଥମ ବରଣ, ଦ୍ୱିତୀୟ ବରଣ, ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ନାରାୟଣଙ୍କ ସହ ତୁଳସୀଙ୍କ ହାତଗଣ୍ଠି ପକାଯାଇଥିଲା। ଦୋଳ ମୁକୁଟ ପିନ୍ଧିଥିବା ବରକନ୍ୟାଙ୍କୁ ମହିଳାମାନେ ସାତଦୀପ, ଦୁବ, ବରକୋଳି ପତ୍ର, ଅରୁଆ ଚାଉଳ ସହ ହୁଳହୁଳି ଦେଇ ବନ୍ଦାପନା କରିଥିଲେ। ବନ୍ଦାଣ ସ୍ୱରୂପ ମହିଳାମାନେ କିଛି କିଛି ଅର୍ଥରାଶି ପ୍ରଦାନ କରିଥିଲେ। ବିବାହ ପରେ ବରକନ୍ୟାଙ୍କୁ ହୁଳହୁଳି ଓ ଶଙ୍ଖଧ୍ୱନି ମଧ୍ୟରେ ଶ୍ରୀରାମ ମନ୍ଦିରକୁ ପାଛୋଟି ନିଆଯାଇଥିଲା। ପଣ୍ଡିତ ହରିହର ମହାପାତ୍ର ଓ ବଂଶୀଧର ପାଢ଼ୀ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ମଧ୍ୟସ୍ଥି ଭାବେ ମୁଖ୍ୟ ଆୟୋଜକ ରାମଚନ୍ଦ୍ର ନନ୍ଦ ସମସ୍ତ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ପଣ୍ଡିତ ଗୁକୁନା କୁମାର କର ଓ ସାଥୀମାନେ ତୁଳସୀ ବିବାହ ମାହାତ୍ମ୍ୟ ସମ୍ପର୍କରେ ପ୍ରବଚନ ଦେଇଥିଲେ। ରାମଚନ୍ଦ୍ର ନନ୍ଦ, ବିଶ୍ୱନାଥ ମହାପାତ୍ର, ରବୀନ୍ଦ୍ରନାଥ ଷଡ଼ଙ୍ଗୀ ଓ ଲୋକନାଥ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ମହାପ୍ରସାଦ ସେବନ କରିଥିଲେ।



ସାକ୍ଷୀଗୋପାଳ ମନ୍ଦିର ନିକଟରେ ଆୟୋଜିତ ତୁଳସୀ ବିବାହ ଉତ୍ସବ।

## ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁନୀଲ



@ ଆହୁତି



@ ରଞ୍ଜୁରାଣୀ



@ ସୁଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀମନ୍ଦିରରେ ପଞ୍ଚକ ଭିଡ଼: ଭକ୍ତଙ୍କ ପାଇଁ ସମ୍ପ୍ରସାରଣ ହେଲା ବ୍ୟାରିକେଡ୍

- ଦର୍ଶନ ବ୍ୟବସ୍ଥାର ସମୀକ୍ଷା କଲେ ଅତିରିକ୍ତ ଡିଜି
- ଗଳାବାଟ ପ୍ରବେଶ ଉପରେ କଟକଣା: ମୁଖ୍ୟ ପ୍ରଶାସକ

ପୁରୀ,୩।୧୧ (ଅଜିତ କୁମାର ମହାନ୍ତି)

କାର୍ତ୍ତିକ ଶୁକ୍ଳ ଏକାଦଶୀ ରବିବାରଠାରୁ ପଞ୍ଚକ ବ୍ରତ ଆରମ୍ଭ ହୋଇଛି। ପଞ୍ଚକରେ ମହାପ୍ରଭୁଙ୍କ ଦର୍ଶନ କରିବା ନିମନ୍ତେ ପୁରୀରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ପଞ୍ଚକର ଦ୍ୱିତୀୟ ଦିନ ସୋମବାର ମଧ୍ୟ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଛି। ତେବେ ବ୍ୟବସ୍ଥାରେ କିଛି ସୁଧାର ଆସିବା ସହ ବ୍ୟାରିକେଡ୍‌କୁ ସମ୍ପ୍ରସାରଣ କରାଯାଇଛି।

ସୂଚନା ଅନୁଯାୟୀ, ପ୍ରଥମ ଦିନ ରବିବାର ସନ୍ଧ୍ୟାରେ ଭିଭିଆଇପିଙ୍କ ପ୍ରବେଶ ଦ୍ୱାର ନିକଟରେ କେତେଜଣ ଭକ୍ତ ବ୍ୟାରିକେଡ୍ ଠେଲିଦେଇ ହଠାତ ପ୍ରବେଶ କରିବାରୁ ଠେଲାପେଲା ସ୍ଥିତି ହୋଇ ଦୁଇ ଜଣ ମହିଳା ତଳେପଡ଼ି ଆହତ ହୋଇଥିଲେ। ସେହିପରି ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ମହିଳା, ଛୋଟ ପିଲାଙ୍କ ପାଇଁ ଶ୍ରୀମନ୍ଦିର ଭିତରେ କୌଣସି ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ନ ଥିବା ଭକ୍ତ ଅଭିଯୋଗ କରିଥିଲେ। ପ୍ରଶାସନର ଅବ୍ୟବସ୍ଥାକୁ ଭକ୍ତମାନେ ଦାୟୀ କରିଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ.ବି. ଖୁରାନିଆ ରବିବାର ପୁରୀ ଆସି ସ୍ଥିତି ସମୀକ୍ଷା କରିଥିଲେ। ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହି ଅନୁଯାୟୀ ବ୍ୟାରିକେଡ୍‌କୁ ସମ୍ପ୍ରସାରଣ କରାଯାଇଛି। ପୂର୍ବରୁ ମାର୍କେଟ ଛକଠାରୁ ବ୍ୟାରିକେଡ୍ କରାଯାଇଥିବାବେଳେ ତାହାକୁ ବଗଲା ଧର୍ମଶାଳା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ସୋମବାର ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ପୁରୀ ଆସି ଶ୍ରୀମନ୍ଦିରରେ କିଭଳି ଶୃଙ୍ଖଳିତ ଦର୍ଶନ ହୋଇପାରିବ ସେନେଇ ସମୀକ୍ଷା କରିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶ୍ରୀମନ୍ଦିର ନାଟମଣ୍ଡପ ଯାଇ ସେଠାରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ ବ୍ୟାରିକେଡ୍ ଓ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଛି। ଅସ୍ଥାୟୀ ଛାୟାପ୍ରଦ ବ୍ୟାରିକେଡ୍‌ରେ ଭକ୍ତଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ବ୍ୟବସ୍ଥା ହୋଇଛି। ସେହିପରି ଭିଭିଆଇପି ଦର୍ଶନ ବ୍ୟବସ୍ଥା ଉପରେ କଟକଣା ଲଗାଯାଇଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି, ପଞ୍ଚକରେ ଶୃଙ୍ଖଳିତ ଦର୍ଶନ ଓ ନୀତିକାନ୍ତି ପାଇଁ ଦାୟିତ୍ୱରେ ଥିବା ସବୁ କର୍ମଚାରୀ ଓ ସେବାୟତ ଠିକ୍ ଭାବେ ନିଜର କାର୍ଯ୍ୟ ନିର୍ବାହ କରୁଛନ୍ତି। ମହାପ୍ରଭୁଙ୍କ ନୀତି ଭଲରେ ଚାଲିଛି। ମଙ୍ଗଳବାର ଶ୍ରୀବିଗ୍ରହଙ୍କ ଲକ୍ଷ୍ମୀନୃସିଂହ ବେଶ ରହିବ। କାର୍ତ୍ତିକ ପୂର୍ଣ୍ଣିମାରେ ମହାପ୍ରଭୁ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଏଥିପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆଶା କରୁଛି, ଭକ୍ତମାନେ ଭଲରେ ମହାପ୍ରଭୁଙ୍କ ଦର୍ଶନ ପାଇବେ। ଭକ୍ତଙ୍କ ସୁବିଧା ପାଇଁ ସରକାର ଓ ଜିଲା ପ୍ରଶାସନ ସହ ସମସ୍ତ ବିଭାଗ ସଜାଗ ରହିଛନ୍ତି। ତେବେ ନାଟମଣ୍ଡପରେ ଯେତେବେଳେ ଭକ୍ତମାନେ ଅଧିକ ସଂଖ୍ୟାରେ ଯାଉଛନ୍ତି ସେତେବେଳେ କିଛି ଅସୁବିଧା ହୋଇଥାଇପାରେ, କିନ୍ତୁ ସମସ୍ତ ଭକ୍ତ କିଭଳି ଭଲରେ ଦର୍ଶନ କରିବେ ସେ ନେଇ ବ୍ୟବସ୍ଥା କରିଛୁ। ଆମେ ବ୍ୟବସ୍ଥାରେ କୌଣସି ଅବହେଳା କରୁନାହୁଁ। ଭକ୍ତମାନେ ଭଲରେ ଦର୍ଶନ ପାଉଛନ୍ତି। କୌଣସି ଗଳାବାଟରେ ପ୍ରବେଶ ଅନୁମତି ଦିଆଯିବ ନାହିଁ। ଏହା ଉପରେ ନଜର ରଖିବା ପାଇଁ ପୋଲିସକୁ କୁହାଯାଇଛି। ତେଣୁ ଗଳାବାଟ ଦେଇ ଆସନ୍ତୁ ନାହିଁ ବୋଲି ସମସ୍ତଙ୍କୁ ଅନୁରୋଧ କରାଯାଉଛି। ଅପରପକ୍ଷରେ ସ୍ଥାନୀୟ ପୁରୀ ବାସିନ୍ଦାଙ୍କ ଦାବି ଅନୁସାରେ ଏବେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା ଦେବା ସମ୍ଭବ ନୁହେଁ। ଏହାଦ୍ୱାରା ଉକ୍ତ ବାଟରେ ଅଲଗା ଲୋକ ପ୍ରବେଶ କରିବେ। ବିଶୃଙ୍ଖଳା ସୃଷ୍ଟି ହେବ। ଏବେ କେବଳ ପଞ୍ଚକ ନୀତିକାନ୍ତି ଓ ଶୃଙ୍ଖଳିତ ଦର୍ଶନ ଉପରେ ଆମେ ଗୁରୁତ୍ୱ ଦେଉଛୁ। ଯେଉଁମାନେ ମହାପ୍ରସାଦ ନେବାକୁ ଚାହୁଁଛନ୍ତି, ସେମାନେ ଉତ୍ତର ଦ୍ୱାର ଦେଇ ମହାପ୍ରସାଦ ଆଣିପାରିବେ।



# ଓଡ଼ିଶା ସମେତ ୪ ରାଜ୍ୟରେ ଇଡି ଚଢ଼ାଉ

## ୭୩ କୋଟିର ବ୍ୟାଙ୍କ ଋଣ ଠକେଇ

ଭୁବନେଶ୍ୱର,୩।୧୧ (ସତ୍ୟଜିତ ରାଉତ)

୭୩ କୋଟି ଟଙ୍କାର ବ୍ୟାଙ୍କ ଋଣ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଓଡ଼ିଶା ସମେତ ୪ ରାଜ୍ୟରେ ଚଢ଼ାଉ କରାଯାଇଛି। ଅନ୍ୟ ୩ ରାଜ୍ୟ ହେଲା ଦିଲ୍ଲୀ, ଉତ୍ତରାଖଣ୍ଡ ଓ ପଞ୍ଜାବ। ଏମ୍/ଏସ୍‌ଏସ୍‌ଆର୍ ଆଲ୍‌କୋବେଭ୍ ପ୍ରାଇଭେଟ୍ ଲିଃ ଓ ଅନ୍ୟମାନଙ୍କ ବିରୋଧରେ ହୋଇଥିବା ମାମଲାରେ ଇଡି ଏହି ଯାଞ୍ଚ କରିଥିଲା। ଅକ୍ଟୋବର ୨୯ ତାରିଖରେ ଏସବୁ ସ୍ଥାନରେ ଚଢ଼ାଉ ଓ ଯାଞ୍ଚ କରାଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜବତ କରାଯାଇଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ଏଫ୍‌ଆଇଆର୍ ଆଧାରରେ ଇଡି ପ୍ରିଭେନ୍‌ଶନ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ), ୨୦୦୨ ଅନୁଯାୟୀ ତଦନ୍ତ ଆରମ୍ଭ କରିଛି। ଏନେଇ ଇଡି ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଓ ଇଣ୍ଡିଆନ ବ୍ୟାଙ୍କରୁ ଏସ୍‌ଆର୍ ଆଲକୋବେଭ୍ ଋଣ ନେଇ ଠକେଇ କରିଥିଲା। ଏପରି କି ଏହି ଟଙ୍କାକୁ ଅନ୍ୟ ପାର୍ଟନର କମ୍ପାନୀକୁ ମଧ୍ୟ ଟ୍ରାନ୍ସଫର୍ କରାଯାଇଛି। ଇଡି ଟିମ୍ ଋଣ ଠକେଇ ସମ୍ବନ୍ଧିତ ଏସ୍‌ଆର୍ ଆଲକୋବେଭ୍ କମ୍ପାନୀରୁ ଏମ୍/ଏସ୍ ବ୍ରିୟୁଫୋର୍ସ ଟେକ୍ନୋଲୋଜିସ୍ ଓ ଅନ୍ୟାନ୍ୟ ସହଯୋଗୀ କମ୍ପାନୀକୁ ଫଣ୍ଡ ଯାଇଥିବାର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜବତ କରିଛି। ଏଥିସହ ବହୁ କୋଟି ଟଙ୍କାର ସମ୍ପତ୍ତି ସମ୍ବନ୍ଧୀୟ ଦସ୍ତାବିଜ୍ ମଧ୍ୟ ଜବତ କରିଛି। ତେବେ ଏହି ମାମଲାରେ କମ୍ପାନୀ କର୍ତ୍ତୃପକ୍ଷ ଓ ଏହି ଲିଙ୍କ୍‌ରେ ଥିବା ଅନ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ବିସ୍ତୃତ ପ୍ରମାଣ ଯୋଗାଡ଼ କରାଯାଉଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି।




ଦିନିକିଆ ମହିଳା କ୍ରିକେଟ ବିଶ୍ୱକପ୍‌ରେ ଚାମ୍ପିୟନ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇ ପୁରୀ ବେଳାଭୂମରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

# ଅଶ୍ୱିନୀ ହସ୍ପିଟାଲରେ ଯୋଗଦେଲେ ଡା. ଜ୍ୟୋତି ପଟ୍ଟନାୟକ



ଭୁବନେଶ୍ୱର,୩।୧୧ (ଅନୁରାଧା ମହାରଣା)

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରୁ ଅବ୍ୟାହତି ନେବାପରେ ରେସପିରେଟୋରୀ ମେଡିସିନ ବିଭାଗର ମୁଖ୍ୟ ଡା. ପ୍ରଫେସର ଜ୍ୟୋତି ପଟ୍ଟନାୟକ କଟକ ସିଡିଏସ୍ଥିତ ଅଶ୍ୱିନୀ ହସ୍ପିଟାଲରେ ଯୋଗଦେଇଛନ୍ତି। ଏହି ଅବସରରେ ଅଶ୍ୱିନୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶିକା ଡା. ମାୟା ଗନ୍ତାୟତ, ସ୍ନାତକୋତ୍ତର ରେସପିରେଟୋରୀ ମେଡିସିନ ବିଭାଗର ବରିଷ୍ଠ ଚିକିତ୍ସକ ଡା. ସମ୍ପଦ ଦାଶ, ଡା. ସତ୍ୟରଞ୍ଜନ ମହାନ୍ତି ଓ ଡା. ପ୍ରଦୀପ ଗିରି ପ୍ରମୁଖ ତାଙ୍କୁ ସ୍ୱାଗତ କରିଛନ୍ତି। ଡା. ଜ୍ୟୋତିଙ୍କ ଯୋଗଦାନ ପରେ ଏହି ବିଭାଗରେ ଉପଲବ୍ଧ ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ ଯଥା ବ୍ରୋଙ୍କୋସ୍କୋପି, ଟ୍ୟୁମର ରିସେକ୍ସନ, ଟ୍ରାକିଆଲ ଷ୍ଟେଣ୍ଟିଂ, ଇବ୍‌ସ, ସ୍ଲିପ ଷ୍ଟଡିସ ଭଳି ଅନେକ ପଦ୍ଧତି ସର୍ବସାଧାରଣ ରୋଗୀ ସେବା ପାଇଁ ଉତ୍ସର୍ଗୀକୃତ ହୋଇପାରିଛି। ଏହିସବୁ ପରୀକ୍ଷା ନିରୀକ୍ଷା ଏବଂ ଉପଚାର ପଦ୍ଧତି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ନିଃଶୁଳ୍କ ଭାବେ ଉପଲବ୍ଧ ହେଉଛି।


## ODISHA JOINT ENTRANCE EXAMINATION - 2025 (OJEE -2025)

No.OJEE/641 **NOTICE** Date:29/10/2025

**No.h-12:** It is to inform all concerned related to MBBS/ BDS counselling for the session 2025-26. Due to some technical issue in the web portal http://ojee.nic.in (OJEE activity website) all the recent notices related to MBBS/ BDS 3rd round allotment and for other activities are published in the website www.odishajee.com. Therefore, It is hereby informed all the concerned to visit www.odishajee.com for all recent notices related to MBBS/ BDS counselling activities and keep track of the website for any updated news.

Sd./-
Chairman, OJEE

OIPR-

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, BHUBANESWAR

No.O-1243
Ph. No.-0674-23017, Fax No.-0674-23009, E.Mail I.D.-eerw_bbsr@yahoo.co

NO:-Tender-Online-BBSR Divn.-23 Date : 27.10.2025

**e-Procurement Notice**

1. Name of the work : Constn./Repair & Renovation of works
2. Total No. of Road & Building : 94 Nos. of works
3. Class of contractor
   a) Above Rs.20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs.40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs.20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs.1.69 lakh to Rs.30.66 lakh
5. Time for completion : As per annexure of TCN
6. Other details

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-23 | 01.11.2025 at 11.00 A.M. | 12.11.2025 up to 5.00 P.M. | 13.11.2025 at 11.00 A.M. |

Further details can be seen from the website www.tendersorissa.gov.in

Sd./- Superintending Engineer
Rural Works Divn., BBSR

OIPR-

## OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR
### INVITATIONS FOR BIDS (IFB)

E-mail ID:cebuildings_orissa@yahoo.co.in, cebuildings@rediffmail.com Tel.-(0674)-2391523
File No.B-II-Rev.-18/2024 Lr.No.40740 /Bhubaneswar 25th Oct.,2025

No.B-649: Invitation For Bids

REQUEST FOR PROPOSAL (RFP)

**RFP Identification No: C.E. (B)- 27/2025-26**

Chief Engineer (Buildings-I), Odisha on behalf of Government of Odisha invites proposals from experienced and reputed Consulting firms to provide Consultancy Services for Supervision Works for the work **"Construction of New Collectorate Building, Cuttack (G/S+5 Floors) on Turnkey Basis in the State of Odisha."**

| | | | |
|---|---|---|---|
| 1. | Supervision Consultancy Services for the work "Construction of New Collectorate Building, Cuttack (G/S+5 Floors) on Turnkey Basis in the State of Odisha." | | |
| 2. | Nature of Work | : | Supervision Consultancy Services |
| 3. | Bid Cost | : | Rs.10,000/- |
| 4. | Availability of Bid documents in the website | : | From 03.11.2025 to 05.00 PM of 17.11.2025 |
| 5. | Pre-Bid Meeting | : | Dt.10.11.2025 at 11.30 AM. |
| 6. | Last date for receiving Hard Copy | : | Dt.24.11.2025 at 05.00 PM |
| 7. | Date of Opening of Bid | : | Dt.25.11.2025 at 11.00 AM |
| 8. | The Bidders have to participate in ONLINE bidding only and bidder must possess compatible Digital Signature Certificate (DSC) of Class-II or Class-III. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

Sd./- Chief Engineer (Buildings-I),
Odisha, Bhubaneswar

OIPR-

## GOVT. OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER RAYAGADA IRRIGATION DIVISION, RAYAGADA

No.A-817

(email Id : sergdirr@gmail.com)

**e-Procurement Notice No.SE-RID-01/2025-26**

| | | | |
|---|---|---|---|
| 1. | Type of works | : | Flood Protection works |
| 2. | Total number of Packages | : | 7 (Seven) Nos. |
| 3. | Estimated Cost | : | Rs.38.55 lakhs to Rs.42.20 lakhs |
| 4. | Bid Identification No. | : | RID-1/2025-26, RID-2/2025-26, RID-3/2025-26, RID-4/2025-26, RID-5/2025-26, RID-6/2025-26, RID-7/2025-26 |
| 5. | Period of completion | : | 7 (Seven Calendar) months |
| 6. | Availability & submission of bids online | : | From 11.00 A.M. of 03.11.2025 to 5.00 P.M. of 12.11.2025 |
| 7. | Date of Opening of Technical Bids | : | 13.11.2025 at 11.00 A.M. in the, O/o the Superintending Engineer, Rayagada Irrigation Division, Rayagada |
| 8. | Procurement Officer | : | Superintending Engineer, Rayagada Irrigation Division, Rayagada |
| 9 | Further details can be seen from Govt. Website www.tendersorissa.gov.in and any addendum/corrigendum/cancellation will be published in the said website. | | |

The Authority reserve the right to reject/cancel any or all the tenders without assigning any reason thereof.

Sd./- Superintending Engineer
Rayagada Irrigation Division,
Rayagada

OIPR-

## GOVT. OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH

E-mail: eerw_ptng@yahoo.in, Phone No.-06658-222121

e-Procurement Notice

No.O-1245: BID IDENTIFICATION NO. EEPTNG-Online-09/2025-26

| | | | |
|---|---|---|---|
| 1 | Name of Work | : | Special Repair of Road Works |
| 2 | Total No. of Work | : | 03 (Three) No. Works |
| 3 | Time for Completion | : | 02 (Two) Calendar Months |
| 4 | Approximate estimated Cost | : | 50.85 to 59.32 Lakhs |
